# ଧରିତ୍ରୀ
DHARITRI


ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୬/୨୦୨୨ (୧୪ ପୃଷ୍ଠା) | Bhubaneswar, Wednesday, October 26/2022 Page 14 | ₹ 7.00 | ★★★★

୪୮ଶ ଭାଗ ୩୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 329 | ମୂଲ୍ୟ₹୭/-



DSPL - 159

କୃଷକ ଓଡ଼ିଶା



# ସଫଳ
# SAFAL
Simplified Application For Agricultural Loans

## ଦେଶର ସର୍ବପ୍ରଥମ ସହଜ ଓ ସୁବିଧାଜନକ
## କୃଷି ଏବଂ କୃଷି ଉଦ୍ୟୋଗ ଋଣ ଆବେଦନ ପୋର୍ଟାଲ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା ଲୋକାର୍ପଣ
୨୬ ଅକ୍ଟୋବର ୨୦୨୨ | ସନ୍ଧ୍ୟା ୫ଟା ୩୦ ମିନିଟ୍

www.safal.odisha.gov.in



- 'କୃଷକ ଓଡ଼ିଶା' ଡାଟାବେସ୍ ସହିତ ସଂଯୁକ୍ତ
- ୪୦ ରୁ ଅଧିକ ବ୍ୟାଙ୍କ ସଂଯୋଗୀକୃତ
- ୩୦୦ ରୁ ଅଧିକ ରକମର କୃଷି ଋଣ ପାଇଁ ଆବେଦନ ସୁବିଧା
- ୭୦ରୁ ଅଧିକ ମଡେଲ୍ ପ୍ରକଳ୍ପ ରିପୋର୍ଟ
- ଅନଲାଇନ୍ ଆବେଦନ ସୁବିଧା ସହିତ 'ମୋ ସେବା କେନ୍ଦ୍ର'ରୁ ଆବେଦନ ସୁବିଧା
- ଋଣ ଦରଖାସ୍ତର ସ୍ଥିତି ଯାଞ୍ଚ ସୁବିଧା

ଅଧିକ ସୂଚନା ନିମନ୍ତେ ଯୋଗାଯୋଗ କରନ୍ତୁ
ଆମ କୃଷି ହେଲ୍ପ ଲାଇନ୍ ୧୫୫୩୩୩

OIPR-01102/13/0012/2223

ସହଯୋଗୀ ବ୍ୟାଙ୍କ୍

AXIS BANK | Bandhan Bank | बैंक ऑफ़ बड़ौदा Bank of Baroda | Bank of India | बैंक ऑफ महाराष्ट्र Bank of Maharashtra | केनरा बैंक Canara Bank | सेन्ट्रल बैंक ऑफ इंडिया Central Bank of India | DCB BANK | ESAF SMALL FINANCE BANK | FEDERAL BANK YOUR PERFECT BANKING PARTNER | HDFC BANK We understand your world | ICICI Bank
IDBI BANK | IDFC FIRST Bank | इंडियन बैंक Indian Bank | Indian Overseas Bank | Odisha Gramya Bank ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ | pnb | Punjab & Sind Bank | SBI | UCO BANK | UGB | Union Bank | 17 DCCB Banks

କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ

**କାର୍ ବିସ୍ଫୋରଣ ମାମଲା: ୟୁଏପିଏରେ ୫ ଗିରଫ**

କୋଏମ୍ବାଟୁରରେ କାର୍ ବିସ୍ଫୋରଣ ମାମଲା ସହ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ମଙ୍ଗଳବାର ୟୁଏପିଏ(ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନ)ରେ ଗିରଫ କରାଯାଇଥିବା ପୋଲିସ କମିଶନର ବାଲକ୍ରିଷ୍ଣନ କହିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ୨୦୧୯ରେ ଜାତୀୟ ତଦନ୍ତକାରୀ ସଂସ୍ଥା ଜେରା କରିଥିଲା। ଗିରଫମାନେ ହେଲେ ମହମ୍ମଦ ତାଲ୍‌କା, ମହମ୍ମଦ ଆଝାରୁଦ୍ଦିନ, ମହମ୍ମଦ ରିୟାଜ, ଫିରୋଜ ଇସ୍‌ମାଇଲ ଏବଂ ମହମ୍ମଦ ନୱାଜ ଇସ୍‌ମାଇଲ। କାର୍‌ରେ ଥିବା ଏକ ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣ ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ କେତେଜଣ ପୂର୍ବରୁ କେରଳ ଯାଇଥିବା ତଦନ୍ତରୁ ଜଣାପଡ଼ିଛି।



## ସଂକ୍ଷେପରେ

### କେରଳ: ଆଉ ୨ କୁଳପତିଙ୍କୁ କାରଣ ଦର୍ଶାଅ ନୋଟିସ

**ଥିରୁଭାନନ୍ତପୁରମ୍,୨୫।୧୦:** କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍ ମଙ୍ଗଳବାର ଆଉ ୨ ଜଣ କୁଳପତିଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇଛନ୍ତି। ସେମାନଙ୍କର ନିଯୁକ୍ତି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିୟମାବଳୀର ଉଲ୍ଲଂଘନ କରୁଥିବାରୁ କେଉଁ ଆଇନଗତ ଅଧିକାର ବଳରେ ସେମାନେ ପଦବୀରେ ରହିଛନ୍ତି ବୋଲି ନୋଟିସରେ ପ୍ରଶ୍ନ କରାଯାଇଛି। ଶ୍ରୀନାରାୟଣଗୁରୁ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ କେରଳ ୟୁନିଭର୍ସିଟି ଅଫ୍ ଡିଜିଟାଲ ସାଇନ୍ସ, ଇନୋଭେଶନ ଆଣ୍ଡ୍ ଟେକ୍‌ନୋଲୋଜିର ଭିସିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଗତ ସପ୍ତାହରେ ରାଜ୍ୟପାଳ ଅନ୍ୟ ୯ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଇସ୍ତଫା ଦେବାକୁ କହିଥିଲେ। ସୋମବାର ମଧ୍ୟାହ୍ନ ସୁଦ୍ଧା ସେମାନେ ଜବାବ ଦାଖଲ କରିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ନଭେମ୍ବର ୩ ସୁଦ୍ଧା ଜବାବ ଦାଖଲ କରିବାକୁ କୁହାଯାଇଛି।

### ଦଳିତ ଦମ୍ପତି ଓ ପୁଅଙ୍କୁ ଗୁଳିକରି ହତ୍ୟା

**ଡାମୋହ,୨୫।୧୦:** ମଧ୍ୟପ୍ରଦେଶର ଡାମୋହ ଜିଲା ଡେଭ୍ରାନ୍ ଗ୍ରାମରେ ଏକ ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ସକାଳେ ଦଳିତ ଦମ୍ପତି ଓ ସେମାନଙ୍କ ୩୨ ବର୍ଷର ପୁଅଙ୍କୁ ଗୁଳିକରି ହତ୍ୟା କରାଯାଇଛି। ହତ୍ୟାକାଣ୍ଡରେ ୬ ଜଣ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଦମ୍ପତିଙ୍କ ଅନ୍ୟ ଦୁଇ ପୁଅ ଆହତ ହୋଇଛନ୍ତି। ଫେରାର ଥିବା ଅଭିଯୁକ୍ତମାନଙ୍କ ଘର ଉକ୍ତ ଗ୍ରାମରେ। ପୋଲିସ ସେମାନଙ୍କ ବିରୋଧରେ ହତ୍ୟା ସମେତ ଆଇପିସିର ଅନ୍ୟାନ୍ୟ ଦଫା ଏବଂ ଅନୁସୂଚିତ ଜାତି/ଉପଜାତି ଅତ୍ୟାଚାର ନିରାକରଣ ଆଇନର ଧାରା ଲଗାଇ ସେମାନଙ୍କୁ ଧରିବା ଲାଗି ତନାଘନା ଚଳାଇଛି।

### ଲିଙ୍ଗାୟତ ସନ୍ଥଙ୍କ ଆତ୍ମହତ୍ୟା

**ବେଙ୍ଗାଲୁରୁ,୨୫।୧୦:** କର୍ନାଟକର କଞ୍ଚୁଗାଲ ବନ୍ଦେମଠ ଲିଙ୍ଗାୟତ ସନ୍ଥଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ସୋମବାର ସକାଳେ ମିଳିଛି। ବ୍ଲାକମେଲ୍‌ରେ ଅତିଷ୍ଠ ହୋଇ ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ତାଙ୍କ ମୃତଦେହ ନିକଟରୁ ମିଳିଥିବା ଏକ ସୁଇସାଇଡ୍ ନୋଟ୍‌ରେ ତାଙ୍କୁ କେତେଜଣ ହଇରାଣ କରିବା ସହ ବ୍ଲାକ୍‌ମେଲ୍ କରୁଥିଲେ ବୋଲି ଉଲ୍ଲେଖ ଅଛି। ଶ୍ରୀବାସବଲିଙ୍ଗେଶ୍ୱର ସ୍ୱାମୀ ମେଗାଡ଼ି ତାଲୁକ୍ କେମ୍ପୁରା ମଠର ମୁଖ୍ୟ। ମଠ ପରିସରରେ ଥିବା ପୂଜା ଘର ଝରକା ଗ୍ରିଲ୍‌ରୁ ତାଙ୍କ ମୃତଦେହ ଝୁଲୁଥିଲା। ଶ୍ରୀବାସବଲିଙ୍ଗେଶ୍ୱର ୧୯୯୭ରେ ମଠ ମହନ୍ତ ଭାବେ ଦାୟିତ୍ୱ ନେଇଥିଲେ।

### ୨୦୨୪ ଜାନୁୟାରୀରେ ଭକ୍ତଙ୍କ ପାଇଁ ଖୋଲିବ ରାମମନ୍ଦିର

**ଅଯୋଧ୍ୟା,୨୫।୧୦:** ଅଯୋଧ୍ୟା ଦୀପୋତ୍ସବ ପାଳନ ପରେ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ମଙ୍ଗଳବାର ପ୍ରଥମ ଥର ପାଇଁ ଗଣମାଧ୍ୟମକୁ ମନ୍ଦିର ନିର୍ମାଣ ଦେଖାଇଛି। ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ପୂଜାର୍ଚ୍ଚନା ସହ ଦୀପୋତ୍ସବରେ ଭାଗ ନେଇଥିଲେ। ସେ ଯେଉଁ ମଞ୍ଚରୁ ମନ୍ଦିର ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ, ଖବରଦାତାମାନଙ୍କୁ ସେଠାକୁ ନିଆଯାଇଥିଲା। ମନ୍ଦିରର ୫୦% ନିର୍ମାଣ ଶେଷ ହୋଇଥିବା ଟ୍ରଷ୍ଟ ସାଧାରଣ ସମ୍ପାଦକ ଚମ୍ପତ୍ ରାୟ୍ କହିଛନ୍ତି। ରାମଲାଲାଙ୍କ ମୂର୍ତ୍ତି ସ୍ଥାପନ ପରେ ୨୦୨୪ ଜାନୁୟାରୀ ମକର ସଂକ୍ରାନ୍ତିରୁ ଏହା ଭକ୍ତମାନଙ୍କ ପାଇଁ ଖୋଲିବ ବୋଲି ସେ କହିଛନ୍ତି।



ବ୍ରିଟେନର କଞ୍ଜରଭେଟିଭ୍ ପାର୍ଟି ନେତା ନିର୍ବାଚିତ ହେବା ପରେ ଦଳର କ୍ୟାମ୍ପେନ ହେଡ୍‌କ୍ୱାର୍ଟର୍ସ ବାହାରେ ରଷି ସୁନକ।




ପ୍ରଧାନମନ୍ତ୍ରୀ ଦୌଡ଼ରେ ଥିବାବେଳେ ଏକ ପ୍ରଚାର କାର୍ଯ୍ୟକ୍ରମରେ ରଷି ସୁନକ।

# ବ୍ରିଟେନରେ ନୂଆ ସକାଳ

## ରଷି ସୁନକଙ୍କ ପ୍ରଧାନମନ୍ତ୍ରିତ୍ୱକୁ ନେଇ ବ୍ରିଟେନ ଗଣମାଧ୍ୟମର ପ୍ରତିକ୍ରିୟା




**ଲଣ୍ଡନ,୨୫।୧୦**

ଦିନେ ବ୍ରିଟିଶ୍‌ମାନେ ଭାରତକୁ ଶାସନ କରୁଥିଲେ। କିନ୍ତୁ ଆଜି ଜଣେ ଭାରତୀୟ ବଂଶୋଦ୍ଭବଙ୍କ ହାତକୁ ଯାଇଛି ବ୍ରିଟେନର ଶାସନ ଡୋରି। ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବ୍ରିଟେନ ମଙ୍ଗଳବାର ନୂଆ ପ୍ରଧାନମନ୍ତ୍ରୀ ରୂପେ ରଷି ସୁନକଙ୍କୁ ପାଇଛି। କେତେକ ଗଣମାଧ୍ୟମ ତାଙ୍କ ନେତୃତ୍ୱକୁ ସ୍ୱୀକୃତି ପ୍ରଦାନ ପୂର୍ବକ ଏହାକୁ ବ୍ରିଟେନରେ 'ନୂଆ ସୂର୍ଯ୍ୟୋଦୟ' ରୂପେ ଅଭିହିତ କରିଛନ୍ତି। ଆଉ କେତେକ ମିଡିଆ ହାଉସ୍ ରଷିଙ୍କ ବିଜୟର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଦେଶର ସବୁ ଖବରକାଗଜର ପ୍ରଥମ ପୃଷ୍ଠାରେ ରଷିଙ୍କ ଫଟୋ ଛାଇ ହୋଇଯାଇଛି।

ଗାର୍ଡିଆନ୍ ନିଜ ଶିରୋନାମାରେ ଲେଖିଛି, ଟୋରି ଏମ୍‌ପିମାନଙ୍କୁ ସୁନକଙ୍କ ଚେତାବନୀ, ଏକାଠି ହୁଅ, ନଚେତ ମର। ପ୍ରଥମ ଥର ପାଇଁ ଜଣେ ହିନ୍ଦୁ ବ୍ରିଟେନର ନେତୃତ୍ୱ ନେଇ ଇତିହାସ ରଚିଛନ୍ତି। ଦି ମେଲ୍ ଲେଖିଛି, 'ବ୍ରିଟେନ ପାଇଁ ନୂଆ ସକାଳ'। ଦି ସନ୍ ଏହାର ହେଡ୍‌ଲାଇନ୍ ରଖିଛି, ରଷି, ତୁମ ସହ ବଳ ରହିଛି। କିନ୍ତୁ ଦି ମିରର୍ ଏହାର ଶିରୋନାମାରେ ଉଲ୍ଲେଖ କରିଛି, ଆମର ନୂଆ (ଅଣନିର୍ବାଚିତ) ପ୍ରଧାନମନ୍ତ୍ରୀ। ତୁମକୁ କିଏ ଭୋଟି ଦେଇଛି। ସେହିପରି ସ୍କଟଲାଣ୍ଡର ଡେଲି ରେକର୍ଡ ରଷିଙ୍କ ନେତୃତ୍ୱକୁ 'ଗଣତନ୍ତ୍ରର ମୃତ୍ୟୁ' ବୋଲି ଅଭିହିତ କରିଛି। ଇତିମଧ୍ୟରେ ଫାଇନାନ୍ସିଆଲ ଟାଇମ୍ସ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କରରୁ ରାଜନେତା ପାଲଟିଥିବା ରଷି ଆଗକୁ ଦେଶର ଆର୍ଥିକ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କିପରି କରିବେ ତାହା ଉପରେ ଗୁରୁତ୍ୱରୋପ କରିଛି।



ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ସହ।

### ଚ୍ୟାଲେଞ୍ଜ

ବ୍ରିଟେନ ଉଚ୍ଚ ମୁଦ୍ରାସ୍ଫୀତି ଓ ସୁଧହାର ବୃଦ୍ଧି ଯୋଗୁ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ୟୁକ୍ରେନ୍ ଯୁଦ୍ଧ ଯୋଗୁ ଚଳିତ ବର୍ଷ ବିଦ୍ୟୁତ୍ ବିଲ୍ ଦ୍ୱିତୀୟ ଥର ପାଇଁ ବୃଦ୍ଧି ପାଇଛି। ମୁଦ୍ରା ବଜାରରେ ଷ୍ଟର୍ଲିଂ ଦୁର୍ବଳ ହେବାରେ ଲାଗିଛି। ବିଦାୟୀ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍‌ଙ୍କ ଟିକସ ହ୍ରାସ ଯୋଜନା ବିଫଳ ହେବା ପରେ ବ୍ରିଟେନର ଅନ୍ତର୍ଜାତୀୟ ଆର୍ଥିକ ବିଶ୍ୱସନୀୟତାକୁ ପୁନଃ ଅବସ୍ଥାପିତ କରିବା ରଷିଙ୍କ ସର୍ବୋଚ୍ଚ ପ୍ରାଥମିକତା ହେବ। ବଜେଟରେ ବିତ୍ତୀୟ ନିଅଣ୍ଟ ଏବଂ ଖର୍ଚ୍ଚ କାଟ୍ ସମ୍ପର୍କିତ ବିବୃତି ଅକ୍ଟୋବର ୩୧ରେ ଦିଆଯିବ।

## ରଷି ସୁନକ: ପରିଚୟ

**ଅକ୍ସଫୋର୍ଡ ୟୁନିଭର୍ସିଟି ଏବଂ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ସ୍ନାତକ ଶିକ୍ଷା ଲାଭ କରିଥିବା ରଷି ସୁନକ ହେଉଛନ୍ତି ବ୍ରିଟେନ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିବାରେ ପ୍ରଥମ ଭାରତୀୟ ବଂଶୋଦ୍ଭବ। ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କରରୁ ରାଜନେତା ସାଜିଥିବା ଏହି ୪୨ ବର୍ଷୀୟ ବ୍ରିଟେନର ୨୧୦ ବର୍ଷର ଇତିହାସରେ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ରଷି ଓ ଭାରତ ସହ ତାଙ୍କ ସମ୍ପର୍କ ନେଇ କିଛି ତଥ୍ୟ....**

➞୧୯୮୦ ମେ' ୧୨ରେ ରଷି ସୁନକ ବ୍ରିଟେନର ସାଉଥ୍‌ଆମ୍ପଟନରେ ଏକ ଭାରତୀୟ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପୂର୍ବପୁରୁଷ ପଞ୍ଜାବର ବାସିନ୍ଦା ଥିଲେ।

➞ରଷିଙ୍କ ମା' ଉଷା ଜଣେ ଫାର୍ମାସିଷ୍ଟ ଓ ବାପା ଯଶବୀର ସୁନକ ଡାକ୍ତର। ରଷି ଇଂଲଣ୍ଡର ସବୁଠୁ ପ୍ରତିଷ୍ଠିତ ସ୍କୁଲଗୁଡ଼ିକ ମଧ୍ୟରୁ ଅନ୍ୟତମ ୱିନ୍‌ଚେଷ୍ଟରରେ ଶିକ୍ଷାଲାଭ କରିବା ପରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ସେ ଗୋଲ୍ଡମ୍ୟାନ୍ ସାକ୍ସ ଗ୍ରୁପ୍‌ରେ ୩ ବର୍ଷ କାର୍ଯ୍ୟ କରିଥିଲେ। ପରେ ସେ କାଲିଫର୍ନିଆସ୍ଥିତ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ପଢ଼ିବା ବେଳେ ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ଝିଅ ଅକ୍ଷତା ମୂର୍ତ୍ତିଙ୍କ ସହ ତାଙ୍କର ସାକ୍ଷାତ୍ ହୋଇଥିଲା।

➞ବିଲିୟନେୟାର ଆକ୍ଟିଭିଷ୍ଟ ହେଜ୍ ଫଣ୍ଡ ମ୍ୟାନେଜର କ୍ରିସ୍ ହନ୍‌ଙ୍କ ଟିସିଆଇ ଫଣ୍ଡ ମ୍ୟାନେଜମେଣ୍ଟରେ ସେ ପ୍ରାୟ ୩ ବର୍ଷ କାର୍ଯ୍ୟ କରିବା ପରେ ଟିସିଆଇ ସହକର୍ମୀ ପାଟ୍ରିକ୍ ଡେଗୋର୍ସଙ୍କ ହେଜ୍ ଫଣ୍ଡ ଥେଲେମ୍ ପାର୍ଟନର୍ସରେ ଯୋଗଦେଇଥିଲେ।

➞୨୦୦୯ରେ ଅକ୍ଷତା ମୂର୍ତ୍ତିଙ୍କୁ ବିବାହ କଲେ। ଏହି ଦମ୍ପତିଙ୍କର କ୍ରିଷ୍ଣା ଓ ଅନୁଷ୍କା ନାମରେ ଦୁଇ ଝିଅ ଅଛନ୍ତି।

➞୨୦୧୫ରେ ୟର୍କଶାୟାରସ୍ଥିତ ରିଚ୍‌ମଣ୍ଡରୁ ନିର୍ବାଚିତ ହେବା ପରେ ପ୍ରଥମ ଥର ପାଇଁ ବ୍ରିଟେନ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ଭଗବତ ଗୀତା ଉପରେ ହାତ ରଖି ଏମ୍‌ପି ଭାବେ ଶପଥ ନେଇଥିଲେ।

➞ବ୍ରେକ୍‌ଜିଟ୍‌ର ଆଜୀବନ ସମର୍ଥକ ରଷି ୟୁରୋପରୁ ବ୍ରିଟେନ ଅଲଗା ହେବା ସପକ୍ଷରେ ୨୦୧୬ରେ ଅଭିଯାନ ଚଳାଇଥିଲେ। ବ୍ରେକ୍‌ଜିଟ୍ ପରେ ଟୋରି ପାର୍ଟିରେ ତାଙ୍କ ପ୍ରାଧାନ୍ୟ ବୃଦ୍ଧି।

➞୨୦୧୮ରେ ଥେରେସା ମେ'ଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ରଷିଙ୍କୁ ପ୍ରଥମ ଥର ପାଇଁ ମନ୍ତ୍ରୀପଦ ମିଳିଥିଲା। ହାଉସିଂ, କମ୍ୟୁନିଟିଜ୍ ଆଣ୍ଡ ଲୋକାଲ ଗଭର୍ନମେଣ୍ଟ ମିନିଷ୍ଟ୍ରିରେ କନିଷ୍ଠ ମନ୍ତ୍ରୀ ରୂପେ କାର୍ଯ୍ୟ କରିଥିଲେ।

➞୨୦୧୯ ଜୁଲାଇରେ ବୋରିସ୍ ଜନ୍‌ସନ୍ ପ୍ରଧାନମନ୍ତ୍ରୀ ଦୌଡ଼ରେ ଥିବାବେଳେ ରଷି ତାଙ୍କୁ ସମର୍ଥନ କରିଥିଲେ। ବୋରିସ୍ ତତ୍କାଳୀନ ଚାନ୍ସେଲର ସାଜିଦ୍ ଜାଭିଦ୍‌ଙ୍କ ଅଧୀନରେ ଟ୍ରେଜେରି ମିନିଷ୍ଟର କରିଥିଲେ।

➞୨୦୨୦ ଫେବୃୟାରୀରେ ଡାଉନିଂ ଷ୍ଟ୍ରିଟ୍‌ର ନଂ.୧୦ ଓ ନଂ.୧୧ ମଧ୍ୟରେ କ୍ଷମତା ଯୁଦ୍ଧ ପରେ ଜାଭିଦ୍ ନିଜ ପଦରୁ ଇସ୍ତଫା ଦେଇଥିଲେ। ବୋରିସ୍ ରଷିଙ୍କୁ ଅର୍ଥମନ୍ତ୍ରୀ ନିଯୁକ୍ତ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ରହିବାରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଥିଲେ। ଅର୍ଥମନ୍ତ୍ରୀ ଥିବାବେଳେ ସେ ଡାଉନିଂ ଷ୍ଟ୍ରିଟ୍‌ସ୍ଥିତ ନିଜ ବାସଭବନରେ ଦୀପାବଳି ପାଳନ କରିଥିଲେ।



ସ୍ତ୍ରୀ ଅକ୍ଷତା ମୂର୍ତ୍ତି, ଦୁଇ ଝିଅ କ୍ରିଷ୍ଣା ଓ ଅନୁଷ୍କାଙ୍କ ସହ।

➞୨୦୨୦ ଏପ୍ରିଲରେ କୋଭିଡ୍-୧୯ ମହାମାରୀଜନିତ ଲକ୍‌ଡାଉନ୍ ବେଳେ ରଷି ଅନେକ ମିନି ବଜେଟ୍ ଆଣି ବ୍ରିଟେନବାସୀଙ୍କ ଆସ୍ଥା ଜିଣିବାରେ ସକ୍ଷମ ହୋଇଥିଲେ।

➞ରଷି ଅନେକ ସମୟରେ ନିଜ ଐତିହ୍ୟ ପରମ୍ପରା କଥା କହିଥାଆନ୍ତି। ସଂସ୍କୃତି ଓ ମୂଲ୍ୟବୋଧ ଉପରେ ତାଙ୍କ ପରିବାର ସଦସ୍ୟମାନେ ତାଙ୍କୁ କିପରି ସ୍ମରଣ କରାଇଥାଆନ୍ତି, ସେନେଇ ମଧ୍ୟ ରଷି ଅବତାରଣା କରନ୍ତି।

➞କୋଭିଡ୍-୧୯ ମହାମାରୀ ବେଳେ ବୋରିସ୍ ଜନ୍‌ସନ୍ ଦେଶବ୍ୟାପୀ ପ୍ରଥମ ଲକ୍‌ଡାଉନ୍ ଜାରି କରିଥିବାବେଳେ ରଷି ଅନେକ ଲକ୍ଷ ନିଯୁକ୍ତିକୁ ସୁରକ୍ଷା ଦେବା ପାଇଁ ଏକ ବୃହତ୍ ଆର୍ଥିକ ଉଦ୍ଧାର ପ୍ୟାକେଜ୍ ଘୋଷଣା କରିଥିଲେ।

➞ରଷିଙ୍କୁ ବୋରିସ୍‌ଙ୍କ ଘନିଷ୍ଠ ବିବେଚନା କରାଯାଉଥିବାବେଳେ ତାଙ୍କ ସ୍ତ୍ରୀ ଅକ୍ଷତାଙ୍କ ବିରୋଧରେ ଟିକସ ଫାଙ୍କିବା ନେଇ ଅଭିଯୋଗ ଆସିଥିଲା। ବୋରିସ୍‌ଙ୍କ ପାର୍ଟିଗେଟ୍ ସ୍କାଣ୍ଡାଲ ସାମ୍ନାକୁ ଆସିବା ପରେ ବିବାଦ ସୃଷ୍ଟି ହେବାରୁ ରଷି ପ୍ରଥମେ ଇସ୍ତଫା ଦେଇ ତାଙ୍କ ଉପରେ ଇସ୍ତଫା ଚାପ ସୃଷ୍ଟି କରିଥିଲେ।

➞ନିକଟରେ ଅକ୍ଷତା ନିଜକୁ ଏବେ ମଧ୍ୟ ଭାରତୀୟ ନାଗରିକ ଏବଂ ବ୍ରିଟେନରେ ଅସ୍ଥାୟୀ ଭାବେ ବସବାସ କରୁଥିବାନେଇ ଘୋଷଣା କରିବା ପରେ ସୁନକ ଦମ୍ପତିଙ୍କ ସମ୍ପତ୍ତିକୁ ନେଇ ଯାଞ୍ଚ କରାଯାଇଥିଲା। ବ୍ରିଟେନ ନାଗରିକ ହୋଇ ନ ଥିବାରୁ ତାଙ୍କୁ ଇନ୍‌ଫୋସିସ୍ ଶେୟାରରୁ ମିଳିଥିବା ଲାଭାଂଶରେ ୨୦ ନିୟୁତ ପାଉଣ୍ଡ ଟିକସ ଛାଡ଼ ପାଇଥିଲେ।

➞୨୦୨୨ ଜୁଲାଇରେ ରଷି ପ୍ରଧାନମନ୍ତ୍ରୀ ଦୌଡ଼ରେ ସାମିଲ ହୋଇ ପ୍ରଚାର ଚଳାଇଥିବାବେଳେ ତାଙ୍କ ବିଳାସପୂର୍ଣ୍ଣ ଘର, ବ୍ୟୟବହୁଳ ସୁଟ୍ସ ଓ ଜୋତାକୁ ନେଇ ସମାଲୋଚିତ ହୋଇଥିଲେ।

➞ରଷି ୭୦୦ ନିୟୁତ ପାଉଣ୍ଡରୁ ଊର୍ଦ୍ଧ୍ୱ ସମ୍ପତ୍ତିର ଅଧିକାରୀ। ଏହାବାଦ୍ ୟର୍କଶାୟରରେ ତାଙ୍କର ଏକ କୋଠା ଅଛି। ରଷି ଓ ତାଙ୍କ ସ୍ତ୍ରୀ ଅକ୍ଷତାଙ୍କ ଏକ ଘର ଲଣ୍ଡନର କେନ୍‌ସିଂଟନରେ ରହିଛି।

## ହ୍ୱାଇଟ୍ ହାଉସ୍‌ରେ ଦୀପାବଳି

**ୱାଶିଂଟନ୍, ୨୫।୧୦:** ହ୍ୱାଇଟ୍ ହାଉସ୍‌ରେ ସୋମବାର ଦୀପାବଳି ପାଳନ କରାଯାଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଉପରାଷ୍ଟ୍ରପତି କମଳା ହାରିସ୍ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବାଇଡେନ୍ ଦୀପ ଲଗାଉଥିବା ଦେଖିବାକୁ ମିଳିଥିଲା। ବାଇଡେନ୍ କହିଥିଲେ, 'ଦୀପାବଳି ଉତ୍ସବ ଆୟୋଜନ କରିବା ସମ୍ମାନର କଥା। ପୂର୍ବ ଅପେକ୍ଷା ଚଳିତ ବର୍ଷ ହ୍ୱାଇଟ୍ ହାଉସ୍‌ରେ ପ୍ରଥମ କରି ଦୀପାବଳିରେ ଏତେ ବଡ଼ଧରଣ ଭାବେ ଆୟୋଜନ ହୋଇଛି। ଇତିହାସରେ ସବୁଠୁ ଅଧିକ ସଂଖ୍ୟାରେ ଏସୀୟ ଆମେରିକୀୟ ଏବେ ଆମ ପାଖରେ ଅଛନ୍ତି। ଦୀପାବଳିକୁ ଆମେରିକା ସଂସ୍କୃତିର ଏକ ଅଂଶ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ'।



## ସହାୟତା ମାଗିଲେ ବଳାତ୍କାର ପୀଡ଼ିତା, ଭିଡିଓ କଲେ ଦେଖଣାହାରୀ

**କନୌଜ,୨୫।୧୦**

ଉତ୍ତରପ୍ରଦେଶର କନୌଜରେ ଜଣେ ୧୨ ବର୍ଷର ବାଳିକା ବଳାତ୍କାରର ଶିକାର ହୋଇ ରକ୍ତ ଜୁଡ୍‌ବୁଡ୍ ଅବସ୍ଥାରେ ସହାୟତା ପାଇଁ ଚିତ୍କାର କରୁଥିବାବେଳେ ସେଠାରେ ଉପସ୍ଥିତ ଲୋକେ ସାହାଯ୍ୟର ହାତ ବଢ଼ାଇବା ପରିବର୍ତ୍ତେ ତାଙ୍କର ଭିଡିଓ ଶୁଟିଂ କରିବା ଭଳି ସମ୍ବେଦନଶୀଳ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଲୋକେ ଏହି କରୁଣ ଦୃଶ୍ୟକୁ ସେମାନଙ୍କ ମୋବାଇଲ ଫୋନ୍‌ରେ ଶୁଟିଂ କରୁଥିବାବେଳର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୀଡ଼ିତା ଜଣକ ଗୁରୁତର ଆହତ ହୋଇଥିଲେ ଓ ତାଙ୍କ ମୁଣ୍ଡ ସମେତ ଶରୀରର ବିଭିନ୍ନ ଅଙ୍ଗରେ ଏକାଧିକ ଚୋଟ ଲାଗିଥିଲା। ସେ ହାତ ଟେକି ଚିତ୍କାର କରି କାନ୍ଦୁଥିବାବେଳେ କେହି ତାଙ୍କ କଥା ଶୁଣୁ ନ ଥିଲେ। ପୋଲିସ ଜାଣିଛି କି ନାହିଁ ବୋଲି କେହି ଜଣେ ପଚାରୁଥିବାବେଳେ ଅନ୍ୟ ଜଣେ ପୋଲିସ ମୁଖ୍ୟଙ୍କ ନମ୍ବର ପଚାରୁଥିବା ଶୁଣାଯାଇଛି।

## ରୁଷିଆ ସହ ବୁଝାମଣା ପାଇଁ ବାଇଡେନ୍‌ଙ୍କୁ ଡେମୋକ୍ରାଟ୍‌ଙ୍କ ଚିଠି

**ୱାଶିଂଟନ୍, ୨୫।୧୦**

### ୟୁକ୍ରେନ୍ ଯୁଦ୍ଧ ବନ୍ଦ ଆହ୍ୱାନ

ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବା ପାଇଁ ମସ୍କୋ ସହ ୱାଶିଂଟନ୍ ବୁଝାମଣା କରୁ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଡେମୋକ୍ରାଟିକ୍ ପାର୍ଟିର ୩୦ ଜଣ ହାଉସ୍ ମେମ୍ବର ତାଙ୍କୁ ଚିଠି ଲେଖିଛନ୍ତି। ସେମାନେ ରୁଷିଆର ଆକ୍ରମଣକୁ ବେଆଇନ ବୋଲି କହିବା ସହ ଏହାକୁ ନିନ୍ଦା କରିଥିଲେ ହେଁ ବୁଝାମଣା ୟୁକ୍ରେନ୍ ଉପରେ ନିର୍ଭର କରେ ବୋଲି ମଧ୍ୟ କହିଛନ୍ତି। ଟିକସଦାତାଙ୍କ ନିୟୁତ ନିୟୁତ ଡଲାର ୟୁକ୍ରେନ୍ ଯୁଦ୍ଧରେ ଲାଗୁଥିବାରୁ ଏଥିପାଇଁ ଆମେରିକୀୟ ଆଇନ ପ୍ରଣେତାମାନେ ଉତ୍ତରଦାୟୀ। ତେଣୁ ଯୁଦ୍ଧ ଶେଷ କରିବା ପାଇଁ ସମସ୍ତ ସମ୍ଭାବ୍ୟ ରାସ୍ତା ଖୋଜିବା ମଧ୍ୟ ଆମେରିକାର ବଡ଼ ଦାୟିତ୍ୱ ବୋଲି ଆଇନ ପ୍ରଣେତାମାନେ ଚିଠିରେ ଉଲ୍ଲେଖ କରିଛନ୍ତି। ହାଉସ୍ ପ୍ରୋଗ୍ରେସିଭ୍ କାକସ୍‌ର ଲିଡର ପ୍ରମିଳା ଜୟପାଲଙ୍କ ନେତୃତ୍ୱରେ ଡେମୋକ୍ରାଟ୍‌ମାନେ ଏହି ଚିଠି ଲେଖିଛନ୍ତି। ୟୁକ୍ରେନ୍ ପାଇଁ ସ୍ୱୀକାରଯୋଗ୍ୟ ହେବାଭଳି ସମାଧାନର ରାସ୍ତା ଖୋଜି ଆମେରିକା ରୁଷିଆ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରୁ ବୋଲି ଏଥିରେ ଆହ୍ୱାନ ଦିଆଯାଇଛି। ଏହା ଦ୍ୱାରା ଶତ୍ରୁତା ଶେଷ କରିବା ପାଇଁ ପ୍ରୋତ୍ସାହନ ମିଳିପାରିବ। ସ୍ୱାଧୀନ ୟୁକ୍ରେନ୍‌କୁ ସୁରକ୍ଷା ଗ୍ୟାରେଣ୍ଟି ଦେବା ନିମନ୍ତେ ଅନ୍ତର୍ଜାତୀୟ ସମୁଦାୟ ଏକାଠି ହୋଇ ବାଟ ବାହାର କରାଯାଇପାରିବ। ସବୁ ପକ୍ଷ ବିଶେଷକରି ୟୁକ୍ରେନ୍‌କୁ ସୁହାଇବା ଭଳି ଆଲୋଚନା ହୋଇପାରିବ ବୋଲି ସେମାନେ ଚିଠିରେ ଗୁରୁତ୍ୱ ଦେଇଛନ୍ତି।

ଏ ନେଇ ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି, ଏହି ଯୁଦ୍ଧ ଶେଷ ହେଉ ବୋଲି ୟୁକ୍ରେନ୍‌ଠାରୁ ଅଧିକ କେହି ଚାହୁଁ ନ ଥିବେ। କିନ୍ତୁ କେବେ ତାହା ହେବ ଜଣାନାହିଁ। କାରଣ ଆଲୋଚନା ବା ବୁଝାମଣା ପାଇଁ ରୁଷିଆ ପକ୍ଷରୁ କୌଣସି ଆଗ୍ରହ ଦେଖାଯାଉନାହିଁ। ବୁଝାମଣା ଟେବୁଲରେ ୟୁକ୍ରେନ୍ ନିଜର ପକ୍ଷ ଦୃଢ଼ ଭାବେ ରଖିବା ପାଇଁ ୟୁକ୍ରେନୀୟ ସହଯୋଗୀଙ୍କୁ ଆମେରିକା ସମର୍ଥନ ଦେଉଛି ବୋଲି ସେ କହିଛନ୍ତି।

# ଧରିତ୍ରୀ DHARITRI

ବୁଧବାର, ଅକ୍ଟୋବର ୨୬/୨୦୨୨ (୧୪ ପୃଷ୍ଠା) | Wednesday, October 26/2022 | Page 14 | ପୃଷ୍ଠା-୧




**ଅନେକ ଭୁଲ୍ ନିଷ୍ପତ୍ତି ନେଇଛନ୍ତି ରାଧିକା**

ବଲିଉଡ୍ ଅଭିନେତ୍ରୀ ରାଧିକା ଆପ୍ଟେ ନିଜ ଫିଲ୍ମ କ୍ୟାରିୟର୍‌ରେ ଏକାଧିକ ଭୁଲ୍ ନିଷ୍ପତ୍ତି ନେଇଥିବା କହିଛନ୍ତି।

୦୮

୧୨

**ହରମନପ୍ରୀତ୍ ଅଧିନାୟକ ମନୋନୀତ**

ଏଫ୍ଆଇଏଚ୍ ପ୍ରୋ ହକି ଲିଗ୍ ପାଇଁ ହରମନପ୍ରୀତ୍ ସିଂଙ୍କୁ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି।



**ଆଜିର ସମ୍ପାଦକୀୟ**

ଚାଇନା ସମର୍ଥକ









# ନିଜ ନୀତି ନିଜକୁ ଅଡୁଆ

## ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ପ୍ରକ୍ରିୟା

- ରବି ଚାଉଳ ମାତ୍ର ୧୮% ସଂଗୃହୀତ
- ଚାଉଳ ରିସାଇକ୍ଲିଂ ହେବା ଆଶଙ୍କା ଅଧିକ
- ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ବିଳମ୍ବିତ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ, ୨୫।୧୦

ରାଜ୍ୟ ସରକାର ଧାନ ସଂଗ୍ରହ ପାଇଁ ନୀତି ନିର୍ଦ୍ଧାରଣ କରିଥାନ୍ତି। ହେଲେ ସେହି ନୀତି ବେଳେ ବେଳେ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥାଏ। ଏଭଳି ଏକ ସ୍ଥିତି ବରଗଡ଼ ଜିଲାରେ ଦେଖିବାକୁ ମିଳିଛି। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ, କୌଣସି ମିଲର୍ସ ପୂର୍ବବର୍ଷ କଷ୍ଟମ ମିଲିଂଭିତ୍ତିରେ ଉଠାଇଥିବା ଧାନ ପରିମାଣ ହାରରେ ଶତ ପ୍ରତିଶତ ଚାଉଳ ଜମା ନ ଦେଲେ, ଉକ୍ତ ମିଲର୍ସ ପରବର୍ତ୍ତୀ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହେବେନାହିଁ। ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଗତ ୨୦୨୧-୨୨ କେଏମ୍‌ଏସ୍ (ଖରିଫ ମାର୍କେଟିଂ ସିଜନ) ଗାଇଡ୍ ଲାଇନ୍‌ରେ ଏହା ସ୍ପଷ୍ଟ ଉଲ୍ଲେଖ ରହିଛି। ଇତିମଧ୍ୟରେ ୨୦୨୨-୨୩ କେଏମ୍‌ଏସ୍ ଆରମ୍ଭ ହୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବରଗଡ଼ ଜିଲାର ମିଲର୍ସଙ୍କ ପାଖରୁ ଶତ ପ୍ରତିଶତ କଷ୍ଟମ ମିଲିଂ ଚାଉଳ ସଂଗ୍ରହ ହୋଇପାରିନାହିଁ। ୨୦୨୧-୨୨ ଖରିଫରେ ୯୯.୯୨ % ଚାଉଳ ସଂଗୃହୀତ ହୋଇଥିଲା। ଗତ ରବିରେ ଏପର୍ଯ୍ୟନ୍ତ (ନଭେମ୍ବର ୨୧ତାରିଖ ସୁଦ୍ଧା) ମାତ୍ର ୧୮.୬୧ % ଚାଉଳ ସଂଗ୍ରହ ହୋଇଥିବାବେଳେ ମିଲର୍ସଙ୍କ ପାଖରେ ଆହୁରି ୮୧.୩୯ % ଚାଉଳ ବାକି ପଡ଼ିଛି। ଅପରପକ୍ଷେ ପ୍ରତିବର୍ଷ ନଭେମ୍ବର ମାସରେ ହିଁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯାଇଥାଏ। ଏଥର ପ୍ରଥମଥର ଲାଗି ଜିଲାରେ ଡିସେମ୍ବର ପହିଲାରୁ ଏହାକୁ ଆରମ୍ଭ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ମିଲର୍ସଙ୍କଠାରୁ ଚାଉଳ ସଂଗ୍ରହ କରାଯାଇ ପାରି ନ ଥିବାରୁ ନିଜ ଦୋଷ ଦୁର୍ବଳତା ଲୁଚାଇବା ପାଇଁ ପ୍ରଶାସନ ଏଥର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଏଭଳି ବିଳମ୍ବ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହା ନିଜ ନୀତି ସରକାରଙ୍କ ପାଇଁ ଅଡୁଆ ବୋଲି ସେମାନେ ସମାଲୋଚନା କରିଛନ୍ତି। ଏହା ବିରୋଧରେ ବିଭିନ୍ନ ଚାଷୀ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ମଧ୍ୟ ସଜବାଜ ହେଉଥିବା ଜଣାପଡିଛି।

ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ କେଏମ୍‌ଏସ୍-୨୦୨୧-୨୨ ଗାଇଡ୍‌ଲାଇନକୁ ଅନୁଧ୍ୟାନ କଲେ ନଭେମ୍ବର ୧ରୁ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ଖରିଫ ଏବଂ ମେ ୧ରୁ ଜୁନ ୩୦ତାରିଖ ପର୍ଯ୍ୟନ୍ତ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥାଏ। ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ଯୋଗ୍ୟ ବିବେଚିତ ମିଲର୍ସ ମଣ୍ଡିରୁ ଧାନ ଉଠାଇଥାନ୍ତି ଏବଂ ନିର୍ଦ୍ଧାରିତ ହାରରେ ଯୋଗାଣ ନିଗମକୁ ଚାଉଳ ଜମା ଦେଇଥାନ୍ତି। ଏହି କ୍ରମରେ କୌଣସି ମିଲର ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ଉଠାଇଥିବା ଧାନ ଅନୁପାତରେ ଶତ ପ୍ରତିଶତ ଚାଉଳ କିମ୍ବା ବକେୟା ଚାଉଳ ହାରରେ ସଂରକ୍ଷିତ ରାଶି ଜମା ନ ଦେଲେ ସମ୍ପୃକ୍ତ ମିଲର ପରବର୍ତ୍ତୀ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇପାରିବେନାହିଁ। ମାତ୍ର ରାଜ୍ୟ ସରକାରଙ୍କ ଏହି ଗାଇଡ୍‌ଲାଇନର ବାସ୍ତବତା ଏବେ ପଦାରେ ପଡ଼ିଛି।

ଜିଲା ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କେଏମ୍‌ଏସ୍-୨୦୨୧-୨୨ର ଖରିଫରେ ୬ଲକ୍ଷ ୧୪ହଜାର ୧୦୨.୧୯୮ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିଲା। ଏହି କ୍ରମରେ ଜିଲାର ୧୧୨ ମିଲର୍ସ କଷ୍ଟମ ମିଲିଂଭିତ୍ତିରେ ୪ଲକ୍ଷ ୧୭ହଜାର ୫୮୯.୪୮୯ ମେଟ୍ରିକ ଟନ୍ ଚାଉଳ ଜମା ଦେବା କଥା। କିନ୍ତୁ ମିଲର୍ସମାନେ ୪ଲକ୍ଷ ୧୭ହଜାର ୨୭୧.୫୯୪ ମେଟ୍ରିକ ଟନ୍ (୯୯.୯୨%) ଚାଉଳ ଜମା ଦେଇ ପରବର୍ତ୍ତୀ ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲାରେ ☞ପୃଷ୍ଠା-୨


ଅମଳ ଧାନ

# ଇତିହାସ ରଚିଲେ ଋଷି ସୁନକ

- ବ୍ରିଟେନ ପ୍ରଧାନମନ୍ତ୍ରୀ ଭାବେ ପ୍ରଥମ ଭାରତୀୟ ବଂଶୋଦ୍ଭବ
- ୨୧୦ ବର୍ଷର ଇତିହାସରେ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ

ଲଣ୍ଡନ,୨୫।୧୦

ବ୍ରିଟେନର ପୂର୍ବତନ ଅର୍ଥମନ୍ତ୍ରୀ ତଥା କଞ୍ଜରଭେଟିଭ୍ ପାର୍ଟି ଏମ୍‌ପି ଋଷି ସୁନକ ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ସେ ବ୍ରିଟେନ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିଛନ୍ତି। ଏଥିସହ ୪୨ ବର୍ଷୀୟ ଋଷି ବ୍ରିଟେନର ୨୧୦ ବର୍ଷର ଇତିହାସରେ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ଶାସକ କଞ୍ଜରଭେଟିଭ୍ ପାର୍ଟିର ନେତୃତ୍ୱ ନେବା ଦୌଡ଼ରେ ବିଜୟୀ ହେବାର ଦିନକ ପରେ ମଙ୍ଗଳବାର କିଙ୍ଗ୍ ଚାର୍ଲ୍ସ ୩ୟ ତାଙ୍କୁ ୫୭ତମ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ନୂଆ ଦାୟିତ୍ୱ ଗ୍ରହଣ ☞ପୃଷ୍ଠା-୨


ଋଷି ସୁନକ

“ଅତୀତର ଭୁଲ୍ ସୁଧାରି ଦେଶକୁ ଆଗକୁ ନେବି”

## ବାଂଲାଦେଶରେ ବାତ୍ୟା ସିତ୍ରାଙ୍ଗ୍‌ର ତାଣ୍ଡବ: ୧୬ ମୃତ

**କୋଲକାତା,୨୫।୧୦:** ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ବାତ୍ୟା ସିତ୍ରାଙ୍ଗ୍ ବାଂଲାଦେଶରେ ବ୍ୟାପକ କ୍ଷୟକ୍ଷତି ଘଟାଇବା ସହ ୧୬ ଜଣଙ୍କ ଜୀବନ ନେଇଛି। ବାତ୍ୟା ପୂର୍ବରୁ ୧୦ ଲକ୍ଷ ଲୋକଙ୍କୁ ସେମାନଙ୍କ ଘରୁ ନିରାପଦ ସ୍ଥାନକୁ ନିଆଯାଇଥିଲା। ବାତ୍ୟାରେ ବିଦ୍ୟୁତ୍ ବିଚ୍ଛିନ୍ନ କାରଣରୁ ୧୫ ଉପକୂଳ ଜିଲାର ପ୍ରାୟ କୋଟିଏ ଲୋକ ଅନ୍ଧାରରେ ରହିଛନ୍ତି। ଦକ୍ଷିଣ ଓ ଦକ୍ଷିଣ ପଶ୍ଚିମ ବାଂଲାଦେଶର ସମସ୍ତ ସ୍କୁଲ୍ ବନ୍ଦ କରିଦିଆଯାଇଛି। ସୋମବାର ବିଳମ୍ବିତ ରାତିରେ ସିତ୍ରାଙ୍ଗ୍ ଦକ୍ଷିଣ ବାଂଲାଦେଶରେ ଲ୍ୟାଣ୍ଡଫଲ୍ କରିଥିଲା। ବୋଟ୍ ବୁଡ଼ିଯାଇ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଗଛଡାଳ ପଡ଼ି ଅନ୍ୟମାନଙ୍କ ଜୀବନ ଯାଇଛି। ବାତ୍ୟା ପାଇଁ ଉତ୍ତରପୂର୍ବ ଭାରତରେ ବିମାନ ଚଳାଚଳ ଗୁରୁତର ପ୍ରଭାବିତ ହୋଇଛି। ସୋମବାର ସକାଳୁ ୧୦ଟି ବିମାନକୁ ବାତିଲ କରିଦିଆଯାଇଥିଲା। ରେଲ୍‌ୱେ ପକ୍ଷରୁ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି। ଅଗରତାଲାରୁ କୋଲକାତା ଯାଉଥିବା ୩ ବିମାନ, ଅଗରତାଲାକୁ ସିଲଂ, ଐଜୱ୍ଲକୁ ସଂଯୋଗ କରୁଥିବା ବିମାନ ଏବଂ ଇମ୍ଫାଲରୁ ଶିଲଂ, ଦିଲ୍ଲୀ, ଅଗରତାଲାଙ୍କୁ ସଂଯୋଗ କରୁଥିବା ବିମାନ ଉଡ଼ାଣ ବାତିଲ ହୋଇଛି।

## ନଭେମ୍ବର ୧୯ରେ ବ୍ୟାଙ୍କ ଧର୍ମଘଟ

**ନୂଆଦିଲ୍ଲୀ,୨୫।୧୦:** ଅଖିଳ ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ (ଏଆଇବିଇଏ)ର ସଦସ୍ୟମାନେ ନଭେମ୍ବର ୧୯ରେ ଧର୍ମଘଟରେ ଯୋଗଦେବେ। ଫଳରେ ସେଦିନ ବ୍ୟାଙ୍କ ସେବା ବାଧାପ୍ରାପ୍ତ ହେବ ବୋଲି ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି। ୟୁନିୟନରେ ସକ୍ରିୟ ଥିବା ବ୍ୟାଙ୍କରମାନଙ୍କୁ ଟାର୍ଗେଟ କରାଯାଉଥିବାରୁ ଏହାର ପ୍ରତିବାଦରେ ଧର୍ମଘଟ ଡାକରା ଦିଆଯାଇଛି। କାର୍ଯ୍ୟକର୍ତ୍ତାଙ୍କ ପ୍ରତି ହଇରାଣ ଦିନକୁ ଦିନ ବଢୁଥିବା ଏଆଇବିଇଏ ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟାଚଲମ୍ କହିଛନ୍ତି। ଏଆଇବିଇଏ ୟୁନିୟନ ନେତାଙ୍କୁ କେତେକ ବ୍ୟାଙ୍କ କାର୍ଯ୍ୟରୁ ବାହାର କରିଦେଇଛନ୍ତି। ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଟ୍ରେଡ୍ ୟୁନିୟନ ଅଧିକାର ଦେଉନାହାନ୍ତି। କାନାରା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଏବଂ ଆଇଡିବିଆଇ ବ୍ୟାଙ୍କ ସେମାନଙ୍କ ବିଭିନ୍ନ କାର୍ଯ୍ୟ ଆଉଟ୍‌ସୋର୍ସିଂରେ କରୁଛନ୍ତି। ଦ୍ୱିପାକ୍ଷିକ ବୁଝାମଣା ଏବଂ ବ୍ୟାଙ୍କସ୍ତରରେ ବୁଝାମଣାର ଉଲ୍ଲଂଘନ କରାଯାଇ ୩,୩୦୦ରୁ ଊର୍ଦ୍ଧ୍ୱ କିରାଣିଙ୍କୁ ଗୋଟିଏ ଷ୍ଟେଶନରୁ ଅନ୍ୟ ଷ୍ଟେଶନକୁ ବଦଳି କରାଯାଇଥିବା ଭେଙ୍କଟାଚଲମ୍ କହିଛନ୍ତି।


ଭୁବନେଶ୍ୱର ଆକାଶରେ ମଙ୍ଗଳବାର ସୂର୍ଯ୍ୟୋପରାଗର ଦୃଶ୍ୟ।

# ୨୦ ମିନିଟ୍ ଦୃଶ୍ୟମାନ ହେଲା ସୂର୍ଯ୍ୟୋପରାଗ

ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)

ଚଳିତ ବର୍ଷର ଶେଷ ସୂର୍ଯ୍ୟୋପରାଗ ମଙ୍ଗଳବାର ଦୃଶ୍ୟମାନ ହୋଇଛି। ଏହା ଏସିଆ ଓ ୟୁରୋପରେ ଦୃଶ୍ୟମାନ ହୋଇଥିଲା। ୟୁରୋପ ମହାଦେଶରେ ଏହା ଅଧିକ ମାତ୍ରାରେ ଦୃଶ୍ୟମାନ ହୋଇଥିବାବେଳେ ଏସିଆରେ ଆଂଶିକ ଭାବେ ଦେଖାଯାଇଛି। ଓଡ଼ିଶାରେ ମଧ୍ୟ ଆଂଶିକ ସୂର୍ଯ୍ୟୋପରାଗ ସ୍ପଷ୍ଟ ଭାବେ ଦୃଶ୍ୟମାନ ହୋଇଛି। ଗୋଟିଏ ସରଳରେଖାରେ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀ ଥିବାବେଳେ ଚନ୍ଦ୍ରର ଛାଇ ପୃଥିବୀର ଯେଉଁ ସବୁ ଅଞ୍ଚଳରେ ପଡ଼ିଛି, ସେଠାରେ ସୂର୍ଯ୍ୟୋପରାଗ ଦେଖାଯାଇଛି। ୟୁରୋପ ମହାଦେଶରେ ପ୍ରଥମେ ଅପରାହ୍ନ ୨ଟା ୨୮ ମିନିଟ୍‌ରେ ପରାଗ ଆରମ୍ଭ ହୋଇଥିଲା। ☞ପୃଷ୍ଠା-୨

## ଚିକେନ ବିରିୟାନୀ ଖାଇ ପ୍ରତିବାଦ କଲେ ହେତୁବାଦୀ

ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)

ସାରା ଦେଶରେ ମଙ୍ଗଳବାର ସୂର୍ଯ୍ୟୋପରାଗ ଦୃଶ୍ୟମାନ ହୋଇଥିଲା। ଧର୍ମୀୟ ଭାବନାକୁ ମାନି ବହୁ ଲୋକେ ସୂର୍ଯ୍ୟୋପରାଗର ୧୨ଘଟଣା ପୂର୍ବରୁ ପାକତ୍ୟାଗ କରିଥିଲେ। କିନ୍ତୁ ପରାଗ ସହ ଖାଦ୍ୟର କୌଣସି ସମ୍ପର୍କ ନ ଥିବା ଦର୍ଶାଇ ବ୍ରହ୍ମପୁରରେ ସାମୂହିକ ଭୋଜନ ଆୟୋଜିତ ହୋଇଥିଲା। ଶତାଧିକ ଲୋକେ ଏଥିରେ ☞ପୃଷ୍ଠା-୨

# ୨ ଘଣ୍ଟା ହ୍ୱାଟ୍ସଆପ୍ ଡାଉନ୍

## କ୍ଷମା ମାଗିଲା ମେଟା

ନୂଆଦିଲ୍ଲୀ, ୨୫।୧୦

ଇନ୍‌ଷ୍ଟାଣ୍ଟ ମେସେଜିଂ ସର୍ଭିସ୍ ପ୍ଲାଟ୍‌ଫର୍ମ ହ୍ୱାଟ୍ସଆପ୍ ସୋମବାର ପ୍ରଥମ କରି ୨ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଡାଉନ୍ ହୋଇଯାଇଥିଲା। ଭାରତ ସମେତ ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ହ୍ୱାଟ୍ସଆପ୍ କାମ କରିବା ବନ୍ଦ କରିଦେଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟାରୁ ଅପରାହ୍ନ ପ୍ରାୟ ୨.୧୫ ପର୍ଯ୍ୟନ୍ତ ଏହି ସମସ୍ୟା ଲାଗି ରହିଥିଲା। ଏହାକୁ ନେଇ ସୋସିଆଲ ମିଡିଆ ୟୁଜର୍ସମାନେ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ରିପୋର୍ଟ କରିବା ସହ ଅସୁବିଧା ଜଣାଇଥିଲେ। ଅପରାହ୍ନ ୨ଟା ୧୫ ହ୍ୱାଟ୍ସଆପ୍ କାମ କରିବା ଆରମ୍ଭ କରିଥିଲେ ହେଁ କିଛି ସମୟ ଧରି ଧିମା ରହିଥିଲା। ପରେ ଏହା ସ୍ୱାଭାବିକ ହୋଇଥିଲା। କିଛି ଟେକ୍ନିକାଲ ସମସ୍ୟା ପାଇଁ ଏପରି ହୋଇଥିବା ପ୍ୟାରେଣ୍ଟ କମ୍ପାନୀ ମେଟା ପକ୍ଷରୁ କୁହାଯାଇଛି। କିଛି ସମୟ ଧରି ୟୁଜର୍ସ ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ଦୁଃଖିତ ବୋଲି ମେଟା ମୁଖପାତ୍ର କହିଛନ୍ତି। ତେବେ କାହିଁକି ଏତେ ସମୟ ଧରି ହ୍ୱାଟସ୍‌ଆପ କାମ କରି ନ ଥିଲା ତାହାର ପ୍ରକୃତ କାରଣ ବିଷୟରେ କମ୍ପାନୀ ପକ୍ଷରୁ କିଛି ସୂଚନା ଦିଆଯାଇନାହିଁ। ବିଶ୍ୱରେ ପ୍ରାୟ ୨୦୦ କୋଟିରୁ ଊର୍ଦ୍ଧ୍ୱ ଲୋକ ଯୋଗାଯୋଗ ପାଇଁ ହ୍ୱାଟ୍ସଆପ୍ ଉପରେ ନିର୍ଭରଶୀଳ। ଗତ ବର୍ଷ ମଧ୍ୟ ହ୍ୱାଟ୍ସଆପ୍ କିଛି ସମୟ ପାଇଁ କାମ କରିବା ବନ୍ଦ କରିଦେଇଥିଲା। ଏହାକୁ ନେଇ ସୋସିଆଲ ମିଡିଆ ବ୍ୟବହାରକାରୀ ଅନେକ କୌତୂହଳପୂର୍ଣ୍ଣ ମିମ୍‌ସ ପ୍ରସ୍ତୁତ କରି ଶେୟାର କରିଛନ୍ତି।

## ବଢ଼ିବ ଥଣ୍ଡା

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେଇଛି। ସମ୍ଭାବ୍ୟ ବାତ୍ୟା ବିପଦ ମଧ୍ୟ ଟଳିଯାଇଛି। ବାତ୍ୟାର ବ୍ୟାସାର୍ଦ୍ଧ ୯୦୦ରୁ ୧୧୦୦ କିମି ମଧ୍ୟରେ ରହିଥିଲା। ଏହା ଏକ ବୃହତ୍ ଅଞ୍ଚଳରେ ରହିଥିବାରୁ ଜଳୀୟକଣା ଯୋଗାଡ଼ କରିପାରି ନ ଥିଲା। ଏହା କେବଳ ଲଘୁଚାପରୁ ବାତ୍ୟାରେ ପରିଣତ ହୋଇଥିଲା। ପାଗ ଅନୁକୂଳ ନ ଥିବାରୁ ଅତି ଭୟଙ୍କର ବାତ୍ୟା (ଭେରି ସିଭିୟର ସାଇକ୍ଲୋନିକ ଷ୍ଟର୍ମ) ରୂପ ନେଇପାରି ନ ଥିଲା। ଫଳରେ ଏହା ସମୁଦ୍ରରୁ ସ୍ଥଳଭାଗକୁ ଆସିବା ବେଳକୁ ଦୁର୍ବଳ ହୋଇ ଯାଇଥିଲା। ବାତ୍ୟା ଯିବା ପରେ ରାଜ୍ୟରେ ହାଲୁକା ଶୀତ ଆରମ୍ଭ ହୋଇଛି। ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ସେଲ୍‌ସିୟସକୁ ଖସି ଆସିଛି। ଆସନ୍ତା ୨/୩ ଦିନ ମଧ୍ୟରେ ପାରଦ ଆହୁରି ୩ରୁ ୪ ଡିଗ୍ରୀ ତଳକୁ ଖସିବ। ୨୮ ତାରିଖ ସୁଦ୍ଧା ଶୀତ ବଢ଼ିବା ଆରମ୍ଭ କରିବ। ଉପକୂଳଠାରୁ ଉପାନ୍ତ ☞ପୃଷ୍ଠା-୨

# ବିବାହରେ ପସନ୍ଦର ସ୍ୱାଧୀନତା ଜରୁରୀ

## ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ,୨୫।୧୦



ବିବାହରେ ପସନ୍ଦ କରିବା ସ୍ୱାଧୀନତା ସମ୍ବିଧାନର ଅତି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଜୀବନ ସାଥୀ ବାଛିବା ସ୍ୱାଧୀନତା ଉପରେ ଧର୍ମବିଶ୍ୱାସର ପ୍ରଶ୍ନର କୌଣସି ପ୍ରାସଙ୍ଗିକତା ନ ଥିବା ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ପରିବାର ସଦସ୍ୟଙ୍କ ସମେତ ଅନ୍ୟମାନଙ୍କଠାରୁ ବିପଦ ଥିବା ଉକ୍ତ ଦମ୍ପତିଙ୍କ ସୁରକ୍ଷା ଦିଗରେ ପୋଲିସ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଶା କରାଯାଏ ବୋଲି ହାଇକୋର୍ଟ କହିଛନ୍ତି। ଯୁବତୀଙ୍କ ପରିବାରର ଇଚ୍ଛା ବିରୋଧରେ ତାଙ୍କୁ ବିବାହ କରିଥିବା ଅଭିଯୋଗକାରୀଙ୍କୁ ସ୍ତ୍ରୀ ଘର ଲୋକେ ତାଙ୍କୁ ଅପହରଣ କରିନେଇ ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରିଥିଲେ। ଉକ୍ତ ମାମଲାରେ ଅଭିଯୁକ୍ତମାନଙ୍କ ଜାମିନ ଆବେଦନର ଶୁଣାଣି ବେଳେ ହାଇକୋର୍ଟ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଦମ୍ପତିଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି ଅଦାଲତ ମତ ଦେଇଛନ୍ତି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଦିଲ୍ଲୀ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭାରତର ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ବିବାହରେ ପସନ୍ଦ କରିବାର ସ୍ୱାଧୀନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଜଷ୍ଟିସ୍ ଅନୁପ କୁମାର ମେନ୍ଦିରତ୍ତା ରାୟରେ କହିଛନ୍ତି। ଯେତେବେଳେ କୌଣସି ବ୍ୟକ୍ତିଙ୍କ ଜୀବନ ଓ ସ୍ୱାଧୀନତା କଥା ଉଠୁଛି, ବିଶେଷ କରି ଯେଉଁ ଦମ୍ପତି ସେମାନଙ୍କ ନିଜସ୍ୱ ସ୍ୱାଧୀନ ଇଚ୍ଛାରେ ଆଇନ ଅନୁଯାୟୀ ବିବାହ କରିଛନ୍ତି, ସେମାନଙ୍କ କ୍ଷେତ୍ରରେ ପୋଲିସ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବା ସହ ସୁରକ୍ଷା ସୁନିଶ୍ଚିତ କରିବା ଆଶା କରାଯାଏ ବୋଲି ଅଦାଲତ କହିଛନ୍ତି। ଅପରାଧର ଗୁରୁତ୍ୱକୁ ବିଚାରକୁ ନେଇ ସ୍ତ୍ରୀଙ୍କ ମାଆ ଏବଂ ଜେଜେମା'ଙ୍କୁ ଜାମିନ ପ୍ରଦାନ କରିବାକୁ ହାଇକୋର୍ଟ ମନା କରିଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଜ୍ୟୋତିନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୋଡ଼ା ଘା'ରେ ଚୂନ,
ପଚା ଘା'ରେ ଲୁଣ ।**

ପୋଡା ଘା'ରେ ଚୂନ ଦେଲେ ଘା' ବହୁତ ପୋଡ଼େ। କଷ୍ଟ ଆହୁରି ବଢ଼ିଯାଏ। ସେହିପରି ପଚା ଘା'ରେ ଲୁଣ ଦେଲେ ତାହା ଆହୁରି ବିଷାଣିଆ ହୋଇଯାଏ। ଯନ୍ତ୍ରଣା ଉପଶମ ନ କରାଇ ଆହୁରି ଯନ୍ତ୍ରଣା ଦେବା ଭୋକ୍ତା ପାଇଁ ଖୁବ୍ ମର୍ମନ୍ତୁଦ ଘଟଣା ହେବା ଭଳି ଜଣଙ୍କର ଦାରୁଣ ଦୁଃଖ ଉପରେ ଆହୁରି ଦୁଃଖର ପାହାଡ଼ ଲଦିଦେଇ ତା'ର ଦୁଃଖକଷ୍ଟକୁ ଆହୁରି ବଢ଼େଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପୁଷେ ବର୍ଷେ ସର୍ବନାଶେ,
ମାଘେ ବରଷେ ସୁନା ଖସେ;
ଚଷା ଭାଇ ଖିଲି ଖିଲି ହସେ ।**

ଉତ୍ତମ ଚାଷ ପାଇଁ ଭଲ ବର୍ଷାର ଆବଶ୍ୟକତା ରହିଥାଏ। ତେବେ ପୌଷ ମାସରେ ଅଧିକ ବର୍ଷା ନଈବଢ଼ିର ଆଶଙ୍କାକୁ ବଢ଼ାଇ ଦେଇଥାଏ, ଯାହାକି ଚାଷ ପାଇଁ ସର୍ବନାଶର କାରଣ ପାଲଟି ଯାଇଥାଏ। ପରନ୍ତୁ ମାଘ ମାସରେ ବର୍ଷାର ପରିମାଣ ଅଧିକ ହେଲେ ଚାଷ ପାଇଁ ତାହା ବେଶ୍ ଉପଯୋଗୀ ବା ବରଦାନ ସାବ୍ୟସ୍ତ ହୋଇପାରିଥାଏ। ଏପରିସ୍ଥଳେ ମାଘ ମାସରେ ହେଉଥିବା ବର୍ଷା ଚାଷୀ ମନରେ ଖୁସି ଓ ଆନନ୍ଦ ଭରିଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## classifieds Everyday
0674-2580101, 2549302




**GROOM WANTED**

Beautiful Khandayat Girl Ph.D./Govt. Professor (Caste no-bar) 'SUHAG' 9938199964, 9090486408. D-1834




**SALE**

Beauty parlour for sale at Prime location in Saheed Nagar. Contact: 9861068715, 7978670541. D-1814

ପାହାଲରେ ୩୦ଫୁଟ ରୋଡ୍‌ଆଉ ବାଉଣ୍ଡାରି ସହ ପ୍ଲଟ୍ ମିଳୁଛି। ବର୍ଗଫୁଟକୁ ୨୦୦୦ଟଙ୍କା। ଯୋଗାଯୋଗ- 6370621085, 8093078148. D-1833

Simplex, Duplex and Triplex available for sale within gated community and facilities like Children's Play Area, community Centre, land scape Garden, Volleyball and Badminton Court etc. Near Haribhaina Chhak, Jatni Town. Contact: 9337333685. D-1806

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73655

Independent duplex house (5 bed room) for sale in Bomikhal, Bhubaneswar, price- 2.20 crores. Contact No. 9938303321. D-1845

Residential gharabari plot at Brahmanjharilo Cuttack with boundarywall, Electripole, inside Temple on Bank Loan facilities near English Medium High school 6k.m. from Phulnakhara, 11k.m. from Bhubaneswar. 7809525452. D-73990




Construct your Dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1823




Newly opened full body massage center by expert therapist. 7381172169. D-73653

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73991

**AFFIDAVIT**

I, Anubhav Kumar Singh, S/o Bimal Prasad Singh residing at Bhubaneswar, Odisha have changed my name to Anubhav Singh vide affidavit dated 11.10.2022, sworn before Notary Pratap Kumar Dalabehera, Bhubaneswar. D-1844

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୩୦ କୋଟିର ହିସାବ ଦେବେ ଅର୍ଚ୍ଚନା-ଜଗବନ୍ଧୁ

## ବେଆଇନ ଅର୍ଥ କାରବାରର ତଦନ୍ତ କରୁଛି ଇଡି

- କମିଶନରେଟ ପୋଲିସଠାରୁ ତଥ୍ୟ ନେଇଛି
- ଜେରା ହେବେ ବହୁ କ୍ଷମତାଶାଳୀ ବ୍ୟକ୍ତି

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ମାୟାଜାଲରେ ଫସାଇ ଟଙ୍କା ହଡ଼ପ କରିଥିବା ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବେ ଝାରପଡ଼ା ଜେଲରେ ଥିବା ବେଳେ ଏହି ମାମଲାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ଅର୍ଚ୍ଚନା ଓ ଜଗବନ୍ଧୁ ଗତ ୫ ବର୍ଷ ମଧ୍ୟରେ ୩୦ କୋଟି ଟଙ୍କା ରୋଜଗାର କରିଥିବା କୁହାଯାଉଛି। ତେବେ ଏହି ଆର୍ଥିକ କାରବାରର ଉତ୍ସ ସମ୍ପର୍କରେ ଜାଣିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଆରମ୍ଭ କରିଛି। ଇଡି ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଜଣେ ବରିଷ୍ଠ ଅଧିକାରୀଙ୍କ ପକ୍ଷରୁ ଏନେଇ ସୂଚନା ମିଳିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କମିଶନରେଟ ପୋଲିସଠାରୁ ଅର୍ଚ୍ଚନା ମାମଲା ସମ୍ପର୍କିତ ସମସ୍ତ ଅଭିଯୋଗର ଏତଲା କପି ନେଇଛି ଇଡି। ଏଥିସହ ଇଡି ପକ୍ଷରୁ ଅର୍ଚ୍ଚନାଙ୍କ ବ୍ୟାଙ୍କ ସମ୍ପର୍କିତ ଆର୍ଥିକ ନେଣଦେଣ ତଥ୍ୟ ପ୍ରଦାନ ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)କୁ ଚିଠି ଲେଖାଯାଇଛି। ଅର୍ଚ୍ଚନାଙ୍କ ବ୍ୟାଙ୍କ ଆକାଉଣ୍ଟକୁ କିଏ ଟଙ୍କା ପଠାଉଥିଲେ, କେତେ ଟଙ୍କା ଆକାଉଣ୍ଟକୁ ଆସିଥିଲା, ନଗଦ ଅର୍ଥର କାରବାର କିଭଳି କରାଯାଉଥିଲା ଏସବୁ ଉତ୍ସକୁ ଇଡି ଖୋଜିବା ଆରମ୍ଭ କରିଛି। ଇଡି ଏହି ମାମଲାରେ ତଦନ୍ତ ଆରମ୍ଭ କରିଥିବାରୁ ଜେଲରେ ଥିବା ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଖୁବ୍‌ଶୀଘ୍ର ଜେରା ହୋଇପାରନ୍ତି ବୋଲି ସୂଚନା ମିଳିଛି। ବହୁ ବଡ଼ବଡ଼ିଆ ବ୍ୟକ୍ତି ଅର୍ଚ୍ଚନାଙ୍କୁ ସାହାଯ୍ୟ କରୁଥିଲେ। ଏପରି କି ତାଙ୍କୁ ବହୁ ସମୟରେ ଆର୍ଥିକ ସହଯୋଗ କରୁଥିଲେ। ତେଣୁ ସେମାନେ ମଧ୍ୟ ଇଡି ଦ୍ୱାରା ଜେରା ହେବେ ବୋଲି ଜଣାପଡ଼ିଛି। ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ନାମରେ ଡରାଇବା, ବ୍ଲାକ୍‌ମେଲିଂ, ଦାଦାବଟି ଆଦାୟ ଆଦି ବିଭିନ୍ନ ଅଭିଯୋଗ ରହିଥିବାବେଳେ ପୋଲିସ ୧୬ଟି ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅର୍ଚ୍ଚନାଙ୍କ କଳା କାରନାମାରେ ସମ୍ପୃକ୍ତି ନେଇ ଠୋସ୍ ପ୍ରମାଣ ମିଳିବା ପରେ ଜଗବନ୍ଧୁଙ୍କୁ ଗିରଫ କରାଯାଇଛି। ତାଙ୍କର ଅନ୍ୟତମ ସହଯୋଗୀ ଖଗେଶ୍ୱର ପାତ୍ର ଏବେ କେଉଁଠି ଓ ତାଙ୍କୁ ପୋଲିସ କେବେ ଗିରଫ କରିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅର୍ଚ୍ଚନା ଓ ଜଗବନ୍ଧୁ ଜେଲରେ ରହଣି କାଳ ମଧ୍ୟରେ ଜେଲ୍ ମାନୁଆଲ ଅନୁଯାୟୀ ସପ୍ତାହକୁ ଥରେ ପରସ୍ପରକୁ ଭେଟିପାରିବେ ବୋଲି ନିର୍ଦ୍ଦେଶ ରହିଛି। ଗତ ରବିବାର ଉଭୟ ୧୫ ମିନିଟ୍ କଥା ହୋଇ ପରସ୍ପରକୁ ସାନ୍ତ୍ୱନା ଦେଇଥିଲେ।

# ରାଜ୍ୟ ଗ୍ରନ୍ଥାଗାର ଉପରେ ସ୍ୱତନ୍ତ୍ର ଡାକ ଲଫାପା

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

ବର୍ତ୍ତମାନ ଡିଜିଟାଲ ଯୁଗରେ ଛାତ୍ରୀଛାତ୍ରମାନେ ମୋବାଇଲ ଫୋନ୍ ଓ କମ୍ପ୍ୟୁଟର ମାଧ୍ୟମରେ ବହି ପଢ଼ିବାକୁ ପସନ୍ଦ କରୁଥିଲେ ମଧ୍ୟ ପାଠାଗାରର ଆଦୃତି ସବୁବେଳେ ରହିଛି। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମେତ ରାଜ୍ୟ ତଥା ଦେଶର ରାଜନୈତିକ କ୍ଷେତ୍ର ଓ ସାରସ୍ୱତ ସୃଷ୍ଟି ଦିଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ଅତୁଳନୀୟ ଅବଦାନ ରହିଥିଲା। ତାଙ୍କ ନାମରେ ସ୍ଥାପିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଆଜି ଅଗ୍ରଣୀ ପାଠାଗାର ଭାବେ ପାଠିକା ପାଠକ, ଗବେଷକଙ୍କ ପାଇଁ ପ୍ରମୁଖ ଅବଲମ୍ବନ ହୋଇଛି। ଏହି ପାଠାଗାର ନାମରେ ସ୍ୱତନ୍ତ୍ର ଲଫାପା ପ୍ରକାଶନ ପାଠାଗାରର ଅବଦାନକୁ ସ୍ମରଣୀୟ କରିବ ବୋଲି ମଙ୍ଗଳବାର ରାଜ୍ୟ ଗ୍ରନ୍ଥାଗାର ଉପରେ ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚନ କରି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଉପସ୍ଥିତ ରହି ଏହି ପାଠାଗାରରେ ଏବେ ୧ଲକ୍ଷ ୬୦ ହଜାର ବହି ଉପଲବ୍ଧ ରହିଥିବା ଓ ସେସବୁକୁ କମ୍ପ୍ୟୁଟରୀକରଣ କାର୍ଯ୍ୟ ଜାରି ରହିଥିବା କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଗ୍ରନ୍ଥାଗାର ନାମରେ ପ୍ରକାଶ ପାଇଥିବା ସ୍ମରଣିକା ଅନୁଷ୍ଠାନର ମହନୀୟତା ଓ ଗରିମାକୁ ଜାତୀୟସ୍ତରରେ ପ୍ରତିଷ୍ଠିତ କରିବ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ଡାକ ବିଭାଗର ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ବାରିକ, ଡାକ ବିଭାଗ ଓ ରାଜ୍ୟ ଗ୍ରନ୍ଥାଗାରର ଅଧିକାରୀ ଓ କର୍ମଚାରୀଙ୍କ ସମେତ ପ୍ରତିଷ୍ଠିତ ଫିଲାଟେଲିଷ୍ଟମାନେ ଉପସ୍ଥିତ ଥିଲେ। ବିଭାଗର ଅନୁସଚିବ ତଥା ପାଠାଗାରର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ନିଜ ନୀତି...

୫ଲକ୍ଷ ୨୪ହଜାର ୬୫୪.୫୩୫ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିଲା। ଏହି ଅନୁପାତରେ ମିଲର୍ସଙ୍କଠାରୁ ୩ଲକ୍ଷ ୫୬ହଜାର ୭୬୫.୦୮୩ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ ହେବା କଥା। କିନ୍ତୁ ଆଉ କିଛିଦିନ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ମିଲର୍ସଙ୍କଠାରୁ ନଭେମ୍ବର ୨୧ତାରିଖ ସୁଦ୍ଧା ମାତ୍ର ୬୬ହଜାର ୩୯୮.୩୯୯(୧୮.୬୧%) ମେଟ୍ରିକ ଟନ୍ ସଂଗ୍ରହ ହୋଇପାରିଛି। ଏଫ୍‌ସିଆଇ ଚାଉଳ ନ ଉଠାଇବା ଯୋଗୁ ଏଭଳି ସମସ୍ୟା ଦେଖାଯାଇଛି ବୋଲି ବିଭାଗୀୟ ଅଧିକାରୀ ସଫେଇ ଦେଇଛନ୍ତି। ଅନ୍ୟପଟେ ଏହା ଚାଉଳ ରିସାଇକ୍ଲିଂ ପାଇଁ ମିଲର୍ସଙ୍କୁ ଏକ ଅପୂର୍ବ ସୁଯୋଗ ଦିଆଯାଇଛି। ଗୋଦାମ ଖାଲି ନ ଥିବା ଆଳ କରି ମିଲର୍ସ ମଣ୍ଡିକୁ ଧାନ ଉଠାଇବାକୁ ଆସିବେନାହିଁ ଏବଂ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ ବୋଲି ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆ କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନଙ୍କୁ ପଚାରିବାରୁ ସେ କହିଥିଲେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଯେଉଁ ସ୍ୱାକ୍ଷରିତ ରାଜିନାମା (ଏମ୍‌ଓୟୁ) ହୋଇଥିଲା, ସେହି କ୍ରମରେ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଚାଉଳ ନେଉନାହିଁ। ଫଳରେ ସେହି ସମସ୍ୟା ଉପୁଜିଛି ବୋଲି କହିଥିଲେ। ଅନ୍ୟପଟେ ମିଲର୍ସ ଶତ ପ୍ରତିଶତ ଚାଉଳ ଜମା ଦେଇ ନ ପାରିଲେ, ସେମାନଙ୍କୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯିବ କି ନାହିଁ ପଚାରିବାରୁ ସେ ଦିଗରେ ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୋରେନ କହିଥିଲେ।

## ଇତିହାସ ରଚିଲେ...

ପରେ ଦେଶବାସୀଙ୍କୁ ନିଜ ପ୍ରଥମ ସମ୍ବୋଧନରେ ଋଷି କହିଛନ୍ତି, ନିକଟରେ ତାଙ୍କ ପୂର୍ବସୁରୀମାନେ କରିଥିବା କେତେକ ଭୁଲ୍‌କୁ ସେ ସୁଧାରିବେ। ବ୍ରିଟେନରେ ଆର୍ଥିକ ସ୍ଥିରତା ଆଣିବା ଓ ଲୋକଙ୍କ ମଧ୍ୟରେ ସରକାରୀ କାର୍ଯ୍ୟସୂଚୀକୁ ନେଇ ବିଶ୍ୱାସ ଜନ୍ମାଇବା ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ହେବ। ୨୦୧୯ ସାଧାରଣ ନିର୍ବାଚନରେ କଞ୍ଜରଭେଟିଭ୍ ପାର୍ଟିକୁ ବିପୁଳ ସଫଳତା ମିଳିଥିଲା। ବୋରିସ୍ ଜନ୍‌ସନ୍ ଦଳର ନେତା ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ହୋଇଥିଲେ। କିନ୍ତୁ କୋଭିଡ୍-୧୯ ମହାମାରୀଜନିତ ଲକ୍‌ଡାଉନ୍ ବେଳେ ବୋରିସ୍ କେତେକ ପାର୍ଟି ଆୟୋଜନ କରି ବିବାଦୀୟ ହୋଇଥିଲେ। ଶେଷରେ ଗତ ଜୁଲାଇ ୫ରେ ତତ୍କାଳୀନ ଅର୍ଥମନ୍ତ୍ରୀ ଋଷି ସୁନକ ନିଜ ପଦରୁ ଇସ୍ତଫା ଦେଇ ବୋରିସ୍‌ଙ୍କ କାର୍ଯ୍ୟଶୈଳୀକୁ ସମାଲୋଚନା କରିଥିଲେ। ଋଷିଙ୍କ ଇସ୍ତଫା ପରେ କ୍ୟାବିନେଟର ଅନେକ ମନ୍ତ୍ରୀ ପଦ ଛାଡ଼ିଥିଲେ। ଫଳରେ ବୋରିସ୍‌ଙ୍କ ଉପରେ ଇସ୍ତଫା ଚାପ ବଢ଼ିଥିଲା। ବୋରିସ୍ ଇସ୍ତଫା ଦେବା ପରେ ଅନୁଷ୍ଠିତ କଞ୍ଜରଭେଟିଭ୍ ପାର୍ଟି ନେତା ଦୌଡ଼ରେ ଲିଜ୍ ଟ୍ରସ୍‌ଙ୍କଠାରୁ ଋଷି ପରାଜିତ ହୋଇଥିଲେ। ଟ୍ରସ୍ ମାତ୍ର ୪୫ ଦିନ ପ୍ରଧାନମନ୍ତ୍ରୀ ରହିବା ପରେ ନିଜ ପ୍ରତିଶ୍ରୁତି ପାଳନ କରିବାକୁ ଅକ୍ଷମତା ପ୍ରକାଶ କରି ଗତ ୨୦ ତାରିଖରେ ଇସ୍ତଫା ଦେଇଥିଲେ। ଟ୍ରସ୍‌ଙ୍କ ଉତ୍ତରାଧିକାରୀ ଦୌଡ଼ରେ ଋଷି ଆଗୁଆ ଥିବାବେଳେ ତାଙ୍କ ବିରୋଧରେ ପ୍ରାର୍ଥୀ ହେବା ପାଇଁ ବୋରିସ୍ ଚାହୁଁଥିଲେ। କିନ୍ତୁ ଅନ୍ୟୂନ ୧୦୦ ଏମ୍‌ପିଙ୍କ ସମର୍ଥନ ଯୋଗାଡ଼ କରି ନ ପାରିବାରୁ ସେ ଶେଷ ମୁହୂର୍ତ୍ତରେ ଓହରିଯାଇଥିଲେ। ସେହିପରି ହାଉସ୍ ଅଫ୍ କମନ୍ସ ଲିଡର ପେନି ମୋର୍ଡଣ୍ଟ ମଧ୍ୟ ସମର୍ଥନ ନ ପାଇବାରୁ ପ୍ରାର୍ଥୀ ହେବାକୁ ଚାହିଁଲେ ନାହିଁ। ଫଳରେ ଶାସକ କଞ୍ଜରଭେଟିଭ୍ ପାର୍ଟିର ନିର୍ବାଚନ ପରିଚାଳନା ସଂକ୍ରାନ୍ତ ୧୯୨୨ କମିଟି ଅଧ୍ୟକ୍ଷ ସାର୍ ଗ୍ରାହାମ ବ୍ରାଡି ସୋମବାର କଞ୍ଜରଭେଟିଭ୍ ପାର୍ଟିର ନୂଆ ନେତା ଭାବେ ଋଷିଙ୍କ ନାମ ଘୋଷଣା କରିଥିଲେ। ଏହି ଘୋଷଣା ସହ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ଋଷି ବିରଳ ଇତିହାସ ସୃଷ୍ଟି କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ୧୦ ଡାଉନିଂ ଷ୍ଟ୍ରିଟ୍ ବାହାରେ ସମ୍ବୋଧନ କରି ଋଷି ନିଜ ପ୍ରଥମ ବକ୍ତବ୍ୟରେ କହିଛନ୍ତି, ଦେଶର ଆର୍ଥିକ ସଙ୍କଟ ଦୂର କରିବା ଏବଂ ଏକ ଉତ୍ତରଦାୟୀ ସରକାରର ନେତୃତ୍ୱ ନେବା ପାଇଁ ସେ ପ୍ରସ୍ତୁତ। ତାଙ୍କ ପୂର୍ବସୁରୀ ଲିଜ୍ ଟ୍ରସ୍ କରିଥିବା ଭୁଲ୍‌ଗୁଡ଼ିକୁ ସୁଧାରିବା ପାଇଁ ସେ ଚେଷ୍ଟା କରିବେ। ସେହି କାର୍ଯ୍ୟ ଏବେ ହିଁ ଆରମ୍ଭ ହୋଇଛି। ଚାନ୍ସେଲର ଥିବାବେଳେ ସେ ଲୋକଙ୍କୁ ଓ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଯଥାସାଧ୍ୟ ଉଦ୍ୟମ କରିଥିଲେ। ସେହି ଆବେଗକୁ ନେଇ ସେ ବର୍ତ୍ତମାନର ଚ୍ୟାଲେଞ୍ଜଗୁଡ଼ିକୁ ସାମ୍ନା କରିବେ। ପରବର୍ତ୍ତୀ ପିଢ଼ିକୁ ଋଣଯନ୍ତା ଭିତରକୁ ଠେଲିଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଆମ ଦେଶକୁ ମୁଁ କଥାରେ ନୁହେଁ, କାମରେ ଏକାଠି କରିବି। ଜନସେବା ପାଇଁ ଦିନରାତି ଏକ କରିଦେବି। ଆମେ ଅନେକ ଅବିଶ୍ୱାନୀୟ କାର୍ଯ୍ୟରେ ସଫଳତା ହାସଲ କରିବା। କୋଭିଡ୍ ମହାମାରୀ ପରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସାରା ବିଶ୍ୱରେ ସଙ୍କଟ ସୃଷ୍ଟି କରିଛି। ୟୁକ୍ରେନ୍ ଯୁଦ୍ଧ ତୁରନ୍ତ ଶେଷ ହେବା ଆବଶ୍ୟକ ବୋଲି ଋଷି କହିଛନ୍ତି।

୭ ସପ୍ତାହ ମଧ୍ୟରେ ତୃତୀୟ ପ୍ରଧାନମନ୍ତ୍ରୀ ହୋଇଥିବା ଋଷି ଦେଶର ଆର୍ଥିକ ସଙ୍କଟ ଦୂର କରିବାରେ କେତେ ସଫଳ ହେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏହି ଐତିହାସିକ ଦିନରେ କଞ୍ଜରଭେଟିଭ୍ ପାର୍ଟି ଜଣେ ନୂଆ ପ୍ରଧାନମନ୍ତ୍ରୀ ବାଛିଛି। ଋଷି ସୁନକଙ୍କ ପ୍ରତି ସହୃଦୟରେ ସମର୍ଥନ କରିବେ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ଟୁଇଟ୍ କରିଛନ୍ତି। ବିଭିନ୍ନ ମହଲରୁ ଋଷିଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ୨୦ ମିନିଟ୍ ଦୃଶ୍ୟମାନ...

ଭାରତରେ ଅପରାହ୍ନ ୪ଟା ୨୯ ମିନିଟ୍‌ରୁ ପରାଗ ଆରମ୍ଭ ହୋଇଥିଲା ଏବଂ ସର୍ବାଧିକ ସମୟ ଧରି ଦୃଶ୍ୟମାନ ହୋଇଥିଲା। ଲେହରେ ୫୫ ପ୍ରତିଶତ ସୂର୍ଯ୍ୟ ଘୋଡ଼େଇ ହୋଇଥିବାବେଳେ ଦିଲ୍ଲୀ, ନୋଏଡା, ଅମୃତସର, କୋଲକାତା ଭଳି ସ୍ଥାନରେ ଆଂଶିକ ସୂର୍ଯ୍ୟୋପରାଗ ଦେଖାଯାଇଛି। ଭୁବନେଶ୍ୱରରେ ଅପରାହ୍ନ ୪ଟା ୫୬ରୁ ୫ଟା ୧୬ ପର୍ଯ୍ୟନ୍ତ ପ୍ରାୟ ୨୦ ମିନିଟ୍ ପାଇଁ ସୂର୍ଯ୍ୟୋପରାଗ ଦେଖାଯାଇଥିଲା। ସୂର୍ଯ୍ୟର ମାତ୍ର ୧୦ରୁ ୧୫ ପ୍ରତିଶତ ଅଂଶ ଘୋଡ଼େଇ ହୋଇଥିଲା। ସେହିପରି ପୁରୀ ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ସୂର୍ଯ୍ୟୋପରାଗ ଦେଖିବାକୁ ମିଳିଥିଲା। ଓଡ଼ିଶାରେ ସନ୍ଧ୍ୟା ୬ଟା ୨୬ ମିନିଟ୍‌ରେ ପରାଗ ଶେଷ ହୋଇଥିଲା। ସନ୍ଧ୍ୟା ହୋଇଯାଇଥିବାରୁ ପରାଗ ଛାଡ଼ିଥିଲେ ମଧ୍ୟ ଘରେ ରୋଷେଇକୁ ବାରଣ କରାଯାଇଥିଲା। ବୁଧବାର ସକାଳେ ଲୋକେ ସୂର୍ଯ୍ୟ ଦର୍ଶନ କରିବା ପରେ ଘର ଧୁଆଧୋଇ ସହ ସ୍ନାନ ସାରି ଠାକୁର ପୂଜା କରିବେ ବୋଲି ଜଣାପଡ଼ିଛି।

ସେପଟେ ପରାଗ ସ୍ପର୍ଶର ୧୨ଘଣ୍ଟା ପୂର୍ବରୁ ଲୋକେ ପାକତ୍ୟାଗ ଓ ଦେବ ନୀତି ନିଷେଧ କରିଥିଲେ। ଅର୍ଥାତ୍ ମଙ୍ଗଳବାର ଭୋର ୪ଟା ୫୬ରୁ ପାକତ୍ୟାଗ ହୋଇଥିଲା। ଲୋକେ ଏହାକୁ ବିଶ୍ୱାସର ସହ ପାଳିଥିଲେ। ଦେବଦେବୀ ପୂଜା ନିଷେଧ ହୋଇଥିବାରୁ ରାତିରୁ ଉଠି ଲୋକେ ଠାକୁର ପୂଜା ମଧ୍ୟ ସାରିଥିଲେ। ପବିତ୍ର କାର୍ତ୍ତିକ ମାସ ଚାଲୁଥିବାରୁ ହବିଷିଆଳିମାନେ ରାତି ୨ଟାରୁ ଗାଧୋଇ ଠାକୁର ପୂଜା ଶେଷ କରି ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ଅପରପକ୍ଷେ ଘରେ ରୋଷେଇ ବନ୍ଦ ରହିଥିବାରୁ ଅନେକ ଲୋକ ବାହାରେ ଶୁଖିଲା ଖାଦ୍ୟ କିଣି ଖାଉଥିବା ଦେଖିବାକୁ ମିଳିଥିଲା।

## ଚିକେନ ବିରିୟାନୀ...



ସାମିଲ ହୋଇଥିଲେ। ସେହିପରି ଭୁବନେଶ୍ୱରର ଅନେକ ସ୍ଥାନରେ ଲୋକେ ଚିକେନ ବିରିୟାନୀ ଖାଉଥିବାର ଦେଖିବାକୁ ମିଳିଥିଲା। ହେତୁବାଦୀମାନେ ମଙ୍ଗଳବାର ପାକତ୍ୟାଗ, ହାଣ୍ଡିଛାଡ଼, ହାଲୁକା ଖାଦ୍ୟ ଖାଇବା ଭଳି ସୂର୍ଯ୍ୟୋପରାଗ ସଂକ୍ରାନ୍ତ ନିୟମର ଅଭିନବ ପ୍ରତିବାଦ କରିଥିଲେ। ସେମାନେ ନିଜେ ଚିକେନ ବିରିୟାନୀ ଖାଇବା ସହ ଅନ୍ୟମାନଙ୍କୁ ମଧ୍ୟ ଏହାକୁ ଖୁଆଉଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ କହିବାନୁସାରେ, ସୂର୍ଯ୍ୟୋପରାଗ ସ୍ୱାଭାବିକ ଖାଦ୍ୟପେୟ ଉପରେ କୌଣସି ପ୍ରଭାବ ପକାଏ ନାହିଁ। ବରଂ ଖାଦ୍ୟ ନ ଖାଇଲେ ଲୋକେ ଅସୁସ୍ଥ ହୋଇପଡ଼ିବେ।

ଗୋଟିଏ ପଟେ ଧର୍ମୀୟ ଭାବନା ଏବଂ ଅନ୍ୟପଟେ ବୈଜ୍ଞାନିକ ତଥ୍ୟ। ଏହା ଭିତରେ ସାଧାରଣ ଲୋକେ ଛନ୍ଦି ହୋଇପଡୁଛନ୍ତି। କ'ଣ କରିବେ ଓ ନ କରିବେ ସେ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ତେବେ ଅଧିକାଂଶ ଲୋକେ ଧର୍ମୀୟ ଭାବନା ଅନୁଯାୟୀ ନୀତିନିୟମ ମାନି ପାଳନ କରୁଥିବା ଦେଖାଯାଇଛି। କିନ୍ତୁ ହେତୁବାଦୀମାନେ ସୂର୍ଯ୍ୟୋପରାଗର ନୀତିକୁ ପ୍ରତିବାଦ କରିନ୍ତି। ଯେଉଁଠି ସୂର୍ଯ୍ୟୋପରାଗ ପୂର୍ବରୁ କୌଣସି ଗରିଷ୍ଠ ଖାଦ୍ୟ ଖାଇବା କଥା ନୁହେଁ ବୋଲି କୁହାଯାଉଛି, ସେଠାରେ ସେମାନେ କିନ୍ତୁ ଚିକେନ ବିରିୟାନୀ ଖାଇ ଏକ ଭିନ୍ନ ପ୍ରତିବାଦ କରିଛନ୍ତି। ହେତୁବାଦୀଙ୍କ କହିବାନୁସାରେ, ଯେପରି ସକାଳ-ରାତି ହୁଏ, ଏହା ମଧ୍ୟ ସେହିପରି ଏକ ପ୍ରାକୃତିକ ପ୍ରକ୍ରିୟା। ଯାହା ମଣିଷର ଖାଦ୍ୟପେୟ ଉପରେ ପ୍ରଭାବ ପକାଏ ନାହିଁ। ଏଭଳି ନୀତି ଲୋକଙ୍କୁ ବିଭ୍ରାନ୍ତ କରୁଛି। ଅପରପକ୍ଷେ ହେତୁବାଦୀଙ୍କ ଏଭଳି କାର୍ଯ୍ୟକଳାପକୁ ଜ୍ୟୋତିର୍ବିଦମାନେ ନିନ୍ଦା କରିବା ସହିତ ବିନାଶ କାଳେ ବିପରୀତ ବୁଦ୍ଧି ବୋଲି ମତ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅଶ୍ୱିନୀର ପୂର୍ବର ସମସ୍ୟା କେତେକାଂଶରେ ସୁଧୁରି ଯାଇଥିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଗତକାଲିର ଯୋଜନାରେ ଟେନ୍‌ସନ କିଛି ମାତ୍ରାରେ କମିଯିବ। ପରିବାରରେ ସ୍ତ୍ରୀଙ୍କ ଅସହଯୋଗ ତଥା ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ଦେଖାଦେଇପାରେ।

**ବୃଷ**
ଦ୍ୱିଜା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିପାରିଲେ ସମାଲୋଚନାରୁ ରକ୍ଷାପାଇବେ । କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ଦୁଃଖକୁ ଲୁଚାଇ ହସି ହସି କଥା କହିବାକୁ ପଡ଼ିପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**ମିଥୁନ**
ମୃଗଶିରା ପରିସ୍ଥିତିକୁ ଆଖି ଆଗରେ ରଖି କାମ କରିବା ଭଲ। ମନ ବୁଝିଲାଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ରାଜନୀତିରେ କିମ୍ବା କର୍ମକ୍ଷେତ୍ରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ**
ଅଶ୍ଳେଷାର ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହ କର୍ମକ୍ଷେତ୍ରର ସ୍ଥିତି ସ୍ୱାଭାବିକ ରହିବ। ଭୁଲ୍ ବୁଝାମଣା ହେତୁ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ସହ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ମଧ୍ୟ ହେବେ। କାମଟିକୁ ସମ୍ପନ୍ନ କରିବା ପରିପ୍ରେକ୍ଷୀରେ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ସିଂହ**
ମଘା ନକ୍ଷତ୍ର ଆର୍ଥିକ ସ୍ୱଚ୍ଛଳତା ନ ରହିବା କାରଣରୁ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହେବ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ପ୍ରାୟତଃ ମନ୍ଦ ହେବନି । ବନ୍ଧୁମାନଙ୍କ ପ୍ରରୋଚନାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**
ହସ୍ତା ନକ୍ଷତ୍ର ପାରିବାରିକ ଜୀବନରେ ଉଚିତ ବୁଝାମଣା ସହ ଜୀବନଚର୍ଯ୍ୟା ପ୍ରୀତିପ୍ରଦ ରହିବ । ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଆତ୍ମୀୟସ୍ୱଜନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ ପାଇଁ ଚିନ୍ତା ବଢ଼ିପାରେ। ବାଣିଜ୍ୟ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ସାମାନ୍ୟ ହଡ଼ବଡ଼େଇ ଯାଇପାରନ୍ତି ।

**ତୁଳା**
ସ୍ୱାତୀ ନକ୍ଷତ୍ର କର୍ମକ୍ଷେତ୍ର ଓ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ସହ ଋଣ ପରିଶୋଧ ସକାଶେ ଅନୁକୂଳ ସୁବିଧା ପାଇବେ। ସାମୟିକ ଭାବରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ହଠାତ୍ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ବିଛା**
ଧୈର୍ଯ୍ୟର ସୀମା ଲଙ୍ଘନ ପୂର୍ବକ କଠୋର ବାକ୍ୟାଳାପ ପରିସ୍ଥିତିକୁ ଗମ୍ଭୀର କରିଦେବ। ଦୂରଦର୍ଶିତା ଅଭାବରୁ ହାତ ମୁଠାରୁ ସୁଯୋଗ ଖସିଯାଇପାରେ। ଅନୁରାଧା ନକ୍ଷତ୍ର ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସାମାଜିକ ସ୍ତରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ**
ମୂଳା ନକ୍ଷତ୍ର ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ଏବଂ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ଆଶଙ୍କା ଦେଖାଦେବ । ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ରକ୍ତଚାପ କିମ୍ବା ଡାଇବେଟିସ୍ ରୋଗରେ କଷ୍ଟ ପାଇବେ।

**ମକର**
ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟା କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ଥିବାର ଅନୁଭବ କରିବେ। ଶ୍ରବଣା ନକ୍ଷତ୍ର ପ୍ରଶାସନିକ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ମନୋରଞ୍ଜନ ସକାଶେ ମନ ବଳାଇବେ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ଶତଭିଷା ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ**
ଅନ୍ୟମାନଙ୍କ ସହ ସୁସମ୍ପର୍କ ଅଭାବଜନିତ କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ । ବୃଥା ସନ୍ଦେହ କିମ୍ବା ଭୁଲ୍ ବୁଝାମଣାଜନିତ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। ରେବତୀ ନକ୍ଷତ୍ର କୌଣସି ଦୂରାଗତ ବନ୍ଧୁଙ୍କ ଦ୍ୱାରା ହଜି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

ଆଜି ଅକ୍ଟୋବର ୨୬ ତାରିଖ, କାର୍ତ୍ତିକ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ବୁଧବାର, ରାଶିନକ୍ଷତ୍ର- ଦିବା ଘ.୦୧.୨୩ମି. ପର୍ଯ୍ୟନ୍ତ ସ୍ୱାତୀ/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୪୮ମି. ଗତେ ଘ.୦୮.୦୫ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୨୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୫ମି. ମଧ୍ୟେ ରାହୁକାଳ।

## ବଢ଼ିବ ଥଣ୍ଡା...

ସବୁଠି ପାରଦ ତଳମୁହାଁ ହେବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୬.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୭, ସୋନପୁର ୧୭.୨, ଭବାନୀପାଟଣା ୧୭.୫, ହୀରାକୁଦ ୧୮.୭, କେନ୍ଦୁଝର ୧୮.୬, ଝାରସୁଗୁଡା ୧୮.୬, ବୌଦ୍ଧରେ ୧୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୩୪,୬୩,୩୪୪ | ୬୫,୮୪,୭୧୨ | ୬୧,୨୪,୩୭,୦୫୪ |
| ଭାରତ | ୪,୪୬,୪୪,୯୩୮ | ୫,୨୮,୯୮୦ | ୪,୪୦,୯୩,୪୦୯ |
| ଓଡ଼ିଶା | ୧୩,୩୫,୯୨୦ | ୯୨୦୩(+୫୩) | ୧୩,୨୬,୨୬୬ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପଟିଆମାଳ ଜଙ୍ଗଲରୁ ଦନ୍ତାର ମୃତଦେହ ଠାବ

**ଟାଙ୍ଗୀ(ଖୋର୍ଦ୍ଧା)/ନିରାକାରପୁର, ୨୫।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ ବିଭାଗ ରେଞ୍ଜ୍ ଅଧୀନ ପଟିଆମାଳ ଜଙ୍ଗଲରେ ସୋମବାର ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ବନ ବିଭାଗର ଏକ ଟିମ୍ ଓ ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀର ବ୍ୟବଚ୍ଛେଦ ପରେ ଉକ୍ତ ଜଙ୍ଗଲରେ ଜେସିବି ସାହାଯ୍ୟରେ ଗାତ ଖୋଳାଯାଇ ପୋତିଦିଆଯାଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ରେଞ୍ଜର ଦେବାଶିଷ ଭୋଇ କହିଛନ୍ତି। ସୂଚନାଥାଉ କି, ଦୀର୍ଘଦିନ ହେବ ୧୩ ଟିକିଆ ହାତୀପଲ ପଟିଆମାଳ ଜଙ୍ଗଲରେ



### ମୃତ୍ୟୁର କାରଣ ଅସ୍ପଷ୍ଟ

ରହିଆସୁଛନ୍ତି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ବେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଏ ପରିକି ପାଚେରି ଓ ଘର ଭାଙ୍ଗୁଥିବା ନଜିର ରହିଛି। ଏନେଇ ଗ୍ରାମବାସୀ ବନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ହାତୀ ଘଉଡ଼ାଇବା ପାଇଁ ବନ କର୍ମଚାରୀ ନିୟୋଜିତ ହୋଇଥିଲେ। ତେବେ ସୋମବାର ପଟିଆମାଳ ଜଙ୍ଗଲରେ ଏକ ହାତୀ ମରିପଡ଼ିଥିବା ବନ କର୍ମଚାରୀ ଦେଖିବାକୁ ପାଇଥିଲେ। ଖବରପାଇ ରେଞ୍ଜର ଓ ପ୍ରାଣୀ ଚିକିତ୍ସକ ପହଞ୍ଚିଥିଲେ।

# ସ୍ତ୍ରୀଙ୍କୁ କଇଁଚିରେ ଭୁସି ହତ୍ୟା

**ଢେଙ୍କାନାଳ ଅଫିସ, ୨୫।୧୦**

ସାମାନ୍ୟ ଘରୋଇ କଳିକୁ କେନ୍ଦ୍ରକରି ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଅଞ୍ଚଳରେ ଅଭାବନୀୟ କାଣ୍ଡ ଘଟିଛି। ସ୍ୱାମୀ କଇଁଚିରେ ଭୁସି ଦେବାରୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ପୋଲିସ ଅଭିଯୁକ୍ତ ମାନସ ମଲ୍ଲିକଙ୍କୁ ଗିରଫ କରିଛି। ଏହି ଘଟଣା ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ସୂଚନା ଅନୁଯାୟୀ, ଯାଜପୁର ଜିଲା ଗୋଳାଗାଁ ଗ୍ରାମର ମାନସ ଦୀର୍ଘଦିନ ହେଲା ଶ୍ୱଶୁରଘର ନିହଲପ୍ରସାଦରେ ରହୁଥିଲେ। ଶୁକ୍ରବାର ଖାଇବାକୁ କେନ୍ଦ୍ର କରି ସ୍ତ୍ରୀ ରେଖା (୩୬)ଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ରେଖା ରୋଷେଇ କରୁଥିବାବେଳେ ଉତ୍ତ୍ୟକ୍ତ ମାନସ ତାଙ୍କ ପେଟରେ କଇଁଚି ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ରେଖାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ନଂ. ୨୦୨/୨୨ରେ ଏକ ମାମଲା ରୁଜୁ କରାଯାଇଛି। ସେମାନଙ୍କ ଦୁଇଜଣ ଝିଅପୁଅ ଅଛନ୍ତି।

# ଛୁରାମାଡ଼ରେ ବାପାଙ୍କ ମୃତ୍ୟୁ, ପୁଅ ଗିରଫ

**ଆସିକା,୨୫।୧୦(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ପଡାଳ ଗ୍ରାମରେ ପାରିବାରିକ କଳହରୁ ପୁଅ ଛୁରାମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ସୋମବାର ରାତି ପ୍ରାୟ ୯ଟାରେ ଏହି ଅଭାବନୀୟ ଘଟଣା ଘଟିଛି । ମୃତକ ହେଲେ ଦେବରାଜ ନାହାକ (୬୪) । ପୋଲିସ ମଙ୍ଗଳବାର ମୃତଦେହ ଜବତ କରିବା ସହ ଅଭିଯୁକ୍ତ ପୁଅ ଅରୁଣ ନାହାକଙ୍କୁ ଗ୍ରାମ ଆମ୍ବତେଟାରୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଅରୁଣ ବିବାହିତ ଓ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି । ଏପରିସ୍ଥଳେ ଗତ ୬ ମାସ ହେଲା ସେ ଅନ୍ୟ ଏକ ଝିଅକୁ ବିବାହ କରି ଘରକୁ ଆଣିଥିଲେ । ଏହା କୈଳିକ ବିଧିରେ ଅନୁମୋଦନ ହୋଇ ନ ଥିଲା । ଦ୍ୱିତୀୟ ସ୍ତ୍ରୀ ଅନ୍ତସତ୍ତ୍ୱା ହେବାରୁ ବାପଘର ଯିବା ଲାଗି କୈଳିକ ଅନୁମତି ନିମନ୍ତେ ପ୍ରଥମ ସ୍ତ୍ରୀଙ୍କ ସ୍ୱୀକୃତିପତ୍ର ଆବଶ୍ୟକ ଥିଲା । ଏହା ଆଣିବା ଲାଗି ଅରୁଣ ତାଙ୍କ ବାପାଙ୍କୁ ବାଧ କରିଥିଲେ। ଦୀପାବଳିରେ ନ ଯାଇ ପରଦିନ ଯିବି ବାପା କହିବାରୁ ଅରୁଣ ରାଗିଯାଇ ଘରେ ପାଟିତୁଣ୍ଡ କରିଥିଲେ। ରାତି ପ୍ରାୟ ୯ଟାରେ ବାପାଙ୍କୁ ପୁଣି ଗାଳି ଦେଇ ମାରିଦେବେ ବୋଲି ଧମକ ଦେଇଥିଲେ। ଭୟଭୀତ ହୋଇ ଦେବରାଜ ଘରୁ ଦୌଡ଼ି ପଳାଉଥିବା ବେଳେ ଅରୁଣ ତାଙ୍କ ପିଛା କରି ଛାତିକୁ ଛୁରି ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ଦେବରାଜଙ୍କୁ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତକଙ୍କ ସମ୍ପର୍କିୟ ପୁତୁରା ବିଦେଶୀ ନାହାକଙ୍କ ଅଭିଯୋଗ ପ୍ରକାରେ ପୋଲିସ ନଂ.୭୨୧/୨୨ରେ ଏକ ମାମଲା ରୁଜୁହୋଇଛି।ଅଭିଯୁକ୍ତଦେବରାଜଙ୍କୁକୋର୍ଟଚାଲାଣକରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

# ଗାଈ ପାଇଁ ବାପାଙ୍କୁ ହତ୍ୟା

**ଲହୁଣୀପଡ଼ା,୨୫।୧୦ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ଘଣିଘଷା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି । ଗାଈ ପାଇଁ ନିଶାସକ୍ତ ପୁଅର ଠେଙ୍ଗା ଓ ପଥର ମାଡରେ ବାପାଙ୍କ ମୃତ୍ୟୁ ଘଟିଛି । ପୋଲିସ ଏହି ଘଟଣାରେ ପୁଅ ଆକାଶ ମୁଣ୍ଡା(୧୯)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ପ୍ରକାଶ ଯେ, ଘଣିଘଷା ଗ୍ରାମର ଭୁବନ ମୁଣ୍ଡା (୪୮) ପ୍ରତ୍ୟେକ ଦିନ ଭଳି ସୋମବାର ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ । କିନ୍ତୁ କୌଣସି କାରଣବଶତଃ ସେ ଗାଈଗୁଡ଼ିକ ଜଙ୍ଗଲରେ ଛାଡି ଦେଇ ଘରକୁ ପଳାଇ ଆସିଥିଲେ । ଏହା ଦେଖି ଘରେ ଥିବା ତାଙ୍କ ପୁଅ ଆକାଶ ରାଗିଯାଇ ଜଙ୍ଗଲରେ ଗାଈ କାହିଁକି ଛାଡି ପଳାଇ ଆସିଲ କହି ଝଗଡା କରିବା ସହିତ ଧକ୍କା ମାରିଥିଲେ। ଏପରି କି ଏକ ଠେଙ୍ଗାରେ ପିଟି ପିଟି ଘରୁ ସେହି ଜଙ୍ଗଲ ପର୍ଯ୍ୟନ୍ତ ନେଇଥିଲେ । ସେଠାରେ ନିସ୍ଥୁକ ମାଡ ମାରିବାରୁ ସେ ତଳେ ପଡି ଯାଇଥିଲେ । ନିଶାରେ ଥିବା ଆକାଶ ହିତାହିତ ଜ୍ଞାନ ଭୁଲିଯାଇ ପଥରରେ ଭୁବନଙ୍କ ମୁଣ୍ଡକୁ ବାରମ୍ବାର ଛେଚିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହାପରେ ଘଟଣାସ୍ଥଳରୁ ସେ ଫେରାର ହୋଇ ଯାଇଥିଲେ । ଗ୍ରାମର କେତେଜଣ ବ୍ୟକ୍ତିଙ୍କ ଠାରୁ ସୂଚନା ପାଇ ପରିବାର ଲୋକେ ଜଙ୍ଗଲରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଲହୁଣୀପଡ଼ା ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନା ପଠାଇଥିଲେ । ନିଶାସକ୍ତ ଅବସ୍ଥାରେ ଏପରି କାଣ୍ଡ ଘଟାଇଥିବା ଆକାଶ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ବାଣ ବିସ୍ଫୋରଣ: ବାପା ମୃତ,ପୁଅ ଗୁରୁତର

**କାମାକ୍ଷାନଗର, ୨୫।୧୦(ଡି.ଏନ୍.ଏ.)**

ଢେଙ୍କାନାଳଜିଲାକାମାକ୍ଷାନଗରଥାନାବଡ଼ସୁଆଁଳ ଗ୍ରାମରେ ସୋମବାର ବାଣ ଦୋକାନରେ ବିସ୍ଫୋରଣ ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ନାବାଳକ ପୁଅଙ୍କ ସମେତ ୩ଜଣ ସଙ୍କଟାପନ୍ନ ଅଛନ୍ତି। ଦୀପାବଳିରେ ଏହି ଦୁଃଖଦ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସୂଚନାଯୋଗ୍ୟ, ଗ୍ରାମର ଶିଶିର ପାଳଙ୍କ ବାଣ ଦୋକାନରେ ଭିଡ଼ ଜମିଥିଲା। ଏହି ସମୟରେ କୌଣସି କାରଣରୁ ବାଣ ବିସ୍ଫୋରଣ ହୋଇଥିଲା। ସେଠାରେ ଉପସ୍ଥିତ ଦୁଷ୍ମନ୍ତ ନାୟକ (୫୨), ତାଙ୍କର ନାବାଳକ ପୁଅ ପ୍ରତୀକ ନାୟକ (୯), ଗ୍ରାମର ଶ୍ରବଣ ପାଳଙ୍କ ନାବାଳିକା ଝିଅ ଅନୁଷ୍କା ପାଳ (୯), ଜଗବନ୍ଧୁ ନାୟକ (୩୨) ଗୁରୁତର ହୋଇଥିବାବେଳେ ଦୋକାନୀ ଶିଶିର ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସଙ୍କଟାପନ୍ନ ଦୁଷ୍ମନ୍ତ, ପ୍ରତୀକ, ଅନୁଷ୍କାଙ୍କୁକଟକସ୍ଥାନାନ୍ତରକରାଯାଉଥିବାବେଳେ ଦୁଷ୍ମନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଦୁଇଜଣ କଟକରେ ଚିକିତ୍ସାଧୀନ ଅଛନ୍ତି। ଜଗବନ୍ଧୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ଥାନାରେ ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

Baidyanath
100 years of caring

ଘରେ ଡାକ୍ତର
ସାଧାରଣ ଅସୁସ୍ଥତା ପାଇଁ ଆୟୁର୍ବେଦିକ ଚିକିତ୍ସା

| ରୋଗ | ଔଷଧ |
|---|---|
| ଏସଡିଟି | ଆୟୁସିଡ୍ |
| ଆନେମିଆ | ହେମୋପ୍ଲସ୍, ନବାୟସ୍ ଲୌହ |
| ବୟସ ପ୍ରତିରୋଧୀ | କେସରୀ କଳ୍ପ (ରୟାଲ୍ ଚ୍ୟବନପ୍ରାସ) |
| ଆର୍ଥରାଇଟିସ୍, ଗାଉଟ୍, ରୁମେଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ ଗୋଲ୍ଡ |
| ପେଟ ଯନ୍ତ୍ରଣା ଓ ପାଚନ ସମସ୍ୟା | ଚିତ୍ରକାଦି ଟ୍ୟାବ୍, ଇସାବେଲ୍-ଏଚ୍ |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ୍, ପ୍ରୋଷ୍ଟେଡ୍ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସାନ୍ତକ ବଟି |
| ହୃତପିଣ୍ଡର ସମସ୍ୟା | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ୍ |
| ବଦହଜମି | ଏକ୍ୱାଜେଷ୍ଟେ |
| କିଡ୍ନୀ ଏବଂ ଗଲ୍ ଷ୍ଟୋନ୍ | ପଥରୀନା |
| ଲ୍ୟୁକେରିଆ | ଲ୍ୟୁକୋନିଲ୍ |
| ଯକୃତ ସମସ୍ୟା | ଲିଭ୍ ଗୁଡ୍, ଲିବରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ଋତୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ମୂତ୍ରରୋଗ | ଚନ୍ଦ୍ରପ୍ରଭା ଟ୍ୟାବ୍, ଗୋକ୍ଷୁରାଦି ଗୁଗ୍ଗୁଲୁ ଟ୍ୟାବ୍ |
| ମଧୁମେହ | ମଧୁମେହାରି ଦାନା, ଡାୟାବେଟ୍ ଗାର୍ଡ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ
JAIPUR: 9439088809 BERHAMPUR: 9861540324 CUTTACK: 9439486929 BHUBANESWAR: 8249945802 PURI: 9861068109 DHENKANAL: 8249703170 ANGUL: 9937734509 BALASORE: 9438725025 BARIPADA: 9437350156 KENDUJHAR: 6370698870 BHADRAK: 7978313169 ROURKELA: 7008870227 SAMBALPUR: 8763343900 / 9437681346 BOLANGIR: 7008384344 KUCHINDA: 7978655905

Azadi Ka Amrit Mahotsav
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ)
କାର୍ଡଧାରକ ମାନଙ୍କୁ ନିଜର କାର୍ଡକୁ ଟୋକନାଇଜ୍ କରିବା ପାଇଁ ପ୍ରୋତ୍ସାହିତ କରେ

କାର୍ଡଧାରକ ମାନଙ୍କ ସ୍ୱାର୍ଥ ସୁରକ୍ଷାକୁ ଆଖିରେ ରଖି ଆରବିଆଇ ନିର୍ଦ୍ଦେଶ ଦେଇଛନ୍ତି ଯେ 1 ଅକ୍ଟୋବର 2022 ଠାରୁ କାର୍ଡ ନେଟଓ୍ୱାର୍କ ଏବଂ କାର୍ଡ ପ୍ରଦାନକାରୀଙ୍କ ବ୍ୟତୀତ ଅନ୍ୟ କୌଣସି ସଂସ୍ଥା କାର୍ଡ ଡାଟା ଯଥା କାର୍ଡ ନମ୍ବର, କାର୍ଡର ସମାପ୍ତି ତାରିଖ ଇତ୍ୟାଦି (କାର୍ଡ-ଅନ୍-ଫାଇଲ କିମ୍ବା CoF) ଷ୍ଟୋର କରିପାରିବେ ନାହିଁ । ତା ସହ କାର୍ଡଧାରକଙ୍କୁ ଯେପରି କୌଣସି ଅସୁବିଧା ନ ହୁଏ, ଏହା ସୁନିଶ୍ଚିତ କରିବା ପାଇଁ ଆରବିଆଇ CoF ଟୋକନାଇଜେସନ ଆରମ୍ଭ କରିଛନ୍ତି । ଟୋକନାଇଜେସନ ଏଥିପାଇଁ କରାଯାଇଛି ଯା'ଦ୍ୱାରା କାର୍ଡଧାରକଙ୍କୁ ପ୍ରତ୍ୟେକ ଟ୍ରାଞ୍ଜାକସନ ପାଇଁ ପ୍ରତିଥର କାର୍ଡର ବିବରଣୀ ଯେମିତି ଭରିବାକୁ ନ ପଡ଼େ । ତତ୍ ସହିତ ମର୍ଚ୍ଚାଣ୍ଟ, କାର୍ଡର ବିବରଣୀ ଷ୍ଟୋର କିମ୍ବା ତାକୁ ବ୍ୟବହାର କରି ପାରିବେ ନାହିଁ, ଫଳସ୍ୱରୂପ କାର୍ଡର ବିବରଣୀ ହଜିବାର ସମ୍ଭାବନା କିମ୍ବା ତା ସହ ସଂପୃକ୍ତ ଦୁରୁପଯୋଗର ସମ୍ଭାବ୍ୟ କ୍ଷତିକୁ ଏଡ଼ାଇ ହେବ । ଟୋକନର ବ୍ୟବହାର କାର୍ଡ ଟ୍ରାଞ୍ଜାକସନର ସୁରକ୍ଷା ଏବଂ ସୁବିଧାକୁ ବଢ଼େଇଥାଏ ତଥା ଏହା କାର୍ଡଧାରକ ମାନଙ୍କ ହିତରେ ଉଦ୍ଦିଷ୍ଟ ।

ଟୋକନାଇଜେସନ କ'ଣ କିମ୍ବା କାର୍ଡ-ଅନ୍-ଫାଇଲ (CoF) ଟୋକନାଇଜେସନ କ'ଣ ?

1. ଟୋକନାଇଜେସନ (କିମ୍ବା କାର୍ଡ-ଅନ୍-ଫାଇଲ CoF ଟୋକନାଇଜେସନ) ଯେ କୌଣସି ସମୟରେ ନିଜ ସୁବିଧା ଅନୁସାରେ କରିହେବ ।
2. ଟୋକନାଇଜେସନ ହେଉଛି ଡେବିଟ କିମ୍ବା କ୍ରେଡିଟ କାର୍ଡର ବିବରଣୀକୁ ଏକ ସ୍ୱତନ୍ତ୍ର ବିକଳ୍ପ କୋଡ, ଯାହାକୁ "ଟୋକନ" କୁହାଯାଏ, ସହ ବଦଳେଇବାର ପ୍ରକ୍ରିୟା ।
3. ଟୋକନାଇଜେସନ କେବଳ ଅନ-ଲାଇନ/ଇ-କମର୍ସ ଟ୍ରାଞ୍ଜାକସନ ପାଇଁ ବିହିତ, ଏବଂ ଏହା ଆମନା-ସାମନା କିମ୍ବା ପଏଣ୍ଟ ଅଫ ସେଲ (PoS) ଟ୍ରାଞ୍ଜାକସନ ପାଇଁ ନୁହେଁ ।
4. ଟୋକନାଇଜେସନ ପ୍ରତ୍ୟେକ ଅନ-ଲାଇନ/ଇ-କମର୍ସ ମର୍ଚ୍ଚାଣ୍ଟ ପାଖରେ ତଥା ପ୍ରତ୍ୟେକ କାର୍ଡ ପାଇଁ କେବଳ ଗୋଟିଏ ଥର କରାଯିବା ଆବଶ୍ୟକ । ନିର୍ଦ୍ଦିଷ୍ଟ କାର୍ଡ ଏବଂ ନିର୍ଦ୍ଦିଷ୍ଟ ଅନ-ଲାଇନ/ଇ-କମର୍ସ ମର୍ଚ୍ଚାଣ୍ଟଙ୍କ ପାଇଁ ପ୍ରତ୍ୟେକ ଟୋକନ ଅଲଗା ହୋଇଥାଏ । କାର୍ଡଧାରକ ଅଗଣିତ ଅନ-ଲାଇନ/ଇ-କମର୍ସ ମର୍ଚ୍ଚାଣ୍ଟ ପାଖରେ କାର୍ଡକୁ ଟୋକନାଇଜ କରିପାରିବେ ।
5. ଏକ ଟୋକନକୁ ସେଇ ମର୍ଚ୍ଚାଣ୍ଟଙ୍କ ବ୍ୟତୀତ ଅନ୍ୟ କୌଣସି ମର୍ଚ୍ଚାଣ୍ଟଙ୍କ ପାଖରେ ପେମେଣ୍ଟ ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ, ଯାହା ପାଇଁ ସେଇ ଟୋକନ୍‌କୁ ବନା ଯାଇଛି ।
6. ଥରେ ଟୋକନ ବନିଗଲା ପରେ କାର୍ଡଧାରକଙ୍କୁ ଭବିଷ୍ୟତରେ ଟ୍ରାଞ୍ଜାକସନ ପାଇଁ ଟୋକନର ବିବରଣୀ ଭରିବା କିମ୍ବା ମନେ ରଖିବାର ଆବଶ୍ୟକତା ନାହିଁ । ଟୋକନାଇଜ ହୋଇଥିବା କାର୍ଡକୁ ଚିହ୍ନିବା ପାଇଁ, ଚେକ-ଆଉଟ ପ୍ରକ୍ରିୟା ସମୟରେ କାର୍ଡର ଶେଷ ଚାରି ଅଙ୍କକୁ ଡିସପ୍ଲେ /ପ୍ରଦର୍ଶନ କରାଯିବ ।
7. କାର୍ଡଧାରକ ନିଜର ଇଚ୍ଛାନୁଯାୟୀ ନିଜର ଟୋକନ୍‌ର ରେଜିଷ୍ଟ୍ରେସନ ସମାପ୍ତ କରିପାରିବେ ।

ଏକ କାର୍ଡକୁ କିପରି ଟୋକନାଇଜ୍ କରିହେବ?

1. ଟୋକନାଇଜେସନ ବିକଳ୍ପ ଚୟନ କରିବା ପାଇଁ କାର୍ଡଧାରକଙ୍କୁ ମର୍ଚ୍ଚାଣ୍ଟ ଓ୍ୱେବସାଇଟ /ଆପ୍ଲିକେସନ ରେ ଓ୍ୱାନ-ଟାଇମ ରେଜିଷ୍ଟ୍ରେସନ କରିବାକୁ ହେବ ।
2. ରେଜିଷ୍ଟର କରିବା ପାଇଁ କାର୍ଡଧାରକଙ୍କୁ ନିଜର କାର୍ଡର ବିବରଣୀ ଭରିବାକୁ ହେବ ତଥା ସମ୍ମତି ପ୍ରଦାନ କରିବାକୁ ପଡ଼ିବ । କାର୍ଡ ପ୍ରଦାନକାରୀ ପ୍ରାମାଣିକରଣର ଏକ ଅତିରିକ୍ତ କାରକ ଯଥା OTP ମାଧ୍ୟମରେ ଏହି ସମ୍ମତିକୁ ବୈଧତା ପ୍ରଦାନ କରିବେ ।

କାର୍ଡଧାରକ ମାନଙ୍କୁ ଏକ ସୁରକ୍ଷିତ, ନିରାପଦ, ବାଧାହୀନ ଏବଂ ସୁବିଧାଜନକ ଅଭିଜ୍ଞତା ପାଇବା ପାଇଁ ନିଜର କାର୍ଡକୁ ଟୋକନାଇଜ୍ କରିବା ପାଇଁ ପ୍ରୋତ୍ସାହିତ କରା ଯାଉଅଛି ।

*ଏହି ଉପଦେଶ ଆରବିଆଇ ଦ୍ୱାରା କେବଳ ସୂଚନା ଏବଂ ସାଧାରଣ ମାର୍ଗଦର୍ଶନ ପାଇଁ ଜାରି କରା ଯାଇଅଛି । କୌଣସି ସ୍ପଷ୍ଟୀକରଣ କିମ୍ବା ବାଖ୍ୟା ନିମନ୍ତେ, ଆରବିଆଇ ଦ୍ୱାରା ଜାରି ସର୍କୁଲାର ତଥା ବିଜ୍ଞପ୍ତିର ସାହାଯ୍ୟ ନିଆଯାଇ ପାରିବ ।*

*Her compassion and values continue to guide us even today*



90th BIRTH ANNIVERSARY
Mrs Ila Panda
26th Oct 1932 - 11th Jan 2005

In loving memory
Baijayant 'Jay', Paramita, Nivedita, Subhrakant
Jagi, Braja, KG, Shaifalika
Raie, Reva, Anuva, Aditya, Raisah Ila, Raemana
Relatives, Members & Associates of IMFA Group

imfa 60 years

Tel: +91 674 2611100 | Email: memoriam@imfa.in

> ଅତିମାନବ କିଏ ? ଯେ ଏହି ଜଡମୁଖୀ ବିଭଗ୍ନ ମାନବୀୟ ବ୍ୟକ୍ତିଜୀବନର ଉର୍ଦ୍ଧ୍ୱକୁ ଉଠିଯାଇପାରେ– ଏବଂ ନିଜକୁ ବିଶ୍ୱମୟ କରିଦେଇ ଏକ ଦିବ୍ୟଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦ ଓ ଦିବ୍ୟଜ୍ଞାନରେ ନିଜକୁ ଦିବ୍ୟମଣିଷ କରି ଦେଇପାରେ। **–ଶ୍ରୀଅରବିନ୍ଦ**

# ଚାଇନା ସମର୍ଥକ

ପ୍ରତିବର୍ଷ ମୌସୁମୀ ଫେରିଯିବା ପରେ ଶୀତ ପୂର୍ବରୁ ଦିଲ୍ଲୀରେ ନିର୍ମାଣ, ଶିଳ୍ପ ଓ ପରିବହନ ଜନିତ ବାୟୁ ପ୍ରଦୂଷଣ ସ୍ପଷ୍ଟ ହୋଇଥାଏ। ଏହାବାଦ୍ ଏହି ସମୟରେ ଉତ୍ତର ଭାରତରେ ମୁଖ୍ୟତଃ ପଞ୍ଜାବ, ହରିୟାଣା ଏବଂ ପୂର୍ବ ଉତ୍ତରପ୍ରଦେଶରେ ଶସ୍ୟଖୁଣ୍ଟା ପୋଡ଼ିକୁ ଦିଲ୍ଲୀ ବାୟୁ ପ୍ରଦୂଷଣର ଅନ୍ୟ ଏକ କାରଣ ଭାବେ ଦର୍ଶାଯାଏ। ଏପରିକି ଖୁଣ୍ଟାପୋଡ଼ିକୁ ରୋକିବା ଲାଗି ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କେନ୍ଦ୍ର ସରକାର ମଧ୍ୟ ବିପୁଳ ବ୍ୟୟବରାଦ କରୁଛନ୍ତି। ତଥାପି କୌଣସି ପରିବର୍ତ୍ତନ ଲକ୍ଷ୍ୟ କରାଯାଇପାରୁନାହିଁ। ସୂଚନାଯୋଗ୍ୟ ଯେ, ଦିଲ୍ଲୀର ବାୟୁ ପ୍ରଦୂଷଣ କ୍ଷେତ୍ରରେ ଖୁବ୍ କମ୍ ଯୋଗଦାନ ଥିବା ଖୁଣ୍ଟା ପୋଡ଼ାକୁ ଏକ ପ୍ରମୁଖ କାରଣ ବୋଲି ସବୁବେଳେ ଦର୍ଶାଯାଉଛି। ହେଲେ ଶସ୍ୟ ଅମଳ ଋତୁରେ ଲକ୍‌ଡାଉନବେଳେ ଗାଡ଼ିମୋଟର ଓ କଳକାରଖାନ ବନ୍ଦ ହୋଇଥିବା ସମୟରେ ଦିଲ୍ଲୀ ବାୟୁମଣ୍ଡଳ ସମ୍ପୂର୍ଣ୍ଣ ପରିଷ୍କାର ରହିଥିଲା ; ଯେଉଁଥିରୁ ଜଣାପଡ଼ିଥିଲା ଯେ ଖୁଣ୍ଟାପୋଡ଼ା ପ୍ରଦୂଷଣର ଏକମାତ୍ର ବୃହତ୍ କାରଣ ନୁହେଁ । ଏହାବାଦ୍ ତୃତୀୟରେ ଦୀପାବଳିରେ ବାଣ ଫୁଟାଇବା ଦ୍ୱାରା ପ୍ରଦୂଷଣ ସ୍ତର ବଢ଼ୁଛି ବୋଲି ଏହା ଉପରେ ସେଠାକାର ସରକାର କଟକଣା ଲଗାଇ ଆସୁଛନ୍ତି। ଦୀପାବଳିର ପରବର୍ତ୍ତୀ ସମୟରେ ବିବାହ ଓ ଏ ସମ୍ପର୍କିତ ସାମାଜିକ ଉତ୍ସବଗୁଡ଼ିକୁ ଲକ୍ଷ୍ୟ କରି ଚଳିତ ବର୍ଷ ମଧ୍ୟ ଦିଲ୍ଲୀ ସରକାର ୧ ଜାନୁୟାରୀ ୨୦୨୩ ପର୍ଯ୍ୟନ୍ତ ବାଣ ଉତ୍ପାଦନ, ଗଚ୍ଛିତ, ବିକ୍ରି ଏବଂ ସବୁ ପ୍ରକାର ବାଣ ଫୁଟାଇବା ଉପରେ କଟକଣା ଜାରି କରିଛନ୍ତି। କିନ୍ତୁ ଏହି କଟକଣାକୁ ନ ମାନି ଲୋକେ ଏଥର ଦୀପାବଳିରେ ବାଣ ଫୁଟାଇଛନ୍ତି। ବାଣ ଫୁଟାକୁ କେନ୍ଦ୍ରକରି ସେଠାରେ ଏକ ଭିନ୍ନ ସ୍ଥିତି ବି ଦେଖିବାକୁ ମିଳିଛି । ଭାରତୀୟ ଜନତା ପାର୍ଟି (ଭାଜପା) ନେତା ତାଜିନ୍ଦର ପାଲ ସିଂ ବଗ୍ଗା ଦିଲ୍ଲୀ ସରକାରଙ୍କ କଟକଣାକୁ ଖାତିର ନ କରି ତାଙ୍କ ଘର ସମ୍ମୁଖରେ ବାଣ ଫୁଟାଇବା ସହ ବସ୍ତି ପିଲାମାନଙ୍କୁ ବାଣ ବାଣ୍ଟିଛନ୍ତି। ବଗ୍ଗା ନିଜ ପାରିବାପଣିଆ ଦେଖାଇବାକୁ ଯାଇ ବାଣ ଫୁଟାଇବା ଭିଡ଼ିଓ ଟୁଇଟ୍ କରିଛନ୍ତି। ଅନ୍ୟ ଏକ ଭିଡ଼ିଓରେ ପିଲାମାନଙ୍କୁ ସେ ବାଣ ବାଣ୍ଟୁଥିବା ମଧ୍ୟ ଦେଖାଯାଇଛି। ଏହି ଦୃଶ୍ୟ ସାମ୍ନାକୁ ଆସିବା ପରେ ସେ ବିବାଦରେ ଫସିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଆରମ୍ଭରୁ ଦିଲ୍ଲୀରେ ବାଣ ଫୁଟା କଟକଣାକୁ ଭାଜପା ନେତାମାନେ ବିରୋଧ କରିଆସୁଛନ୍ତି। ବଗ୍ଗା ମଧ୍ୟ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ବିଫଳ ହୋଇଥିଲେ। କେବଳ ଏତିକି ନୁହେଁ ବାଣ ଫୁଟାଇବା ପରେ ତାଙ୍କ ବିରୋଧରେ ଯେକୌଣସି କାର୍ଯ୍ୟାନୁଷ୍ଠାନ ଲାଗି ସେ ଆହ୍ୱାନ ଦେଇଛନ୍ତି। ଏହାକୁ ଧର୍ମୀୟ କିମ୍ବା ରାଜନୈତିକ ଦୃଷ୍ଟକୋଣରୁ ବଗ୍ଗା କିମ୍ବା ଭାଜପା ନେତାମାନେ ବିଚାର କରିପାରନ୍ତି, କିନ୍ତୁ କ୍ଷତିଗ୍ରସ୍ତ ହେଉଛନ୍ତି ଦିଲ୍ଲୀର ବାସିନ୍ଦା, ବିଶେଷକରି ସାନ ପିଲାମାନେ, ଯାହାଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ଶ୍ୱାସଜନିତ ରୋଗ ବୃଦ୍ଧିପାଉଛି। ଚଳିତ ବର୍ଷ ଦୀପାବଳି ପରଦିନ ଅର୍ଥାତ୍ ମଙ୍ଗଳବାର ସକାଳେ ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ ଥିଲା ୩୨୩। ନୋଏଡାର ଏହା ଥିଲା ୩୪୨, ଯାହା କି 'ଅତି ଖରାପ' ସ୍ତର। ଏହି ଗମ୍ଭୀର ସ୍ତର ସୁସ୍ଥ ଲୋକଙ୍କୁ ପ୍ରଭାବିତ କରିବା ସହ ଯେଉଁମାନେ ଅସୁସ୍ଥ ଅଛନ୍ତି ସେମାନଙ୍କୁ ଜଟିଳ ସମସ୍ୟା ମଧ୍ୟକୁ ଠେଲିଦେବ।

> **ତାଜିନ୍ଦର ସିଂ ବଗ୍ଗାଙ୍କ ଭଳି ବ୍ୟକ୍ତି ବାରୁଦ ବ୍ୟବହାର କରି ବାବରଙ୍କୁ ମନେ ପକାଇ ଦେଇଥିବାରୁ ତାଙ୍କୁ ହିନ୍ଦୁ ବିରୋଧୀ ବୋଲି କୁହାଯାଇପାରିବ। ତତ୍‌ସହିତ ଚାଇନାରୁ ଆସୁଥିବା ବାଣ ବ୍ୟବହାର କରୁଥିବା ହେତୁ ବଗ୍ଗା ଜଣେ ଭାରତ ବିରୋଧୀ ନାଗରିକ ବୋଲି ମଧ୍ୟ ପ୍ରତିପାଦିତ ହେବେ।**

ବଗ୍ଗାଙ୍କ ଭଳି ଜଣେ ଭାଜପା ନେତା ଖୋଲାଖୋଲି ଭାବେ ସରକାରଙ୍କ କଟକଣା ଓ ଦିଲ୍ଲୀ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ବାଣ ଫୁଟାଇବା ସହ ଏହାକୁ ଉତ୍ସାହିତ କରିବା ନିଶ୍ଚିତ ଭାବେ ନିନ୍ଦନୀୟ। କାରଣ ସମସ୍ତେ ଜାଣନ୍ତି ଯେ, ବାଣ ଯେଉଁ ବାରୁଦରେ ତିଆରି ହୋଇଥାଏ ତାହା ପୂର୍ବରୁ ଭାରତବର୍ଷରେ ନ ଥିଲା। ଦେଖିବାକୁ ଗଲେ ବାରୁଦ ଭଳି ସାମଗ୍ରୀକୁ ପ୍ରଥମ ଥର ପାଇଁ ଭାରତ ଭୂମିରେ ମୋଗଲ ଆକ୍ରମଣକାରୀ ବାବର ଆଣିଥିଲେ। ଯେହେତୁ ଭାରତୀୟଙ୍କ ପାଖରେ ସେହି ରାସାୟନିକ ଦ୍ରବ୍ୟ ନ ଥିଲା, ସେଥିପାଇଁ ବାବର ଯୁଦ୍ଧରେ ଜିତିଥିଲେ। ଅନ୍ୟପଟେ ଏହା ପ୍ରମାଣ କରୁଛି ଯେ, ଭାରତବର୍ଷରେ ପୂର୍ବରୁ ଯେତେବେଳେ ଦୀପାବଳି ପାଳନ କରାଯାଉଥିଲା ସେତେବେଳେ ଦୀପ ଜଳାଇବା ସହିତ ପୂଜାପାଠ ହେଉଥିଲା, ଯାହା କି ସବୁ ଅଞ୍ଚଳ ପାଇଁ ଭିନ୍ନ ପ୍ରକାରର ଅର୍ଥ ରଖୁଥିଲା। କିନ୍ତୁ ବାଣ ଫୁଟାଇବାର ପ୍ରଥା କେବେହେଲେ ଆମ ସଂସ୍କୃତିରେ ନ ଥିଲା। ବହୁ ବର୍ଷ ପୂର୍ବେ ତାମିଲନାଡୁର ଶିବକାଶୀରୁ ବାଣ ଆସୁଥିଲା ବୋଲି ଜାଣୁଥିଲୁ। ଏବେ ତାହା ମଧ୍ୟ ନାହିଁ। ପ୍ରାୟ ଅଧିକାଂଶ ବାଣ ଚାଇନାରେ ନିର୍ମିତ ହେଉଥିବା ଦେଖାଯାଉଛି। ସେଥିପାଇଁ ତାଜିନ୍ଦର ସିଂ ବଗ୍ଗାଙ୍କ ଭଳି ବ୍ୟକ୍ତି ବାରୁଦ ବ୍ୟବହାର କରି ବାବରଙ୍କୁ ମନେ ପକାଇ ଦେଇଥିବା ହେତୁ ତାଙ୍କୁ ହିନ୍ଦୁ ବିରୋଧୀ ବୋଲି କୁହାଯାଇପାରିବ। ତତ୍‌ସହିତ ଚାଇନାରୁ ଆସୁଥିବା ବାଣ ବ୍ୟବହାର କରୁଥିବା ଯୋଗୁ ବଗ୍ଗା ଜଣେ ଭାରତ ବିରୋଧୀ ନାଗରିକ ବୋଲି ମଧ୍ୟ ପ୍ରତିପାଦିତ ହେବେ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 6 | | | | 7 | 5 | 9 |
| | 2 | 3 | | | | 6 | | |
| | | | | 6 | 1 | 3 | | |
| | | | 5 | 1 | 8 | | | |
| | | | | | 2 | | | |
| | 3 | | | 4 | | | 1 | |
| 7 | | | | 2 | | | | |
| 6 | | 8 | | | | 9 | | |
| | | | 4 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 7 | 9 | 6 | 4 | 5 | 1 | 8 |
| 8 | 1 | 4 | 5 | 2 | 3 | 9 | 7 | 6 |
| 5 | 6 | 9 | 8 | 7 | 1 | 4 | 3 | 2 |
| 6 | 8 | 5 | 2 | 3 | 7 | 1 | 4 | 9 |
| 7 | 9 | 3 | 4 | 1 | 8 | 2 | 6 | 5 |
| 1 | 4 | 2 | 6 | 9 | 5 | 3 | 8 | 7 |
| 3 | 2 | 8 | 7 | 4 | 9 | 6 | 5 | 1 |
| 4 | 7 | 6 | 1 | 5 | 2 | 8 | 9 | 3 |
| 9 | 5 | 1 | 3 | 8 | 6 | 7 | 2 | 4 |

ଗତ ସଂସ୍କରଣର ଉତ୍ତର

# ଯେ ସମୟ ଚାଲିଯିବ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଜଣେ ମନ୍ତ୍ରୀ ଥିଲେ। ଥିଲେ ବୋଇଲେ କେଇବର୍ଷ ପୂର୍ବରୁ ଥିଲେ, ଏବେ ଆଉ ନାହାନ୍ତି। କେଇଦିନ ତଳେ ତାଙ୍କୁ ଏକ ସାଂସ୍କୃତିକ ସଭାର ଶ୍ରୋତାମେଳରେ ଦେଖିବାକୁ ମିଳିଲା। ପଛଧାଡ଼ିରେ ଏକା ଏକା ବସିଥିଲା ବେଳେ ତାଙ୍କୁ ଦେଖି ଲାଗୁଥିଲା, ସଭା ମଧ୍ୟକୁ ଆସୁଥିବା ଚିହ୍ନାଜଣା ଲୋକଙ୍କ ସହ ସମ୍ପର୍କ ଯୋଡ଼ିବାକୁ ସେ ଅଭିଳାଷୀ। ମାତ୍ର ତାଙ୍କୁ ଦେଖି ନ ଦେଖିଲା ପରି ଚାଲି ଯାଉଥିଲେ ସଭିଏଁ ଓ ସେ ବସିଥିଲେ ଏକା ଏକା ଜଣେ ଅବାଞ୍ଛିତ ଅତିଥିଙ୍କ ପରି ।

ଅଥଚ କେଇବର୍ଷ ତଳେ ଯେତେବେଳେ ଥିଲା ତାଙ୍କ ମୁଣ୍ଡ ଉପରେ ମନ୍ତ୍ରିତ୍ୱର ମୁକୁଟ, ସେତେବେଳେ ଯେକୌଣସି ସଭାରେ ସେ ଥିଲେ ସବୁଠାରୁ ବାଞ୍ଛିତ ବ୍ୟକ୍ତିତ୍ୱ। ଅନ୍ୟମାନେ ଥିଲେ ତାଙ୍କ ପାଇଁ ଅତ୍ୟନ୍ତ ଅବାଞ୍ଛିତ, ଯେଉଁମାନଙ୍କୁ ଘଣ୍ଟା ଘଣ୍ଟା ଧରି ସେ ଅପେକ୍ଷା କରାଇ ନିଜର ମହଙ୍ଗାପଣର ପ୍ରମାଣ ଦେଇପାରୁଥିଲେ। କେବଳ ସଭାରେ ନୁହେଁ, ତାଙ୍କ ଅଫିସରେ ଓ ବାସଭବନରେ କେତେ ଲୋକ ଅପେକ୍ଷା କରୁ ନ ଥିଲେ ତାଙ୍କର ସାମାନ୍ୟ ଦର୍ଶନ ଓ ଅନୁଗ୍ରହ ପାଇବା ପାଇଁ! ସେ ଯେତେବେଳେ କେଉଁଠିକୁ ଗସ୍ତରେ ଯାଉଥିଲେ, ସେତେବେଳେ ତାଙ୍କ ଆଗରେ ପୋଲିସ ଗାଡ଼ି ଓ ପଛରେ ଅଫିସରଙ୍କ ଗାଡ଼ିର ପଟୁଆର ଦେଖି ଲାଗୁଥିଲା, ସତେ ଯେମିତି ପୁରାକାଳର କେଉଁ ମହାରାଜାଙ୍କ ପାରିଧି ଯାତ୍ରା। କାରଣ ସେ ଥିଲେ ମନ୍ତ୍ରୀ, ସାଧାରଣଙ୍କଠୁଁ ଏକ ଅପହଞ୍ଚ ଇଲାକାର ଅଧୀଶ୍ୱର।

ଲକ୍ଷ୍ୟ କରିବାର କଥା ଯେ ମନ୍ତ୍ରୀ ହୋଇ ସେ ଜନ୍ମ ନେଇ ନ ଥିଲେ। ଅନ୍ୟ ବହୁ ଲୋକଙ୍କ ପରି ଗାଁଦାଣ୍ଡର ଧୂଳିଖେଳ, ନିମ୍ନ ମଧ୍ୟବିତ୍ତ ଘରର କଞ୍ଚାଲଙ୍କା, ବଡ଼ିପୋଡ଼ା ଓ ପଖାଳ ଭିତରେ ଗଢ଼ି ଉଠିଥିଲା ତାଙ୍କ ଶୈଶବ, କୈଶୋର ଓ ତାରୁଣ୍ୟ। ଯୌବନରେ ସେମିତି ବି କିଛି ରୋମାଞ୍ଚ ନ ଥିଲା। ମାତ୍ର ଯେଉଁଦିନ ଭାଗ୍ୟ ତାଙ୍କ ଲଲାଟରେ ମନ୍ତ୍ରିତ୍ୱର ମୋହର ମାରିଦେଲା, ସେଦିନ ଅଚାନକ ସାଧାରଣରୁ ଅସାଧାରଣ ପାଲଟିଗଲେ ସେ। ଜନସାଧାରଣଙ୍କର ସେବକ ହେବାର ଶପଥ ନେଇ ଯେଉଁ ମୁକୁଟ ପିନ୍ଧିଥିଲେ, ସେଇ ଶପଥକୁ ବିସ୍ମରି ଯାଇ ସେ ପାଲଟିଗଲେ ନିଜକୁ ଉଚ୍ଚତମ ଶିଖରରେ ଅଧିଷ୍ଠିତ ମୁନିବ ବିଚାରୁଥିବା ମନ୍ତ୍ରୀ ମହୋଦୟ। ନିଜ ଅଲକ୍ଷ୍ୟରେ ବିସ୍ମୃତି ଗର୍ଭରେ ହଜିଗଲା ନିଜ ମଇଳା ଅତୀତ।

ମନ୍ତ୍ରିତ୍ୱ ଲାଭ କରିବା ପୂର୍ବରୁ, ମନ୍ତ୍ରୀ ହେବା ପରେ ଓ ମନ୍ତ୍ରିତ୍ୱ ଚାଲିଯିବା ପରେ ; ଜୀବନର ଏହି ତିନୋଟି ପର୍ଯ୍ୟାୟ ଗୋଟିକ ପରେ ଗୋଟିଏ ଆସେ ଓ ପୁଣି ଚାଲିଯାଏ। ମାତ୍ର ମଞ୍ଚ ଉପରେ ଅଭିନୟ ସାରି ଗ୍ରୀନରୁମ୍‌ରେ ମୁହଁରୁ ପ୍ରଲେପ ଲିଭାଇ ଘରକୁ ବାହୁଡ଼ି ଆସିଲା ପରି ମୁକୁଟ ଚାଲିଯିବା ପରେ ମନ୍ତ୍ରୀ ବୋଲାଉଥିବା ମଣିଷଟି ବଞ୍ଚିରହେ ଜୀବନର ଅବଶିଷ୍ଟ କାଳ। ମନ୍ତ୍ରିତ୍ୱ ସିନା ଅବସର ନେଇ ଚାଲିଯାଏ, କିନ୍ତୁ ଜୀବନର ଅବସର ତଥାପି ବାକି ଥାଏ। ସେଇ ପୁରୁଣା ପରିବେଶ, ସେଇ ସାଧାରଣ ଜୀବନ ; ଯେଉଁଠୁ ଶିଡ଼ି ଚଢ଼ି ସେ ଉପରକୁ ଉଠିଥିଲେ ଓ ଅଚାନକ ଅସାଧାରଣ ପାଲଟି ଯାଇଥିଲେ ; ପୁଣି ତାଙ୍କୁ ଆଦରିନିଏ ପୂର୍ବ ପରି। ମାତ୍ର କ୍ଷମତା ମୋହରେ ନିଜକୁ ବାଦ୍‌ଶାହା ମନେକରୁଥିବା ଲୋକ କ୍ଷମତା ଚାଲିଗଲା ପରେ ସମାଜକୁ ଫେରିଆସନ୍ତି ସିନା, ମାତ୍ର ଅଲୋଡ଼ା, ଅସ୍ପୃଶ୍ୟ ହୋଇ ସମାଜର ପଛଧାଡ଼ିରେ ପଡ଼ିରହନ୍ତି, ସେଦିନ ସଭାରେ ପଛଧାଡ଼ିରେ ଏକା ଏକା ବସିଥିବା ଓ ବିକଳରେ ନିଜ ଅତୀତକୁ ଝୁରିହେଉଥିବା ସେଇ ପୂର୍ବତନ ମନ୍ତ୍ରୀଙ୍କ ପରି।



ବଡ଼ ବିଚିତ୍ର ଚିଜ ଯେ ସମୟ। ଏଇ ସମୟ ଦିନେ ପୂର୍ଣ୍ଣ କରିଦେଇଥିଲା ମୋଗଲ ସମ୍ରାଟ୍ ଶାହାଜାହାନଙ୍କୁ। ବିଶାଳ ସାମ୍ରାଜ୍ୟ, ଅପରୂପା ସୁନ୍ଦରୀ ପତ୍ନୀ ; ଏକକୁ ଆରେକ ବଳି ଏକାଧିକ ପୁତ୍ର। ଅଥଚ ସମୟର ସ୍ରୋତରେ ଦିନେ ସବୁ କିଛି ଓଲଟପାଲଟ ହୋଇଗଲା। ପ୍ରିୟତମା ପତ୍ନୀଙ୍କର ଅକାଳ ମୃତ୍ୟୁ ପରେ ବିରହ ବେଦନାରେ ଜଡ଼ସଡ଼ ତାଙ୍କ ଶରୀର ଉପରକୁ ଓହ୍ଲାଇ ଆସିଲା ଅକାଳ ବାର୍ଦ୍ଧକ୍ୟ। ନିଜ ପ୍ରିୟାଙ୍କ ମଧୁର ସ୍ମୃତିରେ ସମର୍ପିତ ସ୍ମୃତିସୌଧ ବିଶ୍ୱର ବିସ୍ମୟ ତାଜମହଲ ନିର୍ମାଣ କରି ମଧ୍ୟ ସେ ଏହାକୁ ଉପଭୋଗ କରିପାରି ନ ଥିଲେ। କାରଣ ଉଚ୍ଚାକାଂକ୍ଷୀ ପରାକ୍ରମୀ ପୁଅ ଆଉରଙ୍ଗଜେବ୍‌ଙ୍କ ଆଦେଶରେ ତାଙ୍କୁ ବନ୍ଦୀ କରି କାରାଗୃହରେ ନିକ୍ଷେପ କରାଯାଇଥିଲା। ଝଲକାଏ ବିଜୁଳି ଚହଟିଲା ପରି ଭଲ ସମୟ ଆସିଲା ଓ ତାଙ୍କ ଅଲକ୍ଷ୍ୟରେ ପୁଣି ଅପସରି ଯାଇ ତାଙ୍କୁ ହତାଶାର ଘନ ଅନ୍ଧକାର ମଧ୍ୟରେ ବୁଡ଼ାଇଦେଲା। ସମୟର ଆବର୍ତ୍ତରେ କେବଳ ସମ୍ରାଟ୍ ଶାହାଜାହାନ ନୁହନ୍ତି, ଏମିତି ବହୁ ଚରିତ୍ର ଆସନ୍ତି, ନିଜ ନିଜକୁ ଦୃଷ୍ଟାନ୍ତ ରୂପେ ପ୍ରତିପାଦିତ କରନ୍ତି ଓ ସମୟର ସ୍ୱରୂପକୁ ସୂକ୍ଷ୍ମଭାବେ ପ୍ରତ୍ୟକ୍ଷ କରିବା ପାଇଁ ଉତ୍ତରଦାୟାଦମାନଙ୍କୁ ଚେତାବନୀ ଦେଇ ଚାଲିଯା'ନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ଯେ, ବର୍ତ୍ତମାନକୁ ନିଜ ହାତମୁଠାରେ ବନ୍ଦୀ କରି ରଖିବାର ଦୁଃସାହସ କରୁଥିବା ଲୋକଙ୍କ ପାଇଁ ଏହି ଚେତାବନୀ ଶୁଣିବାକୁ ସମୟ ଥାଏ ନା ସ୍ପୃହା ଥାଏ! ଏ ପ୍ରସଙ୍ଗରେ ପ୍ରାଚୀନ ଲୋକକଥାର କାହାଣୀଟିଏ।

ନିଜ ଉଚ୍ଚ ଆଦର୍ଶ ଓ ମୂଲ୍ୟବୋଧ ପାଇଁ ଜଣେ ତ୍ରିକାଳଦର୍ଶୀ ଋଷିଙ୍କର ହୃଦୟ ଜିତିଥିବା ରାଜା ସଲୋମନଙ୍କୁ ଏକ ଦିବ୍ୟ ମୁଦ୍ରିକା ଉପହାର ଦେଇ ସେହି ସନ୍ନ୍ୟାସୀ କହିଲେ, "ରାଜନ୍! ଜୀବନର ସବୁଠୁ କଠିନ ମୁହୂର୍ତ୍ତରେ ଅବା କୌଣସି ବିଷମ ସଙ୍କଟରେ ଯେବେ ଆଗକୁ ସବୁ ରାସ୍ତା ବନ୍ଦ ହୋଇ ଯାଇଥିବ, ସେତେବେଳେ ଏହି ମୁଦିଟି ତୁମକୁ ରାସ୍ତା ଦେଖାଇବ।" ମୁଦିଟି ପାଇ ସଲୋମନ ପ୍ରୀତ ହେଲେ ସିନା, ସବୁ ଠିକ୍‌ଠାକ୍ ଚାଲୁଥିବାରୁ ମୁଦିଟିର ଚମତ୍କାରିତା ପରୀକ୍ଷା କରିବାକୁ କିଛି ଅବସର ପାଇଲେ ନାହିଁ। ବହୁ ବର୍ଷ ପରେ ପଡ଼ୋଶୀ ରାଜ୍ୟର ପରାକ୍ରମୀ ରାଜା ସଲୋମନଙ୍କୁ ଯୁଦ୍ଧରେ ପରାଜିତ କରି ତାଙ୍କ ରାଜ୍ୟ ଦଖଲ କରିନେବାରୁ ପ୍ରାଣ ବଞ୍ଚାଇ ସେ ରାଜ୍ୟ ଛାଡ଼ି ଜଙ୍ଗଲରେ ଆତ୍ମଗୋପନ କଲେ। ପରାଜୟର ଅପମାନ ଓ ଧରାପଡ଼ିବାର ଭୟଠୁଁ ମୁକୁଳିବା ପାଇଁ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଲେ। ଉଚ୍ଚ ପାହାଡ଼ ଶିଖରରୁ ତଳକୁ ଡେଇଁ ପ୍ରାଣ ବିସର୍ଜନ କରିବାକୁ ଗଲାବେଳେ ତାଙ୍କ ନଜର ପଡ଼ିଲା ଋଷିପ୍ରଦତ୍ତ ନିଜ ଆଙ୍ଗୁଠିର ସେହି ମୁଦିଟି ଉପରେ। ଋଷିଙ୍କ କଥା ମନେପଡ଼ିଗଲା। ସେ ମୁଦିଟିକୁ ଆଙ୍ଗୁଠିରୁ କାଢ଼ି ଏପଟସେପଟ ଦେଖୁଦେଖୁ ମୁଦି ମଧ୍ୟରୁ ଆବିଷ୍କାର କଲେ ମୁଦା କାଗଜଟିଏ। ସେ କାଗଜଟିକୁ ଖୋଲିଲେ ଓ ଦେଖିଲେ ଲେଖା ଅଛି ଛୋଟ ଏକ ଆଶ୍ୱାସନା– ଏ ସମୟ ବି ଚାଲିଯିବ। କହିବାବାହୁଲ୍ୟ, ଏକ ଭଲ ସମୟର ଭରସା ଦେଉଥିବା ଏହି ଦିବ୍ୟ ବାଣୀ ତାଙ୍କୁ ଆତ୍ମହତ୍ୟାରୁ ନିବୃତ୍ତ କଲା। ସେ ଜୀବନକୁ ନୂଆ ଭାବେ ଚିହ୍ନିବାକୁ ଚେଷ୍ଟା କଲେ ଓ ସେଇ ଜଙ୍ଗଲ ମଧ୍ୟରେ ବାସ କରିଥିବା ଭିଲ୍‌ମାନଙ୍କୁ ସଙ୍ଗଠିତ କରି ନିଜର ଏକ ସେନାବାହିନୀ ଗଢ଼ିଲେ ଓ ପରେ ପରେ ନିଜ ରାଜ୍ୟକୁ ଉଦ୍ଧାର କରିବାରେ ସମର୍ଥ୍ୟ ହେଲେ।

କାହାଣୀଟିର ଅନ୍ତିମ ଭାଗ କେବଳ ଭାବୋଦ୍ଦୀପକ ନୁହେଁ, ତାହା ଭିତରେ ରହିଛି ଏଇ ନିବନ୍ଧର ସିଦ୍ଧାନ୍ତ। ଆକ୍ରମଣକାରୀ ପଡ଼ୋଶୀ ରାଜାଙ୍କ ଉପରେ ବିଜୟ ଲାଭ କରି ଦ୍ୱିତୀୟବାର ରାଜ୍ୟାଭିଷେକ ପାଇଁ ପଟୁଆରରେ ବାହାରିଥାନ୍ତି ସଲୋମନ। ସାଙ୍ଗରେ ମନ୍ତ୍ରୀ, ସେନାପତି ଓ ସାମନ୍ତଙ୍କ ସହ ପ୍ରଜାବର୍ଗଙ୍କ ବିଶାଳ ପଟୁଆର। ସଭିଙ୍କୁ ହାତ ହଲାଇ ସମ୍ବର୍ଦ୍ଧନାର ଉତ୍ତର ଦେଉଦେଉ ଅଚାନକ ନିଜ ଆଙ୍ଗୁଠିର ସେଇ ମୁଦିଟି ଉପରେ ଦୃଷ୍ଟି ପଡ଼ିଗଲା ରାଜାଙ୍କର ଓ ମନେପଡ଼ିଗଲା ସନ୍ନ୍ୟାସୀଙ୍କର ସେଇ ପରମାର୍ଥକ ବାଣୀ– "ଏ ସମୟ ବି ଚାଲିଯିବ"। ବିଜୟୋଲ୍ଲାସରେ ଉତ୍‌ଫୁଲ୍ଲିତ ରାଜା ସମ୍ବିତ୍ ଫେରି ପାଇଲେ ଯେମିତି। ସେ ହାତୀ ଉପରୁ ତଳକୁ ଓହ୍ଲାଇ ଆସିଲେ ଓ ପ୍ରଜାବୃନ୍ଦଙ୍କ ସହ ଚାଲିଚାଲି ଆଗକୁ ବଢ଼ିବାକୁ ଲାଗିଲେ। କାହାଣୀଟିର ଭାବାର୍ଥ ଆଉ କେହି ବୁଝନ୍ତୁ କି ନ ବୁଝନ୍ତୁ, ଏଇ ନିବନ୍ଧଟିର ଆରମ୍ଭରେ ଉଲ୍ଲେଖ ଥିବା ଆମର ସେଇ ପୂର୍ବତନ ମନ୍ତ୍ରୀ ବୁଝିଥା'ନ୍ତେ ହେଲେ!

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,**
**ଚକେଇସିହାଣି, ଭୁବନେଶ୍ୱର-୧୦**
**ମୋ: ୮୮୯୫୬୭୨୪୧୦୫**

# ମନୁଷ୍ୟ ମଧ୍ୟରେ ପଶୁ ପ୍ରବୃତ୍ତି



ଡ. ପ୍ରମୋଦ କୁମାର ପଣ୍ଡା

ମନୁଷ୍ୟ ସବୁ ଜୀବଙ୍କ ମଧ୍ୟରେ ଶ୍ରେଷ୍ଠ। ମନୁଷ୍ୟର ବୁଦ୍ଧି ଓ ଜ୍ଞାନର ପରିସୀମା ଅନନ୍ତ ଆଡକୁ ବ୍ୟାପିଥାଏ। ମନୁଷ୍ୟ ନିଜ ବୁଦ୍ଧି ଓ ଜ୍ଞାନ ବଳରେ ତା'ର ଉପଯୋଗିତାରେ ଲାଗୁଥିବା ଜୀବଜନ୍ତୁ, ବୃକ୍ଷଲତା, ମୃତ୍ତିକା, ଜଳ, ବାୟୁମଣ୍ଡଳକୁ ବୁଝିବାରେ ସକ୍ଷମ ହୋଇଥିବା ବେଳେ ସେଗୁଡ଼ିକର ସଂରକ୍ଷଣ ପାଇଁ କେଉଁ ଆଦିମ କାଳରୁ ପ୍ରୟାସ କରିଆସିଛି। ତୁଳସୀ, ବେଲ ଆଦି ବୃକ୍ଷର ଔଷଧୀୟ ଗୁଣ ଥିବାରୁ ତାକୁ ଧର୍ମ ସହିତ ଜଡ଼ିତ କରିଛି। ସେହିପରି ଜୀବଜନ୍ତୁ ଯଥା ସିଂହ, ଷଣ୍ଢ, ନାଗ, ଗରୁଡ଼, ପେଚା, ମୟୂର, ହଂସ, ମୂଷା ପ୍ରଭୃତିଙ୍କର ସଂରକ୍ଷଣ ପାଇଁ ସେମାନଙ୍କୁ ଭଗବାନଙ୍କର ବାହନ ରୂପେ ପରିକଳ୍ପନା କରିଛି। ସମାଜରେ ପରସ୍ପରର ସୁଖ ଦୁଃଖରେ ସାମିଲ ହୋଇ ବସବାସ କରିବା ପାଇଁ ଗ୍ରାମ୍ୟ ଜୀବନର ପରିକଳ୍ପନା କରିଛି। ପୂର୍ବେ ଆମର ସାମାଜିକ ଜୀବନ ବି ଅତ୍ୟନ୍ତ ସୁନ୍ଦର ଥିଲା। ବିଭିନ୍ନ ପର୍ବପର୍ବାଣି ମାଧ୍ୟମରେ ପରସ୍ପର ମଧ୍ୟରେ ସୁସମ୍ପର୍କ ଗଢ଼ିଉଠୁଥିଲା। ସାମାଜିକ ରୀତିନୀତି ଯଥା ବିବାହ, ବ୍ରତ ଆଦି ପାଳନ ବେଳେ ଭୋଜିଭାତ ଦାରା ପରସ୍ପରର ନିବିଡ଼ତା ବଢୁଥିଲା। ଅନ୍ୟର ଦୁଃଖ ଅସୁବିଧା ସମୟରେ ଲୋକମାନେ ଅଣ୍ଟାଭିଡି ସହଯୋଗର ହାତ ବଢ଼ାଉଥିଲେ। ଯୌଥ ପରିବାରରେ ରୋଗ ବ୍ୟାଧି ଓ ବୃଦ୍ଧ ବୃଦ୍ଧାଙ୍କ ଯତ୍ନ ନେବା ପାଇଁ ପର୍ଯ୍ୟାପ୍ତ ସଦସ୍ୟ ରହୁଥିଲେ। ଜୀବନ ଅତି ଆନନ୍ଦରେ କଟୁଥିଲା। ପରେ ଆମର ସ୍ୱାର୍ଥକେନ୍ଦ୍ରିକ ଜୀବନର ଅୟମାରମ୍ଭ ହେଲା। ଆମ୍ଭେମାନେ ଅନ୍ୟର ସୁଖ ଦୁଃଖ ଅପେକ୍ଷା ନିଜ ସାର୍ଥ ସାଧନାରେ ବ୍ରତୀ ହେବାକୁ ଆରମ୍ଭ କଲେ। ପରିବାର ସଂଜ୍ଞା ମଧ୍ୟ ବଦଳିବାରେ ଲାଗିଲା। ଏପରିକି ବର୍ତ୍ତମାନର ଯୁବପିଢ଼ି, ନିଜ ପରିବାର ଅର୍ଥ କେବଳ ସାମୀ ସ୍ତ୍ରୀ ଓ ପୁଅ ଝିଅ ବୋଲି ବୁଝୁଛନ୍ତି। ବୃଦ୍ଧ ମାତାପିତାଙ୍କ ଯତ୍ନ ନେବାକୁ ଯୁବପିଢ଼ି ସମୟ ଓ ସମ୍ବଳର ଅପଚୟ ବୋଲି ବିବେଚନା କଲେଣି। ଦୁର୍ନୀତି ଓ ଭ୍ରଷ୍ଟାଚାର ନୂଆ ରୂପରେ ଉଭା ହୋଇଛି। ଆଶ୍ଚର୍ଯ୍ୟର କଥା ଯେ ଧନୀ ଓ ଶିକ୍ଷିତମାନେ ଅଧିକ ଭ୍ରଷ୍ଟାଚାରରେ ଲିପ୍ତ ରହୁଛନ୍ତି। ମାନବିକତା ବି ଲୋପ ପାଇଯାଉଛି। ରାଜ ରାସ୍ତାରେ କେହି ଅନ୍ୟମାନଙ୍କୁ ଆକ୍ରମଣ କରୁଥିବାବେଳେ ସାଧାରଣ ଜନତା ଦେଖଣାହାରୀ ସାଜିବା ଅତ୍ୟନ୍ତ ଦୁଃଖଦାୟକ। କେହି ବିପଦରେ ପଡ଼ିଥିବାବେଳେ ଅନେକେ ମୁହଁବୁଲାଇ ଚାଲିଯାଉଛନ୍ତି। ମାତ୍ର ପଶୁପକ୍ଷୀଙ୍କ ପାଖରେ ତା'ର ବିକଳ୍ପ ଆମେ ଡିସ୍କଭରି ଚ୍ୟାନେଲରୁ ଦେଖିବାକୁ ପାଉଛୁ। ଯଦି ଗୋଟିଏ ମଇଁଷିକୁ ବାଘ କିମ୍ବା ସିଂହ ଆକ୍ରମଣ କରେ ତା'ହେଲେ ମଇଁଷି ପଲ ପହଞ୍ଚି ତାକୁ ଉଦ୍ଧାର କରିଥାନ୍ତି। ଆଜିକାଲି ପଶୁପକ୍ଷୀମାନଙ୍କଠାରେ ମାନବତା ଦେଖିବାକୁ ମିଳିଲାଣି, ଯାହାକି ସାଧାରଣତଃ ସେମାନଙ୍କଠୁ ଅପେକ୍ଷିତ ନୁହେଁ। ମନୁଷ୍ୟ ପାଖରେ ନିଜେ ବଞ୍ଚିବା, ନିଜେ ଖାଇବା ଓ ନିଜ ପାଇଁ ସଞ୍ଚୟ ଭଳି ପଶୁ ପ୍ରବୃତ୍ତି ବଢ଼ିବାରେ ଲାଗିଛି।



ଆମ ଦେଶରେ ସାକ୍ଷରତା ହାର କ୍ରମଶଃ ବଢ଼ିବାରେ ଲାଗିଛି। ତା' ଛଡା ବିଭିନ୍ନ ଧର୍ମାନୁଷ୍ଠାନ ତାଙ୍କର ନୀତିବାଣୀ ଟିଭି, ରଡିଓ, ଇ-ଟ୍ୟୁବ୍, ଖବରକାଗଜ, ସଭାସମିତି ମାଧ୍ୟମରେ ଜୋରଦାର ପ୍ରଚାର କରୁଛନ୍ତି, କିନ୍ତୁ ଫଳ ଶୂନ। ଏପରିକି ବଳାତ୍କାର ଓ ଗଣବଳାତ୍କାର ଭଳି ପଶୁ ପ୍ରବୃତ୍ତି କ୍ରମଶଃ ସମାଜରେ ବଢ଼ିବାରେ ଲାଗିଛି। ସମାଜରେ ଶୃଙ୍ଖଳା, ସଂଯମତା, ଆଦର୍ଶବାଦର ଅଭାବ ଅନେକାଂଶରେ ପରିଲକ୍ଷିତ ହେଲାଣି। ମନୁଷ୍ୟ ଏକ ସାମାଜିକ ପ୍ରାଣୀ, ସମାଜର ପ୍ରତ୍ୟକ ସ୍ତରରେ ତାକୁ ଅନ୍ୟର ସହଯୋଗର ଆବଶ୍ୟକତା ପଡ଼ିଥାଏ। ଆମର ବିକାଶରେ ଯେଉଁମାନେ ସାହାଯ୍ୟ କରୁଛନ୍ତି, ସେମାନଙ୍କ ପାଇଁ ଆମର କର୍ତ୍ତବ୍ୟକୁ ମଧ୍ୟ ସମ୍ପାଦନ କରିବାକୁ ପଡ଼ିବ।

ବିବାହ କେବଳ ଶରୀର ସୁଖ ପାଇଁ ଉଦ୍ଦିଷ୍ଟ ନ ଥାଏ। ମିଳିମିଶି ପରସ୍ପର ଅସୁବିଧା ସମୟରେ ସାହାଯ୍ୟ କରିବା ଦ୍ୱାରା ଜୀବନ ମଧୁମୟ ହୋଇଥାଏ। ସ୍ୱାମୀ ସ୍ତ୍ରୀ ନିଜେ ନିଜେ ଖୁସି ଅନୁଭବ କରିବା ସହିତ ବୃଦ୍ଧ ମାତାପିତାଙ୍କର ଯତ୍ନ ଦ୍ୱାରା ଜୀବନର ଋଣ ପରିଶୋଧ ଏବଂ ପିଲାଙ୍କର ଲାଳନପାଳନ ଦ୍ୱାରା ମନୁଷ୍ୟ ପିଢ଼ିକୁ ସଂସ୍କାର ଦ୍ୱାରା ଆଗକୁ ବଢ଼ାଇବାର ପ୍ରକ୍ରିୟା ସମ୍ପାଦିତ କରିଥାନ୍ତି। ଫଳରେ ମନୁଷ୍ୟ ପିଢ଼ିର ପୃଥିବୀରେ ଅବସ୍ଥାନ ସୁନିଶ୍ଚିତ ହୋଇଥାଏ। ପରପିଢ଼ିକୁ ଆଗକୁ ବଢ଼ାଇବା ଜୀବଜଗତର ଏକ ସ୍ୱୟଂକ୍ରୀୟ ପ୍ରକ୍ରିୟା। କିନ୍ତୁ ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗିଯାଇ ଜୀବନ ହାରିବା ବି ଆଜିକାର ଯୁବା ପିଢ଼ିଙ୍କର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ଆମେ ଯଦି ଶହେ ବର୍ଷର ପୂର୍ବ ସ୍ଥିତିକୁ ତର୍ଜମା କରିବା, ଦେଖାଯିବ ଯେ ସେତେବେଳେ ଗରିବୀ, ଅଭାବ ଅନଟନ, ଖାଦ୍ୟାଭାବ, ରୋଗ ବ୍ୟାଧି, ମରୁଡ଼ି, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଇତ୍ୟାଦି କିଛି କମ୍ ନ ଥିଲା, ମାତ୍ର ଜନସାଧାରଣଙ୍କ ସହଣିଶକ୍ତି, ଏ ସବୁ ବିପଦରେ ନ ଭାଙ୍ଗିବା ପାଇଁ ପ୍ରଚୁର ସାହସ ଓ ସାମର୍ଥ୍ୟ ଦେଉଥିଲା। ଶୂନ୍ୟତା ଭିତରେ ଆଶା ସଞ୍ଚାର କରି ଉଜୁଡା ଘରକୁ ପୁଣି ସଜାଡ଼ି ନେଉଥିଲା ନିଜ ବୁଦ୍ଧି ବଳରେ। ଦୁଃଖ ଲାଗେ ଉଚ୍ଚଶିକ୍ଷିତ ରୋଜଗାର ସମ୍ପନ୍ନ ଯୁବାଗୋଷ୍ଠୀ ସାମାନ୍ୟ ବ୍ୟାପାରରେ ଦୋହଲିଯାଇ ମୂଲ୍ୟବାନ ଜୀବନ ହାରିବାକୁ ପଛାଉନାହାନ୍ତି। ପଶୁ ପାଖରେ ମାନବତା ଉଦ୍ରେକ ହେଉଥିବା ବେଳେ ମନୁଷ୍ୟଠାରେ ପଶୁର ପରିପ୍ରକାଶ ସଭ୍ୟତାର ବିକାଶ ପାଇଁ ଶୁଭଙ୍କର ନୁହେଁ। ଏହା ସଭ୍ୟତା ଅଭ୍ୟୁଦୟ ନିୟମର ବିପରୀତରେ ଯାଉନାହିଁ ତ ? ଆସନ୍ତୁ ସମସ୍ତେ ମିଶି ସମାଜରୁ ପଶୁ ପ୍ରବୃତ୍ତିର ବିଲୋପ ପାଇଁ ଚେଷ୍ଟା କରିବା।

**ମୋ-୮୯୧୭୪୨୬୪୦**

## ଏଇ ଭାରତରେ

୧୭ ବର୍ଷ ବୟସରେ ଏକ ରୋବୋ ନିର୍ମାଣ କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି କାନପୁରର ମହମ୍ମଦ ସୟଦ ଛାଥୋଥ୍। ସେ ଏବେ ଇ.କେ.ନାୟାନାର ମେମୋରିଆଲ ଗଭର୍ନମେଣ୍ଟ ଆୟର ସେକେଣ୍ଡାରୀ ସ୍କୁଲ, ଭେଙ୍ଗାଡର ଦ୍ୱାଦଶ ଶ୍ରେଣୀ କମ୍ପ୍ୟୁଟର ବିଜ୍ଞାନ ଛାତ୍ର। ୨୦୧୯ରେ କାନପୁର ରେସ୍ତୋରାଁରେ ଏକ ରୋବୋ ଖାଦ୍ୟ ପରଷୁ ଥିବା ସମୟରେ ସୟିଦ ତାହା ଦେଖିଥିଲେ। ପରେ ମା'ଙ୍କୁ ଘର କାମରେ ସହଯୋଗ କଲାଭଳି ସମାନ ଧରଣର ଏକ ରୋବୋ ତିଆରି କରିବା ଲାଗି ସେ ନିଷ୍ପତ୍ତି ନେଇଥିଲେ। ପରେ ସେ ଅନେକ ଭିଡିଓ ଅନୁସରଣ କରି ତାହାର ନିର୍ମାଣ ସମ୍ପର୍କିତ ଜ୍ଞାନ ହାସଲ କରିଥିଲେ। ଏକ ବର୍ଷ ମଧ୍ୟରେ ତାହାର ଏକ ମଡେଲ ବି ପ୍ରସ୍ତୁତ କରିନେଲେ। ପରେ ପୂର୍ଣ୍ଣାଙ୍ଗ ରୂପ ଦେଇ ରୋବୋ ନାମ ରଖିଛନ୍ତି 'ପାଟୋଟି'। ଏହା ତାଙ୍କ ପରିବାରକୁ ପ୍ରତିଦିନ ସକାଳୁ ଉଠାଇ ଦେଉଛି। ଯଦି କଫି ପ୍ରସ୍ତୁତ ହୋଇଥାଏ ତେବେ ତାହାକୁ ନେଇ ବେଡ ରୁମରେ ଦେଇ ଆସୁଛି। ଏହା ଅତିବେଶିରେ ୬କେ.ଜି. ଜିନିଷ ନେଇପାରୁଛି। ଏବେ ସୟିଦ ତାଙ୍କ ଶ୍ରେଣୀ ସାଥୀମାନଙ୍କ ସହ ଅଟୋମେଶନ ରୋବୋଟିକ୍ ଷ୍ଟାର୍ଟଅପ୍ ଆରମ୍ଭ କରିବାକୁ ଯୋଜନା କରିଛନ୍ତି। ସୟିଦ ଉକ୍ତ ରୋବୋକୁ ମାତ୍ର ୧୦,୦୦୦ ଟଙ୍କାରେ ନିର୍ମାଣ କରିଛନ୍ତି। ଏହାକୁ ନିର୍ମାଣ କରିବା ପୂର୍ବରୁ ସେ ଲାଇଟ, ଫ୍ୟାନ ଓ ଅନ୍ୟ ଇଲେକ୍‌ଟ୍ରିକାଲ ଉପକରଣଗୁଡ଼ିକର ନିୟନ୍ତ୍ରଣ ଲାଗି ଏକ ମୋବାଇଲ ଆପ୍ଲିକେଶନ ବିକାଶ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଅକ୍ଟୋବର ୧୯୯୭

- ତୁର୍କୀର କୋନାୟା ପ୍ରଦେଶରେ ବସ୍ ସହ ଏକ ଟ୍ୟାଙ୍କର ଧକ୍କା ଖାଇ ନିଆଁ ଲାଗିଯିବା ଫଳରେ ୪୮ ଯାତ୍ରୀ ଜୀବନ୍ତ ଦଗ୍ଧ।
- ଭାରତ ସରକାରଙ୍କ ସହ ବିବାଦ ନ ତୁଟିବା ପର୍ଯ୍ୟନ୍ତ ଜାପାନର ସୁଜୁକି ମୋଟର୍ସ କର୍ପୋରେସନ ମାରୁତି ଉଦ୍ୟୋଗ ଲିମିଟେଡ୍‌କୁ କୌଣସି ନୂଆ ମଡେଲ ଯୋଗାଇ ନ ଦେବାକୁ ଘୋଷଣା।

## ପାଠକ ଶ୍ରେଷ୍ଠ ବିଚାରକ

### ଆର୍ଥିକ ଅସମାନତା ଦେଶର ଗମ୍ଭୀର ସମସ୍ୟା

ମହାଶୟ,

ଆର୍ଥିକ ଅସମାନତା ଦେଶର ଏକ ଗମ୍ଭୀର ସମସ୍ୟା। ଧନୀ ଓ ଗରିବଙ୍କ ମଧ୍ୟରେ ଅର୍ଥନୈତିକ ବୈଷମ୍ୟ ଶୀର୍ଷସ୍ତରରେ ପହଞ୍ଚିଛି। ଏବେ ୧୦ ପ୍ରତିଶତ ଧନୀଙ୍କ ପାଖରେ ରହିଛି ୪୫ ପ୍ରତିଶତ ଜାତୀୟ ସମ୍ପତ୍ତି। ଅପର ପକ୍ଷରେ ୬୦ ପ୍ରତିଶତ ଲୋକଙ୍କ ପାଖରେ ଅଛି ମାତ୍ର ୬ ପ୍ରତିଶତ ଜାତୀୟ ସମ୍ପତ୍ତି। ୬୦ ପ୍ରତିଶତ ଲୋକଙ୍କର ସମ୍ପତ୍ତି ଯେତେ, ସେମାନଙ୍କ ଦ୍ୱାରା ନିର୍ବାଚିତ ନେତାଙ୍କର ସମ୍ପତ୍ତି ତା'ର ୧୪୩ ଗୁଣ। କରୋନା ମହାମାରୀ ସମୟରେ ଏହି ବୈଷମ୍ୟ ଅଧିକ ହୋଇଛି। ଏହି ସମୟରେ ଦେଶର ୯୮ ପ୍ରତିଶତ ଲୋକଙ୍କର ଆୟ ହ୍ରାସ ପାଇଥିବା ବେଳେ ଧନୀମାନେ ଅଧିକ ଧନୀ ହୋଇଛନ୍ତି। ୧୩୨ ଜଣ ଅରବପତିଙ୍କ ପାଖରେ ମୋଟ ୭୧, ୯୦୦ କୋଟି ଡଲାର ବା ୫୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ରହିଛି। ୯୮ ଜଣ ଅରବପତିଙ୍କ ପାଖରେ ୬୫, ୭୦୦ କୋଟି ଡଲାର ବା ୪୯ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। କେନ୍ଦ୍ର ସରକାର ଦେଶର ଜି.ଡି.ପି. ଅଭିବୃଦ୍ଧି ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଅଥଚ ଧନୀ ଓ ଗରିବଙ୍କ ମଧ୍ୟରେ ଅର୍ଥନୈତିକ ବୈଷମ୍ୟ ହ୍ରାସ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ନୀରବ। ସରକାର ବୁଝିବା ଦରକାର ଯେ, ଦେଶର ଜିଡିପି ଯେତେ ବଢ଼ି ଯିବ ଏଥିରେ ସାଧାରଣ ଜନତାଙ୍କର କିଛି ଲାଭ ନାହିଁ। ଧନୀ ଓ ସୁପର ଧନୀଙ୍କ ଅହେତୁକ ସମ୍ପତ୍ତି ବୃଦ୍ଧି ଜିଡିପି ଅଭିବୃଦ୍ଧିର ମୁଖ୍ୟ ଉତ୍ସ। ଏଥିରେ ଗରିବ ଓ ମଧ୍ୟବିତ୍ତଙ୍କ ଅବଦାନ ଶୂନ କହିଲେ ଭୁଲ୍ ହେବନାହିଁ। ଦେଶରେ ସୃଷ୍ଟ ସମ୍ପତ୍ତି ସମସ୍ତଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟି ହେଲେ ସାଧାରଣ ଲୋକଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିବ। ଆର୍ଥିକ ଅସମାନତାର ସମାଧାନ ଜରୁରୀ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଓଢ଼ନା ତଳରୁ ଚାହିଁବା ସେ ତ
ଅଧିକ ପାପ
ଧରାପଡ଼େ ତହୁଁ ଗୋପନ ସବୁ
ମନର ମାପ।

–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଆଜି ଦାୟିତ୍ୱ ନେବେ ଖାର୍ଗେ



ମଲ୍ଲିକାର୍ଜୁନ ଖାର୍ଗେ

## କଂଗ୍ରେସ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୫।୧୦ (ପି.ଟି.)

ନବନିର୍ବାଚିତ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ବୁଧବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ଏହି ଉତ୍ସବ ଲାଗି ଏଆଇସିସି ମୁଖ୍ୟାଳୟରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ୨୪ ବର୍ଷ ପରେ ଜଣେ ଅଣଗାନ୍ଧୀ ସର୍ବପୁରାତନ ଦଳର ନେତୃତ୍ୱ ନେବେ। ଦଳର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବେ। ଗତ ୧୭ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ଖାର୍ଗେ ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁରଙ୍କୁ ପରାସ୍ତ କରିଥିଲେ। ଏଆଇସିସି ମୁଖ୍ୟାଳୟ ଲନ୍‌ରେ ଟେଣ୍ଟ କରାଯିବା ସହ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠକୁ ପ୍ରସ୍ତୁତ କରାଯାଇଛି। ବୁଧବାର ଆୟୋଜନ ହେବାକୁ ଥିବା ଉତ୍ସବରେ ଦଳର କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରି ବରିଷ୍ଠ ନେତା ଖାର୍ଗେଙ୍କୁ ନିର୍ବାଚନ ସାର୍ଟିଫିକେଟ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ରହିବେ। ୮୦ ବର୍ଷୀୟ ଖାର୍ଗେ ପୂର୍ବରୁ କର୍ନାଟକ ବିଧାନସଭାରେ ବିରୋଧୀ ଦଳ ନେତା, ଲୋକ ସଭାରେ କଂଗ୍ରେସର ନେତା ଏବଂ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଥିଲେ। ଦଳ ବିଭିନ୍ନ ନିର୍ବାଚନରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବାବେଳେ ଖାର୍ଗେଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ଏହି ଦଳ ରାଜସ୍ଥାନ ଓ ଛତିଶଗଡ଼ରେ କ୍ଷମତାରେ ଥିବାବେଳେ ଝାଡ଼ଖଣ୍ଡରେ ଜେଏମ୍‌ଏମ୍ ସହ ମିଶି ସରକାର ଗଢ଼ିଛି। ନିର୍ବାଚନ ହେବାକୁ ଥିବା ହିମାଚଳପ୍ରଦେଶ ଓ ଗୁଜରାଟରେ କଂଗ୍ରେସକୁ କ୍ଷମତାକୁ ଫେରାଇବା ଖାର୍ଗେଙ୍କ ପାଇଁ ପ୍ରଥମ ଚ୍ୟାଲେଞ୍ଜ ହେବ। ନଭେମ୍ବର ୧୨ରେ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଗୁଜରାଟ ନିର୍ବାଚନ ତାରିଖ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ୨୦୨୩ରେ ୯ଟି ରାଜ୍ୟରେ ନିର୍ବାଚନ ରହିଛି। ଏଥିସହିତ ୨୦୨୪ ସାଧାରଣ ନିର୍ବାଚନ ଲାଗି ସବୁ ବିରୋଧୀ ଦଳଙ୍କୁ ଏକାଠି କରିବା ଖାର୍ଗେଙ୍କ ପାଇଁ ଅନ୍ୟତମ ବଡ଼ ଚ୍ୟାଲେଞ୍ଜ ହେବ।

# ଧଉଳି ଶାନ୍ତିସ୍ତୂପରେ ଗଛକଟାକୁ ନେଇ ଅସନ୍ତୋଷ

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ) ୨୫।୧୦

ରାଜଧାନୀରେ ଗଛକଟାକୁ ନେଇ ପୁଣି ବିବାଦ ଛିଡ଼ାହୋଇଛି। ପର୍ଯ୍ୟଟନସ୍ଥଳୀ ଶାନ୍ତିସ୍ତୂପ ଧଉଳି ଆସନ୍ତା ୨୮ତାରିଖରେ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି। ଦେଶ ବିଦେଶରୁ ବହୁ ବୌଦ୍ଧ ସାଧୁସନ୍ଥ ଏଥିରେ ଯୋଗଦେବାକୁ ଥିବାରୁ ଏହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୁଦ୍ଧଦେବଙ୍କ ବିଭିନ୍ନ ମୁଦ୍ରାରେ ଥିବା ପ୍ରତିମୂର୍ତ୍ତିରେ ପ୍ରଲେପ ଦିଆଯାଉଛି। ଏପରି କି ଶାନ୍ତିସ୍ତୂପର ସୌନ୍ଦର୍ଯ୍ୟକୁ ଦୂରରୁ ଉପଭୋଗ କିପରି କରିହେବ ସେଥିପାଇଁ ଏହାର ଚତୁଃପାର୍ଶ୍ୱରେ ଥିବା ଗଛଗୁଡ଼ିକୁ କଟାଯାଇଛି। ନିମ୍ବ, ବର, କରଞ୍ଜ, ଅଶ୍ୱତ୍ଥ, କୃଷ୍ଣଚୂଡ଼ା, ଶିମିଳି ଭଳି ପ୍ରାୟ ୨୦୦ ଔଷଧୀୟ ଏବଂ ଜଙ୍ଗଲି ଗଛକୁ ବନବିଭାଗ କାଟି ଥୁଣ୍ଟା କରିଚାଲିଛି। ଏପରି କି ସ୍ତୂପ ନିକଟ ଏବଂ ଶ୍ରୀ ଧବଳେଶ୍ୱର ପୀଠ ନିକଟ ଚଟାଣକୁ ନଷ୍ଟ କରୁଥିବା କେତେକ ଗଛକୁ ମୂଳରୁ କାଟି ଦିଆଯାଇଥିଲା। ତେବେ ଏଭଳି ଗଛକଟାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜନୈତିକ ଦଳଠାରୁ ଆରମ୍ଭ କରି ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କାରଣ ଧଉଳିକୁ ବର୍ଷସାରା ବିଭିନ୍ନ ସ୍ଥାନରୁ ବହୁ ପର୍ଯ୍ୟଟକ ଆସୁଥିବାବେଳେ ଏଠାରେ ଥିବା ବଡ଼ ବଡ଼ ଝଙ୍କାଳିଆ ବୃକ୍ଷର ଛାଇ ସେମାନଙ୍କୁ ତାତିରୁ ରକ୍ଷା କରିଥାଏ। ପାହାଡ଼ ଉପରେ ବୁଲିବା ପରେ ଲୋକମାନେ ଗଛତଳର ଛାଇରେ ଥକ୍କା ମେଣ୍ଟାଇଥାନ୍ତି। ହେଲେ ସୌନ୍ଦର୍ଯ୍ୟକରଣ ନାମରେ ପ୍ରଶାସନ ପକ୍ଷରୁ ଝଙ୍କାଳିଆ ଗଛକୁ କାଟି ଥୁଣ୍ଟା କରିଦିଆଯାଇଛି।





ଧଉଳି ଶାନ୍ତିସ୍ତୂପରେ ଗଛକଟା: ପୂର୍ବରୁ ଏବଂ ପରେ

## ସୌନ୍ଦର୍ଯ୍ୟକରଣ ପାଇଁ କରାଯାଉଛି, ରାଜନୀତି ନ ହେଉ

ଅପରପକ୍ଷରେ ଧଉଳି ସୌନ୍ଦର୍ଯ୍ୟକରଣ ନିମନ୍ତେ ଗଛ କଟାଯାଉନାହିଁ ବରଂ ୫୦ରୁ ୬୦ଟି ଗଛର ଶାଖା ପ୍ରଶାଖାକୁ କାଟି ଚତୁଃପାର୍ଶ୍ୱକୁ ସଫା କରାଯାଇଛି। ଗଛ କାଟିବା ଉପରେ କଟକଣା ଏବଂ ଆଇନ ରହିଥିବାରୁ କୌଣସି ଗଛକୁ ମୂଳରୁ କଟାଯାଇନାହିଁ ବୋଲି ଭୁବନେଶ୍ୱର ସିଟି ଡିଏଫ୍‌ଓ ଅଜିତ୍ କୁମାର ଶତପଥୀ କହିଛନ୍ତି।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଓଡିଆ ଜାତିର କୀର୍ତ୍ତି, ଗୌରବ ଓ ସ୍ୱର୍ଣ୍ଣିମ ଇତିହାସ ତଥା କଳିଙ୍ଗ ଯୁଦ୍ଧର ମୂକସାକ୍ଷୀ ଧଉଳି ଶାନ୍ତିସ୍ତୂପରେ ସରକାରଙ୍କ ବ୍ୟାପକ ଗଛକଟା ନିନ୍ଦନୀୟ। ଶାନ୍ତିସ୍ତୂପ ନିର୍ମାଣର ୫୦ବର୍ଷ ପୂର୍ତ୍ତି ପାଳନ ଅବସରରେ ସେଠାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟ ଓ ଦେଶ ବାହାରୁ ଅତିଥି ଆସିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଏହି କାର୍ଯ୍ୟକ୍ରମ ପାଇଁ ଧଉଳିର ପ୍ରାୟ ୩୦ ହଜାର ପୁରୁଣା ବୃକ୍ଷରାଜିକୁ କାଟିବାର କି ଆବଶ୍ୟକତା ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଏବଂ ରାଧାନାଥ ରଥ ବିଜେବି କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ସେଠାରେ ବୃକ୍ଷରୋପଣ କରିଥିଲେ। ସେବେଠାରୁ ବିଭିନ୍ନ ସମୟରେ ଧଉଳିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରିଆସୁଛୁ। ଏବେ ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ସରକାର ଏହାର ଉନ୍ନତୀକରଣ ପାଇଁ ପଦକ୍ଷେପ ନେଇଛନ୍ତି। ହେଲେ ଏହା ଦିଅଁ ଗଢୁ ଗଢୁ ମାଙ୍କଡ଼ ସଦୃଶ ହୋଇଛି ବୋଲି ସୁରେଶ କହିଛନ୍ତି। ୫୦ ବର୍ଷରୁ ଊର୍ଦ୍ଧ୍ୱ ଦିନର ଗଛକୁ କାଟିବା ସବୁଠାରୁ ଦୁଃଖଦାୟକ ଘଟଣା ବୋଲି ସୁରେଶ କହିଛନ୍ତି।

ଅନ୍ୟପଟେ ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି, ଗଛକୁ ବଞ୍ଚାଇ ରଖିବା ଲାଗି ଉଦ୍ୟମ ହେବା ଦରକାର। ହେଲେ ଓଡିଶା ସରକାର ସବୁବେଳେ ଗଛ କାଟିବାର ପରମ୍ପରାକୁ ଅଧିକ ଆପଣାଉଥିବା ଦେଖିବାକୁ ମିଳୁଛି। ନିକଟରେ ବିଧାୟକଙ୍କ ଲାଗି କ୍ୱାର୍ଟର୍ସ ନିର୍ମାଣ କରିବା ପାଇଁ ଏକ ଆପାର୍ଟମେଣ୍ଟ କାମ ସକାଶେ ଶହ ଶହ ଗଛକୁ କାଟିଦେଲେ। ଏବେ ପୁଣି ବର୍ଷ ବର୍ଷ ତଳର ପୁରୁଣା ଗଛକୁ କାଟିବାର ପ୍ରୟାସ ଆରମ୍ଭ କରିଛନ୍ତି। ଗଛ ସବୁବେଳେ ପରିବେଶକୁ ସୁନ୍ଦର ଏବଂ ସବୁଜିମା ରଖିଥାଏ। ଧଉଳିରେ ଗଛ ରଖି ମଧ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇପାରିବ। ଯେଉଁ ପର୍ଯ୍ୟଟକମାନେ ଆସୁଛନ୍ତି ସେମାନଙ୍କୁ ଖରାରୁ ତ୍ରାହି ମିଳୁଥିଲା, ହେଲେ ସେମାନେ ଏବେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଗୋଲକ କହିଛନ୍ତି। ଅପରପକ୍ଷରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଶାନ୍ତିସ୍ତୂପର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ କେବଳ ୩୦ରୁ ୪୦ ଗଛକୁ ଟ୍ରିମିଂ ଅର୍ଥାତ୍ ଗଛର ଶାଖାପ୍ରଶାଖାକୁ କାଣ୍ଟଛାଣ୍ଟ କରାଯାଇଛି। କୌଣସି ଗଛ କଟାଯାଉନାହିଁ। ଏବେ ଅନେକ ଗଛ କଅଁଳିଲାଣି। ୩ହଜାର ଗଛ କଟାଯିବା ନେଇ ହେଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ଅସତ୍ୟ। ଏହାଦ୍ୱାରା ଲୋକମାନଙ୍କୁ ବିଭ୍ରାନ୍ତ କରାଯାଉଛି। ଏହିଘଟଣାକୁନେଇ ରାଜନୀତି କରା ନ ଯାଉ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି।

# ୩୧ରେ ନବୀନ କରିବେ ପ୍ରଚାର

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

ଧାମନଗର ଉପନିର୍ବାଚନ ପାଇଁ ଏବେ ପ୍ରଚାର ସରଗରମ ରହିଛି। ଆସନ୍ତା ୩ ତାରିଖରେ ହେବାକୁ ଥିବା ମତଦାନ ନିମନ୍ତେ ନଭେମ୍ବର ୧ ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ପ୍ରଚାର ଶେଷ ହେବ। ୩୧ ତାରିଖରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀ ଅବନ୍ତୀ ଦାସଙ୍କ ପାଇଁ ଭର୍ଚୁଆଲ ମୋଡ୍‌ରେ ପ୍ରଚାର କରିବେ ବୋଲି ଜଣାପଡ଼ିଛି। ଧାମନଗର ଓ ତିହିଡ଼ି ବ୍ଲକ ସମେତ ଧାମନଗର ଏନ୍‌ଏସି ଅଞ୍ଚଳରେ ଏଲ୍‌ଇଡି ଲଗାଯାଇ ନବୀନଙ୍କ ପ୍ରଚାରକୁ ସଫଳ କରାଇବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ନବୀନ ଭର୍ଚୁଆଲ ମୋଡ୍‌ରେ ୨ ଦିନ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିପାରନ୍ତି ବୋଲି ସୂଚନା ମିଳିଛି। ତେବେ ଧାମନଗର ଉପନିର୍ବାଚନ ଫଳାଫଳ ଦାୟିତ୍ୱରେ ଥିବା ବିଜେଡିର କିଛି ନେତାଙ୍କ ପାଇଁ ଉଭୟ ସମ୍ମାନ ଓ ସେମାନଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିବ ବୋଲି ଚର୍ଚ୍ଚା ହେଉଥିବାରୁ ଦଳୀୟ ପ୍ରାର୍ଥୀ ଅବନ୍ତୀ ଦାସଙ୍କ ଜିତିବାକୁ ଯେନତେନ ପ୍ରକାରେ ସୁନିଶ୍ଚିତ କରିବାକୁ ବିଜେଡିର ପ୍ରଭାବଶାଳୀ ଗୋଷ୍ଠୀ ପୂରା ଦମ୍‌ରେ ଲାଗି ପଡ଼ିଥିବା ଜଣାପଡ଼ିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ଘରେ କାମ କରିବା ପାଇଁ ପୁରୁଷ ପିଲା ଆବଶ୍ୟକ
ରହିବା ଖାଇବା ସହ ଦରମା Rs.10,000/-
9437079727

REQUIREMENT
Post: Accountant
Experience: Minimum 1 Year
Qualification: Graduation with Tally
Only Male Candidate
CARE TRANSFORMER
Mancheswar Industrial Estate, Bhubaneswar
Mob:9861140540

ଆବଶ୍ୟକ
କଟକ, ଭୁବନେଶ୍ୱରରେ (Well & Pile) ବ୍ରିଜ କାର୍ଯ୍ୟ ପାଇଁ Experience Engineer, Supervisor, Security Incharge, Accountant, Site Incharge & Cooker ଏବଂ ଭୁବନେଶ୍ୱର ଅଫିସରେ କାର୍ଯ୍ୟ ପାଇଁ Computer Operator, Office Manager, Driver & Other Staff ଆବଶ୍ୟକ।
Ph:9937199625

See Career Appointment on every Wednesday & Saturday

JOB VACANCY
CELEX TECHNOLOGIES PVT. LTD. is hiring hardworking and honest people in the following cities: Bhubaneswar, Cuttack, Berhampur, Sambalpur, Balasore and Rourkela.
Positions available:
A. Delivery Boy with Two-Wheeler Earn upto Rs.20,000/- | B. Fitter for number plate affixing with two wheeler. Earn upto Rs.24,000/-
Walk in interview only in Bhubaneswar city.
Address: Plot No: 137, Chandrasekharpur District Center, Near Katos Gym, Monday to Saturday - 10 A.M. to 3 P.M.
Other cities call in number given below:
Contact number:9874799124 / 6292266575
Email Id :sailee@celex.co.in

ଭାରତୀୟ ଜନ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା
ନିମ୍ନ ଲିଖିତ ତାଲିକା ଅନୁଯାୟୀ ପଦବୀ ଗୁଡ଼ିକ ଓଡିଶାର ପ୍ରତ୍ୟେକ ଜିଲ୍ଲାର ଗ୍ରାମୀଣ କ୍ଷେତ୍ରରେ ଭର୍ତ୍ତି କରାଯିବ।

| | | | |
|---|---|---|---|
| 1. | ଡାକ୍ତରୀ ଅଧିକାରୀ | ଗ୍ରାଜୁଏସନ୍ | ୩୪,୪୦୦ - ୪୪,୦୦୦ |
| 2. | ଡାକ୍ତରୀ ସହାୟକ | ଗ୍ରାଜୁଏସନ୍ | ୩୨,୩୦୦ - ୪୮,୦୦୦ |
| 3. | ଡାକ୍ତରୀ କର୍ମଚାରୀ | ଦ୍ୱାଦଶ | ୨୮,୦୦୦ - ୪୨,୦୦୦ |
| 4. | କମ୍ପ୍ୟୁଟର ଅପରେଟର | ଦଶମ, ଡ଼ିପ୍ଲୋମା | ୨୬,୦୦୦ -୩୮,୦୦୦ |
| 5. | ଷ୍ଟୋର୍‌କିପର | ଦଶମ ପାସ୍ | ୨୨,୪୦୦ - ୩୪,୦୦୦ |
| 6. | GNM, ANM | ଦ୍ୱାଦଶ, ଡ଼ିପ୍ଲୋମା | ୨୨,୦୦୦ - ୪୨,୦୦୦ |
| 7. | ଡ୍ରାଇଭର | ଅଷ୍ଟମ ପାସ୍ | ୧୮,୦୦୦ - ୨୮,୦୦୦ |

ଆବେଦନ ଫର୍ମ କେବଳ ଅନଲାଇନ୍ ମାଧ୍ୟମରେ ଭରିବେ (ଫର୍ମ କଦାପି ଫାଙ୍କା ଛାଡନ୍ତୁ ନାହିଁ) ୱେବ୍‌ସାଇଟ୍ : www.bjsry.in, ବୟସ ସୀମା (୧୮ ରୁ ୪୨) ସମସ୍ତ ଜାତି ପାଇଁ ଅଟେ। Last Date : 30/10/2022

SOPHITORIUM GROUP OF INSTITUTIONS
SOPHITORIUM CAMPUS, COLLEGE ROAD, JATNI, KHURDA, ODISHA, PIN - 752050
Visit us at: www.sophitorium.net,
Mail us at: job.sophitorium@gmail.com
Call us at : 0674-2491300 / 2491400 / 2492614
Contact : 9437286554 / 9777533653
ADVERTISEMENT
Sophitorium Group of Instituitions, one of the premier group of Educational Institutions invite applications from academically brilliant candidates only for different positions in its academics and Research & Development positions
POSITIONS:
Professor/Associate Professor/Asst Professor/Research Associates/ Senior Research Fellow/Junior Research Fellow.
DEPARTMENTS:
Mathematics / Economics / English / Hotel Management / Tourism / MCA / MBA / Sociology / Engineering (Civil / Computer Sc. / Electrical / Electronics / Mechanical / Physics / Chemistry / Biotechnology / Social Work / Journalism and Mass Communication / M.Com.
NON-TEACHING POSITIONS:
Librarian / Office Asst. / Hardware & Networking / Lab Asst. (Physics / Chemistry / Mechanical / Civil / Electrical / Electronics / Comp.Sc / Biotechnology / Food Production)
ELIGIBILITY & SALARY :
As per AICTE / UGC / R & D Organizations norms
Interested candidates are advised to mail their applications along with resume & copy of Certificates

# ସିଇଓଙ୍କୁ ଫେରାଦ ହେଲେ ବିଜେଡି, ଭାଜପା

## ଧାମନଗର ଉପନିର୍ବାଚନ






ଭୋଟରଙ୍କୁ ଟଙ୍କାବଣ୍ଟା ଅଭିଯୋଗ ନେଇ ଉଭୟ ବିଜେଡି ଓ ଭାଜପା ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରାଯାଇଛି।

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

ଧାମନଗର ଉପନିର୍ବାଚନରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହେଉଛି। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଦେଇ ପ୍ରଲୋଭିତ କରାଯାଉଥିବା ନେଇ ଉଭୟ ଭାଜପା ଓ ବିଜେଡି ପରସ୍ପରକୁ ଦୋଷାରୋପ କରିଛନ୍ତି। ଏ ନେଇ ଉଭୟ ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି।

ଭାଜପା ଅଭିଯୋଗ କରିଛି ଯେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବିଜୁ ଜନତା ଦଳ ଖୋଲାଖୋଲି ଭାବେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଚାଲିଛି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ବିଭିନ୍ନ ବେଆଇନ କାର୍ଯ୍ୟରେ ଶାସକ ବିଜେଡିକୁ ଘଣ୍ଟ ଘୋଡାଉଛନ୍ତି। ନିଜେ ସିଇଓ ବାଡ ସାଜି, କ୍ଷେତ ଖାଇବା ଭଳି କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଧାମନଗର ଉପନିର୍ବାଚନ ଅବାଧ, ମୁକ୍ତ ଓ ନିରପେକ୍ଷ ହେବା ନେଇ ବିରାଟ ସନ୍ଦେହ ସୃଷ୍ଟି ହୋଇଛି। ଶାସକ ବିଜେଡି ନେତା, ମନ୍ତ୍ରୀ ଓ କର୍ମୀମାନଙ୍କ ଚାପରେ ସରକାରୀ କର୍ମଚାରୀମାନେ ବିଜେଡି ସପକ୍ଷରେ ଭୋଟ କରାଇବା ଦାୟିତ୍ୱରେ ନିୟୋଜିତ ଅଛନ୍ତି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି।

### ଭୋଟରଙ୍କୁ ପ୍ରଲୋଭନ ଅଭିଯୋଗ

ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ ଏହି ପ୍ରସଙ୍ଗରେ ଭାଜପା ପକ୍ଷରୁ ସିଇଓ, ଭଦ୍ରକ ଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କୁ ତଥ୍ୟ ଓ ପ୍ରମାଣ ସହିତ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏସ୍‌ଏଚ୍‌ଜି ଜରିଆରେ ଟଙ୍କା ବାଣ୍ଟିବାର ପ୍ରମାଣ ଦିଆଯିବା ସତ୍ତ୍ୱେ ସିଇଓ କିମ୍ବା ଜିଲାପାଳ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଧାମନଗର ଉପନିର୍ବାଚନ ପାଇଁ ବିଜେଡି ପ୍ରତ୍ୟେକ ପଞ୍ଚାୟତ ପାଇଁ ୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛି। ଏହାର ଭିଡିଓ ହାଟରେ ପଡ଼ି ଦାଣ୍ଡରେ ବୁଲୁଛି। ତଥାପି ସିଇଓ ଏବଂ ଜିଲାପାଳ ନୀରବଦ୍ରଷ୍ଟା ସାଜିଛନ୍ତି। ଉଭୟ ପ୍ରଶାସକ ବିଜେଡି ସପକ୍ଷରେ କାର୍ଯ୍ୟ କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଆଇନ ବିରୋଧୀ ବୋଲି ସମୀର ମହାନ୍ତି କହିଛନ୍ତି। ତାଙ୍କ ନେତୃତ୍ୱରେ ଏକ ଉଚ୍ଚ ପ୍ରତିନିଧି ଦଳ ଏ ନେଇ ସିଇଓଙ୍କୁ ଫେରାଦ ହୋଇଛି। ଗଣମାଧ୍ୟମରେ ପ୍ରସାରିତ ଭିଡିଓ ସମେତ ସମସ୍ତ ତଥ୍ୟ ଓ ପ୍ରମାଣ ସିଇଓଙ୍କୁ ପ୍ରଦାନ କରାଯାଇଛି। ସିଇଓ ନିଜ କ୍ଷମତାର ବ୍ୟବହାର କରି ଆଇପିସି ଧାରା ୧୭୧-ବି, ୧୭୧-ସି, ୧୭୧-ଇ, ୧୭୧-ଏଫ୍ ଏବଂ ଲୋକପ୍ରତିନିଧି ଆଇନ ୧୯୫୧ର ଧାରା ୧୨୩ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ପକ୍ଷରୁ ଦାବି କରାଯାଇଛି। ଆସନ୍ତା ୪୮ ଘଣ୍ଟା ଭିତରେ ସିଇଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଭାଜପା ପକ୍ଷରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବା ସହିତ ଭାରତର ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମହାନ୍ତି କହିଛନ୍ତି।

ଅନ୍ୟପକ୍ଷରେ ଧାମନଗର ଉପନିର୍ବାଚନରେ ଭାଜପା ପକ୍ଷରୁ ଟଙ୍କା ବଣ୍ଟାଯାଉଥିବା ନେଇ ବିଜେଡିର ୭ ଜଣିଆ ପ୍ରତିନିଧି ଦଳ ଭାଜପା ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ଧାମନଗର ଉପନିର୍ବାଚନରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଭାଜପା ନେତାମାନେ ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଦେଉଥିବା ବିଜେଡି ନେତା ଲେନିନ ମହାନ୍ତି ଅଭିଯୋଗ କରିଛନ୍ତି। ଗତ ପଞ୍ଚାୟତ ଓ ପୌର ନିର୍ବାଚନ ଏବଂ ବିଭିନ୍ନ ଉପନିର୍ବାଚନରେ ଭାଜପା ଏଭଳି କରୁଥିବା ଦୃଷ୍ଟାନ୍ତ ରହିଛି। ନିର୍ବାଚନ ହାରିଯିବା ଭୟରେ ଭାଜପା ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛି ବୋଲି ବିଜେଡି ଅଭିଯୋଗ କରିଛି। ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ସିଇଓଙ୍କୁ ବିଜେଡି ପକ୍ଷରୁ ଅନୁରୋଧ କରାଯାଇ ଦାବିପତ୍ର ଦିଆଯାଇଛି।

# ମୁକ୍ତ, ଅବାଧ ନିର୍ବାଚନକୁ ଗୁରୁତ୍ୱ

କଟକ ଅଫିସ,୨୫।୧୦

**ଡିଜିପିଙ୍କ ସମୀକ୍ଷା**
- ଷ୍ଟ୍ରଙ୍ଗ୍‌ରୁମ୍‌ରେ ଲାଗିବ ସିସିଟିଭି କ୍ୟାମେରା
- ନିୟୋଜିତ ହେବେ ୪ କମ୍ପାନୀ ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସ, ୨୦ ପ୍ଲାଟୁନ୍ ଏପିଆର୍, ୪୬ ମୋବାଇଲ ପାଟ୍ରୋଲିଂ ପାର୍ଟି

ଆସନ୍ତା ନଭେମ୍ବର ୩ରେ ଧାମନଗର ଉପନିର୍ବାଚନ। ଏଥିପାଇଁ ଡିଜିପି ସୁନୀଲ ବଂଶଲ ପୋଲିସ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ସ୍ୱଚ୍ଛ, ମୁକ୍ତ, ଅବାଧ ନିର୍ବାଚନ ଉପରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି। ଆଦର୍ଶ ନିର୍ବାଚନ ଆଚରଣ ବିଧି କଡ଼ାକଡ଼ି ପାଳନ କରାଯିବା ସହ ଭିଆଇପି ଓ ଭିଭିଆଇପିଙ୍କ ପରିଦର୍ଶନବେଳେ ପୋଲିସ ବ୍ୟବସ୍ଥା ସକ୍ରିୟ କରାଯିବା, ୧୦୭ ଓ ୧୧୦ ଧାରାରେ ବିଶୃଙ୍ଖଳା ସୃଷ୍ଟିକାରୀଙ୍କୁ ବାନ୍ଧିବା, ବେଆଇନ ଅସ୍ତ୍ରଶସ୍ତ୍ର, ମଦ ଜବତ ଓ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଥିବା ବ୍ୟକ୍ତିଙ୍କୁ ଧରିବା ଉପରେ ଡିଜିପି ଗୁରୁତ୍ୱ ଦେଇଛନ୍ତି। ଅତିରିକ୍ତ ଡିଜିପି (ଆଇନ ଶୃଙ୍ଖଳା) ଆର୍.କେ. ଶର୍ମା ସମଗ୍ର ନିର୍ବାଚନମଣ୍ଡଳୀରେ ପୋଲିସ ଅଧିକାରୀ ଓ କର୍ମଚାରୀ ନିୟୋଜନର ରୂପରେଖ, ମୋବାଇଲ ଓ ଫ୍ଲାଇଂ ସ୍କ୍ୱାଡ୍ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଉପନିର୍ବାଚନର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଇଜିପି ଓ ଏସ୍‌ପି ଙ୍କିନିଖି ତଦାରଖ କରିବାକୁ କହିଥିଲେ। ଉପନିର୍ବାଚନରେ ପୋଲିସ ପକ୍ଷରୁ ୪ କମ୍ପାନୀ ସେଣ୍ଟ୍ରାଲ ଆର୍ମଡ୍ ଫୋର୍ସ, ୨୦ ପ୍ଲାଟୁନ୍ ଏପିଆର୍, ୪୬ ମୋବାଇଲ ପାଟ୍ରୋଲିଂ ପାର୍ଟି, ୩ ଫ୍ଲାଇଂ ସ୍କ୍ୱାଡ୍ ଓ ୩ ଷ୍ଟାଟିଷ୍ଟିକାଲ ସର୍‌ଭେଲାନ୍ସ ଟିମ୍‌କୁ ନିୟୋଜିତ କରାଯାଇଛି। ଷ୍ଟ୍ରଙ୍ଗରୁମ୍‌ରେ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ(ଇଭିଏମ୍)କୁ ସୁରକ୍ଷିତ ଭାବେ ରଖାଯିବା ପାଇଁ ସିସିଟିଭି କ୍ୟାମେରା ଲଗାଯିବା ବ୍ୟବସ୍ଥା ହୋଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ଆୟୋଜିତ ସମୀକ୍ଷା ବୈଠକରେ ଆଇଜି (ମୁଖ୍ୟାଳୟ) ଏସ୍. ଦେବଦତ୍ତ ସିଂ, ଆଇଜି (ପର୍ସୋନେଲ) ଏସ୍. ପ୍ରବୀଣ କୁମାର, ଭଦ୍ରକ ଏସ୍‌ପି ଚରଣ ସିଂହ ମୀନା ଓ ଆଇଜି (ପୂର୍ବାଞ୍ଚଳ) ହିମାଂଶୁ ଲାଲ ପ୍ରମୁଖ ଯୋଗ ଦେଇଥିଲେ।




# ନିର୍ଣ୍ଣାୟକ ହେବ ୧୩ ପଞ୍ଚାୟତର ଭୋଟ

ଭଦ୍ରକ ଅଫିସ,୨୫।୧୦

ଧାମନଗର ଉପନିର୍ବାଚନ ଯେତେ ପାଖେଇ ଆସୁଛି ହାର୍‌ଜିତ୍‌କୁ ନେଇ ରାଜନୈତିକ ମହଲରେ ଉତ୍କଣ୍ଠା ସେତେ ବଢ଼ିଚାଲିଛି। ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ୧୩ ପଞ୍ଚାୟତର ଭୋଟ୍ ଏହି ଉପନିର୍ବାଚନ ଫଳାଫଳର ନିର୍ଣ୍ଣାୟକ ହେବ ବୋଲି ଚର୍ଚ୍ଚା ହେଉଛି। ତିହିଡ଼ି ବ୍ଲକର ତଳଗୋପବିନ୍ଧା, ବାରୋ, କୁବେରା, କାଁପଡ଼ା, ବୋଡ଼କ, ବିଲଣା, ଶ୍ୟାମସୁନ୍ଦରପୁର, ଗୁଆମାଳ, ଅଚକ, ତାଳପଦା, ନୟାନନ୍ଦ, ଦୋଳସାହି ଓ ପାଳିଆବିନ୍ଧା ଏହି ୧୩ ପଞ୍ଚାୟତର ୬୩ ହଜାରରୁ ଊର୍ଦ୍ଧ୍ୱ ଭୋଟରଙ୍କ ନିର୍ଣ୍ଣାୟକ ଭୂମିକା ଉପରେ ନିର୍ବାଚନର ଫଳାଫଳ ନିର୍ଭର କରୁଛି।

ତିହିଡ଼ି ବ୍ଲକର ୭ ନଂ. ଜୋନ୍ କାଁପଡ଼ା ପଞ୍ଚାୟତରେ ବିଜେଡି ପ୍ରାର୍ଥିନୀ ଅବନ୍ତୀ ଦାସ ଓ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କ ଘର। ଗତ ପଞ୍ଚାୟତ ନିର୍ବାଚନରେ ଏହି ପଞ୍ଚାୟତର ୨,୭୬୬ ଖଣ୍ଡ ଭୋଟ୍ ବିଜେଡିକୁ ମିଳିଥିବା ବେଳେ ୧,୨୯୮ ଖଣ୍ଡ ଭାଜପା ସପକ୍ଷରେ ଥିଲା। ଏଥର କିନ୍ତୁ ବିଜେଡିର ବିଦ୍ରୋହୀ ରାଜେନ୍ଦ୍ର ସ୍ୱାଧୀନ ପ୍ରାର୍ଥୀ ହୋଇଥିବାରୁ ଭୋଟ୍ ବିଭାଜନ ହେବା ସମ୍ଭାବନା ରହିଛି। ନିଜ ଗାଁରୁ ରାଜେନ୍ଦ୍ର ଅଧିକ ଭୋଟ ପାଇବେ ବୋଲି ଆଶା ରଖିଥିବା ବେଳେ ତାଙ୍କୁ ଚେକ୍ ଦେବା ପାଇଁ ବିଜେଡି ଗୋଟି ଚାଳନା ଆରମ୍ଭ କରିଛି। ଏହି ଜୋନ୍‌ରେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ, ଅବନ୍ତୀ ଓ ରାଜେନ୍ଦ୍ରଙ୍କ ମଧ୍ୟରେ ତ୍ରିମୁଖୀ ଟକ୍କର ହେବ ବୋଲି ଚର୍ଚ୍ଚା ହେଉଛି। ପଞ୍ଚାୟତ ନିର୍ବାଚନରେ ୧୩ ପଞ୍ଚାୟତରୁ ବିଜେଡି ୨୭,୮୨୫ ଭୋଟ ପାଇଥିବା ବେଳେ ଭାଜପା ୨୦,୮୧୫ ଭୋଟ ପାଇଥିଲା। ଯଦି ଏହି ୧୩ ପଞ୍ଚାୟତରୁ ଅଧିକ ଭୋଟ୍ ରାଜେନ୍ଦ୍ରଙ୍କୁ ମିଳେ, ତା'ହେଲେ ବିଜେଡି ପାଇଁ ଏହା ସମସ୍ୟା ହୋଇପାରେ। ଏଥିସହ ଧାମନଗର ବ୍ଲକ ଓ ଏନ୍‌ଏସିର ସଂଖ୍ୟାଲଘୁ ଭୋଟ୍ ସମସ୍ତଙ୍କ ନଜରରେ ରହିଛି। ଏନ୍‌ଏସି ଅଧୀନ ୧୧ ୱାର୍ଡରେ ୧୫ ହଜାର ଭୋଟର ରହିଛନ୍ତି। ସେହିପରି ବ୍ଲକର ଗୁଡୁପୋଖରୀ, ପନ୍ଦରବାଟିଆ, ପିତେଇପୁର, ଜାଫରପୁର, ବୟାଙ୍ଗଡିହୀ ଆଦି ଅଞ୍ଚଳରେ ୧୦ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାଲଘୁ ଭୋଟର। ଏହି ସଂଖ୍ୟାଲଘୁ ଭୋଟ୍ ଓ ତିହିଡ଼ି ବ୍ଲକର ୧୩ ପଞ୍ଚାୟତର ଭୋଟର ଉପନିର୍ବାଚନରେ ପ୍ରାର୍ଥୀଙ୍କ ବିଜୟ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହେବେ ବୋଲି ଆଲୋଚନା ହେଉଛି।




ଜଗତ୍ସିଂହପୁର ଅତାମାଳଠାରେ ପୂଜା ପାଉଥିବା ମା’ ଶ୍ୟାମାକାଳୀଙ୍କ ମୂର୍ତ୍ତି।

# ଉଗ୍ର ହେଉଛି ପାରାଦୀପ ବନ୍ଦର ଲେବର ଟ୍ରଷ୍ଟି ନିର୍ବାଚନ

ପାରାଦୀପ,୨୫।୧୦(ସ୍ୱ.ପ୍ର.)

ପାରାଦୀପ ବନ୍ଦର ବୋର୍ଡ ଅଫ ମେମ୍ବର(ଲେବର ଟ୍ରଷ୍ଟି) ନିର୍ବାଚନ ଆଉ ଦୁଇ ଦିନ ବାକି ଥିବାବେଳେ ପ୍ରଚାର ଓ ଆରୋପ ପ୍ରତ୍ୟାରୋପ ଉଗ୍ର ହୋଇଛି। ଏହା ମଧ୍ୟରେ କେତେକ ରୋଚକ ଘଟଣା ଘଟିଛି। ରବିବାର ରାତି ୧୧ ଟାରେ ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଗଲଫ ପଡିଆ ପାଖରେ୨ ୟୁନିୟନ କର୍ମକର୍ତ୍ତାଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମରଣାନ୍ତକ ଆକ୍ରମଣ ହୋଇଥିଲା। ଉଭୟପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଏପରିକି ଡାକରୀ ରିପୋର୍ଟ ଓ ଶରୀରର ବିଭିନ୍ନ ଅଙ୍ଗରେ ବ୍ୟାଣ୍ଡେଜ ବାନ୍ଧି ନିଜକୁ ଗୁରୁତର ଆହତ ବୋଲି ଦର୍ଶାଇଥିଲା। ପୋଲିସ ଉକ୍ତ ଘଟଣାରେ ୨ଟି ମାମଲା ରୁଜୁ କରିଛି। କିନ୍ତୁ କାହାକୁ କାହାରିକୁ ଗିରଫ କରିନାହିଁ। ଅପରପକ୍ଷେ ମଙ୍ଗଳବାର ସନ୍ଧ୍ୟାରେ ସେହି ୨ ୟୁନିୟନ ମଧ୍ୟରେ ଆପୋଷ ବୁଝାମଣା ପାଇଁ ଏକାଠି ବୈଠକ କରୁଥିବା ଖବର ମିଳିଛି।

ପାରାଦୀପ ଏରସମା ଶିଳ୍ପାଞ୍ଚଳ ୱାର୍କର୍ସ ୟୁନିୟନ ସଦସ୍ୟ ତଥା ବନ୍ଦର କର୍ମଚାରୀ ଦେବ ପ୍ରସାଦ ସାହୁ ରବିବାର ବିଳମ୍ବିତ ରାତି ୧୨ଟାରେ ଥାନାରେ ଅଭିଯୋଗ କରିଥିଲେ। ତାଙ୍କୁ ଭାରତୀୟ ମଜଦୁର ସଂଘର ସମ୍ପାଦକ ଶ୍ରୀକାନ୍ତ ରାୟ ଓ ସଭାପତି ରାକେଶ ପଟ୍ଟନାୟକ (ରାକା)ଓ ଅନ୍ୟ ୪ ଜଣ ଅଚିହ୍ନା ଯୁବକ ଗଲଫ ପଡିଆ ପାଖରେ ପହଞ୍ଚି ଅତର୍କିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ସେଥିରେ ତାଙ୍କର ମୁଣ୍ଡ ଓ କାନ୍ଧରେ ଗଭୀର ଆଘାତ ଲାଗିଛି। ଏହି ଘଟଣାରେ ପୋଲିସ ନଂ. ୩୪୮/୨୨ରେ ମାମଲା ରୁଜୁ କରିଛି। ସେହି ରାତି ୨ଟାରେ ମଜଦୁର ସଂଘ ସମ୍ପାଦକ ଶ୍ରୀକାନ୍ତଙ୍କ ଅଭିଯୋଗ କରିଥିଲେ ଯେ, ଦେବପ୍ରସାଦ ଓ

## ୟୁନିୟନ କର୍ମକର୍ତ୍ତାଙ୍କ ମଧ୍ୟରେ ଗଣ୍ଡଗୋଳ, ୨ ଆହତ


ଆହତ ହୋଇଥିବା ଦୁଇ ବ୍ୟକ୍ତି।

ତାଙ୍କ ୟୁନିୟନ ମୁଖ୍ୟ ବାପି ସର୍ଖେଲଙ୍କ ନିର୍ଦ୍ଦେଶରେ ଆସିଥିବା କେତେଜଣ ବ୍ୟକ୍ତି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ତାଙ୍କର ହାତ ଭାଙ୍ଗି ଯାଇଛି। ଏହି ଘଟଣାର ପୋଲିସ ନଂ. ୩୪୯/୨୨ରେ ମାମଲା ରୁଜୁ କରିଛି। ଏହାକୁ ନେଇ ସୋମବାର ଦିନତମାମ ଆରୋପ ପ୍ରତ୍ୟାରୋପ ଚାଲିଥିଲା। ସନ୍ଧ୍ୟାରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅକ୍ଷୟ କୁମାର ଦାସ, ଯୀଶୁଖ୍ରୀଷ୍ଟ ପ୍ରଧାନ ପ୍ରମୁଖ ଏକ ଦାବିପତ୍ର ଏଏସ୍‌ପି ନିମାଇଁ ଚରଣ ସେଠୀଙ୍କୁ ଦେଇଥିଲେ। ସେଥିରେ ଦର୍ଶାଇଥିଲେ, ସର୍ଖେଲଙ୍କ ଜରିଆରେ ପାରାଦୀପରେ ଅଶାନ୍ତ ହେଉଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ମଙ୍ଗଳବାର ପୋଲିସ ଉଭୟପକ୍ଷଙ୍କୁ ଡାକି ଆଲୋଚନା କରିଥିଲେ ହେଁ କାହାକୁ ଗିରଫ କରିନହଁ। ସନ୍ଧ୍ୟାରେ ଉଭୟପକ୍ଷ ସମାଧାନ ପାଇଁ ଆଲୋଚନା ସମ୍ପର୍କରେ ଶିଳ୍ପାଞ୍ଚଳ ୟୁନିୟନ ସମ୍ପାଦକ ସମୀର ବିଶ୍ୱାଳଙ୍କୁ ପଚାରିବରେ ସେ କୁହନ୍ତି, ସେମାନେ ଆସିଛନ୍ତି ଆମ ପାଖକୁ ସମାଧାନ କରିବାକୁ। ମଜଦୁର ସଂଘ ଶ୍ରୀକାନ୍ତ କୁହନ୍ତି, ଆମକୁ ଡାକୁଛନ୍ତି ଅଡୁଆ ତୁଟାଇବା ପାଇଁ। ସବୁଠାରୁ କୌତୁହଳ ହେଲା ଦୁଇଜଣ ମରଣାନ୍ତକ ଆକ୍ରମଣ ଶିକାର ସତ୍ତ୍ୱେ ପ୍ରଚାର ଚଳାଇଛନ୍ତି।

## ଲେବର ଟ୍ରଷ୍ଟି ନିର୍ବାଚନ ଏପାଖ ସେପାଖ

### ଆମ୍ବେଡକର ୟୁନିୟନକୁ ଗଲେ ପରେଶ

ପାରାଦୀପ,୨୫।୧୦(ସ୍ୱ.ପ୍ର.)

ପାରାଦୀପ ବନ୍ଦର ଲେବର ଟ୍ରଷ୍ଟି ନିର୍ବାଚନ ସମୀକରଣ ପ୍ରତି ଘଣ୍ଟାରେ ବଦଳୁଛି। ନିର୍ବାଚନ ଦୌଡରୁ ବାଦ୍ ପଡିଥିଲା ଭାଜପା ସମର୍ଥିତ ପୋର୍ଟ ମଜଦୁର ସଂଘ। ପ୍ରାର୍ଥୀପତ୍ର ଯାଞ୍ଚ ବେଳେ କାଗଜପତ୍ର ଠିକ୍ ନ ଥିଲା ବୋଲି ସେତେବେଳେ ନିର୍ବାଚନ ଅଧିକାରୀ ପ୍ରକାଶ କରିଥିଲେ। ଉକ୍ତ ସଂଘର ପ୍ରମୁଖ ଦାବିଦାର ଥିଲେ ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ। ସୋମବାର ପରେଶଙ୍କୁ ଡା. ବି. ଆର. ଆମ୍ବେଡକର ୱାର୍କର୍ସ ୟୁନିୟନ ଟ୍ରଷ୍ଟି କ୍ୟାଣ୍ଡେଟ ଭାବେ ପୋଷ୍ଟର ମାରିଛି। ଏପରି ଘୋଷଣା ପରେ ଆଉ ଦୁଇଟି ୟୁନିୟନ ଆଶା ମଉଳି ଯାଇଛି ବୋଲି ଚର୍ଚ୍ଚା ହେଉଛି।

### ଉତ୍କଳ ପୋର୍ଟ ୟୁନିୟନର ଇସ୍ତାହାର ଜାରି

ପାରାଦୀପ ବନ୍ଦର ଲେବର ଟ୍ରଷ୍ଟି ନିର୍ବାଚନରେ ଦୁଇ ଦଶନ୍ଧି ଧରି ଗୋଟିଏ ପଦ ହାସଲ କରୁଥିବା ଉତ୍କଳ ପୋର୍ଟ ଆଣ୍ଡ ଡକ ୱାର୍କର୍ସ ୟୁନିୟନ ମଙ୍ଗଳବାର ନିର୍ବାଚନ ଇସ୍ତାହାର ଜାରି କରିଛି। ୟୁନିୟନ ସମ୍ପାଦକ ବିଭୂତି ମହାରଣା ଦର୍ଶାଇଛନ୍ତି, ସଭାପତି ପ୍ରଭାତ ସାମନ୍ତରାୟଙ୍କ ଉଦ୍ୟମରେ ବିଗତ ଦିନରେ ଅନେକ କାମ ହୋଇଛି। ସେଥିରୁ ପ୍ରମୁଖ ହେଲା, ୨୦୦୧ରେ କେନ୍ଦ୍ର ସରକାର କର୍ମଚାରୀଙ୍କ ଅବସର ବୟସ ୬୦ରୁ ୫୮ବର୍ଷ କରିଥିଲେ। ଆମ ୟୁନିୟନ ସେତେବେଳେ ପ୍ରତିବାଦ କରି ଆଇନକୁ ସଂଶୋଧନ କରିଥିଲେ। ସେହିପରି ଅବସରପ୍ରାପ୍ତ କର୍ମଚାରୀଙ୍କ ଚିକିତ୍ସା ସୁବିଧା କରାଇବାଠାରୁ ଆରମ୍ଭ କରି ଅନେକ ଦୃଷ୍ଟାନ୍ତ ରହିଛି। ଚଳିତଥର ପରିବର୍ତ୍ତିତ ଆଇନ ଅନୁଯାୟୀ, ସଙ୍ଗଠନ ବନ୍ଦର କର୍ମଚାରୀ ଦିଲୀପ କୁମାର ବେହେରାଙ୍କୁ ଟ୍ରଷ୍ଟି ପ୍ରାର୍ଥୀ କରିବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ନିଶା ଖାଇ ଗାଡି ଚଳାଇ ୨ ଗିରଫ

ନାଉଗାଁ,୨୫।୧୦ (ସ୍ୱ.ପ୍ର.): ନାଉଗାଁ ଥାନା ଅନ୍ତର୍ଗତ ବ୍ଲକ ଛକ ନିକଟସ୍ଥ ମୁଗେଇ ଛକ ନିକଟରେ ଆଇଆଇସିଙ୍କ ନିର୍ଦ୍ଦେଶରେ ରବିବାର ଥାନା ପକ୍ଷରୁ ବାଇକ୍ ତନଖି ଜାରି ରହିଥିଲା। ଏହି ସମୟରେ ୨ ଜଣ ବ୍ୟକ୍ତି ମଦ୍ୟପାନ କରି ଗାଡି ଚାଳନା କରୁଥିବା ଜଣାପଡିଥିଲା। ତନଖି କରୁଥିବା ଏସଆଇ ରବିନାରାୟଣ ସେନାପତି ୨ ଜଣକୁ ଅଟକ ରଖି ମଦ୍ୟପାନ କରିଛନ୍ତି କି ନାହିଁ ବ୍ରିଥ ଆନାଲାଇଜର ମେଶିନ ଦ୍ୱାରା ପରୀକ୍ଷା କରିଥିଲେ। ଏଥିରୁ ଉଭୟ ମଦ୍ୟପାନ କରିଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ ଏସ୍ଆଇ ସେନାପତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ, ନୂଆଗାଁ ପଞ୍ଚାୟତ ଗନ୍ଧଣ ଗାଁର ସଞ୍ଜୟ ରାଉତ(୩୯)ଠାରୁ ୪୫ ମିଲିଗ୍ରାମ ମଦ୍ୟପାନ କରିଥିବା ଜଣାଯାଇଥିଲା। ସେ ଚଳାଉଥିବା ବାଇକ୍ ନଂ. ଓଡି ୨୧ ଜି ୫୬୧୯ର ଆବଶ୍ୟକ କାଗଜପତ୍ର ମାଗିବାରୁ ସଞ୍ଜୟ କିଛି ଦେଖାଇ ପାରି ନ ଥିଲେ। ତେଣୁ ଉକ୍ତ ବାଇକ୍‌କୁ ସିଜର ତାଲିକାରେ ପକାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି ପାଳପୋଖରୀ ଗାଁର ଦୀପକ ଦାସ(୩୭) ୬୪ ମିଲି ଗ୍ରାମ ମଦ୍ୟପାନ କରିଥିବା ଜଣାପଡିଥିଲା। ସେ ଚଳାଉଥିବା ବାଇକ୍ ନଂ. ଓଆର ୨୧ ବି ୨୨୧୦ର କାଗଜପତ୍ର ତନଖି ସମୟରେ କିଛି କାଗଜ ଦେଖାଇ ପାରି ନ ଥିଲେ। ତେଣୁ ଉକ୍ତ ବାଇକ୍‌କୁ ସିଜର ତାଲିକାରେ ପକାଯାଇଛି। ଥାନା ପକ୍ଷରୁ ନଂ.୨୩୩/୨୨ରେ ସଞ୍ଜୟ ଓ ନଂ. ୨୩୨ /୨୨ ରେ ଦୀପକଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅନିରୁଦ୍ଧ ନାୟକ କହିଛନ୍ତି।

### ଅଧ୍ୟାପକଙ୍କ ପିତୃ ବିୟୋଗ

ଆଳି,୨୫।୧୦(ଡି.ଏନ.ଏ.) : ଆଳି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ନିର୍ମଳ ସେନାପତିଙ୍କ ପିତା ସୂର୍ଯ୍ୟମଣିଙ୍କର ସୋମବାର ସକାଳେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ସେନାପତି ଦୀର୍ଘଦିନ ହେବ ଶାରୀରିକ ଭାବେ ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିଲେ। ତାଙ୍କ ପରଲୋକରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି। ସ୍ୱର୍ଗତ ସେନାପତିଙ୍କ ପରଲୋକ ଖବରପାଇ ଶିକ୍ଷାବିତ୍, ଅଧାପିକାଅଧାପକଙ୍କ ସମେତ ସାଧାରଣ ଲୋକମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ନାତି, ନାତୁଣୀ, ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ଅଧାପକ ନିର୍ମଳ ମୁଖାଗ୍ନି ଦେଇଥିଲେ।

# ଚୋରି କରୁଥିବା ଗ୍ୟାଙ୍ଗ ଠାବ, ୫ ଗିରଫ

## ୨ ଡାଲା ଅଟୋ, ବାଇକ୍, ନଗଦ ଟଙ୍କା ସହ ସାମଗ୍ରୀ ଜବତ

ରାଜନଗର, ୨୫।୧୦(ଡି.ଏନ.ଏ.)

ଦୀର୍ଘଦିନ ହେଲା ରାଜନଗର ଥାନା ଅଞ୍ଚଳରେ ଆତଙ୍କ ସୃଷ୍ଟି କରି ପୋଲିସ ଆଖିରୁ ନିଦ ହଜାଇ ଦେଇ ଚୋରି କରୁଥିବା ଗ୍ୟାଙ୍ଗ ମଙ୍ଗଳବାର ଧରାପଡିଛନ୍ତି। ଚଳିତବର୍ଷ ରାଜନଗର ଥାନାରେ ୩୦ଟି ଚୋରି ମାମଲା ହୋଇଥିବା ବେଳେ ଧରାପଡିଥିବା ଗ୍ୟାଙ୍ଗ ଅଧିକାଂଶ ମାମଲାରେ ସମ୍ପୃକ୍ତ ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ପୋଲିସ ୪ଜଣ ଅଭିଯୁକ୍ତ ଓ ଚୋରି ସାମଗ୍ରୀ କିଣି ଅନ୍ୟତ୍ର ବିକ୍ରି କରିଥିବା ଜଣଙ୍କୁ ମିଶାଇ ୫ ଜଣଙ୍କୁ ଗିରଫ କରିଛି। ଏହି ଗ୍ୟାଙ୍ଗର ଅନ୍ୟ ୩ ଜଣ ସଦସ୍ୟ ଫେରାର ହୋଇଯାଇଛନ୍ତି। ପୋଲିସ ଏମାନଙ୍କ ନିକଟରୁ ୪ଟି ୩୨ଇଞ୍ଚ ଏଲଇଡି ଟିଭି, ୨ଟି ଇନ୍‌ଭରଟର ସହ ବ୍ୟାଟେରି, ୭ଟି ଇଣ୍ଡେନ ଗ୍ୟାସ ଟାଙ୍କି, ଦୁଇଟି ପାଣି ମୋଟର, ୪ଟି ଚେୟାର, ଗୋଟିଏ ଗ୍ୟାସ୍‌ଷ୍ଟୋଭ ଏବଂ ନଗଦ ୨୦ହଜାର ଟଙ୍କା ଜବତ କରିଛି। ଏହି ଅଭିଯୁକ୍ତମାନେ ଚୋରି କରିବାକୁ ଯିବା ଓ ସାମଗ୍ରୀ ନେବା ଆଣିବା କରୁଥିବା ୨ଟି ଡାଲା ଅଟୋ ନଂ. ଓଡି୨୯ବି ୪୬୧୬, ନଂ. ଓଡି୦୨ଏଫ୍


ଖବରଦାତା ସମ୍ମିଳନୀରେ ପୋଲିସ ଦ୍ୱାରା ଗିରଫ ହୋଇଥିବା ୫ ଦୁର୍ବୃତ୍ତ।

୧୦୫୮, ଗୋଟିଏ ବାଇକ୍‌କୁ ପୋଲିସ ଜବତ କରିଛି। ଫେରାର ହୋଇଯାଇଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଏମାନଙ୍କୁ ଧରାଯିବା ସହ ଆହୁରି ବହୁତ ଚୋରି ସାମଗ୍ରୀ ଜବତ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତମାସ ୧୭ ତାରିଖରେ ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତାର ଗୁପ୍ତି ନିକଟରେ ଥିବା ରଞ୍ଜନ ବେହେରାଙ୍କ ଘରୁ ଦୁର୍ବୃତ୍ତମାନେ କବାଟ ଓ ଗ୍ରୀଲ କାଟି ଏବଂ ଆଲମିରା ଭାଙ୍ଗି ନଗଦ ୩୦ହଜାର ଟଙ୍କା, ଅନ୍ୟାନ୍ୟ କାଗଜପତ୍ର ଲୁଟି ନେଇଥିଲେ। ଗୁପ୍ତି ଚୋରି ଘଟଣାରେ ପୋଲିସ ମୋବାଇଲ ଟ୍ରାକିଂ ଓ ସିସିଟିଭି ଫୁଟେଜରୁ ରାଜନଗର ଗାଁର ସଂଗ୍ରାମ ମଲିକଙ୍କୁ ଉଠାଇ ଆଣିଥିଲା। ସଂଗ୍ରାମଙ୍କଠାରୁ ତଥ୍ୟ ସଂଗ୍ରହ ପରେ ତପନ ମଲିକ, ଅଜୟ ମଲିକ, ମାନସ ମଲିକ, ଅଶୋକ ମହାରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୪ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଅଶୋକ ସେମାନଙ୍କଠାରୁ ଗ୍ୟାସ ସିଲିଣ୍ଡର ନିୟମିତ ଭାବେ କିଣିବା ଓ ତାହାକୁ ଅନ୍ୟତ୍ର ବିକ୍ରି କରିବା ଘଟଣାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଏମାନେ ରାଜନଗର ଥାନା ଅଞ୍ଚଳରେ ନିୟମିତ ଭାବେ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର, ପଞ୍ଚାୟତ ଅଫିସ ଓ ବିଭିନ୍ନ ଲୋକଙ୍କ ଘରୁ ଚୋରି କରି ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଥିଲେ। ଥାନାରେ ନୂତନ ଆଇଆଇସି ଭାବେ ଶ୍ରୀକାନ୍ତ କୁମାର ବାରିକ ଯୋଗଦେବା ପରେ ଏହି ନିୟମିତ ଚୋରି କରୁଥିବା ଗ୍ୟାଙ୍ଗକୁ ଧରିବାକୁ ଯୋଜନା କରିଥିଲେ। ତାଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ଅଜୟ କୁମାର ସାହୁ ଓ ବିଭୁ ପ୍ରସାଦ ରାଉତ ବିଭିନ୍ନ ସ୍ଥାନରେ ଚଢାଉ କରି ୫ଜଣଙ୍କୁ ଧରିବା ସହ ବହୁ ଚୋରି ସାମଗ୍ରୀ ଜବତ କରିଛନ୍ତି।

### ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ

ବାଲିକୁଦା,୨୫।୧୦(ସ୍ୱ.ପ୍ର.)

ବାଲିକୁଦା ଅଞ୍ଚଳର ବିଶିଷ୍ଟ ତଥା ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ଗାନ୍ଧୀବାଦୀ ନେତା ବିଶ୍ୱନାଥ ଦାସ ଅସୁସ୍ଥ ହୋଇପଡ଼ିଛନ୍ତି। ଏବେ କଟକ ବଡ଼ ମେଡ଼ିକାଲରେ ସେ ଚିକିତ୍ସିତ ହେଉଛନ୍ତି। ସେପଟେ ଦାସଙ୍କ ଆଶୁ ଆରୋଗ୍ୟ କାମନା ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ଦୀପଦାନ କରାଯାଇଛି। ସଂସଦର ସଭାପତି କୈଳାସ ବିଶ୍ୱାଳ ଓ ସମ୍ପାଦକ ଅରୁଣ ମହାନ୍ତିଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ବାଲିମଠଠାରେ ଦୀପଦାନ କରାଯାଇ ତାଙ୍କ ନିରାମୟ ଜୀବନ କାମନା କରାଯାଇଥିଲା। ଏଥିରେ ରାଜ୍ୟ ତଥା ଜାତୀୟ ପୁରସ୍କୃତ ଅବସରପ୍ରାପ୍ତ କୃତି ଶିକ୍ଷକ ଡ. ବିଷ୍ଣୁଚରଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବାବନ ଚରଣ ସ୍ୱାଇଁ, ଉପସଭାପତି ପବିତ୍ର ମୋହନ ସାହୁ, ସ୍ୱେତ କୁମାର ସ୍ୱାଇଁ, ସରୋଜକାନ୍ତ ସ୍ୱାଇଁ, ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଥାଉକି, ବିଶ୍ୱନାଥ ଦାସ ଏବେ ୧୦୬ ବର୍ଷରେ ପଦାର୍ପଣ କରିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ଦାସ ନିଜକୁ ସକ୍ରୀୟ କରିଥିବା ବେଳେ ଏରସମା ଥାନା ପୋଡ଼ିଘଟଣାରେ ଜେଲ ଯାଇଥିଲେ।

### ନିଆଁ ଲାଗି ଜଳିଗଲା ଗୁହାଳ

ନାଉଗାଁ, ୨୫।୧୦(ସ୍ୱ.ପ୍ର.)

ନାଉଗାଁ ତହସିଲ ଡେରିକି ପଞ୍ଚାୟତସ୍ଥିତ ଗଙ୍ଗଦା (ବନ୍ଧମୁଣ୍ଡା) ଗାଁର ରବୀନ୍ଦ୍ର ବିଶ୍ୱାଳଙ୍କ ଗୁହାଳ ଘରେ ମଙ୍ଗଳବାର ସନ୍ଧ୍ୟାରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ସେମାନେ ସେଠାକୁ ଯାଇ ଗୁହାଳରେ ଥିବା ଗାଈ ଓ ଛେଳିଙ୍କୁ ଉଦ୍ଧାର କରିବା ସହ ପାଣି ପକାଇ ନିଆଁକୁ ଆୟତ କରିଥିଲେ। ହେଲେ ସେତେବେଳକୁ ଚାଳ ଛପର ଘରଟି ପୋଡି ଯାଇଥିଲା। କେଉଁ କାରଣରୁ ଗୁହାଳରେ ନିଆଁ ଲାଗିଲା ତାହା ଜଣାପଡିନାହିଁ। ରବୀନ୍ଦ୍ର ଜଣେ ଗୋଚାଷୀ ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସ୍ଥାନୀୟ ନିତ୍ୟାନନ୍ଦ ବିଶ୍ୱାଳ, ନରେଶ ସେଠୀ, ବିଜୟ ଜେନା, ଆଶିଷ ନାୟକ ଓ ଉମେଶ ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି।

# ଆଦ୍ୟାଶାଙ୍କୁ ମିଳିଲା ଇଣ୍ଡିଆ ବୁକ୍ ସାର୍ଟିଫିକେଟ



ଆଦ୍ୟାଶା ପାଇଥିବା ଇଣ୍ଡିଆ ବୁକ୍ ରେକର୍ଡର ସାର୍ଟିଫିକେଟ।

ପାରାଦୀପ,୨୫।୧୦(ସ୍ୱ.ପ୍ର.)

## ୩ ବର୍ଷୀୟା ନାବାଳିକାଙ୍କ ଅସାଧାରଣ ସ୍ମରଣଶକ୍ତି

ଜଗତ୍ସିଂହପୁର ଜିଲା ପାରାଦୀପ ପିପିଏଲ ଟାଉନଶିପରେ ରହୁଥିବା ଗଗନ ବିହାରୀ ସାହୁଙ୍କ ୩ ବର୍ଷୀୟା ଝିଅ ଆଦ୍ୟାଶାଙ୍କୁ ମିଳିଛି ଇଣ୍ଡିଆ ବୁକ୍ ରେକର୍ଡ ସାର୍ଟିଫିକେଟ। ତାଙ୍କର ଅସାଧାରଣ ସ୍ମରଣଶକ୍ତି ପାଇଁ ଏହି ସାର୍ଟିଫିକେଟ ମିଳିଛି ବୋଲି ତାଙ୍କ ବାପା ଗଗନ କହିଛନ୍ତି। ଆଦ୍ୟାଶାଙ୍କ ଜନ୍ମ ୨୦୧୯ ଅଗଷ୍ଟ ୨୬ ରେ। ଏହି ୩ ବର୍ଷ ବୟସରେ ସେ ୪୫ ଗାଡ଼ିର ନାମ କହି ପାରୁଛନ୍ତି। ୫୩ ପ୍ରଜାତିର ପକ୍ଷୀଙ୍କ ନାମ କହିବା ସହ ଚିହ୍ନି ପାରୁଛନ୍ତି। ୪୭ ପ୍ରକାର ଫଳର ନାମ କହିବା ସହ ଚିହ୍ନଟ କରିପାରୁଛନ୍ତି। ୬୬ ପ୍ରାଣୀଙ୍କ ନାମ, ୧୫ ପ୍ରକାର ପରିବା, ୧୧ ପ୍ରକାର ଆକାର(ସ୍ପେସ୍), ଶରୀରର ୨୮ ଅଙ୍ଗ, ୭୩ଟି ଦେଶର ରାଜଧାନୀ ନାମ, ଭାରତର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନାମ, ୭୧ ଶବ୍ଦର ପ୍ରତିଶବ୍ଦ, ୨୦ଟି ଦେଶର ଜାତୀୟ ପ୍ରତୀକର ନାମ, ୭୨ କବିତା ଆବୃତ୍ତି, ୮ଟି ଗ୍ରହର ନାମ, ୭ଟି ମହାଦୀପ ନାମ, ୫ଟି ମହାସାଗର ନାମ ଭଳି ଅନେକ ସାଧାରଣ ଜ୍ଞାନ ଅନର୍ଗଳ କହି ପାରୁଛନ୍ତି। ଏପରି ବିସ୍ମୟ ଶିଶୁଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ମା’ ବାପା ଓ ପିପିଏଲ ପରିବାର ନିଜକୁ ଭାଗ୍ୟବାନ ମନେ କରୁଛନ୍ତି ବୋଲି ଦର୍ଶାଇଛନ୍ତି। ଆଦ୍ୟାଶାଙ୍କ ପୈତୃକ ଗ୍ରାମ ଗଞ୍ଜାମ ଜିଲାରେ ବୋଲି ସୂଚନା ମିଳିଛି।

# ଏରସମା ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

ଏରସମା,୨୫।୧୦(ସ୍ୱ.ପ୍ର.):

ଏରସମା ବ୍ଲକର କାର୍ଯ୍ୟରତ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ମଙ୍ଗଳବାର ପଏଦା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଖବରଦାତା ସୁଶୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ଦେବାଶିଷ ପରିଜା, ଆଇନଜୀବୀ ପ୍ରତାପ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ନାଗୁ ଚରଣ ଦେବତାଙ୍କ ଉପସ୍ଥିତିରେ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ନୂତନ ସଭାପତି ଭାବରେ ଦୀପ୍ତି ଖଣ୍ଡୁଆଳ, ଉପସଭାପତି ଅରୁଣ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଜିତ ଦାସ, ସମ୍ପାଦକ ସ୍ମୃତି ରଞ୍ଜନ ମହାନ୍ତି, ସହ ସମ୍ପାଦକ ପ୍ରଫୁଲ୍ଲ ଦାସ, ରମାକାନ୍ତ ଦାସ, ସଙ୍ଗଠନ ସମ୍ପାଦକ ମନୋଜ କୁମାର ସାହୁ, କୋଷାଧ୍ୟକ୍ଷ ନରେଶ କୁମାର ସ୍ୱାଇଁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବରେ ସୁଶୀଲ କୁମାର ମହାନ୍ତି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଧୀରେନ୍ଦ୍ର କୁମାର ଚୌଧୁରୀ, ମହେଶ୍ୱର ସ୍ୱାଇଁ, ପାର୍ଥ ସାରଥି ରାଉତ, କେଶବ ପାତ୍ରଙ୍କ ସହ ଆଇନ ପରାମର୍ଶଦାତା ଭାବେ ପ୍ରତାପ ରାଉତ ମନୋନୀତ ହୋଇଥିଲେ। ଏଥିରେ ଅଂଶୁମାନ ମିଶ୍ର, ତୃପ୍ତି ରଞ୍ଜନ ମହାନ୍ତି, ରଞ୍ଜିତ କୁମାର ମଲ୍ଲିକ, ସୁବ୍ରତ କୁମାର ମଲ୍ଲିକ ପ୍ରମୁଖଙ୍କୁ ସଭ୍ୟ ଭାବରେ ମନୋନୀତ କରାଯାଇଛି।

# ସାରେଇକୂଳଠାରେ ମା’ ଶ୍ୟାମାକାଳୀ ପୂଜା

ନାଉଗାଁ,୨୫।୧୦(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ସାରେଇକୂଳଠାରେ ମା’ ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ସୋମବାରଠାରୁ ୩୬ତମ ମା’ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା’ଙ୍କର ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯିବା ସହ ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକମାଳାରେ ପୂଜା ମଣ୍ଡପକୁ ସୁସଜ୍ଜିତ କରାଯାଇଛି। ମା’ଙ୍କ ନିକଟରେ ଯଥାରୀତି ପୂର୍ବକ ପୂଜାର୍ଚ୍ଚନା କରାଯିବା ସହ ପ୍ରତ୍ୟହ ସନ୍ଧ୍ୟାରେ ବାବା ସତ୍ୟାନନ୍ଦ ଦାସଙ୍କ ଦ୍ୱାରା ଜଗନ୍ନାଥ ସଂସ୍କୃତିକୁ ନେଇ ଅଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରାଯାଉଛି। ମା’ଙ୍କର ଏହି ପୂଜା ଦେଖିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମଣ୍ଡପ ନିକଟରେ ଭିଡ ଜମାଉଥିବା ଦେଖିବାକୁ ମିଳିଛି। ଏହି ପୂଜାକୁ ସୁଚାରୁ ରୂପେ ଶିଖର ପଞ୍ଚାୟତର ବିଲିପଡା, ସାରେଇକୂଳ ଓ ଶିଖର ଗ୍ରାମବାସୀ ତଥା ମା’ ଶ୍ୟାମାକାଳୀ ପୂଜା କମିଟିର ସଦସ୍ୟମାନେ ପରିଚାଳନା କରୁଛନ୍ତି।

# ଜାଗିରପଡ଼ିଆ ଗ୍ରାମ ଦେବତୀ ପାଖକୁ ଯିବା ରାସ୍ତା ଅବରୋଧ


ଥାନାରେ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

ରଘୁନାଥପୁର,୨୫।୧୦(ଡି.ଏନ.ଏ.)

## ଥାନାରେ ଅଭିଯୋଗ କଲେ ଏସ୍ଏଚଜି ମହିଳା

ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଜାଗିରପଡ଼ିଆ ଗ୍ରାମ ଦେବତୀ(ରାମଚଣ୍ଡୀ ଠାକୁରାଣୀ) ପାଖ ଯାତାୟାତ ରାସ୍ତାକୁ ଅବରୋଧ କରାଯାଇଛି। ମଙ୍ଗଳବାର ଗ୍ରାମର ଏସ୍ଏଚଜି ମହିଳାମାନେ ରଘୁନାଥପୁର ଥାନାରେ ପହଞ୍ଚି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ତୁରନ୍ତ ଅବରୋଧ ମୁକ୍ତ କରିବା ସହ ଅବରୋଧକାରୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳାମାନେ ଦାବି କରିଛନ୍ତି। ଅଭିଯୋଗକାରୀ ମମତା ସାହୁ ଓ ପୁଷ୍ପଲତା ସାହୁଙ୍କ କହିବା ଅନୁଯାୟୀ, ଦୀର୍ଘ ୪୦ ବର୍ଷ ତଳୁ ଗ୍ରାମର ମହିଳାପୁରୁଷମାନେ ଉକ୍ତ ରାସ୍ତା ଦେଇ ଗ୍ରାମଦେବତୀଙ୍କ ପାଖକୁ ଯାଇଥାନ୍ତି। ୨ବର୍ଷ ହେଲା ଗ୍ରାମର ଜଣେ ବ୍ୟକ୍ତ ଓ ତାଙ୍କ ପୁଅମାନେ ଉକ୍ତ ରାସ୍ତାରେ ପାଇଖାନା ଟାଙ୍କି ପାଣି ଓ ଗାଈ ଗୁହାଳ ପାଣି ଛାଡୁଛନ୍ତି। ଉକ୍ତ ରାସ୍ତାରେ ମହିଳାମାନେ ସଞ୍ଜସଳିତା ନେଇଯିବା ପାଇଁ ଅସୁଖ ମଣୁଛନ୍ତି। ରାସ୍ତାକୁ ସଫା କରିବାକୁ ଯିବାବେଳେ ଉକ୍ତ ପରିବାର ଲୋକେ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ହାତକୁ ହାଣି ଦେବା ପାଇଁ ଧମକ ଦେଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏଣୁ ଗ୍ରାମବାସୀଙ୍କ ଉଚିତ ନ୍ୟାୟ ଦେବାକୁ ଲିପ୍ସା ସାହୁ, ରଶ୍ମିତା ସାହୁଙ୍କ ସମେତ ଗ୍ରାମର ଅନେକ ମହିଳା ଅନୁରୋଧ କରିଛନ୍ତି।

# ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ଯାତ୍ରା

ଜଗତ୍ସିଂହପୁର ଅଫିସ, ୨୫।୧୦

କଟକର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ଯାତ୍ରା ଅଭିଯାନ ଆରମ୍ଭ ହୋଇଛି। ଏଭଳି ଯାତ୍ରାର ଉଦ୍ଦେଶ୍ୟ ହେଉଛି ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ଆଦିଙ୍କ ସ୍ମୃତିଚରଣ କରିବା। ଅର୍ଥାତ୍ ସେମାନଙ୍କ ଜନ୍ମସ୍ଥାନରେ ପହଞ୍ଚି ମାଲ୍ୟାର୍ପଣ ସହ ଲୋକଙ୍କ ଭିତରେ ସଚେତନତା ବୃଦ୍ଧି କରିବା। ଏହି ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟରେ ଉତ୍କଳ ସାହିତ୍ୟ ସମାଜ ନବ ନିର୍ବାଚିତ କର୍ମକର୍ତ୍ତାମାନେ ଜଗତ୍ସିଂହପୁର ଜିଲା ଗସ୍ତ କରିଥିଲେ। ୧୭ ଜଣିଆ ପ୍ରତିନିଧି ଦଳ ପ୍ରଥମେ ନାଇଲୋସ୍ଥିତ ପଞ୍ଚଶଖା ଯଶୋବନ୍ତ ଦାଶଙ୍କ ପୀଠରେ ପହଞ୍ଚି ଥିଲେ। ସେଠାରେ ପଞ୍ଚଶଖା ଓ ଯଶୋବନ୍ତଙ୍କ ସ୍ମୃତିଚାରଣ ସହ ସେମାନେ ଆମମାନଙ୍କୁ ଦେଇଯାଇଥିବା ଅମୂଲ୍ୟ ବାର୍ତ୍ତାର ବାସ୍ତବତା ଉପରେ ବଖାଣି ଥିଲେ। ପରେ ଜାତୀୟ କବି ବୀର କିଶୋର ଦାସଙ୍କ ପୁନଙ୍ଗସ୍ଥିତ ଜନ୍ମ ସ୍ଥାନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହିଭଳି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି, ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ, ଜିରାସ୍ଥିତ କବି କମଳ ଲୋଚନ ବରାଳ, ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀ, ଗୋପବନ୍ଧୁ ଚୌଧୁରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ବିଶ୍ୱମ୍ଭର ପରିଡ଼ା, ବିଜୟ ମହାପାତ୍ର ଓ ଶିଶୁ ସାହିତ୍ୟିକ ଉଦୟନାଥ ଷଡଙ୍ଗୀଙ୍କ ଜନ୍ମ ମାଟିରେ ପହଞ୍ଚି ସେମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରତିନିଧି ଦଳରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଉପସଭାପତି ଜୀବନାନନ୍ଦ ଅଧିକାରୀ, ସାଧାରଣ ସମ୍ପାଦକ ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳଙ୍କ ସମେତ ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ଭିକାରୀ ବଳଙ୍କ ସ୍ତ୍ରୀ ଡ. ସୁନାମଣି ରାଉତଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶେଷରେ ଜଗତ୍ସିଂହପୁର ଅନ୍ୟତମ ସାହିତ୍ୟିକ ଡ. ଭୋଳାନାଥ ରାଉତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ବାସଭବନରେ ଏକ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ। ସମାଜର ଜିଲା ଆବାହିକା ଡ. ଜ୍ୟୋତିର୍ମୟୀ


ଜଗତ୍ସିଂହପୁରଠାରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆର୍ତ୍ତବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

## ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ,ସାହିତ୍ୟିକଙ୍କ ସ୍ମୃତିଚାରଣ

ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ସାହିତ୍ୟିକ ସୁରେନ୍ଦ୍ର ନାଥ ତ୍ରିପାଠୀ, ମନୋରମା ଦାଶ, ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ସମେତ ସ୍ୱର୍ଗତ ରାଉତଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ଏହି ଅବସରରେ ନବକାକଳି ପକ୍ଷରୁ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଡ. ନିରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହାପରେ ପ୍ରତିନିଧି ଦଳ ସାରଳା ଦାସଙ୍କ ସମାଧିପୀଠ ମୁନି ଗୋଷେଇଁ ମଠରେ ପହଞ୍ଚି ସ୍ମୃତିଚାରଣ କରିଥିଲେ। ଶେଷରେ ମଣିଜଙ୍ଗସ୍ଥିତ କଲ୍ୟାଣ ମଣ୍ଡପଠାରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା। ସେଠାରେ ନୂତନ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

ମାର୍ଶାଘାଇ, ୨୫।୧୦(ଡି.ଏନ.ଏ.): ମାର୍ଶାଘାଇ ଥାନା ଅନ୍ତର୍ଗତ ଜୟଚନ୍ଦ୍ରପୁରସ୍ଥ ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଶିବିର (ବାଳକ ବିଭାଗ) ଉଦ୍‌ଯାପିତ ହୋଇଯାଇଛି। ନିକଟସ୍ଥ ବଡ଼ଗାଁଠାରେ ଅନୁଷ୍ଠିତ ଏହି ଶିବିରକୁ ଅଧ୍ୟକ୍ଷ ଉମାକାନ୍ତ ଦାସ ଉଦଘାଟନ କରିଥିଲେ। ଶିବିରାର୍ଥୀ ଛାତ୍ରମାନେ ଗ୍ରାମରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିବା ସହ ପ୍ରତ୍ୟେକ ସନ୍ଧ୍ୟାରେ ପ୍ରାର୍ଥନା, ସଙ୍ଗୀତ, ଅନ୍ତାକ୍ଷରୀ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଉଦଯାପନୀ ଦିବସରେ ଜିଲା ପ୍ରୋଗ୍ରାମ ଅଫିସର ଡ. ପଦ୍ମଜା କବି ଶତପଥୀ ଓ ଅଧାପିକା ଶୈଳବାଳା ମହାନ୍ତି ଯୋଗଦେଇ ଶିବିରର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରୋଗ୍ରାମ ଅଫିସର ଶରତ କୁମାର ସେଠୀ, ଖେଳ ଶିକ୍ଷକ ଗଙ୍ଗାଧର ଦାସ,ତ୍ରିଲୋଚନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସପ୍ତାହବ୍ୟାପୀ ଆୟୋଜିତ ଏହି ଶିବିରରେ ମୋଟ ପଚାଶ ଛାତ୍ର ଭାଗ ନେଇଥିଲେ।

### ବଜ୍ରସୁନା ମଞ୍ଚ ପରିବାରର ପ୍ରସ୍ତୁତି ବୈଠକ

ମାର୍ଶାଘାଇ,୨୫।୧୦ (ଡି.ଏନ.ଏ.): ସ୍ଥାନୀୟ ବଡକୁଳ ଗ୍ରାମସ୍ଥ ବଜ୍ରସୁନା ମଞ୍ଚ ପରିବାରର ଆଗାମୀ ବର୍ଷ ମଞ୍ଚ ନାଟକ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜଗବନ୍ଧୁ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ଲୋକଙ୍କ ମାନସିକତାକୁ ସୁଧାର କରିବା ସହ କର୍ମମୟ ଜୀବନରେ ମନୋରଞ୍ଜନର ନାଟକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଅଧାପକ ସମୀର କୁମାର ରାଉତଙ୍କ ନିର୍ଦ୍ଦେଶନାରେ ଆଗାମୀ ବର୍ଷ ପ୍ରାରମ୍ଭରେ ୨ଟି ସାମାଜିକ ନାଟକ ମଞ୍ଚସ୍ଥ ହେବା ପାଇଁ ସ୍ଥିର ହୋଇଥିଲା। ପରିଚାଳକ ତୀର୍ଥବାସୀ ଓଝା ଧନ୍ୟବାଦ ଦେଇଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଡେରାବିଶ ୨୫।୧୦(ସ୍ୱ.ପ୍ର.):ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ନୁଆଗାଁ ଗ୍ରାମର ଧର୍ମପ୍ରାଣା ମହିଳା ଓ ବିଶିଷ୍ଟ ବୈଜ୍ଞାନିକ ଡ. ପ୍ରହ୍ଲାଦ ନାୟକଙ୍କ ମା' ଜତନୀ ନାୟକ (୯୮)ଙ୍କ ମଙ୍ଗଳବାର ଅପରାହ୍ନରେ ପରଲୋକ ହୋଇଯାଇଛି। ଜତନୀ ଅଞ୍ଚଳରେ ଜଣେ ଧର୍ମପ୍ରାଣା, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଭାବେ ଗ୍ରାମରେ ପରିଚିତ ଥିଲେ। ତେବେ ସୂର୍ଯ୍ୟପରାଗ ଅବସରରେ ପରିବାରରେ ରୋଷେଇ ବନ୍ଦ ଥିବାରୁ ଅପରାହ୍ନରେ ଜଳଖିଆ ଖାଇ ବିଶ୍ରାମ ନେଇଥିବା ବେଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ଜତନୀଙ୍କୁ ସ୍ଥାନୀୟ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଜତନୀଙ୍କ ମୃତ୍ୟୁ ଖବର ଜଣାପଡିବା ପରେ କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ, ପୂର୍ବତନ ସମିତିସଭ୍ୟ ଅଭିମନ୍ୟୁ ରାଉତଙ୍କ ସମେତ ବହୁ ଗ୍ରାମବାସୀ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଏକମାତ୍ର ପୁତ୍ର ବୈଜ୍ଞାନିକ ଡ. ନାୟକ ଓ ଦୁଇ ଝିଅଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଖବରପାଇ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# କେନ୍ଦ୍ରାପଡ଼ାରେ ଡେରା ପକାଇଛି କେରଳ ବସ୍

■କର୍ମନିଯୁକ୍ତି ଆଶୟୀଙ୍କୁ ଜିଲାରେ ମିଳୁନି କାମ

■ଉପାନ୍ତ ଅଞ୍ଚଳର ଯୁବବର୍ଗ ଜିଲା ଛାଡିବାକୁ ପ୍ରସ୍ତୁତ

କେନ୍ଦ୍ରାପଡ଼ା ଅଫିସ, ୨୫।୧୦

ଦୀପାବଳି ପର୍ବ ଶେଷ ହୋଇନାହିଁ। କେନ୍ଦ୍ରାପଡ଼ା ଜିଲାର ଗଣପର୍ବରେ ସାମିଲ ହେବାକୁ ପ୍ରବାସରୁ ଆସିଥିବା ଶ୍ରମିକ କର୍ମସ୍ଥଳକୁ ବାହୁଡିଲେଣି। ଏଥିପାଇଁ ବିଭିନ୍ନ ରାଜ୍ୟରୁ ବସ ଆସି ଜିଲାର ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ରାଜକନିକା ଆଦି ବ୍ଲକ ଅଞ୍ଚଳରେ ଡେରା ପକାଇଛନ୍ତି। ଏ ସମ୍ପର୍କରେ ରାଜନଗର ବ୍ଲକ ସାତଭାୟାର ସୁଦର୍ଶନ ରାଉତ କହିଛନ୍ତି, କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡ଼ା ଜିଲା ଏବେ ଭିତ୍ତିଭୂମି ଅଭାବରୁ କୃଷି କ୍ଷେତ୍ର ପଡିଆ ପଡୁଛି। ଜିଲାରେ ଖଣି ଓ ଶିଳ୍ପ ନାହିଁ। ୫୭ ହଜାରରୁ ଅଧିକ ଗ୍ରାଜୁଏଟ ଓ ବୈଷୟିକ ଜ୍ଞାନଧାରୀ ଜିଲା କର୍ମ ନିୟୋଜନ ବିଭାଗରେ ନିଜର ନାମ ପଞ୍ଜୀକରଣ କରିଥିଲେ ମଧ୍ୟ ନିଯୁକ୍ତି ନାହିଁ। ଜୀବନଧାରଣ ଓ ପରିବାର ପୋଷଣ ପାଇଁ ଜିଲା ବାହାରକୁ ଯୁବବର୍ଗଙ୍କୁ ଯିବାକୁ ପଡୁଛି। ଏହି ବାକ୍ୟଗୁଡ଼ିକ କେବଳ ସୁଦର୍ଶନଙ୍କର ନୁହେଁ, ବରଂ କେରଳ ବସରେ ଚଢୁଥିବା ବହୁ ଯୁବତୀଯୁବକଙ୍କ ମନର କଥା। ସାତଭାୟାର ଭରତ ବେହେରା କହିଛନ୍ତି, ସମୁଦ୍ର ତଟରେ ଘର ସହିତ ଚାଷ ଜମି ଥିଲା। ତଟକ୍ଷୟ ଯୋଗୁ ଏଠାରେ ଥିବା ୭ ଗ୍ରାମ ସମୁଦ୍ରରେ ମିଶିଯାଇଛି। ଗ୍ରାମରେ ଥିବା ୫୭୧ ପରିବାର ନିକଟସ୍ଥ ବଗପାଟିଆକୁ ସ୍ଥାନାନ୍ତର ହୋଇଛନ୍ତି। ପ୍ରତି ପରିବାରର ଥିବା ଚାଷ ଜମି କିଛି ସମୁଦ୍ରରେ ମିଶିଯାଇଛି। ଅନ୍ୟ ଜମି ସାତଭାୟାରେ ଥିଲେ ମଧ୍ୟ ବଗପାଟିଆକୁ ସ୍ଥାନାନ୍ତର ପରେ ଚାଷ ଜମି ବାବଦ ଅଦ୍ୟାବଧି କୌଣସି ଜମି ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇନାହିଁ। ସରକାରଙ୍କ ପକ୍ଷରୁ ମିଳୁଥିବା ରାଶନ ସାମଗ୍ରୀ ହୁଏତ ମାସକ ମଧ୍ୟରୁ ୧୫ ଦିନ ପେଟ ପୂରାଇବାରେ ସକ୍ଷମ। ତେବେ ଗରିବୀ ହଟାଇବାକୁ ପର୍ଯ୍ୟାପ୍ତ ନୁହେଁ। ଅହେତୁକ ଦରବୃଦ୍ଧି ସାଧାରଣ ଜୀବନଯାପନ ପ୍ରଣାଳୀକୁ ପ୍ରଭାବିତ କରିଛି। ପିଲାଙ୍କ ଆବଶ୍ୟକତା ଏଠାରେ ରହି ପୂରଣ କରି ହେଉନାହିଁ। କିଛି ଭଲ ରୋଜଗାର ଆଶାରେ ପ୍ରଥମଥର ପାଇଁ କେରଳ ଯାଉଥିବା ସେ ପ୍ରକାଶ କରିଛନ୍ତି। ଗୁପ୍ତିର ସରୋଜକାନ୍ତ ସ୍ୱାଇଁ କହିଛନ୍ତି, ଏର୍ଣ୍ଣାକୁଲମ ଜିଲା ପେରୁମଭୁରଠାରେ ଗୋଟିଏ ପ୍ଲାଇଉଡ କମ୍ପାନୀରେ ଚାକିରି କରନ୍ତି। ପ୍ରତିବର୍ଷ ଗଣେଶ ପୂଜା ପୂର୍ବରୁ ଘରକୁ ଫେରନ୍ତି। ଜିଲାର ଗଣପର୍ବ ଗଜଲକ୍ଷ୍ମୀ ଓ କାଳୀ ପୂଜା ପରେ କର୍ମସ୍ଥଳୀକୁ ଫେରନ୍ତି। ଜିଲାର କର୍ମ ନିୟୋଜନ ସମ୍ପର୍କରେ ସେ କୁହନ୍ତି, ପ୍ରାକୃତିକ ବିପର୍ଯ୍ୟୟ କୃଷି କ୍ଷେତ୍ର ପାଇଁ ବିପଦ ହୋଇଥିବା ବେଳେ ସରକାରୀ ପ୍ରୋତ୍ସାହନର ଅଭାବ ଅଛି। ଏଠାରେ ଅର୍ଥକରୀ ଫସଲ ଉତ୍ପାଦନ ହେଲେ ମଧ୍ୟ ବଜାର ମଣ୍ଡି ଓ ଶୀତଳ ଭଣ୍ଡାର ଅଭାବରୁ ଅଭାବୀ ବିକ୍ରି କରିବାକୁ ପଡେ। ସେହିପରି ଜିଲାରେ କୌଣସି କଳକାରଖାନା ନ ଥିବାରୁ ଯୁବବର୍ଗ କର୍ମନିଯୁକ୍ତି ପାଇଁ କେରଳ, ତାମିଲନାଡୁ, ସୁରଟ ଆଦି ଅଞ୍ଚଳକୁ ଯାଇଥାନ୍ତି। ଶ୍ରମିକଙ୍କ ସଂଖ୍ୟା ଏଠାରେ ଅଧିକ ଥିବାରୁ କମ୍ପାନୀ ପକ୍ଷରୁ ସେଠାକୁ ଯିବା ପାଇଁ ବସ୍ ବ୍ୟବସ୍ଥା କରାଯାଇଛି। ଜିଲାରେ ପର୍ଯ୍ୟାପ୍ତ କର୍ମ ନିଯୁକ୍ତି ମିଳିଲେ ଯୁବବର୍ଗ ୨୦୦୦ କିଲୋମିଟର ଦୂରକୁ କାହିଁକି ଯାଉଥାନ୍ତୁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଜନଗରର ଜଗନ୍ନାଥ ଦାସ କହିଛନ୍ତି, ପୂଜା ପରବର୍ତ୍ତୀ ସମୟରେ ବ୍ଲକ ଅଞ୍ଚଳରୁ ୬୦ରୁ ଊର୍ଦ୍ଧ୍ୱ ବସ କେରଳ, ତାମିଲନାଡୁ, ସୁରଟ ଆଦି ଅଞ୍ଚଳକୁ ଯାଉଛି। ପ୍ଲାଇଉଡ, ସୂତାକଳ, ମାଛ ଚାଷ ଆଦିରେ ଏମାନେ କାର୍ଯ୍ୟ କରୁଛନ୍ତି। ଦଶମ ପରୀକ୍ଷା ପରେ କର୍ମନିଯୁକ୍ତି ପାଇଁ ଘରୁ ଗୋଡ କାଢୁଥିବା ବେଳେ ଏଥିରେ ନାବାଳିକାଠାରୁ ମହିଳାଙ୍କୁ ମଧ୍ୟ ଦେଖିବାକୁ ମିଳୁଛି। ରାଜନଗର ସହିତ ମହାକାଳପଡ଼ା, ଆଳି, ପଟ୍ଟାମୁଣ୍ଡାଇ ଓ ରାଜକନିକା ବ୍ଲକ ଅଞ୍ଚଳରେ କର୍ମ ନିଯୁକ୍ତି ପାଇଁ ପ୍ରାୟ ୫୧ ପ୍ରତିଶତ ପରିବାର ଜିଲା ବାହାରକୁ ଯାଉଥିବା ଏକ ବେସରକାରୀ ସଂସ୍ଥା ଆକଳନ କରିଛି। ବହୁ ସମୟରେ ଏମାନଙ୍କ ନିର୍ଯାତନା କାହାଣୀ ଶୁଣିବାକୁ ମିଳୁଛି। ଜିଲାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ହେଲେ ଏହାର ସମାଧାନ ହୋଇପାରିବ। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସହଣୀ ଅର୍ଥକରୀ ଚାଷ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସ୍ୱାବଲମ୍ବୀ କରିପାରିବ ବୋଲି ସେ ପ୍ରକାଶ କରିଛନ୍ତି।



ରାଜନଗରରେ ଶ୍ରମିକମାନଙ୍କୁ ନେବା ଲାଗି କେରଳରୁ ଆସିଥିବା ଏକ ବସ୍।

### ଚାଷୀଙ୍କୁ ଗତବର୍ଷର କ୍ଷତିପୂରଣ ଦାବିରେ ୨୬ରୁ ଆମରଣ ଅନଶନ

ଏରସମା,୨୫।୧୦(ସ୍ୱ.ପ୍ର.)

ଗତବର୍ଷ ବର୍ଷା ବିପ୍ୟାତରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବିରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଆସନ୍ତା ୨୬ ତାରିଖରୁ ସ୍ଥାନୀୟ ତହସିଲ ସମ୍ମୁଖରେ ୬ ଜଣ ଚାଷୀ ଆମରଣ ଅନଶନ କରିବ। ସୂଚନା ଅନୁସାରେ, ଗତବର୍ଷ ସେପ୍ଟେମ୍ବରରେ ୩ ଦିନ ଧରି ଲଗାଣ ବର୍ଷା ହୋଇଥିଲା। ଜଳ ନିଷ୍କାସନ ହୋଇ ନ ପାରିବାରୁ ଧାନ ପଚି ଯାଇଥିଲା। ଏହାର କ୍ଷତିପୂରଣ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାଧ୍ୟ ହୋଇ ଅଖିଳ ଭାରତ କୃଷକ ସଭା ବ୍ଲକ ଶାଖା ପକ୍ଷରୁ ୬ ଚାଷୀ ଆମରଣ ଅନଶନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ବର୍ଷେ ବିତି ଯାଇଥିଲେ ମଧ୍ୟ ସହାୟତା ନ ମିଳିବାରୁ ପୁଣି ଆମରଣ ଅନଶନ କରାଯିବ ବୋଲି ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ ଜଣାଇଛନ୍ତି।

# ଅଭିଯୋଗ ପରେ ଖୋଲିଲା ନୂତନ ରାଶନ କେନ୍ଦ୍ର


ଗୁଆଳିପୁରଠାରେ ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ବଣ୍ଟା ଯାଉଛି।

### ଗୁଆଳିପୁରର ୪ ୱାର୍ଡବାସୀ ହେବେ ଉପକୃତ

ରଘୁନାଥପୁର,୨୫।୧୦(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଗୁଆଳିପୁରବାସୀଙ୍କ ପକ୍ଷରୁ ବିଡିଓ ଓ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ ପରେ ହାତପାଆନ୍ତାରେ ନୂତନ ରାଶନ କେନ୍ଦ୍ର ଖୋଲିଛି। ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଅଧିକୃତ ଏକମାତ୍ର ଡିଲର ଶ୍ୟାମସୁନ୍ଦର ଦାସ ପାଟେଣି ଗାଁରେ ଦୀର୍ଘଦିନ ଧରି ରାଶନ ସାମଗ୍ରୀ ଦେଇ ଆସୁଥିଲେ। ଏହି ସ୍ଥାନରୁ ୩ କିମି ଦୂରତ୍ୱରେ ଥିବା ଗୁଆଳିପୁର ଗ୍ରାମର ୪ ୱାର୍ଡବାସୀ ହଂସୁଆ ସଫେଇ ଓ ରେଳ ଷ୍ଟେଶନ ପାର ହୋଇ ରାଶନ ସାମଗ୍ରୀ ନେବାରେ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଥିଲେ। ଏପରିକି ଅସହାୟ ବ୍ୟକ୍ତି ଓ ବୃଦ୍ଧାବୃଦ୍ଧମାନେ ରାଶନ ସାମଗ୍ରୀ ପାଇଁ ଅଟୋରିକ୍ସା ଭଡାରେ ଆଣି ଅଧିକ ଖର୍ଚ୍ଚରେ ପଡୁଥିଲେ। ୪ମାସ ତଳେ ଗୁଆଳିପୁରବାସୀ ନିଜ ଗ୍ରାମରେ ଆଉ ଏକ ଡିଲର ନିଯୁକ୍ତି ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ। ଜଗତ୍‌ସିଂହପୁର ଉପଜିଲାପାଳ ମହେନ୍ଦ୍ର ମଲ୍ଲିକ ଗ୍ରାମବାସୀଙ୍କ ଅଭିଯୋଗକୁ ଗମ୍ଭୀରତାର ସହ ନେଇ ଚାରି ୱାର୍ଡବାସୀଙ୍କ ପାଇଁ ସ୍ୱତନ୍ତ୍ର ରାଶନ କେନ୍ଦ୍ର ଖୋଲିବା ଲାଗି ସ୍ୱୀକୃତିପ୍ରାପ୍ତ ଡିଲର ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବିବାର ଡିଲର ଦାସ ଉକ୍ତ ଗ୍ରାମକୁ ରାଶନ ସାମଗ୍ରୀ ନେଇ ବଣ୍ଟନ ଆରମ୍ଭ କରିଛନ୍ତି। ବଣ୍ଟନ ସମୟରେ ସରପଞ୍ଚଙ୍କ ସ୍ୱାମୀ ନୀହାର ରଞ୍ଜନ ସାହୁ, ସମିତି ସଭ୍ୟ କମଳାକାନ୍ତ ପରିଡା ଓ ବୟୋଜ୍ୟେଷ୍ଠ ମୁରବି ଜ୍ଞାନରଞ୍ଜନ ପଟ୍ଟନାୟକ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି। ସେହିପରି ତପନ କୁମାର ମହାରଣା, ବିନୋଦ ସେଠୀ, ଅଶୋକ ପଟ୍ଟନାୟକ, ସୁରେଶ ସାହୁ, ସ୍ମୃତିରଞ୍ଜନ ପଟ୍ଟନାୟକ, ହିତେନ୍ଦ୍ରନାଥ ପଟ୍ଟନାୟକ, ବିଶ୍ୱଜିତ ସ୍ୱାଇଁ, ଅଜିତ ମହାରଣାଙ୍କ ସମେତ ଗ୍ରାମବାସୀ ଏଥିରେ ଖୁସି ପ୍ରକଟ କରିଛନ୍ତି।

### ବାଇକ୍ ଧକ୍କାରେ ଜଣେ ମୃତ

କୁଜଙ୍ଗ, ୨୫।୧୦(ଡି.ଏନ.ଏ.)

ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଢିଙ୍କିଆ ଗାଁରେ ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଧ୍ୟାରେ ଢିଙ୍କିଆ ଗାଁର ଭ୍ରମର ମଲ୍ଲିକ(୪୫) ଓ ଜଇନ ମଲ୍ଲିକ(୪୦) ଶୌଚ ପାଇଁ ଶ୍ମଶାନକୁ ଯାଉଥିଲେ। ଢିଙ୍କିଆ ସ୍କୁଲ ପାଖରେ ଢିଙ୍କିଆ- ମାହାଳ ରାସ୍ତାରେ କୁଶନ ଓଝା ଦ୍ରୁତଗତିରେ ବାଇକ୍ ଚଳାଇ ଆସୁଥିବା ବେଳେ ଭମରଙ୍କୁ ପଛ ପଟରୁ ଧକ୍କା ଦେବା ଫଳରେ ସେ ଛିଟିକି ପଡିବାରୁ ଗୁରୁତର ହୋଇଥିଲେ। ତାଙ୍କୁ କୁଜଙ୍ଗ ଡାକ୍ତରଖାନା ଅଣା ଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କୁଜଙ୍ଗ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ବାଇକ୍ ଆରୋହୀ କୁଶନ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି।


ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ବଜାର କମିଟି ପକ୍ଷରୁ ମା' ଶ୍ୟାମାକାଳୀ ପୂଜା ମଣ୍ଡପ।

# ଗଛରୁ ପଡ଼ି ଯୁବକ ମୃତ

ବାଲିକୁଦା,୨୫।୧୦(ସ୍ୱ.ପ୍ର.)

ବାଲିକୁଦା ଥାନା ତିତିରା ପଞ୍ଚାୟତ ଦରଡ଼ାପାଟଣା ଗାଁରେ ଚାକୁଣ୍ଡା ଗଛରେ ଚଢ଼ି ଡାଳ କାଟୁଥିବା ବେଳେ ସୋମବର ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବୋରିକିନା ପଞ୍ଚାୟତ ଖଣ୍ଡପସା (ଜଆଁରା) ଗାଁର ସୁବ୍ରତ ପରିଡ଼ା(୪୫) ଓରଫ ବୁଲା। ବୁଲା ଗଛରୁ ପଡ଼ି ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ବେଳେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ବୁଲାଙ୍କର ୧୨ ବର୍ଷ ଓ ୧୩ ବର୍ଷର ଦୁଇଟି ପୁଅ ରହିଛନ୍ତି। ବୁଲା ହିଁ ତାଙ୍କ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ବୁଲା ମୃତ୍ୟୁ ପରେ ତାଙ୍କ ପରିବାର ବେସାହାରା ହୋଇ ପଡ଼ିଛନ୍ତି। ଖବରପାଇ ସ୍ଥାନୀୟ ସରପଞ୍ଚ ସାଗରୀକା ପରିଡା, ସମିତିସଭ୍ୟ ସୈଲେନ ରାୟ, ପୂର୍ବତନ ସରପଞ୍ଚ ସାଧୁ ଚରଣ ସାହୁ, ଭୀମସେନ ମୁଦୁଲି ପ୍ରମୁଖ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ମିଳିଥିବା ସୂଚନା ମୁତାବକ, ଦରଡ଼ାପାଟଣା ଗାଁର ନାରାୟଣ ବେହେରାଙ୍କ ବାଡ଼ିରେ ଥିବା ଏକ ଚାକୁଣ୍ଡା ଗଛକୁ ଜଣେ କାଠ ବ୍ୟବସାୟୀ କିଣି ନେଇଥିଲେ। ସେହି ଗଛକୁ ରବିବାର ସମ୍ପୃକ୍ତ କାଠ ବ୍ୟବସାୟୀ ବୁଲାକୁ ନେଇ କାଟୁଥିଲେ। ଏହି ସମୟରେ ଦୁର୍ଘଟଣା ଘଟିଥିଲା । ବୁଲାଙ୍କ ମୃତଦେହକୁ କଟକରୁ ଗାଁକୁ ଅଣାଯାଇ ଗାଁ ଶ୍ମଶାନ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ହୋମଗାର୍ଡଙ୍କୁ ଆକ୍ରମଣ ଘଟଣାରେ ୨ ଅଭିଯୁକ୍ତ ଗିରଫ

ନାଉଗାଁ,୨୫।୧୦(ସ୍ୱ.ପ୍ର.)

ନାଉଗାଁ ଥାନା ଅନ୍ତର୍ଗତ ଘୋଡାଂଶ ଛକ ନିକଟରେ କାର୍ଯ୍ୟରତ ୨ଜଣ ହୋମଗାର୍ଡଙ୍କୁ ରବିବାର ବିଳମ୍ବିତ ରାତିରେ ସ୍ଥାନୀୟ ୨ ଯୁବକ ଦୁର୍ବ୍ୟବହାର ଓ ଆକ୍ରମଣ କରିବାକୁ ନେଇ ହୋମଗାର୍ଡ ଯୋଗେନ୍ଦ୍ର କାଣ୍ଡି ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ନଂ. ୨୩୫/୨୨ରେ ମାମଲା ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ହୋମଗାର୍ଡ କାଣ୍ଡିଙ୍କ ଅଭିଯୋଗ ମୁତାବକ, ସେ ଓ ତାଙ୍କ ସାଥୀ ସୁରେନ୍ଦ୍ର ସେଠୀ ରବିବାର ଘୋଡାଂଶ ଛକରେ ରାତି ଡିୟୁଟି କରୁଥିଲେ। ବିଳମ୍ବିତ ରାତିରେ ସେହି ଗାଁର ସୂର୍ଯ୍ୟକାନ୍ତ ମହାନ୍ତି (୩୧) ଓ ସନ୍ଦୀପ ମହାନ୍ତି(୨୬) ମଦ୍ୟପାନ କରି ଅଶ୍ଳୀଳ ଭାଷାରେ ଉଚ୍ଚ ସ୍ୱରରେ ପାଟି କରୁଥିଲେ। ସେମାନେ ଦୁଇ ଯୁବକଙ୍କୁ ବୁଝାଶୁଝା କରିଥିଲେ। ଏଥି ସହ ଯୁବକ ଦ୍ୱୟ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ।

# କଣ୍ଡିଆ ହାଟରେ ମା' ଶ୍ୟାମାକାଳୀଙ୍କ ପୂଜା

ରାଜକନିକା, ୨୫।୧୦(ଡି.ଏନ.ଏ.)

ରାଜକନିକା ବ୍ଲକର ପଶ୍ଚିମକନିକାର ମୁଖ୍ୟ ବାଣିଜ୍ୟ କେନ୍ଦ୍ର କଣ୍ଡିଆ ହାଟରେ ମା' ଶ୍ୟାମା କାଳି ପୂଜା ସୋମବାର ଆରମ୍ଭ ହୋଇଛି। ଆଲୋକମାଳାରେ ପୂଜା ପେଣ୍ଡାଲ ଝଲସୁଛି। ତେବେ ବର୍ଷା ୩ ବାତ୍ୟା ଟଳି ଯାଇଥିବାରୁ ସନ୍ଧ୍ୟା ବେଳେ ପ୍ରବଳ ଭିଡ ଲାଗି ରହୁଛି। ତେଣୁ ଭିଡକୁ ନିୟନ୍ତ୍ରଣ କରିବାକ । ଫାଣ୍ଡିର ପୋଲିସ ସହାୟତା ନିଆଯାଇଛି। ପୋଲିସର କଡା ପ୍ରହାର ଯୋଗୁ ଗଣ୍ଡଗୋଳ ନାହିଁ। ଶିଳ୍ପି କଣ୍ଡିଆର ଅଭିରାମ ବିଦ୍ଧାଣୀ କାଳି ମୂର୍ତ୍ତି ନିର୍ମାଣ କରିଥିବାବେଳେ ଅନ୍ୟ ପାର୍ଶ୍ୱମୂର୍ତ୍ତି ଗଠନ କରିଛନ୍ତି। ସାମାଜିକ କର୍ମୀ ବୃନ୍ଦାବନ ମଳିକ ପୌରୋହିତ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତେଣୁ ନମତରା, ଦେଉଳତରା, କଣ୍ଡିଆ, ଚରପଡା, ଠାକୁରାଣିପାଳ, ଅବଦୁଲପୁର, ପାରି ନୂଆପଡା, ପଣସଗଣ୍ଡ, ପଧାନପଡା , ହାଟସାହି, ଆଳି ବ୍ଲକର ଅରଗଳର ଶତାଧିକ ଶ୍ରଦ୍ଧାଳୁ ମା' କାଳିଙ୍କୁ ଦେଖିବା ପାଇଁ ଭିଡ ଜମାଉଛନ୍ତି। କଣ୍ଡିଆ ହାଟରେ ଶତାଧିକ ଦେକାନ ବଜାର ପଡିଛି। ସେହିପରି ନମତରା ଓ ବରିପଡା ମା'ଶ୍ୟାମା କାଳି ମୂର୍ତ୍ତି ପୂଜା ପାଉଛନ୍ତି।


ପୂଜା ପାଉଥିବା ମା' କାଳୀଙ୍କ ମୃଣ୍ମୟ ମୂର୍ତ୍ତି।

# ଅଁଳାବାଙ୍କରେ ମା' ଶ୍ୟାମାକାଳୀ ପୂଜା

ଡେରାବିଶ ୨୫।୧୦(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଅଁଳାବାଙ୍କଠାରେ ସୋମବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଛି ମା' ଶ୍ୟାମାକାଳୀଙ୍କ ପୂଜା। ବହୁ ପ୍ରାଚୀନ ଏହି ପୂଜା ଉତ୍ସବ ପାଇଁ ଅଁଳାବାଙ୍କସ୍ଥିତ ମହାକାଳୀ ଆଶ୍ରମ ଉତ୍ସବ ମୁଖର ହୋଇଉଠିଛି। ଦୁଇବର୍ଷ ହେବ କରୋନା କଟକଣା ପାଇଁ ଏହି ପୂଜା ମଣ୍ଡପ ଭକ୍ତଶୂନ୍ୟ ହୋଇପଡ଼ିଥିବା ବେଳେ ଚଳିତବର୍ଷ ମଙ୍ଗଳବାର ସୂର୍ଯ୍ୟୋପରାଗ ପାଇଁ ପୂଜା ମଣ୍ଡପ ଖାଁ ଖାଁ ଲାଗିଥିଲା। ପରାଗ ପାଇଁ ଦେବନୀତି ବନ୍ଦ ରହିଥିବାରୁ ବୁଧବାର ସକାଳେ ସୂର୍ଯ୍ୟ ଉଦୟ ପରେ ମା'ଙ୍କ ନିକଟରେ ସମସ୍ତ ପୂଜା ନୀତି ଅନୁଷ୍ଠିତ ହେବ ବୋଲି ଆଶ୍ରମର ମୁଖ୍ୟ ତତ୍ତ୍ୱାବଧାରକ ଦେବବ୍ରତ ଆଚାର୍ଯ୍ୟ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ସତ୍ୟବ୍ରତ ଆଚାର୍ଯ୍ୟ, ମରୁତ ସ୍ୱାଇଁ, ଦେବେନ୍ଦ୍ର ନାୟକ, ଶ୍ରୀଧର ନାଥ ପ୍ରମୁଖଙ୍କ ସମେତ ଅଁଳାବାଙ୍କ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଛନ୍ତି। ସେହିପରି ବ୍ଲକର ଏଣ୍ଡରଠାରେ ମା' ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହେଉଛି।


ଅଁଳାବାଙ୍କଠାରେ ପୂଜା ପାଉଥିବା ମା' ଶ୍ୟାମାକାଳୀଙ୍କ ମୂର୍ତ୍ତି।

# ବ୍ଲକ କଲୋନୀରୁ ୫ ଶିଶୁଗଛ କଟାକୁ ନେଇ ଉତ୍ତେଜନା

■ବନ ବିଭାଗ କିଛି ଜାଣିନି କି ରାଜସ୍ୱ ବିଭାଗ ପାଖରେ ହିସାବ ନାହିଁ

■ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ

ପଟ୍ଟାମୁଣ୍ଡାଇ, ୨୫।୧୦(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ କଲୋନୀ ମଧ୍ୟରେ ମୂଲ୍ୟବାନ ଶିଶୁଗଛ କଟା ଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଏହାର ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନଗର କଂଗ୍ରେସ ପକ୍ଷରୁ ଦାବି ହୋଇଛି। ପ୍ରାୟ ୫ଟି ମୂଲ୍ୟବାନ ଶିଶୁଗଛ କାଠ ଗଣ୍ଡି କଲୋନୀ ପରିସରରେ ମହଜୁଦ ରହିଛି। ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବ୍ଲକ କଲୋନୀ ପରିସରରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ବିରାଟକାୟ ଶିଶୁବୃକ୍ଷ ବହୁ ବର୍ଷ ଧରି ରହିଛି। ସେଥିମଧ୍ୟରୁ ଗୋଟିଏ ଗଛ ମୂଳ ଶୁଖି ଯାଇଥିବା ବେଳେ ଶନିବାର କେହି ଦୁର୍ବୃତ୍ତ ୫ଟି ଗଛ କାଟି ଦେଇଥିବା ଜଣାପଡିଛି। ଦୀପତଳ ଅନ୍ଧାର ପରି ତହସିଲ କ୍ୱାର୍ଟର୍ସ ରହିଥିଲେ ମଧ୍ୟ କିଭଳି ଏପରି ଗଛ ସବୁ କାଟି ଦିଆଗଲା ତାହା ସମସ୍ତଙ୍କୁ ଚକିତ କରିଛି। ସରକାର କୋଭିଡ-୧୯ ସମ୍ବେଦନଶୀଳ ସମୟରେ ବୃକ୍ଷ ରୋପଣ ହିଁ ଏକାନ୍ତ ବୋଲି ସାର୍ବଜନୀନ ସଚେତନତା କରାଉଛି। ଏଠି କାହା ସ୍ୱାର୍ଥରେ ଏତେ ପରିମାଣର ଗଛ କାଟି ଦିଆଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ପୌରାଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ଗଛ କିଏ କାଟିଲା ଓ କାହା ପରାମର୍ଶରେ ଗଛ କଟା ହେଲା, ତା'ର ଖବର କାହା ପାଖରେ ନାହିଁ। ଏ ବାବଦରେ ବନ ବିଭାଗ କିଛି ଜାଣିନି କି ରାଜସ୍ୱ ବିଭାଗ ପାଖରେ କଟା ଗଛ ସବୁର ହିସାବ ନାହିଁ। ଦିନ ଦି'ପହରେ ଏତେ ଗଛ କାଟି କିଏ କୁଆଡ଼େ ନେଲା, ତାହା ବଡ଼ ପ୍ରଶ୍ନବାଚୀ ହୋଇ ଛିଡ଼ା ହୋଇଛି। ଯଦି ଗଛକଟାକୁ ନେଇ ଠିକ୍ କାର୍ଯ୍ୟାନୁଷ୍ଠାନ ନ ନିଆଯାଏ ତାହା ହେଲେ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାଇ ଦେଇଛନ୍ତି। ଏ ସମ୍ପର୍କରେ ରେଞ୍ଜର ଚିତ୍ତରଞ୍ଜନ ବେଉରାଙ୍କୁ ପଚାରିବାରେ ଗଛକଟା ଅଭିଯୋଗ ପାଇବା ପରେ ସ୍ଥାନୀୟ ଫରେଷ୍ଟରଙ୍କୁ ପଠାଇଥିଲୁ। ସେଠାରେ ଗଛ କଟା ଯାଇଥିବା ଦେଖିବାକୁ ମିଳିଥିଲା। ଛୁଟି ଥିବାରୁ କାହାକୁ ଗଛ କାଟିବାକୁ ପରମିଶନ ଦିଆଯାଇ ନ ଥିଲା। ଯିଏ ବି ଗଛ କାଟିଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।



## ଉପଭୋକ୍ତାଙ୍କୁ ମିଳିପାରେ ଆଶ୍ୱସ୍ତି

ନୂଆଦିଲ୍ଲୀ: ବର୍ତ୍ତମାନ ସମୟରେ ସବୁବର୍ଗର ଲୋକ ଅନ୍‌ଲାଇନରେ ସାମଗ୍ରୀ କିଣିବାକୁ ପସନ୍ଦ କରୁଛନ୍ତି। ଏପରିକି ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭ କରି ବିଳାସପୂର୍ଣ୍ଣ ସାମଗ୍ରୀ ପର୍ଯ୍ୟନ୍ତ ସବୁକିଛି ଅନ୍‌ଲାଇନରେ ମଧ୍ୟ ଶପିଂ କରିହେଉଛି। ହେଲେ ଅନେକ ସମୟରେ ଗ୍ରାହକ ରେଟିଂ ଦେଖି ଜିନିଷ କିଣିଥାନ୍ତି। କିନ୍ତୁ ଅନେକ ସମୟରେ ଭ୍ରମାତ୍ମକ ରେଟିଂ ଗ୍ରାହକଙ୍କୁ ଅସୁବିଧାରେ ପକାଇଥାଏ। ବର୍ତ୍ତମାନ ଅନ୍‌ଲାଇନ ଶପିଂ କରୁଥିବା ଉପଭୋକ୍ତାଙ୍କ ଅଭିଯୋଗକୁ ଆଧାରକରି ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ୍ସ (ବିଆଇଏସ୍) ରିଭ୍ୟୁଡ଼ ରେଟିଂକୁ ପ୍ରକୃତ ରେଟିଂଠାରୁ ଅଲଗା ରଖିବାକୁ ଉଭୟ ମନ୍ତ୍ରଣାଳୟ ଓ କମ୍ପାନୀଗୁଡ଼ିକୁ ପ୍ରସ୍ତାବ ଦିଆଯାଇଛି।

### ସଂକ୍ଷେପରେ

## ଶାମ୍ପୁ ଫେରାଇନେଲା ୟୁନିଲିଭର

ନୂଆଦିଲ୍ଲୀ,୨୫।୧୦: ଅନ୍ତଃରାଷ୍ଟ୍ରୀୟ ଏଫ୍‌ଏମ୍‌ସିଜି କମ୍ପାନୀ ୟୁନିଲିଭରର ବିଭିନ୍ନ ଶାମ୍ପୁରେ କର୍କଟ ସୃଷ୍ଟିକାରୀ କେମିକାଲ ମିଳିଥିବା କୁହାଯାଉଛି। ଏପରିକି କମ୍ପାନୀ ଆମେରିକା ବଜାରରୁ ଡୋଭ, ନେକ୍ସସ, ସୁଆଭେ, ଟିଆଇଜିଆଇ ଓ ଟ୍ରେସ୍‌ମେ ଏୟରୋସୋଲ ଡ୍ରାଇ ଶାମ୍ପୁ ଉଭୟ ଦୋକାନୀ ଡିଷ୍ଟ୍ରିବ୍ୟୁଟରଙ୍କଠାରୁ ଫେରାଇ ଆଣିଛି। ବିଶେଷକରି ଆମେରିକା ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ(ଏଫ୍‌ଡିଏ)ର ସୂଚନା ଅନୁସାରେ ଏହିସବୁ ଉତ୍ପାଦ ଅକ୍ଟୋବର ୨୦୨୧ ପୂର୍ବରୁ ପ୍ରସ୍ତୁତ ହୋଇଥିଲା ଓ ଏଗୁଡିକୁ ସାରା ଦେଶରେ ରିଟେଲରଙ୍କୁ ବିତରଣ କରାଯାଇଥିଲା। ଏଥିରେ ଥିବା ବେଞ୍ଜିନ ଯୋଗୁ ମଣିଷଙ୍କଠାରେ କର୍କଟ ରୋଗ ସୃଷ୍ଟି ହୋଇପାରେ। ଏଫ୍‌ଡିଏର ରିକଲ ନୋଟିସରେ ବେଞ୍ଜିନ ଅନେକ ଉପାୟରେ ମଣିଷ ଶରୀରକୁ ଯାଇପାରେ ବୋଲି କୁହାଯାଇଛି। ଏହାକୁ ଶୁଂଘିଲେ ମୁହଁ ଓ ତ୍ୱଚା ମାଧ୍ୟମରେ ଶରୀରକୁ ଏହା ଯାଇପାରେ। ଏଥିଯୋଗୁ ଲ୍ୟୁକୋମିଆ ଓ ବ୍ଲଡ୍ କ୍ୟାନ୍‌ସର ହୋଇଥାଏ।

## କର୍ମଚାରୀ ଛଟେଇ କରିବ ଫେସ୍‌ବୁକ୍

ନୂଆଦିଲ୍ଲୀ,୨୫।୧୦: ବିଶ୍ୱର ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ୍ (ମେଟା) ତା'ର ମୋଟ କର୍ମଚାରୀଙ୍କ ସଂଖ୍ୟାରୁ ୨୦% ଛଟେଇ କରିପାରେ ବୋଲି ଜଣାପଡ଼ିଛି। କାରଣ ବର୍ତ୍ତମାନ ପରିସ୍ଥିତିରେ କମ୍ପାନୀକୁ ଚାକିରି ଏବଂ ପୁଞ୍ଜିଗତ ବ୍ୟୟ ହ୍ରାସ କରିବାର ଆବଶ୍ୟକତା ରହିଛି ବୋଲି ଫେସ୍‌ବୁକ୍/ମେଟାର ପ୍ରତିଷ୍ଠାତା ମାର୍କ ଜୁକରବର୍ଗ କମ୍ପାନୀର ଅଂଶଧାରୀମାନଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଗତ କିଛି ମାସ ହେବ ସାରା ବିଶ୍ୱରେ ଉଭୟ ରାଜନୈତିକ ଓ ଭୌଗୋଳିକ ସମସ୍ୟା ଲାଗି ରହିଛି। ଫଳରେ ଆର୍ଥିକ ମାନ୍ଦାବସ୍ଥା ମଧ୍ୟ ସେହି ପରିମାଣରେ ଜାରି ରହିଛି। ଏଭଳି ସ୍ଥିତିରେ କମ୍ପାନୀ କର୍ମଚାରୀ ଛଟେଇ କରିବା ନେଇ ଯୋଜନା କରୁଥିବା ଜଣାପଡ଼ିଛି। ଏପରିକି ମାନ୍ଦାବସ୍ଥା ଯୋଗୁ ସାରା ଦୁନିଆରେ ଭିନ୍ନ ଭିନ୍ନ ସେକ୍ଟର ବଡ଼ କମ୍ପାନୀଗୁଡିକ କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଛନ୍ତି।

# ଗୁଗଲ ଉପରେ ୯୩୬ କୋଟିର ଜରିମାନା

ନୂଆଦିଲ୍ଲୀ,୨୫।୧୦




■ ଗୋଟିଏ ମାସରେ ୨ଥର ଫାଇନ
■ ସିସିଆଇର ଦୃଢ଼ କାର୍ଯ୍ୟାନୁଷ୍ଠାନ

ବିଶ୍ୱର ପ୍ରମୁଖ ସର୍ଚ୍ଚ ଇଞ୍ଜିନ (ଆଇଟି କମ୍ପାନୀ) ଗୁଗଲର ଏକଚାଟିଆକୁ କାର୍ଯ୍ୟକଳାପ ରୋକିବା ପାଇଁ ଭାରତୀୟ ପ୍ରତିଯୋଗିତା ଆୟୋଗ (ସିସିଆଇ) ପୁଣି ଥରେ ଜରିମାନା ଲାଗୁ କରିଛି। ଏପରିକି ଅକ୍ଟୋବରରେ ୨ୟ ଥର ପାଇଁ ଗୁଗଲ ଉପରେ ଏଭଳି ଏକ ବଡ଼ ଧରଣର ଜରିମାନା ଲାଗୁ କରାଯାଇଛି। ବିଶେଷ କରି ପ୍ଲେ ଷ୍ଟୋର ନୀତିରେ ନିଜର ଦବ୍‌ଦବାର ଦୁରୁପଯୋଗ କରିବା ମାମଲାରେ ସିସିଆଇ ଗୁଗଲ ଉପରେ ୯୩୬ କୋଟି ଟଙ୍କା ଜରିମାନା ଲଗାଇଛନ୍ତି। ଏହା ପୂର୍ବରୁ ଗୁଗଲ ଉପରେ ସିସିଆଇ ଅକ୍ଟୋବର ୨୧ରେ ୧୩୩୮ କୋଟି ଟଙ୍କାର ଜରିମାନା ଲାଗୁ କରିଥିଲା। ଏହିପରି ଚଳିତ ମାସରେ ଗୁଗଲ ଉପରେ ମୋଟ ପ୍ରାୟ ୨୩୦୦ କୋଟି ଟଙ୍କାର ଜରିମାନା ଲାଗୁ କରାଯାଇଛି। ସେହିଭଳି ଆଣ୍ଡ୍ରଏଡ୍ ମୋବାଇଲ ଉପକରଣ ବଜାରରେ ମଜଭୁତ ସ୍ଥିତିର ଦୁରୁପଯୋଗ ନେଇ ଗୁଗଲ ଉପରେ ଏହି ଜରିମାନା ଲାଗୁ କରିଥିଲା ସିସିଆଇ। ଇଣ୍ଟରନେଟ ସର୍ଚ୍ଚ କମ୍ପାନୀକୁ ଅନୁଚିତ ବ୍ୟବସାୟିକ ଗତିବିଧିକୁ ବନ୍ଦ କରିବାକୁ ସିସିଆଇ ନିର୍ଦ୍ଦେଶ ଦେଇଥିଲା। ଏହା ସହ ଗୁଗଲକୁ ଏକ ନିର୍ଦ୍ଧାରିତ ସମୟସୀମା ଭିତରେ ନିଜର କାର୍ଯ୍ୟଶୈଳୀକୁ ସଂଶୋଧିତ କରିବାକୁ ଆୟୋଗ ମଧ୍ୟ ନିର୍ଦ୍ଦେଶ ଦେଇଥିଲା। ଚଳିତ ମାସରେ ସିସିଆଇ ଆଉ ଏକ ଆଣ୍ଟିଟ୍ରଷ୍ଟ ଅନୁସନ୍ଧାନ ଶେଷ କରିବା ପରେ ମଙ୍ଗଳବାର ଗୁଗଲ ଉପରେ ୯୩୬.୪୪ କୋଟି ଟଙ୍କାର ଜରିମାନା ଲଗାଇଛନ୍ତି। ଏପରିକି ବଜାରରେ ନିଜ ଆଧିପତ୍ୟର ଅପବ୍ୟବହାର କରିଥିବା ଅଭିଯୋଗରେ ସିସିଆଇ ଏଭଳି ଏକ ବଡ଼ ଧରଣର ଜରିମାନା ଲଗାଇଥିବା କୁହାଯାଉଛି। ବିଶେଷ କରି ଏକ ସ୍ମାର୍ଟଫୋନରେ ଆପ୍ ଏବଂ ପ୍ରୋଗ୍ରାମ ଚାଲିବା ଲାଗି ଏକ ଅପରେଟିଂ ସିଷ୍ଟମ୍ ଦରକାର ପଡ଼ିଥାଏ। ଆଣ୍ଡ୍ରଏଡ୍ ହେଉଛି ସେଭଳି ଏକ ଅପରେଟିଂ ସିଷ୍ଟମ୍, ଯାହାକୁ ୨୦୧୫ରେ ଗୁଗଲ ଅଧିଗ୍ରହଣ କରିଥିଲା। ସେହିପରି ଅନୁଚିତ ଉପାୟରେ ବ୍ୟବସାୟ କରୁଥିବା ଅଭିଯୋଗରେ ସିସିଆଇ ଗୁଗଲ ଉପରେ ଏଯାବତ୍ ୨୨୭୪.୨୦ କୋଟି ଟଙ୍କାର ଜରିମାନା ଲାଗୁ କରିଛନ୍ତି। ଏହା ଭାରତୀୟ ଓ ଏଠାକାର ବ୍ୟବସାୟୀମାନଙ୍କ ପାଇଁ ଏକ ଶକ୍ତ ଧକ୍କା ବୋଲି ଗୁଗଲ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଗୁଗଲ ଆଣ୍ଡ୍ରଏଡ୍ ଓଏସ୍‌ର ପରିଚାଳନା କରିଥାଏ। ଏଥିପାଇଁ ଅନ୍ୟ କମ୍ପାନୀଗୁଡ଼ିକୁ ମଧ୍ୟ ଲାଇସେନ୍ସ ଜାରି କରାଯାଇଥାଏ। ଗୁଗଲର ଓଏସ୍ ଏବଂ ଆପ୍‌ର ବ୍ୟବହାର ଓଇଏମ୍‌ଏସ୍ ଅର୍ଥାତ୍ ଅରିଜିନାଲ ଇକ୍ୱିପମେଣ୍ଟ ମ୍ୟାନୁଫାକର ନିଜ ମୋବାଇଲ ଡିଭାଇସ୍ ପାଇଁ କରିଥାଏ। ଓଏସ୍ ଏବଂ ଆପ୍‌ର ବ୍ୟବହାରକୁ ନେଇ ଅନେକ ପ୍ରକାର ଚୁକ୍ତି ହୋଇଥାଏ। ଏହାକୁ ମୋବାଇଲ ଆପ୍ଲିକେଶନ ଡିଷ୍ଟ୍ରିବ୍ୟୁଶନ ଏଗ୍ରିମେଣ୍ଟ କୁହାଯାଏ।

# ହାୟରର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୨୫।୧୦



ଦେଶର ପ୍ରମୁଖ ହୋମ୍ ଆପ୍ଲାଏନ୍ସେସ୍ ଓ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ କମ୍ପାନୀ 'ହାୟର' ପକ୍ଷରୁ ଏକ ଅତ୍ୟାଧୁନିକ ତଥା ନୂତନ ଉତ୍ପାଦ 'ୱାଶିଂ ମେଶିନ'ର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ହାୟରର ୫୨.୫ ସେମି ସୁପର ଡ୍ରମ୍, ଆଡ୍‌ଭାନ୍ସଡ୍ ସୁପରସାଇଲେଣ୍ଟ ଡାଇରେକ୍ଟ ମୋଶନ ମୋଟର ସହ ନୂଆ ଏଆଇ-ସକ୍ଷମ ବୈପ୍ଳବିକ ୱାଶିଂମେଶିନ ସିରିଜ୍ ହାୟର ୯୭୯ ଫ୍ରଣ୍ଟ ଲୋଡ୍ ୱାଶିଂମେଶିନର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଫ୍ରଣ୍ଟଲାଇନ୍ ଉଦ୍ଭାବନଗୁଡ଼ିକ ସହ ସୁସଜ୍ଜିତ ଏହି ଡାଇରେକ୍ଟ ମୋଶନ ମୋଟର ସହ ସୁପର ଡ୍ରମ୍ ୯୭୯ ସିରିଜ୍‌କୁ ଗ୍ରାହକଙ୍କର ସୁବିଧା ଅନୁଯାୟୀ କେବଳ ଏକ ଭଏସ୍ କମାଣ୍ଡ ସହ ସହଜରେ ବ୍ୟବହାର କରାଯାଇପାରିବ। ହାୟରର ନୂଆ ୱାଶିଂମେଶିନ ସିରିଜ୍ ଏବେ ଦେଶବ୍ୟାପୀ ଉପଲବ୍ଧ ରହିଛି। ଏହାର ୧୦ କେଜି କ୍ଷମତା ବିଶିଷ୍ଟ ଏଚ୍‌ଡବ୍ଲ୍ୟୁ୧୦୦-ବିଡିଭି୧୪୯୭୯ଏସ୍‌୮ୟୁ୧ ମଡେଲ ୯୫,୯୯୦ ଟଙ୍କାରେ ଉପଲବ୍ଧ ହେଉଛି। ଏଥିରେ ମୋଟର ଉପରେ ୨୦ ବର୍ଷର ୱାରେଣ୍ଟି ସହ ୩ ବର୍ଷର ବିସ୍ତୃତ ୱାରେଣ୍ଟି ରହିଛି।

ଏ ସମ୍ପର୍କରେ ହାୟର ଆପ୍ଲାଏନ୍ସେସ୍ ଇଣ୍ଡିଆର ଅଧ୍ୟକ୍ଷ ସତୀଶ ଏନ୍‌ଏସ୍ କହିଛନ୍ତି, ଆମର ନୂଆ ଆଇଓଟି-ସକ୍ଷମ ଫ୍ରଣ୍ଟ ଲୋଡ୍ ସୁପର ଡ୍ରମ୍ ୯୭୯ ସିରିଜ୍ ୱାଶିଂମେଶିନ ହେଉଛି ଏକ ଅତ୍ୟାଧୁନିକ ଉଦ୍ଭାବନ ଯାହା ଏଆଇର ସୁବିଧାଗୁଡ଼ିକୁ ବ୍ୟବହାର କରୁଛି ଏବଂ ଉପଭୋକ୍ତାଙ୍କୁ ସରଳ, ବୁଦ୍ଧିମାନ ଓ ବ୍ୟକ୍ତିଗତ ଲଣ୍ଡ୍ରି ସମାଧାନ ପ୍ରଦାନ କରୁଛି।

# ଓଲା ଏସ୍୧ ଏୟାରର ଅନାବରଣ

ନୂଆଦିଲ୍ଲୀ,୨୫।୧୦




ଦେଶର ପ୍ରମୁଖ ଇଲେକ୍ଟ୍ରିକ୍ ଭେଇକିଲ୍ (ଇଭି) କମ୍ପାନୀ ଓଲା ଇଲେକ୍ଟ୍ରିକ୍ ପକ୍ଷରୁ ନୂଆ ଓଲା ଏସ୍୧ ଏୟାରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ମଡେଲ କମ୍ପାନୀର ଏସ୍୧ ପ୍ଲାଟ୍‌ଫର୍ମ ଉପରେ ନିର୍ମିତ ହୋଇଛି। ବିଶେଷକରି ୨.୫ କେଡବ୍ଲ୍ୟୁଏଚ୍ ବ୍ୟାଟେରି ପ୍ୟାକ୍ ଓ ୪.୫ କେଡବ୍ଲ୍ୟୁ ହବ୍ ମୋଟର ଦ୍ୱାରା ପରିଚାଳିତ ଏସ୍୧ ଏୟାରର ଓଜନ ମାତ୍ର ୯୯ କେଜି ରହିଛି। ଏହା ଘଣ୍ଟା ପ୍ରତି ୮୫ କି.ମି. ଘଣ୍ଟା'ର ଟପ୍ ସ୍ପିଡ୍ ପ୍ରଦାନ କରୁଛି ଓ କେବଳ ୪.୩ ସେକେଣ୍ଡରେ ୦ରୁ ୪୦ ବେଗରେ ଗତି କରିପାରୁଛି। ଏହା ଇକୋ ମୋଡ୍‌ରେ ୧୦୦ କି.ମି.ର ଏକ ଆଇଡିସି ରେଞ୍ଜ ସହ ଆସୁଛି। ସେହିଭଳି ନୂଆ ଏସ୍୧ ଏୟାର ଏକ ୨ ଟୋନ୍ ବଡି କଲର ସ୍କିମ୍ ସହ ଏକ ରିଫ୍ରେଶିଂ ଡିଜାଇନ୍ ଟ୍ୱିଷ୍ଟ ହାସଲ କରିଛି। ଅପରପକ୍ଷରେ ଏହି ମଡେଲ ୫ଟି ରଙ୍ଗରେ ଉପଲବ୍ଧ ହେଉଛି। ଓଲା ଏସ୍୧ ଏୟାର ପାଇଁ ପର୍ଚେଜ୍ ୱିଣ୍ଡୋ ଫେବୃୟାରୀ ୨୦୨୩ ପର୍ଯ୍ୟନ୍ତ ଖୋଲା ରହିବ ଏବଂ ଆସନ୍ତା ବର୍ଷ ଏପ୍ରିଲ ପହିଲାରୁ ଡେଲିଭରି ଆରମ୍ଭ ହେବ। ଏ ସମ୍ପର୍କରେ ଓଲାର ପ୍ରତିଷ୍ଠାତା ଓ ସିଇଓ ଭାବିଶ ଅଗ୍ରୱାଲ କହିଛନ୍ତି, ଓଲା ଏସ୍୧ ଏୟାରର ଶୁଭାରମ୍ଭ ସହ ଆମେ ବହୁ ଖୁସି ଅଛୁ। ସେହିଭଳି ଏହାକୁ ଏକ ନୂଆ ମୁଭ୍‌ଓଏସ୍ ଫିଚରଗୁଡ଼ିକ ସହ ଦୈନନ୍ଦିନ ସ୍କୁଟରକୁ କେବଳ ଫଙ୍କସନାଲ ହେବାଠାରୁ ଏକ ବିଳାସପୂର୍ଣ୍ଣ ଓ ଟେକ୍ନୋଲୋଜି ଦୃଷ୍ଟିରୁ ଅତ୍ୟାଧୁନିକ ଉତ୍ପାଦରେ ରୂପାନ୍ତର କରିଛୁ। ଭାରତର ସମସ୍ତ ୨ଚକିଆ ଯାନକୁ ୨୦୨୫ ସୁଦ୍ଧା ଇଲେକ୍ଟ୍ରିକ୍ କରିବା ସୁନିଶ୍ଚିତ ନେଇ ଆମର ଲକ୍ଷ୍ୟ ଠିକ୍ ଦିଗରେ ଆଗକୁ ବଢୁଛି।

## ଖସିଲା ବଜାର କାରବାର

ନୂଆଦିଲ୍ଲୀ,୨୫।୧୦

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନର ପ୍ରଭାବ ଶେୟାର ବଜାର କାରବାର ଉପରେ ପଡ଼ିଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଏକ ପ୍ରକାର ଅସ୍ଥିରତା ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ୨ୟ ଦିନର ବଜାର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ୨୮୮ (୨୮୭.୭୦) ପଏଣ୍ଟ ଖସି ୫୯,୫୪୪ (୫୯,୫୪୩.୯୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୭୪ (୭୪.୪୦) ପଏଣ୍ଟ ହ୍ରାସ ଘଟି ୧୭,୬୫୬ (୧୭,୬୫୬.୩୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗୁରୁବାର ଦଲାଲ ଷ୍ଟ୍ରିଟ୍‌ରେ ବ୍ୟାଙ୍କ, ଆଇଟି, ଏଫ୍‌ଏମ୍‌ସିଜି ଏବଂ ଅଟୋଶିଳ୍ପ ଓ ମେଟାଲ ଭଳି କ୍ଷେତ୍ରର ନିବେଶକଙ୍କ ପାଇଁ ବଜାର ଫଳାଫଳ ତଳମୁହାଁ ରହିଥିଲା।

## ଶିବ ନାଦାରଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

ନୂଆଦିଲ୍ଲୀ,୨୫।୧୦

ଅନ୍ତଃରାଷ୍ଟ୍ରୀୟ ସାମାଜିକ ଅନୁଷ୍ଠାନ ୟୁଏସ୍-ଇଣ୍ଡିଆ ଷ୍ଟ୍ରାଟେଜିକ୍ ପାର୍ଟନରଶିପ୍ ଫୋରମ୍ (ୟୁଏସ୍‌ଆଇଏସ୍‌ପିଏଫ୍) ପକ୍ଷରୁ ଏଚ୍‌ସିଏଲ୍ ଏବଂ ଶିବ ନାଦାର ଫାଉଣ୍ଡେଶନର ପ୍ରତିଷ୍ଠାତା ଶିବ ନାଦାରଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ବିଶେଷକରି ୟୁଏସ୍‌ଆଇଏସ୍‌ପିଏଫ୍ ହେଉଛି ଏକ ବାଇଲାଟେରାଲ୍ ଅଣ-ଲାଭଜନକ ଅନୁଷ୍ଠାନ, ଯାହାକି ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ କୌଶଳଗତ ସମ୍ପର୍କର ନିର୍ମାଣ କରିବାରେ ଧ୍ୟାନ ଦେଉଛି। ଉକ୍ତ ଅନୁଷ୍ଠାନ ନିକଟରେ ଏଚ୍‌ସିଏଲ୍ ଏବଂ ଶିବ ନାଦାର ଫାଉଣ୍ଡେଶନର ପ୍ରତିଷ୍ଠାତା ଶିବ ନାଦାରଙ୍କୁ ପ୍ରଯୁକ୍ତି ଉଦ୍ୟୋଗ କ୍ଷେତ୍ର ଓ ଲୋକ ଉପକାର କ୍ଷେତ୍ରରେ ତାଙ୍କର ବଳିଷ୍ଠ ଅବଦାନ ପାଇଁ ୟୁଏସ୍‌ଆଇଏସ୍‌ପିଏଫ୍ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ସମ୍ମାନରେ ସମ୍ମାନିତ କରିଛି। ତାଙ୍କର ଏହି ଜନମଙ୍ଗଳକାରୀ ପଦକ୍ଷେପ ମାଧ୍ୟମରେ ଅନେକ ପିଲା ଶିକ୍ଷାର ସୁଯୋଗ ପାଇପାରିଛନ୍ତି। ଏ ସମ୍ପର୍କରେ ଶିବ ନାଦାର କହିଛନ୍ତି, ଏହି ପୁରସ୍କାର ଗ୍ରହଣ କରିବାର ସୁଯୋଗ ମିଳିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଏଚ୍‌ସିଏଲ୍ ଟେକ୍ ହେଉଛି ବିଶ୍ୱର ଟପ୍ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏହା ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛି। ସେହିଭଳି ୟୁଏସ୍‌ଆଇଏସ୍‌ପିଏଫ୍‌ର ସଭାପତି ତଥା ସିଇଓ ଡା. ମୁକେଶ ଅଘି କହିଛନ୍ତି, ଏଚ୍‌ସିଏଲ୍ ଗ୍ରୁପ୍‌ର ଅଭିନବ କାର୍ଯ୍ୟ ଯୋଗୁ ଉଭୟ ୟୁଏସ୍ ଓ ଭାରତରେ ଅନେକ ସମନ୍ୱିତ ବିକାଶ ଏବଂ ସାମାଜିକ ଉନ୍ନତି ସମ୍ଭବ ହୋଇପାରିଛି।

### ଫୁର୍‌ସତ

# ବିଶ୍ୱର ସବୁଠୁ ଅପରିଚ୍ଛନ୍ନ ବ୍ୟକ୍ତିଙ୍କ ବିୟୋଗ

ତେହେରାନ୍



### ମୃତ୍ୟୁର କିଛିମାସ ପୂର୍ବରୁ ଗାଧୋଇଥିଲେ

ସୁସ୍ଥ ଶରୀର ପାଇଁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହିବା ନିହାତି ଦରକାର। ଏଥିଲାଗି ନିୟମିତ ଗାଧୋଇବା ଜରୁରୀ। କିନ୍ତୁ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ଗାଧୋଇବାକୁ ଭଲ ପାଆନ୍ତି ନାହିଁ। ଇରାନ୍‌ର ଆମୋଉ ହାଜି, ଯେ ବିଶ୍ୱର ସବୁଠାରୁ ଅପରିଷ୍କାର ଲୋକ ଭାବେ ଜଣାଯାନ୍ତି ୯୪ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଛି। ମାସେ କି ଦୁଇମାସ ନୁହେଁ, ୫୦ ବର୍ଷରୁ ଅଧିକ ଦିନ ପର୍ଯ୍ୟନ୍ତ ସେ ଅଗାଧୁଆ ରହିଛନ୍ତି। ଇରାନ୍‌ର ଦକ୍ଷିଣାଞ୍ଚଳରେ ଥିବା ଦେଜ୍‌ଗାନ୍‌ରେ ଆମୋଉଙ୍କ ଘର। ଅସୁସ୍ଥ ହୋଇ ପଡ଼ିବା ଡରରେ ସେ ଗାଧୋଉ ନଥିଲେ। କିନ୍ତୁ ମୃତ୍ୟୁ ହେବାର କିଛିମାସ ପୂର୍ବରୁ ଗ୍ରାମବାସୀ ତାଙ୍କୁ ଗାଧୋଇ ଦେଇଥିବା ସ୍ଥାନୀୟ ଗଣମାଧ୍ୟମ ଇରନା ନ୍ୟୁଜ୍‌ରେ ଖବର ପ୍ରକାଶ ପାଇଛି।

ହାଜିଙ୍କ ଜୀବନଶୈଳୀ ଥିଲା ସାଧାରଣ ଲୋକଙ୍କଠାରୁ ଭିନ୍ନ। ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ପଶୁଙ୍କୁ ଖାଉଥିଲେ ହାଜି। ସେହିପରି ଧୂମପାନ ପ୍ରତି ତାଙ୍କର ଅଧିକ ରୁଚି ଥିବାବେଳେ ପଶୁଙ୍କ ମଳକୁ ଏକ ପାଇପ୍‌ରେ ଭର୍ତ୍ତି କରି ସେ ସିଗାରେଟ୍ ଭଳି ଟାଣୁଥିବା ମଧ୍ୟ ଅନେକ ସମୟରେ ଦେଖିବାକୁ ମିଳିଛି। ତେବେ ୨୦୧୩ରେ 'ଦ ଷ୍ଟ୍ରେଞ୍ଜ୍ ଲାଇଫ୍ ଅଫ୍ ଆମୋଉ ହାଜି' ନାମରେ ଏକ ଡକ୍ୟୁମେଣ୍ଟ ତିଆରି କରାଯାଇଥିଲା।

ଭାରତର ପବିତ୍ର ସହର ବାରାଣସୀରେ ରହୁଥିବା କୈଳାସ ସିଂ (କାଲୁଆ) ଦୀର୍ଘ ୩୦ ବର୍ଷ ଧରି ଗାଧୋଇ ନାହାନ୍ତି। ତେବେ ଦେଶର ସମସ୍ତ ଅସୁବିଧା ଦୂର କରିବା ଉଦ୍ଦେଶ୍ୟରେ କାଲୁଆ ନ ଗାଧୋଇବାର ପ୍ରତିଜ୍ଞା ନେଇଛନ୍ତି। ପାଣି ବ୍ୟତୀତ ନିଆଁରେ ଗାଧୋଇବା ଦ୍ୱାରା ତାଙ୍କ ଶରୀରରେ ଥିବା ସମସ୍ତ ଜୀବାଣୁ ମରିଯିବେ ବୋଲି କାଲୁଆ କୁହନ୍ତି। ପ୍ରତ୍ୟେକଦିନ ସନ୍ଧ୍ୟାରେ କାଲୁଆଙ୍କ ପାଖରେ ଗ୍ରାମବାସୀ ରୁଣ୍ଡ ହୋଇଥାନ୍ତି। ଅଗ୍ନିସ୍ନାନ ପାଇଁ ସେ ସନ୍ଧ୍ୟାରେ ନିଆଁ ଜାଳିବା ସହ ଗଞ୍ଜେଇ ପିଇ ଗୋଟିଏ ଗୋଡ଼ରେ ଛିଡ଼ା ହୋଇ ମହାଦେବଙ୍କୁ ଧ୍ୟାନ କରନ୍ତି।

## ଅନେକ ଭୁଲ୍ ନିଷ୍ପତ୍ତି ନେଇଛନ୍ତି ରାଧିକା



ମୁମ୍ବାଇ: କ୍ୟାରିୟର୍‌ରେ ବହୁ ଭୁଲ୍ ନିଷ୍ପତ୍ତି ନେଇଥିବା କହିଛନ୍ତି ବଲିଉଡ୍ ଅଭିନେତ୍ରୀ ରାଧିକା ଆପ୍ଟେ। ୨୦୧୦ରେ ଫିଲ୍ମ ନିର୍ଦ୍ଦେଶକ ରାମ ଗୋପାଲ ବର୍ମାଙ୍କ ଚଳଚ୍ଚିତ୍ର 'ରକ୍ତ ଚରିତ୍ର'ରେ କାମ କରିବା ତାଙ୍କ ଜୀବନର ବଡ଼ ଭୁଲ ବୋଲି ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି। ଫିଲ୍ମରେ କାମ କରିବା ପୂର୍ବରୁ ସେ ରାମ ଗୋପାଳ ବର୍ମାଙ୍କ ବଡ଼ ପ୍ରଶଂସକ ଥିଲେ। କିନ୍ତୁ ତାଙ୍କ ସହ କାମ କରିବା ପରେ ତାଙ୍କଠାରୁ ନିଜ ପାଇଁ ସେତିକି ସମ୍ମାନ ଓ ଉତ୍ତମ ବ୍ୟବହାର ପାଇ ନ ଥିଲେ। ଏପରି ଭାବେ ସେ ନିଜ କ୍ୟାରିୟର୍‌ରେ ଅନେକ ଭୁଲ୍ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ଶେଷ ଥର ପାଇଁ ଫିଲ୍ମ 'ବିକ୍ରମ ବେଦା'ରେ ରାଧିକା ଦେଖାଯାଇଥିଲେ। ଏଥିରେ ସେ ଜଣେ ଓକିଲ ଭୂମିକାରେ ନଜରକୁ ଆସିଥିଲେ।



ମାଲିକଙ୍କ ପ୍ରତି ପୋଷା କୁକୁରର ଥିବା ନିଷ୍ଠାପରଭାବକୁ ଦର୍ଶାଇବା ପାଇଁ ନେପାଳରେ 'କୁକୁର ତିହାର' ପାଳନ କରାଯାଏ। ଲଳିତପୁରରେ ଥିବା କୁକୁର ଆଶ୍ରୟସ୍ଥଳୀରେ ସୋମବାର ଆୟୋଜନ କାର୍ଯ୍ୟକ୍ରମରେ ବହୁ ଲୋକ ସାମିଲ ହୋଇଥିଲେ। ଏ ଅବସରରେ କୁକୁରଙ୍କୁ ଫୁଲମାଳ, ସିନ୍ଦୂର ଦେଇ ପୂଜା କରାଯାଏ।

## ଆଖି ଭିତରୁ ଡୋଳା ବାହାର କରି ରେକର୍ଡ



ବ୍ରାସିଲିଆ: ପ୍ରତ୍ୟେକ ଲୋକଙ୍କ ପାଖରେ କିଛି ନା କିଛି ଅନ୍ତର୍ନିହିତ ଗୁଣ ରହିଛି। ଅନେକ ଲୋକ ବିସ୍ମୟ କଳାଭଳି ପ୍ରତିଭା ପ୍ରଦର୍ଶନ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ ମଧ୍ୟ ହାତେଇଛନ୍ତି। ସେହିପରି ବ୍ରାଜିଲ୍‌ର ସିଡନି ଡେ କାର୍‌ଭାଲହୋ ମେସ୍‌କ୍ୱିଟା ନିଜ ଆଖି ଭିତରୁ (ଆଇ ଶଟର୍) ଡୋଳାକୁ ୧୮.୨ ଏମ୍.ଏମ୍ (୦.୭୧ ଇଞ୍ଚ) ବାହାରକରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ସେ ଟିଓ ଟିକୋ ଭାବେ ବେଶ୍ ଜଣାଶୁଣା। ମାତ୍ର ୯ ବର୍ଷ ବୟସରେ ଟିଓ ତାଙ୍କର ଏହି ବିରଳ ପ୍ରତିଭା ବିଷୟରେ ଜାଣିବାକୁ ପାଇଥିଲେ। ପିଲାବେଳେ ସାଙ୍ଗ ଓ ପରିବାର ସଦସ୍ୟଙ୍କ ସହ ଏକାଠି ଥିବାବେଳେ ହସଖୁସି ମାହୋଲରେ ଟିଓ ବିକୃତ ମୁହଁ କରି ପରିବାରର ମନୋରଞ୍ଜନ କରନ୍ତି। ଏମିତି କରୁ କରୁ ସେ ଦିନେ ଆଖି ଡୋଳାକୁ ବାହାରକୁ ବାହାର କରିଦେଲେ, ଯାହା ସାଧାରଣ ଲୋକଙ୍କ ପକ୍ଷେ ସହଜ ନ ଥିଲା। ଏହା ଦେଖି ପରିବାର ଲୋକେ ତାଙ୍କୁ ଖୁବ୍ ପ୍ରଶଂସା କରିଥିଲେ। ଏହା ପରେ ସେ ଗିନିଜ୍ ୱାର୍ଲ୍ଡରେକର୍ଡ ପାଇଁ ପ୍ରୟାସ କରିଥିଲେ। ୨୦ରୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ଟିଓ ଆଖିଡୋଳାକୁ ବାହାରକରି ରଖିପାରିବେ। ତେବେ ଏହା କରିସାରିବାର କିଛି ସେକେଣ୍ଡ ପର୍ଯ୍ୟନ୍ତ ତାଙ୍କୁ ଦେଖାଯାଉ ନ ଥିବା ଟିଓ କହିଛନ୍ତି। କିନ୍ତୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମକୁ ସାମିଲ କରିବା ପରେ ସେ ବେଶ୍ ଖୁସି ଥିବା କହିଛନ୍ତି। ଟିଓ 'ଗ୍ଲୋବ୍ ଲୁକ୍ସାଶନ୍'ରୋଗରେ ପୀଡ଼ିତ। ରୋଗର ଲକ୍ଷଣ ଅନୁସାରେ ଅପ୍ରାକୃତିକ ଭାବେ ଆଖି ଭିତରୁ ଡୋଳା ବାହାରି ଆସିଥାଏ। ଏହି ବିରଳ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଆଖି ଡୋଳା ଅପ୍ଟିକାଲ ନର୍ଭରୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ବିଚ୍ୟୁତ ହୋଇଥାଏ ବୋଲି ଗୁରୁଗ୍ରାମ ପାରସ ହସ୍ପିଟାଲର ଡା. ରଷି ଭରଦ୍ୱାଜ କହିଛନ୍ତି।

# କାଳୀପୂଜା ପାଇଁ ଝଲସୁଛି ଯାଜପୁର ସହର


ସଦାବ୍ରତ ମଠ ।


ଟ୍ୟାକ୍ସି ଷ୍ଟାଣ୍ଡ ।


ଟାଉନ୍‌ହଲ ଛକ

■ ପରମ୍ପରା ଅନୁଯାୟୀ ଚାଲିଛି ପୂଜାର୍ଚ୍ଚନା
■ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଯାଜପୁର ଟାଉନ,୨୫।୧୦(ଡି.ଏନ.ଏ.)

ଯାଜପୁରର ଗଣପର୍ବ କାଳୀପୂଜା ସୋମବାର ରାତିରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ସୂର୍ଯ୍ୟ ପରାଗ ଯୋଗୁ ରାତି ୧୦ଟା ସମୟରେ ବୈତରଣୀ ନଦୀରେ କଳସ ବୁଡା କାର୍ଯ୍ୟକ୍ରମ ଶେଷ ହୋଇଥିଲା । ଏହାପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବିଭିନ୍ନ ମଣ୍ଡପରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା । ଭୋର ୪.୪୦ମିନିଟ୍ ସୁଦ୍ଧା ପୂଜା କାର୍ଯ୍ୟକୁ ଶେଷ କରାଯାଇଥିଲା । ସେହିପରି ଶନିବାର ରାତିରୁ ବିଭିନ୍ନ ମଣ୍ଡପରେ ଲକ୍ଷ୍ମୀ ନାରାୟଣଙ୍କ ପୂଜା ଆରମ୍ଭ ହୋଇଥିଲା ।

କରୋନା କଟକଣା ଯୋଗୁ ଗତ ୨ବର୍ଷ ବିନା ଶ୍ରଦ୍ଧାଳୁରେ ପୂଜା ହୋଇଥିଲା । ଚଳିତ ବର୍ଷ ଶ୍ରଦ୍ଧାଳୁମାନଙ୍କ ଉତ୍ସାହ ଓ ପୂଜାକମିଟି କର୍ମକର୍ତ୍ତାଙ୍କ ସହଯୋଗରେ ଖୁବ୍ ଧୁମ୍‌ଧାମରେ ପୂଜା ଚାଲିଛି । ପ୍ରତି ପୂଜାମଣ୍ଡପକୁ ବିଭିନ୍ନ ପ୍ରକାରର ଆଲୋକ ମାଳା ଓ ତୋରଣରେ ସଜା ଯାଇଛି। ସୂର୍ଯ୍ୟ ପରାଗ ଯୋଗୁ ମଙ୍ଗଳବାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳି ନ ଥିଲା। ହେଲେ ସମଗ୍ର ସହର ସନ୍ଧ୍ୟା ହେବା ମାତ୍ରେ ଚଳଚଞ୍ଚଳ ହୋଇଉଠିଥିଲା । ସବୁଠି ରଙ୍ଗୀନ ଆଲୋକ ମାଳାରେ ଝଲ୍‌ମଲ୍ ହୋଇଉଠିଥିଲା । ସେହିପରି ସହରବାସୀ ନିଜ ଘରକୁ ବି ବିଦ୍ୟୁତ୍ ଆଲୋକମାଳାରେ ସଜାଇଛନ୍ତି । ପ୍ରତିବର୍ଷ ଏହି ପୂଜାର ମାହୋଲ ବଢ଼ି ବଢ଼ି ଚାଲିଛି । ଚଳିତବର୍ଷ ଯାଜପୁର ସହର ଓ ଏହାର ଆଖପାଖ ଅଞ୍ଚଳରେ ୫୬ରୁ ଉର୍ଦ୍ଧ୍ୱ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣଙ୍କ ମେଢ଼ ହେଇଛି ।

ଯାଜପୁର ସହରର ସର୍ବପୁରାତନ ବାହାବଳପୁର ଗରୁଡ଼କାଳୀଙ୍କଠାରୁ ପ୍ରାଚୀନ ସଦାବ୍ରତମଠ ଓ ଗରିଆପୁରଠାରେ ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା ଆଧାତ୍ମିକତା ପରିବେଶ ସୃଷ୍ଟି କରିଛି। ସେହିପରି ସାନବଜାର, ବଡବଜାର, ନାରାୟଣଛକ, ଯୋଡିକୂଅ, ଶୀତଳେଶ୍ୱର, ବିରଜାହାଟ, ଡେଲିମାର୍କେଟ, କିଆନାଳିକୂଳ, ବୈଦ୍ୟରାଜପୁର, ମାନସାପୋଲ, ଟାଉନ ହଲ, କଚେରୀ ବଜାର, ସରକାରୀ ବସଷ୍ଟାଣ୍ଡ, ଭାବାନୀଗଞ୍ଜ, ବିରଜା ସିନେମାହଲ, ହାବେଳିବଜାର, ଜାଉଁଳିବନ୍ଧ, ଟ୍ୟାକ୍ସି ଷ୍ଟାଣ୍ଡ, ଖଣ୍ଡେଶ୍ୱର, କୁଆଁସରପୁର, ଅମ୍ବିକାଇଛକ, ଲଳିତେଶ୍ୱର, କଲେଜ ଛକ, ରକ୍ଷାକାଳୀ, ଷ୍ଟେଟବ୍ୟାଙ୍କ, ମାର୍କଣ୍ଡପୁର ଆଦି ସ୍ଥାନରେ ତୋରଣ ଓ ଆଲୋକମାଳା ଆକର୍ଷଣୀୟ ହୋଇଛି । ଚଳିତବର୍ଷ ପୂଜା କମିଟି ପକ୍ଷରୁ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଅସ୍ଥାୟୀ ଦୋକାନ,ବଜାରରେ ଭିଡି ଜମିଛି । ବିଭିନ୍ନ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପୋଲିସ ନଜର ରଖିଛି ।

# ବିରିଡ଼ିରେ ଶ୍ୟାମାକାଳୀ ପୂଜା



ଶ୍ୟାମାକାଳୀଙ୍କ ପୂଜା ପୁରଣ କମଳପୁର ପୀଠ ଓ ମଙ୍ଗୁଳି ପୀଠ ।

ବିରିଡି,୨୫।୧୦(ଡି.ଏନ.ଏ.)

ବିରିଡି ବ୍ଲକ ୨୨ ମୌଜା ମଙ୍ଗୁଳି ମଧୁବାବୁଙ୍କ ମଠରେ ଥିବା ମା' ଶ୍ୟାମାକାଳୀଙ୍କ ପୀଠ, ପୁରଣର କମଳପୁର ଓ କୁଳ କଇଜଙ୍ଗାର ନୂଆପାରୀ ପୀଠରେ ମା' ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୀଠରେ ମା'ଙ୍କର ପ୍ରାତଃରୁ ଅବକାଶ ମଙ୍ଗଳ ଆଳତି, ମହାସ୍ନାନ, ଖିଚୁଡି ଭୋଗ, ବଡସିଂହାର ବେଶ, ବାଲ୍ୟ ଭୋଗ, ଆଳତ, ଶଙ୍କୁଡି ଭୋଗ ପରେ ବିଶ୍ରାମ ହୋଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତି, ଭଜନ କୀର୍ତ୍ତନ, ଚଣ୍ଡିପାଠ, ହୋମଯଜ୍ଞ ଓ ଶେଷରେ ପଣା ଭୋଗ କରାଯାଇଥିଲା। ପୀଠରେ ସ୍ଥାନୀୟ ଲୋକମାନେ ପହଞ୍ଚି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ମଙ୍ଗୁଳି ପୀଠରେ ବିନୋଦିନୀ ଦାସ ଓ କମଳପୁରରେ ପରମାନନ୍ଦ ପାଢୀଙ୍କ ସହ ମଙ୍ଗୁଳି ଗ୍ରାମର ଗ୍ରାମବାସୀ ଓ ପୁରଣ କମଳପୁର ଗ୍ରାମବାସୀଙ୍କ ସହ ନୂଆପାରୀ ଗ୍ରାମର ଗ୍ରାମବାସୀ ପୂଜାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଘରେ ଘରେ ଆଲୋକର ପର୍ବ ଦୀପାବଳି ଅନୁଷ୍ଠିତ ହୋଇଥିଲା। ବଡବଡୁଆଙ୍କୁ ଆବାହନ କରିବା ସହ ଶ୍ରାଦ୍ଧ ପକାଯାଇ କାଉଁରିଆ କାଠିରେ ବଡବଡୁଆ ଡକାଯାଇଥିଲା। ଘରେ ଓ ବାହାରେ ଦୀପରେ ସଜ୍ଜା ଯାଇ ବାଣ ଫୁଟା ଯାଇଥିଲା।

# ଛାତ୍ରୀ ନିବାସ କୋଠରିରୁ ମିଳିଲା ଝୁଲନ୍ତା ମୃତଦେହ

## ହତ୍ୟା ଅଭିଯୋଗ ଆଣିଲେ ବାପା


ରଶ୍ମିରେଖା (ଫାଇଲ ଫଟୋ)

ରସୁଲପୁର,୨୫।୧୦(ଡି.ଏନ.ଏ.)

ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ବଡକଇଁଚି ପଞ୍ଚାୟତର ହୃଷିକେଶ ଖିଲାରଙ୍କ ବଡ଼ଝିଅ ରଶ୍ମିରେଖା(୧୯)ଙ୍କ ରବିବାର ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି । ଛାତ୍ରଙ୍କ ପରିବାର ଲୋକେ ଏ ସଂକ୍ରାନ୍ତରେ କଟକ ଜିଲା ଓଲଟପୁର ଥାନାରେ ହତ୍ୟା ମାମଲା ରୁଜୁ କରିଛନ୍ତି । ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

ସୂଚନା ଅନୁଯାୟୀ, କଟକ ଜିଲା ଓଲଟପୁର ଥାନା ଅଧୀନ ଉଦୟନାଥ(ୟୁଏନ) ସ୍ୱୟଂଶାସିତ କଲେଜର ଯୁକ୍ତ ୩ ବିଜ୍ଞାନ ଶେଷବର୍ଷ ଛାତ୍ରୀ ରଶ୍ମୀରେଖାଙ୍କ ଝୁଲନ୍ତା ମୃତଦେହ ଘରୋଇ ଛାତ୍ରୀ ନିବାସର କୋଠରୀରୁ ମିଳିଥିଲା । ରବିବାର ରାତି ପ୍ରାୟ ସାଢ଼େ ୮ଟା ସମୟରେ ଏଭଳି ଘଟଣା ଘଟିଥିଲା ବୋଲି ତାଙ୍କ ସହପାଠୀ ମୃତା ଛାତ୍ରୀଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ । ଛାତ୍ରୀ ନିବାସ ମାଲିକ ବେଣୁଧର ମହାରଣା ବି ଏସଂକ୍ରାନ୍ତରେ ରଶ୍ମୀରେଖାଙ୍କ ବାପାଙ୍କୁ ଫୋନରେ ଜଣାଇଥିଲେ । ରାତି ପ୍ରାୟ ସାଢେ ୨ଟାରେ ପରିବାର ଲୋକ ପହଞ୍ଚିବା ପରେ ପୋଲିସ ଏକ ଶାବଳରେ କବାଟ ତାଡି ଘର ଭିତରକୁ ମୃତଦେହ ଜବତ କରିଥିଲା । ମୃତା ଛାତ୍ରୀଙ୍କ ବାପା ଓ ବଡକଇଁଚି ପଞ୍ଚାୟତର ସରପଞ୍ଚ ଅଶୋକ ମଲ୍ଲିକ କହିଛନ୍ତି, ଝିଅ ମରିଥିବା କୋଠରୀ ଖୋଲା ଥିଲା । କୋଠରୀରେ ୩ଟି ଦେଢ ଫୁଟିଆ ଖଟ ପଡିଥିଲା । କୋଠରୀର ଏକ ପାର୍ଶ୍ୱରେ କାଛ ଆଲମିରା ରହିଥିଲା । ଏହାଛଡା କୋଠରୀରେ ଅନ୍ୟ କୌଣସି ସାମଗ୍ରୀ ନ ଥିଲା । ଝିଅର ମୃତଦେହ ଝୁଲୁଥିଲା । ତାର ଗୋଡ଼ ଚଟାଣକୁ ଲାଗିଥିଲା । ଆତ୍ମହତ୍ୟାର କୌଣସି ଲକ୍ଷଣ ତାର ମୁହଁରେ ପରିଲକ୍ଷିତ ହେଉ ନ ଥିଲା । ଝିଅକୁ ଛାତ୍ରୀ ନିବାସର ମାଲିକ ଓ ତାଙ୍କ ସ୍ତ୍ରୀ ମିଳିମିଶି ଜୀବନରୁ ମାରି ଦେଇଛନ୍ତି ବୋଲି ରଶ୍ମିରେଖାଙ୍କ ବାପା ଓଲଟପୁର ଥାନାରେ ଅଭିଯୋଗ କରିଛନ୍ତି । ଉକ୍ତ ଅଭିଯୋଗ ଆଧାରରେ ପୋଲିସ ୩୦୨ ଦଫାରେ ଏକ ମାମଲା(ନଂ.୧୧୪/୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି ।

ପରିବାର ଲୋକଙ୍କ କହିବା ଅନୁଯାୟୀ, ଦୁର୍ଗାପୂଜା ଛୁଟିରେ ରଶ୍ମୀରେଖା ଘରକୁ ଆସିଥିଲେ । ତାଙ୍କ ଆଚାର ବ୍ୟବହାର ସାଧାରଣ ଥିଲା । କୌଣସି ବିଲକ୍ଷଣ ଦେଖାଯାଉ ନ ଥିଲା । ତାଙ୍କ ମୁହଁରେ ଧଳାଦାଗ ଦେଖାଯାଉଥିବାରୁ ପରିବାର ଲୋକେ ଗତ ୧୨ତାରିଖ ଦିନ କଟକ ବଡ ଡାକ୍ତରଖାନାରେ ଚିକିତ୍ସା କରାଇ ହଷ୍ଟେଲରେ ଛାଡି ଆସିଥିଲେ । ଘଟଣା ଦିନ ରାତିରେ ସେ ପରିବାର ଲୋକଙ୍କ ସହ କଥାବର୍ତ୍ତା ହୋଇଥିଲା। ନିଜ ମାମୁ ପୁଅଙ୍କ ସହ ରଶ୍ମିରେଖା କଥା ହୋଇଥିଲେ । ମାତ୍ର ସେହିଦିନ ରାତିରେ କ'ଣ ଏମିତି ଘଟିଲା ଯେ ତାଙ୍କ ଝିଅ ଆତ୍ମହତ୍ୟା କରିଲେ ସେ ଏହି ଘଟଣାକୁ ବିଶ୍ୱାସ କରି ପାରୁନାହାଁନ୍ତି। ତାଙ୍କୁ ଝିଅକୁ ମାରି ଟାଙ୍ଗି ଦିଆଯାଇଛି। ପରିବାର ଲୋକେ ଏହି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି । ଏ ସମ୍ପର୍କରେ ଓଲଟପୁର ଥାନା ଅଧିକାରୀ ବିଜୟା ସାହୁଙ୍କୁ ପଚାରିବାରୁ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହକୁ ତନଖି କରାଯାଇଥିଲା । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସାଇଣ୍ଟିଫକ୍ ଟିମ୍‌ର ଏକ ଦଳ ଆସି ଘଟଣା ସମ୍ପର୍କରେ ଅନୁସନ୍ଧାନ କରିଛନ୍ତି । ଉକ୍ତ ଘଟଣା ସମ୍ପର୍କରେ ଛାତ୍ରୀ ନିବାସର ମାଲିକଙ୍କୁ ପୋଲିସ ତଦନ୍ତ ପରିସରଭୁକ୍ତ କରି ପଚରାଉଚୁରା କରୁଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ପଛର ଅସଲ ରହସ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ନିବେଦିତା


@ ରାଜେଶ


@ ଚିନ୍ମୟ


@ ସାକ୍ଷୀ


@ ସନ୍ତୋଷ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟ୍ରଲିରେ ବୁହାହେଲେ ରୋଗୀ

ଚଣ୍ଡିଖୋଲ,୨୫।୧୦(ଡି.ଏନ.ଏ.)

ଟ୍ରଲିରେ ବୁହାହେଲେ ରୋଗୀ । ଏଭଳି ଘଟଣା କୌଣସି ନିପଟ ଆଦିବାସୀ ଅଞ୍ଚଳର ନୁହେଁ, ବରଂ ୧୬ନଂ.ଜାତୀୟ ରାଜପଥର ଯାଜପୁର ଜିଲା ବଡ଼ଚଣା ନିକଟରେ ଘଟିଛି।

ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଇରା ପଞ୍ଚାୟତର ଖଇରା ହାଟସାହିରେ ରହୁଥିବା ଜଣେ ଆଦିବାସୀ ମହିଳା ପାରିବାରିକ କଳହକୁ ଯୋଗୁ ବିଷ ପିଇ ଦେଇଥିଲେ । ତାଙ୍କୁ ଡ଼ାକ୍ତରଖାନା ଆଣିବା ପାଇଁ ୧୦୮ ଆମ୍ବୁଲାନ୍ସକୁ ପଡ଼ୋଶୀ ଫୋନ କରିଥିଲେ। ହେଲେ ଆମ୍ବୁଲାନ୍ସ ଆସି ନ ଥିଲା। ରୋଗୀକୁ ବଞ୍ଚାଇବା ପାଇଁ ପଡ଼ିଶାଙ୍କ ଟ୍ରଲିରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ।

ସୂଚନା ଅନୁଯାୟୀ, ଉକ୍ତ ଗାଁର ରାମ ପିଙ୍ଗୁଆଙ୍କ ସ୍ତ୍ରୀ ଟିକି ପାରିବାରିକ କଳହକୁ କେନ୍ଦ୍ର କରି ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ଏ କଥା ରାମ ପିଙ୍ଗୁଆ ଜାଣିବା ପରେ ତାକୁ ଡ଼ାକ୍ତରଖାନା ଆଣିବାକୁ ଉଦ୍ୟମ କରିଥିଲେ। ପଡ଼ିଶା ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ୨ ଥର ଫୋନ କଲାପରେ ବି ଆମ୍ବୁଲାନ୍ସ ଆସି ନ ଥିଲା। ଶେଷରେ ଟ୍ରଲିରେ ତାଙ୍କୁ ଡାକ୍ତରଖାନା ଅଣାଯାଇଥିଲା । ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ । ହେଲେ ଡାକ୍ତରଖାନାରୁ ତାଙ୍କୁ ଘରକୁ ନେବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା । ସନ୍ଧ୍ୟା ହେବା ପରେ ଟିକି ସ୍ୱାମୀଙ୍କ ହାତ ଧରି ଚାଲି ଚାଲି ଘରକୁ ଫେରିଥିଲେ । ଏପରି ଘଟଣା ବଡ଼ଚଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡ଼ାକ୍ତର ରଶ୍ମୀରଞ୍ଜନ ପଶାୟତଙ୍କୁ ପଚାରିବାରେ ସେ କୁହନ୍ତି, ସେମାନେ କୌଣସି ଆମ୍ବୁଲାନ୍ସକୁ ଫୋନ୍ କରି ନାହାଁନ୍ତି। ଯେହେତୁ ଆଦିବାସୀ ଲୋକ ଗୋଟିଏ ଜାଗାରେ ରହୁଛନ୍ତି ପଡ଼ିଶା ଘର ଟ୍ରଲିରେ ରୋଗୀଙ୍କୁ ନେଇ ଡାକ୍ତରଖାନା ଆସିଥିଲେ ।


ଟ୍ରଲିରେ ରୋଗୀଙ୍କୁ ଡାକ୍ତରଖାନାକୁ ନିଆଯାଉଛି ।

# ଦୀପାବଳିରେ ଜଳିଗଲା ୫ ପରିବାରର ୭ ବଖରା

ମହାକାଳପଡା,୨୫।୧୦(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଅଧୀନ ବଡିଢ଼ି ପଞ୍ଚାୟତର ଛତର ଗାଁରେ ସୋମବାର ରାତିର ଦୀପାବଳି ଉତ୍ସବ ପାଳନ ବେଳେ ହଠାତ୍ ଦଳିତ ସାହି ଅଗ୍ନିକାଣ୍ଡରେ ୫ ପରିବାରର ୭ ବଖରା ଜଳି ପାଉଁଶ ହୋଇଯାଇଛି। ପ୍ରଥମେ ରବୀନ୍ଦ୍ର ଜେନାଙ୍କ ଘରୁ ନିଆଁ ଲାଗିଥିଲା। ଚାହୁଁ ଚାହୁଁ ୧୦ ମିନିଟ୍ ମଧ୍ୟରେ ୭ ବଖରା ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ଏହା ଚାରି ପାଖରେ ବ୍ୟାପି ଯାଇଥିଲା। ଫଳରେ ଘରୁ କୌଣସି ଆସବାବପତ୍ର ବାହାର କରିଯାଇ ପାରି ନ ଥିଲା। ଅଗ୍ନି ବିପନ୍ନ ପରିବାର ଲୋକ ଜୀବନ ବିକଳରେ ଘରୁ ବାହାରକୁ ଆସି ରକ୍ଷା ପାଇଯାଇଥିବା ପରିବାର ମୁଖ୍ୟ ରବୀନ୍ଦ୍ର କହିଛନ୍ତି। ଖବରପାଇ ମହାକାଳପଡ଼ା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିପନ୍ନମାନେ ଖୋଲା ଆକାଶ ତଳେ ଜୀବନ ବିତାଉଛନ୍ତି। ପ୍ରଶାସନ ପକ୍ଷରୁ ଖଣ୍ଡେ ଲେଖାଏ ପାଲ ଯୋଗାଇ ଦିଆଯାଇଛି।

ମିଳୁଥିବା ସୂଚନା ଅନୁସାରେରେ ରବୀନ୍ଦ୍ରଙ୍କ ଘରର ବିଦ୍ୟୁତ୍ ମିଟର ନିକଟରୁ ନିଆଁ ଲାଗିଥିବା ପରିବାର ଲୋକେ କହିଛନ୍ତି। ଘରେ ଦୁଇଟି ଗ୍ୟାସ୍ ଥିଲେ ମଧ ଅକ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅଗ୍ନି ବିପନ୍ନ ପରିବାର ଲୋକମାନେ କେବଳ ପିନ୍ଧା ବସ୍ତ୍ର ଖଣ୍ଡେ ଯାହା ପିନ୍ଧିଛନ୍ତି। ଘରର ସୁନା ରୁପା ଗହଣା, ନଗଦ ଟଙ୍କା, ଘର ଜମିବାଡି ପଟ୍ଟା ଓ ଅନ୍ୟ ଦରକାରୀ କାଗଜ ପତ୍ର, ଧାନ, ଚାଉଳ ମୁଗ, ବିରି ଆଦି ଜଳିଯାଇଛି ବୋଲି ଦେଖିବାକୁ ମିଳିଛି। ଖବରପାଇ ସ୍ଥାନୀୟ ସରପଞ୍ଚ ଅହଲ୍ୟା ଦାସ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ଭେଟି ପଲିଥିନ, ପୋଷାକ, ଚାଉଳ, ଚୁଡ଼ା, ବିସ୍କୁଟ ଆଦି ଯୋଗାଇ ଦେଇଛନ୍ତି। ସ୍ଥାନୀୟ ଗୋଗୁଆ ରାଜସ୍ୱ ସର୍କଲ ପକ୍ଷରୁ ପଲିଥିନ ଖଣ୍ଡେ ଖଣ୍ଡେ ଯୋଗାଇ ଦିଆଯାଇଛି। ଅଗ୍ନି ବିପନ୍ନ ପରିବାରଙ୍କ ମଧ୍ୟରେ ରବୀନ୍ଦ୍ର, ଦିଲୀପ ଜେନା, ପ୍ରଦୀପ ଜେନା, ସୁଶାନ୍ତ କୁମାର ଜେନା ଓ ଲିଲିପ ଜେନା ବୋଲି ଜଣାପଡିଛି। ମଙ୍ଗଳବାର ପୂର୍ବାହ୍ନରେ ବିଭିନ୍ନ ରାଜନୈତିକ ଦଳ କର୍ମକର୍ତ୍ତା ପ୍ରମୁଖ ପହଞ୍ଚି ଚୁଡ଼ା, ଚାଉଳ, ପଲିଥିନ, ରାଶନ ସାମଗ୍ରୀ, ନଗଦ ଟଙ୍କା ଆଦି ପ୍ରଦାନ କରିଛନ୍ତି। ବ୍ଲକ ଅଧକ୍ଷା କଳ୍ପନା ରାଉତ, ସ୍ଥାନୀୟ ଜିଲାପରିଷଦ ପ୍ରତିନିଧି ଦେବଦତ୍ତ ପରିଡ଼ା, ମହାକାଳପଡ଼ା ସରପଞ୍ଚ ରତିକାନ୍ତ ପଣ୍ଡା, ହେମନ୍ତ ସାହୁ, ସାମାଜିକ କର୍ମୀ ଭଗବାନ ଜେନା, ଆକାଶ ମହାପାତ୍ର ଅଗ୍ନି ବିପନ୍ନଙ୍କୁ ଭେଟି ସହାୟତାର ହାତ ବଢାଇଛନ୍ତି। ସେହିପରି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ମଧ୍ୟରେ ବିଷ୍ଣୁ ଦାସ, ଭୁବନ ମୋହନ ଜେନା, ଜିଲା ଭାଜପା ସଭାପତି କିଶୋର ପଣ୍ଡାଙ୍କ ସମେତ ବହୁ ଜନ ପ୍ରତିନିଧି ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ତେବେ ବଡିଢି ପଞ୍ଚାୟତ ପକ୍ଷରୁ ବୁଧବାରଠାରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ଦାସ କହିଛନ୍ତି। ତଦନ୍ତ ରିପୋର୍ଟ ମିଳିବା ପରେ ସରକାରୀ ରିଲିଫ୍ କୋର୍ଡ ନିୟମ ଅନୁସାରେ ସହାୟତା ପ୍ରଦାନ କରାଯିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି।

■ ଖୋଲା ଆକାଶ ତଳେ ବିତୁଛି ଜୀବନ
■ ପ୍ରଶାସନ ପାଲ ଖଣ୍ଡେ ଦେଇ କାମ ସାରିଛି


ଛତର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଜଳିଯାଇଥିବା ଘର ।

## ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ

ଭଦ୍ରକ ଅଫିସ, ୨୫।୧୦: ୧୬ନଂ. ଜାତୀୟ ରାଜପଥର ଭଦ୍ରକ ଗେଲପୁର ଛକ ନିକଟରେ ସୋମବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଭଦ୍ରକ ବ୍ଲକ ବିଜେଗଙ୍ଗାଧରପୁରର ମୀନକେତନ ବିନ୍ଧାଣୀ(୨୫) ଓ ଗ୍ରାମାଞ୍ଚଳ ଥାନା ଅଧୀନ ମୌଦା ଗ୍ରାମର ଜୟପ୍ରକାଶ ପ୍ରଧାନ(୩୦)। ସୂଚନା ଅନୁଯାୟୀ, ମୀନକେତନ ଓ ଜୟପ୍ରକାଶ ଏକ ବାଇକ୍‌ରେ ଭୁବନେଶ୍ୱରରୁ ଭଦ୍ରକ ଫେରୁଥିଲେ। ରାତି ପ୍ରାୟ ୯ଟା ବେଳେ ଗେଲପୁର ଛକ ନିକଟରେ ରାସ୍ତା ପାର୍ ହେଉଥିବା ବେଳେ ବାଲେଶ୍ୱର ଅଭିମୁଖେ ଆସୁଥିବା ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ଟାୟାର ଜାଳି କିଛି ସମୟ ପାଇଁ ଉକ୍ତ ରାସ୍ତା ଅବରୋଧ କରିଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଏହି ସ୍ଥାନରେ ରାସ୍ତା ନିର୍ମାଣ ଅଧାପନ୍ତରିଆ ଯୋଗୁ ବାରମ୍ବାର ଏପରି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୫୩୮/୨୨) ରୁଜୁ ହୋଇଛି।

## ଋଷିକୁଲ୍ୟାରେ ଭାସିଗଲେ ୨ ଭାଇ, ସାନ ଉଦ୍ଧାର ବଡ଼ ନିଖୋଜ

ପୁରୁଷୋତ୍ତମପୁର, ୨୫।୧୦ (ଡି.ଏନ.ଏ.): ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶୋଳଘର ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ବାପା ସନ୍ତୋଷ ମହାନ୍ତିଙ୍କ ସମ୍ମୁଖରେ ୨ ପୁଅ କୃଷ୍ଣଚନ୍ଦ୍ର ଓରଫ ସୁମିତ (୧୫) ଓ କାହ୍ନୁ (୧୨) ଋଷିକୁଲ୍ୟା ନଦୀରେ ଭାସି ଯାଇଛନ୍ତି। କାହ୍ନୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ସୁମିତ ନିଖୋଜ ଅଛନ୍ତି। ପ୍ରକାଶ ଯେ, ସନ୍ତୋଷ ବ୍ରହ୍ମପୁରରେ ରହୁଥିଲେ। ସୋମବାର ଦୀପାବଳି ଲାଗି ଗାଁକୁ ଆସିଥିଲେ। ସକାଳେ ଦୁଇ ପୁଅଙ୍କୁ ସାଙ୍ଗରେ ଧରି ଋଷିକୁଲ୍ୟା ନଦୀକୁ ଗାଧୋଇ ଯାଇଥିଲେ। ଦୁଇ ଭାଇ ନଦୀପଠାରେ ଖେଳୁଥିବା ବେଳେ ବାପା ଶୌଚ ଲାଗି କିଛି ଦୂରକୁ ଯାଇଥିଲେ। ଏହି ସମୟରେ ଦୁଇ ଭାଇ ଖେଳୁଥିବା ବେଳେ ସାନ ଭାଇ କାହ୍ନୁ ପାଣି ମଧକୁ ଖସିଯାଇଥିଲେ। ଏହା ଦେଖି ବଡ଼ଭାଇ କୃଷ୍ଣଚନ୍ଦ୍ର ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବା ବେଳେ ସେ ମଧ ଭାସି ଯାଇଥିଲେ। ନିକଟରେ ଗାଧୋଉଥିବା ଜଣେ ମହିଳା କାହ୍ନୁଙ୍କୁ ଉଦ୍ଧାର କରିଥିବା ବେଳେ କୃଷ୍ଣଚନ୍ଦ୍ର ପାଣି ସ୍ରୋତରେ ଭାସି ଯାଇଥିଲେ। ଖବରପାଇ ସ୍ଥାନୀୟ ବିଡିଓ ବିଜୟ କୁମାର ବେହେରା, ତହସିଲଦାର ସନ୍ତୋଷ କୁମାର ସାହୁ, ଅତିରିକ୍ତ ତହସିଲଦାର ସୁନୀଲ୍ କୁମାର ଟୁଡୁ ଓଡ୍ରାଫ ଟିମ୍ ଓ ପୁରୁଷୋତ୍ତମପୁର ଦମକଳ ବାହିନୀକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଉଭୟେ ଓଡ୍ରାଫ ଓ ଦମକଳ ବାହିନୀ ପହଞ୍ଚି ନଦୀରେ ପଶି ଦିନତମାମ ଖୋଜାଖୋଜି କରିଥିଲେ ମଧ କୃଷ୍ଣଚନ୍ଦ୍ରଙ୍କ ପତ୍ତା ମିଳିନାହିଁ।

# ଜଣେ ଫାର୍ମାସିଷ୍ଟ, ଏକାଧିକ ଦୋକାନ

ଯାଜପୁର ଅଫିସ,୨୫।୧୦



- ଅଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ଔଷଧ ବିକ୍ରି
- ପରିଚାଳନାରେ ଆଇନର ଉଲ୍ଲଂଘନ
- କ୍ୟାମ୍ପସ ଔଷଧ ଦୋକାନକୁ ପରୋକ୍ଷରେ ସୁରକ୍ଷା
- ଅଭିଯୋଗ ଆଧାରରେ ଚାଲିଛି ତଦନ୍ତ : ସ୍ୱାସ୍ଥ୍ୟ ବିଭାଗ

ଡ୍ରଗ୍ସ ଏବଂ କସ୍‌ମେଟିକ୍ସ ଆକ୍ଟ-୧୯୪୦ର ଧାରା ୬୫(୨), ୬୩(୩)(୧) ଏବଂ ୬୫(୯)(ଏ)ର ଉଲ୍ଲଂଘନ କରି କେତେଜଣ ଖୁଚୁରା ଏବଂ ହୋଲ୍‌ସେଲର ଔଷଧ ବିକ୍ରି କରୁଛନ୍ତି। ଏଥିରେ ସମ୍ପୃକ୍ତ ଡ୍ରଗ୍ସ ଇନ୍ସପେକ୍ଟରମାନେ ଜାଣିଶୁଣି ହାତବାନ୍ଧି ବସିଛନ୍ତି। ଏପରି କି ଫାର୍ମାସିଷ୍ଟମାନଙ୍କ ମିଥ୍ୟା ପ୍ରମାଣପତ୍ରରେ ଲାଇସେନ୍ସ ଏବଂ ନବୀକରଣ କରାଯାଇ ଔଷଧ ଦୋକାନ ଖୋଲାଯାଇଛି। ଯେଉଁ ଫାର୍ମାସିଷ୍ଟମାନେ ସରକାରୀ ଓ ଅନ୍ୟ ସେକ୍ଟରରେ ନିୟୋଜିତ ଅଛନ୍ତି କିମ୍ବା ରାଜ୍ୟ ବାହାରେ ରହୁଛନ୍ତି ସେମାନଙ୍କ ନାମରେ ମଧ ଔଷଧ ଦୋକାନଗୁଡ଼ିକ ପଞ୍ଜୀକରଣ ହେଉଛି। ଏଭଳି ଭାବେ କେତେଜଣ ଅଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ବିକ୍ରୀ ହେଉଥିବାରୁ ଦୁର୍ବଳ ଶ୍ରେଣୀର ଲୋକେ ତଳିତଳାନ୍ତ ହେଉଛନ୍ତି। ଏହିକ୍ରମରେ ନକଲି ଔଷଧ ମଧ ଅଯୋଗ୍ୟ ବ୍ୟକ୍ତି ହାତରେ ବିକ୍ରି ହେଉଛି । ଓଡ଼ିଶା ଜନଶୁଣାଣୀ ପୋର୍ଟାଲରେ ଅକ୍ଷୟ କିଶୋର ଦାସଙ୍କ ଉପରୋକ୍ତ ଅଭିଯୋଗକୁ ଭିତ୍ତି କରି ଡ୍ରଗ୍ସ କଣ୍ଟ୍ରୋଲ ଡାଇରେକ୍ଟୋରେଟ ରାଜ୍ୟର ସମସ୍ତ ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର୍ସ ଏବଂ ଡ୍ରଗ୍ସ ଇନ୍ସପେକ୍ଟରମାନଙ୍କୁ ଆଇନ ଖିଲାପକାରୀ ଔଷଧ ଦୋକାନଗୁଡ଼ିକୁ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଯାଜପୁର ଜିଲାରେ ଏହି ନିର୍ଦ୍ଦେଶ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ହୋଇଛି।

୨୦୦୭ ଜୁଲାଇ ୨୦ରେ ପ୍ରଥମେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଠାରେ ଏକ ନକଲି ଔଷଧ ତିଆରି କାରଖାନା ଠାବ ହୋଇଥିଲା । ଏହି ଘଟଣାଟି ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଉକ୍ତ କାରଖାନାରେ ଚଢ଼ାଉ ପରେ ସେଥିରୁ ଅନେକ ନାମୀଦାମୀ କମ୍ପାନୀ ନାମରେ ପ୍ରସ୍ତୁତ ଏଲୋପାଥି ଓ ଆୟୁର୍ବେଦ ଔଷଧ ଜବତ ହୋଇଥିଲା । ପ୍ରଶାସନକୁ ହାତକରି ଦୀର୍ଘବର୍ଷ ଧରି କଣ୍ଟାବାଞ୍ଜି ସହରର ଜଣେ ବ୍ୟବସାୟୀ ନିଜ ପୁଅ ତଥା ସମ୍ପର୍କୀୟମାନଙ୍କ ଜରିଆରେ ଏହି ଅସାଧୁ ବ୍ୟବସାୟ ଚଳାଇ ଆସିଥିବା ଲୋକଲୋଚନକୁ ଆସିଥିଲା । ସେହିପରି ସେପ୍ଟେମ୍ବର ୭ରେ କଟକ ପୁରୀଘାଟ ଥାନା ଅନ୍ତର୍ଗତ ମାଣିକ ଘୋଷ ବଜାରସ୍ଥିତ ୨ ମେଡିସିନ ଗୋଦାମରେ ନାମୀ ମେଡିସିନ କମ୍ପାନୀର ଲୋଗୋକୁ ପୂରା ନକଲ କରାଯାଇଥିବା ଚଢାଉରେ ଜଣାପଡିଥିଲା। ଏଭଳି ଭାବେ ଯେଉଁଟା ତଦନ୍ତରେ ଜଣାପଡୁଛି ତାହା ଲୋକଲୋଚନକୁ ଆସୁଥିବାବେଳେ ଅନେକ ନକଲି ଔଷଧ ଖୋଲାଖୋଲି ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଭାରତରେ ୨୦୨୦-୨୧ରେ ଯାଞ୍ଚ କରାଯାଇଥିବା ୮୪,୮୭୪ ନମୁନାରୁ ୨,୬୫୨ ଉପଯୁକ୍ତ ମାନର ଔଷଧ ହୋଇ ନ ଥିବା ଜଣାପଡିଛି। ଅର୍ଥାତ୍ ରୋଗ ଉପଶମ କରୁ ନ ଥିବା ଔଷଧଗୁଡ଼ିକୁ ଲୋକେ ସେବନ କରି କେତେକାଂଶରେ ମୃତ୍ୟୁମୁଖରେ ପଡୁଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏଥିପାଇଁ ଅଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ଔଷଧ ଦୋକାନ ଚାଲିବା ମଧ କେତେକାଂଶରେ ଦାୟୀ ବୋଲି କୁହାଯାଇପାରେ। ସମସ୍ତଙ୍କୁ ନିରାମୟ ଯୋଜନାରେ ମାଗଣାରେ ଔଷଧ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଭାଗର ଯୁଗ୍ମସଚିବ ୨୭।୨।୨୦୧୫ ତାରିଖରୁ ପତ୍ରସଂଖ୍ୟା ୪୫୩୮ରେ କ୍ୟାମ୍ପସ ମେଡିକାଲ ଷ୍ଟୋରକୁ ବାରଣ କରିଥିଲେ। ହେଲେ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ନିର୍ଦ୍ଦେଶନାମା ଯାଜପୁର ଜିଲାରେ କାର୍ଯ୍ୟକାରୀ ହୋଇ ପାରିନାହିଁ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରୋକ୍ଷରେ କ୍ୟାମ୍ପସ ମେଡିକାଲ ଷ୍ଟୋରକୁ ସୁରକ୍ଷା ଦିଆଯାଇ ଆସୁଛି । ନିରାମୟ ଯୋଜନାର ସଫଳତା ନେବାକୁ ଆସୁଥିବା ଗରିବ ଲୋକେ ଏଥିରୁ ଶୋଷଣର ଶିକାର ହେଉଛନ୍ତି। ଜିଲାର ୧୦ଟି ବ୍ଲକର ଗ୍ରାମାଞ୍ଚଳରେ ପ୍ରାୟ ୧୫୦ ନକଲି ଔଷଧ ଦୋକାନ ରହିଛି ବୋଲି ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି। କେତେଜଣ ଫାର୍ମାସିଷ୍ଟଙ୍କ ପ୍ରମାଣପତ୍ରକୁ ଏକାଧିକ ଔଷଧ ଦୋକାନ ନାମରେ ପଞ୍ଜୀକୃତ କରାଯାଇଛି। ଏହି ନକଲି ଦୋକାନଗୁଡିକରେ ପାଠ ପଢିଥିବା ଫାର୍ମାସିଷ୍ଟମାନେ ଔଷଧ ବିକ୍ରି କରୁନାହାନ୍ତି। ଫଳରେ ଅଧିକାଂଶ ଦେକାନୀ ଅଳ୍ପ ଅଭିଜ୍ଞତାକୁ ପାଥେୟ କରି ବିନା ଡାକ୍ତରଙ୍କ ପରାମର୍ଶରେ ଔଷଧ ବିକ୍ରି କରୁଛନ୍ତି ।

ତେବେ ଏଭଳି ଅଭିଯୋଗକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗୁରୁତ୍ୱର ସହ ଗ୍ରହଣ କରିଛି। ବିଭାଗୀୟ ସ୍ୱତନ୍ତ୍ର ଅଧିକାରୀ ବିନୋଦ ବିହାରୀ ଦାଶ ଅଭିଯୋଗକାରୀଙ୍କୁ ଦେଇଥିବା ପତ୍ରରେ ଅଣଫାର୍ମାସିଷ୍ଟ ଔଷଧ ଦୋକାନଗୁଡିକ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ଦର୍ଶାଇଛନ୍ତି। ଏହାସହ ନିୟମିତ ଭାବେ ଚଢାଉ କରି ଆଇନ ଖିଲାପକାରୀ ଔଷଧ ଦୋକାନଗୁଡିକ ବିରୋଧରେ କାରଣ ଦର୍ଶାଅ ନୋଟିସ ହେଉଛି, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଜଣେ ଫାର୍ମାସିଷ୍ଟଙ୍କ ସାର୍ଟିଫିକେଟରେ ଚାଲୁଥିବା ଏକାଧିକ ଔଷଧ ଦୋକାନ ସମ୍ପର୍କରେ ତଦନ୍ତ ଚାଲିଛି, ଔଷଧଗୁଡିକର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ହେଉଥିବା ସେ ସଫେଇ ଦେଇଛନ୍ତି।

Happy Birthday



JYOTINI
Hope, you have a great day today and the year ahead is full of many blessings.... many many happy returns of the day, happy birthday JYOTINI...
ଧ-୧୮୪୬

## ରେଲଷ୍ଟେଶନ ନିକଟରୁ ୪ ମୃତଦେହ ଜବତ

ବାଲେଶ୍ୱର ଅଫିସ, ୨୫।୧୦

ବାଲେଶ୍ୱର ରେଲଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳରୁ ୪ମୃତଦେହ ଜବତ ହୋଇଛି। ଆନନ୍ଦବଜାର ଲେଭଲକ୍ରସିଂ ନିକଟରୁ ୨ଟି ମୃତଦେହ ଜବତ କରାଯାଇଥିବା ବେଳେଷ୍ଟେଶନ ନିକଟରୁ ଗୋଟିଏ ଏବଂ ଅଙ୍ଗାରଗଡ଼ିଆ ଲେଭଲକ୍ରସିଂ ନିକଟରୁ ଅନ୍ୟ ଏକ ମୃତଦେହ ଜବତ କରାଯାଇଛି। ଏଗୁଡ଼ିକୁ ରେଲୱେ ପୋଲିସ ଜବତ କରି ୪ଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଛି। ସୋମବାର ବିଳମ୍ବିତ ରାତିରେ ଆନନ୍ଦବଜାର ଲେଭଲକ୍ରସିଂ ନିକଟରେ ଯାତ୍ରୀବାହୀ ଟ୍ରେନ୍ ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ପରିଚୟ ମିଳିଛି। ସେ ହେଲେ ରେମୁଣା ବଗଲପୁର ଗାଁର କାଳୀ ଚରଣ ଦେ। ସେ ବାଲେଶ୍ୱର ଫାଣ୍ଡି ଛକ ନିକଟରେ ଫଳ ଦୋକାନରେ କାମ କରୁଥିଲେ। ସେହିଭଳି ଜଣେ ବୃଦ୍ଧ ଭିକ୍ଷୁକଙ୍କ ମୃତଦେହ ରେଲଷ୍ଟେଶନ ନିକଟରୁ ଜବତ ହୋଇଛି। ଅନ୍ୟ ଏକ ମୃତଦେହ ଅଙ୍ଗାରଗଡ଼ିଆ ଲେବଲ କ୍ରସିଂ ନିକଟରୁ ମିଳିଛି। ସେ ହେଲେ ଜୋତା ମରାମତି କରୁଥିବା ୱାଇ. ଭେଙ୍କଟରାଓ। ସମସ୍ତ ମୃତଦେହକୁ ଜିଆର୍‌ପି ପୋଲିସ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି।

## ମୃତ ଗାଈକୁ ଘୋଷାଡ଼ିଲା ଏନ୍‌ଏଚ୍‌ଏଆଇ ଗାଡ଼ି




- ସୁପରଭାଇଜର, ଚାଳକ ବହିଷ୍କୃତ

ଛତ୍ରପୁର,୨୫।୧୦(ଡି.ଏନ୍.ଏ.)

ହିନ୍ଦୁ ଧର୍ମରେ ଗୋମାତାଙ୍କୁ ପୂଜା କରାଯାଉଥିବା ବେଳେ ଏକ ମୃତ ଗାଈକୁ ଗାଡ଼ି ପଛରେ ବାନ୍ଧି ଘୋଷାଡ଼ି ନିଆଯିବା ଦୃଶ୍ୟ ଆଘାତ ଦେଇଛି। ଗଞ୍ଜାମ ଜିଲା ଛତ୍ରପୁର ବାଇପାସ୍ ଜାତୀୟ ରାଜପଥରେ ଏପରି ଦୃଶ୍ୟ ଦେଖାଯାଇଛି। ଏହାର ଭିଡିଓ ପାଇବା ପରେ ଗାଡ଼ି ଚାଳକ ଓ ରାଜପଥ ସଫେଇ ଦାୟିତ୍ୱ ନେଇଥିବା ସୁପରଭାଇଜରଙ୍କୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ବହିଷ୍କାର କରିଛନ୍ତି। ଛତ୍ରପୁର ବାଇପାସ୍ ଜାତୀୟ ରାଜପଥରେ ରବିବାର ରାତିରେ କୌଣସି ଗାଡି ଧକ୍କାରେ ଏକ ଗାଈର ମୃତ୍ୟୁ ଘଟିଥିଲା। ସୋମବାର ସକାଳେ ରାସ୍ତାରୁ ମୃତ ଗାଈ ହଟାଇବା ପାଇଁ ହାଇୱେ ପାଟ୍ରୋଲିଂ ଗାଡ଼ି ଆସିଥିଲା। ଉକ୍ତ ଗାଡ଼ି ପଛପଟେ ଦଉଡ଼ିରେ ମୃତ ଗାଈ ବାନ୍ଧି ଜାତୀୟ ରାଜପଥରେ ପ୍ରାୟ ୫୦୦ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନିଆଯାଇଥିଲା। ଏହାକୁ ବୁଦ୍ଧିଜୀବୀ ଓ ବଜରଙ୍ଗ ଦଳ ପକ୍ଷରୁ ବିରୋଧ କରାଯିବାରୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଗକୁ ଏପରି ଘଟଣାର ପୁନରାବୃତ୍ତି ହେବନି ବୋଲି ସେ କହିଛନ୍ତି।

## ଆଜିଠୁ ଜାତୀୟ ଆଦିବାସୀ ମହୋତ୍ସବ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ବୁଧବାରଠାରୁ ଜାତୀୟ ଆଦିବାସୀ ମହୋତ୍ସବ ଆରମ୍ଭ ହେବ। ଏହା ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସା' ପରିଚୟ ଫାଉଣ୍ଡେଶନ ପକ୍ଷରୁ ଆୟୋଜନ ହେବାକୁ ଯାଉଥିବା ଏହି ଆଦିବାସୀ ମହୋତ୍ସବରେ ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର ୧୧ଟି ଜିଲାରୁ ବିଭିନ୍ନ ଜନଜାତି ଯୋଗଦେଇ ସେମାନଙ୍କର କଳା, ସଂସ୍କୃତିକୁ ଦର୍ଶକଙ୍କ ସମ୍ମୁଖରେ ପ୍ରଦର୍ଶନ କରିବେ। ସେହିପରିଆଦିବାସୀ କଳା, ସଂସ୍କୃତି, ଖାଦ୍ୟ, ହସ୍ତଶିଳ୍ପ, ଗହଣା ଓ ବୟନଶିଳ୍ପ ସାମଗ୍ରୀ ପ୍ରଭୃତି ପ୍ରଦର୍ଶନ କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ଆଦିବାସୀ ନୃତ୍ୟ ଓ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ ହେବ। କାର୍ଯ୍ୟକ୍ରମରେ ଆଦିବାସୀ ଓ ହରିଜନ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ବିଧାୟକ ଅନନ୍ତ ନାରାୟଣ ଜେନା, ଫାଉଣ୍ଡେଶନର ସଭାପତି ତଥା କଟକ ମେୟର ସୁବାସ ସିଂ, ଉପସଭାପତି ଅଶୋକ କୁମାର ପାଙ୍ଗୀ, ସମ୍ପାଦକ ଶୁଭାଶିଷ ଦାସ, ଉପଦେଷ୍ଟା ହୃଦୟ ରଞ୍ଜନ ବେହେରା, କ୍ଷୀରୋଦ ଚରଣ ଦାସ ପ୍ରମୁଖ ଉପସ୍ଥିତ ରହିବେ। ଏହି ଅବସରରେ ଏକ ସ୍ୱତନ୍ତ୍ର ଆଦିବାସୀ ଫଟୋ ପ୍ରଦର୍ଶନୀ ଓ ଆଦିବାସୀ ଚିତ୍ର କର୍ମଶାଳା ଆୟୋଜନ କରାଯିବ ବୋଲି ଫାଉଣ୍ଡେଶନର ଗଣମାଧ୍ୟମ ସଂଯୋଜକ ଆଶିଷ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

## କାଠଫାଳିଆରେ ପିଟି ଯୁବକଙ୍କୁ ହତ୍ୟା

ସୁନ୍ଦରଗଡ଼,୨୫।୧୦(ଡି.ଏନ.ଏ)

**ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରୁ ମୃତଦେହ ଜବତ**

ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ ଭେଡାବାହାଲ ବଘିଆପଡା ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ଦେବୀଦାଶ ସେଠ(୨୩)। ସ୍ଥାନୀୟ କଲୋନୀପଡାରେ ତାଙ୍କ ଘର। ତାଙ୍କୁ କେହି କାଠ ଫାଳିଆରେ ପିଟି ଓ ଇଟାରେ ମୁହଁକୁ ଛେଚି ହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ସେ ଘରୁ ବାହାରକୁ ଯାଇଥିବା ବେଳେ ରାତିରେ ଫେରି ନ ଥିଲେ । ସକାଳେ ତାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଦେବୀଦାଶଙ୍କ ମୁଣ୍ଡ ଓ ବାମ ପଟ ମୁହଁରେ ଗଭୀର କ୍ଷତ ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳଠାରୁ କିଛି ଦୂରରେ ପଡିଥିବା ଏକ ରକ୍ତଭିଜା କାଠଫାଳିଆ ଓ ଭଙ୍ଗାଇଟା ଜବତ କରିଛି। କୌଣସି ଘଟଣାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଛି । ସେ ଅବିବାହିତ ଥିଲେ। ତାଙ୍କର କାହା ସହିତ ଶତ୍ରୁତା ନ ଥିବା ମୃତ ଯୁବକଙ୍କ ବଡ଼ଭାଇ ଗୌତମ ସେଠ କହିଛନ୍ତି । ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ ହୋଇଛି । ଏ ନେଇ ସଦର ଥାନାରେ ନଂ.୨୭୪/୨୨ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି ।

## ବାର୍‌ହା ମାଂସ ଜବତ, ୨ ଶିକାରୀ କୋର୍ଟ ଚାଲାଣ

ଠାକୁରମୁଣ୍ଡା,୨୫।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ସାତକୋଶିଆ ବନାଞ୍ଚଳରୁ ବନ ବିଭାଗ ୨ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୮୦୦ଗ୍ରାମ ବାର୍‌ହା ମାଂସ, ଶିକାରରେ ବ୍ୟବହୃତ ଧନୁ ଓ ତୀର ଜବତ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ କୋରଡ଼ାପାଲ ଗ୍ରାମର କୁନା ହୋ ଏବଂ ସୀତାରାମ ହୋ। ସୋମବାର ବନ ବିଭାଗ ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଶାଳଚୁଆ ଫରେଷ୍ଟ ବିଟ୍ ଅନ୍ତର୍ଗତ କୋରଡ଼ାପାଲ ସଂରକ୍ଷିତ ଜଙ୍ଗଲ କମ୍ପାର୍ଟମେଣ୍ଟ ନଂ.୧ରୁ ଶିକାରୀମାନେ ଏକ ବାର୍‌ହା ଶିକାର କରି ତା'ର ମାଂସ ଭାଗବାଣ୍ଟ କରି ନେଇଥିଲେ। ଖବରପାଇ ବନ କର୍ମଚାରୀମାନେ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ।

## ପୋଲିସ ଇନ୍‌ଫର୍ମର ସନ୍ଦେହରେ ଯୁବକଙ୍କୁ ହତ୍ୟା

ବାଲିଗୁଡ଼ା/କୋଟଗଡ଼(ଡି.ଏନ୍.ଏ.)
ଫୁଲବାଣୀ ଅଫିସ,୨୫।୧୦



ମାଓବାଦୀମାନେ ମାରିଥିବା ପୋଷ୍ଟର।

**ମହିଳା ମାଓବାଦୀ ମୃତ୍ୟୁର ପ୍ରତିଶୋଧ**

- ଠିକାଦାରଙ୍କ ଗାଡ଼ି ପୋଡ଼ିଲେ

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ସୁଦ୍ରା ପଞ୍ଚାୟତର ଆମ୍ବାବାଡ଼ି ଗାଁରେ ସୋମବାର ମାଓବାଦୀମାନେ ଜଣେ ଯୁବକଙ୍କୁ ହତ୍ୟା କରିଥିବା ବେଳେ ଠିକା ସଂସ୍ଥାର ୨୦ରୁ ଅଧିକ ଗାଡ଼ି ଜାଳି ଦେଇଛନ୍ତି। ମୃତକ ହେଲେ କୁନାସଲୁ ନିକଟସ୍ଥ କ୍ଲମ୍ବାଜକି ଗ୍ରାମର ନୀଳକଣ୍ଠ ମଲ୍ଲିକ। ପ୍ରକାଶ ଯେ, ଗତ ୧୧ତାରିଖରେ କୁନାସେଲ ଜଙ୍ଗଲରେ ପୋଲିସ ଗୁଳିରେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଏହାର ପ୍ରତିଶୋଧ ନେବା ପାଇଁ ମାଓବାଦୀମାନେ ନୀଳକଣ୍ଠଙ୍କୁ ଘରୁ ଡାକି ନେଇଥିଲେ। ପରେ ତାଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ହତ୍ୟା କରିଥିଲେ। ସେହିପରି କ୍ଲମ୍ବାଜକି ଗାଁଠାରୁ ୧୦ କିଲୋମିଟର ଦୂରରେ ଥିବା ସୁଦ୍ରା ପଞ୍ଚାୟତ କାତେଭଟା ଛକଠାରୁ ପିପାଲି ଗ୍ରାମ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା କାମ ଚାଲିଥିଲା। ଏହି ଯୋଜନାରେ କାମ କରୁଥିବା ଠିକାଦାରଙ୍କ କ୍ୟାମ୍ପରେ ସନ୍ଧ୍ୟାରେ ୧୫ରୁ ଊର୍ଦ୍ଧ୍ୱ ମାଓବାଦୀ ପଶି ୨ ଜେସିବି, ୨ ଟ୍ରାକ୍ଟର, ଦୁଇଟି ମିକ୍ସର୍ ମେଶିନ ଜାଳି ଦେଇଛନ୍ତି। ଏହି କାଣ୍ଡ କେକେବିଏନ ମାଓ ସଙ୍ଗଠନ କରିଛନ୍ତି ବୋଲି ଛାଡି ଯାଇଥିବା ପୋଷ୍ଟର ଓ ବ୍ୟାନରରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ପୋଲିସ ଗୁଳିରେ ନିହତ ମହିଳା ମାଓବାଦୀଙ୍କ ମୃତ୍ୟୁକୁ ବିରୋଧ କରି ମଙ୍ଗଳବାର ମାଓବାଦୀ ସଙ୍ଗଠନ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲେ। ଏହାକୁ ସଫଳ କରିବା ପାଇଁ ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ଏ ନେଇ ପୋଲିସ ପକ୍ଷରୁ କୌଣସି ମତାମତ ମିଳିପାରିନାହିଁ।

# ମାଓବାଦୀ-ଯବାନ ଗୁଳି ବିନିମୟ

ନୂଆପଡ଼ା ଅଫିସ,୨୫।୧୦

ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ହୋଇଥିବା ସୂଚନା ମିଳିଛି। ଉଭୟଙ୍କ ମଧ୍ୟରେ ୨ ଥର ଗୁଳି ବିନିମୟ ହୋଇଥିବା ଜଣାପଡ଼ିଛି। ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଯବାନମାନେ କୋମ୍ବିଂ ଅପରେଶନ କରି ମାଓବାଦୀ କ୍ୟାମ୍ପ ଠାବ କରିବା ସହ ବିଭିନ୍ନ ସାମଗ୍ରୀ ଜବତ କରିଥିବା ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତ୍ୟୁଷ ଦିବାକର ଏବଂ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏରିକ ଗିଲବର୍ଟ ଜୋଷ ମିଳିତ ଭାବେ ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ୨୧ ତାରିଖରେ ବୋଡେନ ଥାନା ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ରହିଥିବା ନେଇ ପୋଲିସକୁ ଗୋଇନ୍ଦା ବିଭାଗରୁ ଖବର ମିଳିଥିଲା। ଏହି ସୂଚନାକୁ ଆଧାର କରି ନୂଆପଡା ପୋଲିସ ରଣନୀତି ପ୍ରସ୍ତୁତ କରିଥିଲା।



ଏସପି ଓ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଜବତ ମାଓବାଦୀ ସାମଗ୍ରୀ ଖବରଦାତା ସମ୍ମିଳନୀରେ ଦେଖାଉଛନ୍ତି।

ଏସ୍‌ପି ଦିବାକରଙ୍କ ନିର୍ଦ୍ଦେଶକ୍ରମେ ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ଏସଓଜି, ଡିଭିଏଫ ଓ ସିଆର୍‌ପିଏଫ୍ ଯବାନଙ୍କ ମିଳିତ ଟିମ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ରବିବାର ପୂର୍ବାହ୍ନରେ ଓଡ଼ିଶା ଓ ଛତିଶଗଡ ସୀମାନ୍ତରେ ମାଓବାଦୀ ଏବଂ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ସୁରକ୍ଷା ବାହିନୀଙ୍କୁ ମୁକାବିଲା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ। ସୁରକ୍ଷା ବାହିନୀ କୋମ୍ବିଂ ଅପରେଶନ କରୁଥିବା ସମୟରେ ମଧ୍ୟାହ୍ନରେ ପୁଣିଥରେ ମାଓବାଦୀମାନେ ସୁରକ୍ଷା ବାହିନୀ ଉପରେ ଗୁଳି ଚାଳନା କରିଥିଲେ। ସୁରକ୍ଷା ବାହିନୀ ପାଲଟା ଗୁଳି ଚାଳନା କରିବାରୁ ମାଓବାଦୀମାନେ କ୍ୟାମ୍ପ ଛାଡି ଚାଲିଯାଇଥିଲେ। ସଂରକ୍ଷିତ ଜଙ୍ଗଲ ଭିତରେ ସୁରକ୍ଷା ବାହିନୀ ଏକ ମାଓବାଦୀ କ୍ୟାମ୍ପ ଠାବ କରି ବିପୁଳ ପରିମାଣର ବିଭିନ୍ନ ମାଓବାଦୀ ସାମଗ୍ରୀ ଜବତ କରିଥିଲେ। କ୍ୟାମ୍ପରୁ ୨ଟି ଏଲଇଡି, ୩ଟି ଡିଟୋନେଟର, ୨ଟି ଅଫୁଟା ଗୁଳି, ଟାଙ୍ଗିଆ, ବିଭିନ୍ନ ପ୍ରକାର ମାଓବାଦୀ ପୋଷାକ, ରନ୍ଧା ସାମଗ୍ରୀ ଜବତ କରିଥିଲେ। ୨୩ ତାରିଖରେ ପ୍ରଥମ ଗୁଳି ବିନିମୟ ବେଳେ ୨୦ ରୁ ୨୫ଜଣ ମାଓବାଦୀ ଥିବା ଅନୁମାନ କରାଯାଇଥିବା ବେଳେ ଦ୍ୱିତୀୟ ଗୁଳି ବିନିମୟ ସମୟରେ ୧୦ରୁ ୧୫ଜଣ ମାଓବାଦୀ ଥିବା ଅନୁମାନ କରାଯାଉଛି ବୋଲି ଏସ୍‌ପି ଓ ସିଆରପିଏଫ କମାଣ୍ଡାଣ୍ଟ ଏକ ମିଳିତ ପ୍ରେସ ବିବୃତିରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ବିଭିନ୍ନ ମାଓବାଦୀ ସାମଗ୍ରୀ ଜବତ**

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



୰ପଦ୍ମାବତୀ ଦାଶ
ଆବିର୍ଭାବ- ତା୦୫।୦୧।୧୯୫୫
ତିରୋଧାନ- ତା୧୫।୧୦।୨୦୨୨
କାଳର କରାଳ ଗତିରେ ତୁମ୍ଭେ ଆମ୍ଭମାନଙ୍କୁ ଚିର ଦିନ ପାଇଁ ଛାଡିଚାଲିଗଲ। ସଶରୀରେ ତୁମ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ବୋଉ । ତଥାପି ତମର ସ୍ନେହବୋଳା କଥା, ପରକୁ ଆପଣାର କରିବା, ତ୍ୟାଗ ଓ ନୀତି ଆଦର୍ଶ ଜୀବନରେ ଚିରସ୍ମରଣୀୟ ହୋଇ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ବନ୍ଧୁ ପରିବାରବର୍ଗ ।
ଧ-୧୮୪୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ତିଲୋତ୍ତମା ପ୍ରଧାନ
ସ୍ଥାନ- ଲୁଣିସରା, ନୂଆଗାଁ, ନୟାଗଡ଼
ଆବିର୍ଭାବ-୦୧।୦୧।୫୮
ତିରୋଧାନ: ୦୫।୧୧।୨୦୨୧
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୮୪୭

IN LOVING MEMORY OF



Smt. Leelawanti Motiwala
(1947-2022)
With Profound grief we inform the demise of purest soul of our family who left for her heavenly abode on Thursday, 13th, October, 2022.
Paath Aarambh- 20.10.22 (10:00 A.M.)
Paath Sampurna- 26.10.22 (7.00 A.M.)
Bhog- 26.10.22 (1 P.M. onwards)
Bereaved
Shankar Ram, Sushil Kumar Motiwala, Suraj Kumar Motiwala, Prem Kumar Motiwala (Son) and Motiwala family
ଧ-୭୧୩୫୮

# ସୋରିଷ ଚାଷ



ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ଲାଗି ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ୱା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ୱା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି.-୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ସକାଶେ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ୱା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସୋରିଷ ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଧିକ ଅମଳକ୍ଷମ ସୋରିଷ ଚାଷ ସକାଶେ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା’ ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ରୋଗପୋକ ବିଷୟରେ ସଚେତନ ରୁହନ୍ତୁ।

# ମଲ୍ଲୀ ଗଛ ପାଇଁ ମନ୍ଦା ପ୍ରସ୍ତୁତି

ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ୱ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଆବଶ୍ୟକ। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମି କିମ୍ୱା ଗୁଟି କଲମି ଦ୍ୱାରା ହୁଏ। କଟା କଲମି ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମିଗୁଡ଼ିକୁ ପୋତିଦେଲେ ଦୁଇତିନିମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।



# ଅଧିକ ଅମଳକ୍ଷମ କାଜୁ

କାଜୁର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ବି.ପି.ପି, ଭୁବନେଶ୍ୱର -୧,ଭି.ଆର.ଇ-୨,ହାଇବ୍ରିଡ୍-୨-୧୭ କିସମ ବ୍ୟବହାର କରନ୍ତୁ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବରକ୍ଷୟପ୍ରାପ୍ତ ଜମି ସକାଶେ ୪×୪ମିଟର ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦/୮୦ଟି ଗଛ ଏବଂ ନିରୋଗ କଲମି ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ ସାର ପ୍ରୟୋଗ କରନ୍ତୁ।



# ଗୋ ସମ୍ୱର୍ଦ୍ଧନା



ଡା. ବୀର କିଶୋର ପରିଡ଼ା



ଗୋମାତା ଆମର ଚଳନ୍ତି ଦେବତା ଓ ସକଳ ସୁଖ ସମୃଦ୍ଧିର ପ୍ରତୀକ। କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ଗୋସଂପଦ ଉପରେ ହିଁ ପର୍ଯ୍ୟବସିତ। ସୁସ୍ଥ ସମାଜ ଗଠନରେ ଗୋମାତାର ଦାନ ଅତୁଳନୀୟ। ଗୋ-ବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀକୁ ସଂଶ୍ଲିଷ୍ଟ କରାଯାଇ ୧୯୫୨ ମସିହାଠାରୁ ଗିରି ଗୋବର୍ଦ୍ଧନ ଓ ଗୋମାତାର ପୂଜାବିଧି ପାଳନ ପୂର୍ବକ ଆମ ରାଜ୍ୟ ତଥା ଦେଶରେ ଏହାକୁ "ଗୋ-ସମ୍ୱର୍ଦ୍ଧନା ସପ୍ତାହ" ଭାବରେ ପାଳନ କରାଯାଇ ଆସୁଅଛି। ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହିତ ଗୋମାତା ଓତଃପ୍ରୋତ ଭାବେ ଜଡ଼ିତ। ଏହିଦିନ ଗୋରୁଙ୍କୁ ଗାଧୋଇ ଦିଆଯାଇ ମଥାରେ ଅଭିର, ସିନ୍ଦୂର ଓ ବେକରେ ଫୁଲମାଳ ଲଗାଇ ପୂଜା କରାଯାଇଥାଏ ଏବଂ ସେମାନଙ୍କୁ ଶସ୍ୟଜାତୀୟ ଖାଦ୍ୟ, ସବୁଜ ଘାସ ଓ ଗୁଡ଼ ଆଦି ଖାଇବାକୁ ଦିଆଯାଏ । ଏହି ଉତ୍ସବ କାର୍ତ୍ତିକମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ସମାହିତ ହୋଇଥିବାରୁ ଏହାକୁ ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ ଆଖ୍ୟା ଦିଆଯାଇଛି ଏବଂ ସେଦିନ ଠାରୁ ଗୋପୂଜାର ପରମ୍ପରା ରହିଆସିଛି। ବର୍ତ୍ତମାନ ଆମ ରାଜ୍ୟରେ ଗୋସଂପଦର ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ଅନେକ ଯୋଜନା ପ୍ରଣୟନ



କରାଯାଇଛି। ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା ଗୋପାଳକଙ୍କ ଦ୍ୱାରଦେଶରେ ପହଞ୍ଚାଇ ଦିଆଯାଉଅଛି। ଏହି କାର୍ଯ୍ୟକ୍ରମ ଆମ ରାଜ୍ୟର ୩୧୪ଟି ବ୍ଲକରେ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇଅଛି ଏବଂ ଏହି ସେବା ମାଧ୍ୟମରେ କୃତ୍ରିମ ପ୍ରଜନନ, ଟିକାକରଣ, ଅସ୍ତ୍ରୋପଚାର, ଜନସଚେତନ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ସେହିପରି ସବୁଜ ଗୋଖାଦ୍ୟର ଚାହିଦା ମେଣ୍ଟାଇବାପାଇଁ ଖରିଫ୍ ଓ ରବି ଋତୁରେ ଘାସ ମଞ୍ଜି ଯୋଗାଣ ସହିତ ସବୁଦିନିଆ ଘାସ ଚାଷ ପାଇଁ ଘାସମୂଳ, କାଣ୍ଡ, ଚାରା ଆଦି ଯୋଗାଇ ଦିଆଯାଉଅଛି। ଜାତୀୟ ପ୍ରାଣୀଧନ ମିଶନ ଯୋଜନାରେ ଜଣେ ଗୋପାଳକ ଅନ୍ୟୁନ ଅଧଏକର ଜମିରେ ସବୁଦିନିଆ ଘାସ ଚାଷ ନିମନ୍ତେ

> ‘ଆଜିଠାରୁ ନଭେମ୍ୱର ୧ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି ‘ଗୋସମ୍ୱର୍ଦ୍ଧନା ସପ୍ତାହ’। ସେ ସମ୍ପର୍କିତ କେତେକ ବିଷୟକୁ ନେଇ ଉପସ୍ଥାପନା...’

୬ହଜାର ଟଙ୍କାରୁ ଆରମ୍ଭ କରି ଅଢ଼େଇ ଏକର ପର୍ଯ୍ୟନ୍ତ ଜମିରେ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଗୋପାଳକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଅଛି। ସେହିପରି ତିରୋଟ ସମୟରେ ଆଜୋଲା ଚାଷ, ଫଡ଼ର ବ୍ଲକ ପ୍ରସ୍ତୁତି, ମାଟି ନଥାଇ ଘାସଚାଷ, ଜଳଶୁଷ୍କ ଅଞ୍ଚଳରେ ମରୁଡ଼ି ସହନଶୀଳ ଘାସଚାଷ ଆଦି କରିବା ନିମନ୍ତେ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦିଆଯାଉଅଛି। ସବୁଜ ଗୋଖାଦ୍ୟର ସୁବିନିଯୋଗ ନିମନ୍ତେ ଘାସକଟା ଯନ୍ତ୍ର ମଧ୍ୟ ଯୋଗାଇ ଦିଆଯାଉଅଛି।

ଆମ ରାଜ୍ୟର ଜାତୀୟ ମାନ୍ୟତାପ୍ରାପ୍ତ ଗାଈ ତଥା ବିଞ୍ଝାରପୁରୀ, ଘୁମୁସରି, ଖରିଆଳ, ମୋଟୁ ଏବଂ ମଇଁଷି ପ୍ରଜାତି ଯଥା - ଚିଲିକା ଓ କଳାହାଣ୍ଡି ଆଦିର ସଂରକ୍ଷଣ ଓ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଉଅଛି। ପ୍ରାଥମିକ ପର୍ଯ୍ୟାୟରେ ବିଞ୍ଝାରପୁରୀ ଗୋପ୍ରଜାତିର ସଂରକ୍ଷଣ ଓ ବିକାଶ ନିମନ୍ତେ ଆଞ୍ଚଳିକ ବ୍ରିଡ଼ର ଆସୋସିଏଶନ୍ ଗଠନ ଏବଂ ପଦକ୍ଷେପ ଗ୍ରହଣ ସହିତ ଏହି ପ୍ରଜାତିର ଉନ୍ନତ ଷଣ୍ଢ ବାଛୁରିପାଳନ କରାଯିବା ସହିତ ଷଣ୍ଢଙ୍କଠାରୁ ବିହନ ସଂଗ୍ରହ କରାଯାଇ କୃତ୍ରିମ ପ୍ରଜନନରେ ବ୍ୟବହାର କରାଯାଉଛି। ବିଭିନ୍ନ ସଂକ୍ରାମକ ରୋଗ ଦାଉରୁ ଗୋ-ସଂପଦକୁ ମୁକ୍ତ ରଖିବାପାଇଁ ସାହାଣା, ବଜବଜିଆ, ଆନ୍ଥ୍ରାକ୍ସ, ଫାଟୁଆ ଆଦି ରୋଗର ଟିକା ପ୍ରତ୍ୟେକ ପ୍ରାଣୀଚିକିତ୍ସା କେନ୍ଦ୍ରରେ ମହଜୁଦ୍ ସହ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇପାରିଛି।

ପ୍ରାଣୀ ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ ସମ୍ୱନ୍ଧୀୟ ସୂଚନା ବ୍ୟବସ୍ଥା ବା ଇନାଫ୍ କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ଉପାଦେୟ ତଥ୍ୟ ଯଥା - କୃତ୍ରିମ ପ୍ରଜନନ, ଦୁଗ୍ଧ ଉତ୍ପାଦନ, ପ୍ରାଣୀ ସ୍ୱାସ୍ଥ୍ୟରକ୍ଷା, ଗୋଖାଦ୍ୟ ପରିଚାଳନା ଇତ୍ୟାଦି ଲିପିବଦ୍ଧ କରାଯାଇ ଗୋ-ବିକାଶ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବାର ବ୍ୟବସ୍ଥା ହୋଇଛି। ସେଥିପାଇଁ ପ୍ରତ୍ୟେକ ଗୃହପାଳିତ ପ୍ରାଣୀଙ୍କୁ କାନନୋଳି ଦ୍ୱାରା ଚିହ୍ନଟ କରାଯାଉଛି।

ଆମ ରାଜ୍ୟରେ ଗୋ-ସଂପଦର ସାମୂହିକ ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଗୋ-ମହିଷାଦି ନୀତି - ୨୦୧୫ ପ୍ରଣୟନ କରାଯାଇଛି। ଏହି ନୀତି ଅନୁଯାୟୀ, ପ୍ରାଣୀ ଚିକିତ୍ସା ସେବା ଏବଂ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ଦୁଗ୍ଧ ବିକ୍ରି କରିବାପାଇଁ ସୁବିଧା ନ ଥିବା ଅଞ୍ଚଳରେ ଭାରତୀୟ ପ୍ରଜାତିର ଯଥା - ଗିର୍, ସାହିୱାଲ୍, ଥାର୍‌ପାରକର, ବିଞ୍ଝାରପୁରୀ ଆଦି ଷଣ୍ଢଙ୍କଠାରୁ ବିହନ ଉତ୍ପାଦନ କରାଯାଇ ଦେଶୀ ଗାଈଙ୍କର ଗୁଣାତ୍ମକ ମାନ ବୃଦ୍ଧି କରାଯାଉଛି। ଅନ୍ୟାନ୍ୟ ଅଞ୍ଚଳରେ ଜର୍ସି ଓ ହଲଷ୍ଟିନ୍ ପ୍ରଜାତିର ଷଣ୍ଢମାନଙ୍କର ବିହନ କୃତ୍ରିମ ପ୍ରଜନନରେ ବ୍ୟବହାର କରାଯାଇ ଦୁଧିଆଳୀ ଗାଈଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଉଛି। ଦେଶୀ ମଇଁଷିଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ମୁରା ପ୍ରଜାତିର ମଇଁଷି ଷଣ୍ଢ ବ୍ୟବହାର କରାଯାଉଛି। ଏତଦ୍‌ବ୍ୟତୀତ, ରାଜ୍ୟରେ ଜାତୀୟ ମାନ୍ୟତାପ୍ରାପ୍ତ ଗାଈଙ୍କ ସଂରକ୍ଷଣ ଓ ବିକାଶ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହିସବୁ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଆମ ରାଜ୍ୟରେ ୨୦୧୪-୧୫ରେ ଦୁଗ୍ଧ ଉତ୍ପାଦନ ୧୯୦୩ ହଜାର ମେଟ୍ରିକ୍ ଟନ୍ ହୋଇଥିବା ବେଳେ ୨୦୨୦-୨୧ ରେ ଏହା ୨୩୭୩ ହଜାର ମେଟ୍ରିକ୍‌ଟନ୍‌କୁ ବୃଦ୍ଧି ପାଇପାରିଛି । ତଦନୁଯାୟୀ ଆମର ଦୈନିକ ମୁଣ୍ଡପିଛା ଉପଲବ୍ଧ ହେଉଥିବା ଦୁଗ୍ଧର ପରିମାଣ ୧୧୪ ଗ୍ରାମ୍‌ରୁ ବୃଦ୍ଧି ପାଇ ୧୩୮ ଗ୍ରାମ୍‌ରେ ପହଞ୍ଚି ପାରିଛି ।

ଏତଦ୍‌ବ୍ୟତୀତ ବୁଲା ଗୋରୁ ଓ ଷଣ୍ଢଙ୍କ ଥଇଥାନ ନିମନ୍ତେ ସରକାର ପ୍ରତ୍ୟେକ ଜିଲାରେ ଗୋଶାଳାମାନ ପ୍ରତିଷ୍ଠା କରୁଛନ୍ତି । ଏହାସହିତ ରାଜ୍ୟରେ ଥିବା ଗୋଶାଳାଗୁଡ଼ିକର ଭିତ୍ତିଭୂମିର ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି । ମାଲିକବିହୀନ ଏହି ବୁଲା ଗୋରୁଙ୍କୁ ଆଶୁଚିକିତ୍ସା ସେବା ଯୋଗାଇ ଦେବା ନିମନ୍ତେ ଆନିମଲ୍ ହେଲ୍ପଲାଇନ୍ ବା ରାଜ୍ୟବ୍ୟାପୀ ପ୍ରାଣୀଚିକିତ୍ସା ସହାୟତା ସେବା ବ୍ୟବସ୍ଥା କରିଛନ୍ତି । ସେଥିପାଇଁ ଗୋଟିଏ ଦେୟମୁକ୍ତ ନମ୍ବର ୧୯୬୨ କାର୍ଯ୍ୟ କରୁଛି, ଯେଉଁଥିରେ ପ୍ରାଣୀପ୍ରେମୀମାନେ ଏହି ଫୋନ୍ ନମ୍ବରରେ ଫୋନ୍ କଲେ ଅଳ୍ପ ସମୟ ମଧ୍ୟରେ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ସେହିପରି ପ୍ରାଥମିକ ପ୍ରାଣୀ ଚିକିତ୍ସା, ପ୍ରାଣୀ ପାଳନ, ପ୍ରଜନନ, ଗୋଖାଦ୍ୟ ପରିଚାଳନା ସମ୍ୱନ୍ଧୀୟ ସମସ୍ତ ତଥ୍ୟ ବା ପରାମର୍ଶ ଫୋନ୍ ମାଧ୍ୟମରେ ପ୍ରାଣୀ ଚିକିତ୍ସା ସହାୟତା ସେବା ଯୋଗାଇ ଦିଆଯାଉଛି। ଏହି ପବିତ୍ର ଗୋସମ୍ୱର୍ଦ୍ଧନା ସପ୍ତାହ ପାଳନ ଅବସରରେ ରାଜ୍ୟସ୍ତରୀୟ ଗୋସମ୍ୱର୍ଦ୍ଧନା ଉତ୍ସବ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପାଣୀଚିକିତ୍ସା ଶିବିର, ପ୍ରଶିକ୍ଷଣ, ଗୋପୂଜନ, ସଭା, ଶ୍ରେଷ୍ଠ ଗୋପାଳକମାନଙ୍କୁ ସମ୍ୱର୍ଦ୍ଧନା ଆଦିର ଆୟୋଜନ କରାଯାଇଛି। ସେହିପରି ଜିଲାଗୁଡ଼ିକରେ ଗୋପାଳକମାନଙ୍କୁ ଉତ୍ସାହିତ କରିବା ସହିତ ଗୋପାଳନ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ଜିଲାସ୍ତରରେ ମଧ୍ୟ ଗୋ ସମ୍ୱର୍ଦ୍ଧନା ଉତ୍ସବ ପାଳନ କରାଯାଉଅଛି। ପ୍ରକୃତରେ କହିବାକୁ ଗଲେ, ସମଗ୍ର ମନୁଷ୍ୟ ସମାଜର ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବାର ମୂଳ ଉତ୍ସ ହେଉଛି ଗୋମାତା।

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର,
ମୋ - ୯୪୩୭୬୦୭୩୧୨

# ସ୍ୱାବଲମ୍ୱୀ କରିଛି ପାମ୍ ଚାଷ

**ସଫଳ ଚାଷୀ**

**ଶଙ୍କର୍ଷଣ ମଲ୍ଲିକ**

କାଂଶବାଂଶ ନଈକୂଳରେ ୪ ଏକର ଜମିରେ ଲାଗିଛି ୨୫୦ ପାମ୍ ଗଛ। ଗୋଟିଏ ଗୋଟିଏ ଗଛରେ ଫଳିଛି ୫ରୁ ୭ କାନ୍ଦି ଫଳ। ପ୍ରତ୍ୟହ ଗଛରୁ ଫଳ ତୋଳିବା, ପାଣିଦେବା ସହ ଗଛର ଯତ୍ନନେବା ପାଇଁ ୫ ଜଣ ଅଛନ୍ତି । ବୁଲି ବୁଲି ଗଛଗୁଡ଼ିକର ରକ୍ଷଣାବେକ୍ଷଣର ତଦାରଖ କରୁଛନ୍ତି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୂଡ଼ାମଣି ଗ୍ରାମର ଶଙ୍କର୍ଷଣ ମଲ୍ଲିକ। ବାସୁଦେବପୁର ପଞ୍ଚାୟତ ସମିତିଠାରୁ ୪ କି.ମି. ଦୂରରେ ଅବସ୍ଥିତ ତାଙ୍କର ଏହି ଫାର୍ମ ନଦୀକୂଳ ଖାଲୁଆ ଅଞ୍ଚଳରେ ରହିଥିବାରୁ ପ୍ରତିବର୍ଷ ବନ୍ୟାପାଣିରେ ଧାନଚାଷ ନଷ୍ଟ ହୋଇଯାଏ। ବହୁ ବର୍ଷ ଧରି ଚାଷରେ କ୍ଷତି ସହିବା ପରେ ସ୍ଥାନୀୟ ଉଦ୍ୟାନ ବିଭାଗର ପରାମର୍ଶକ୍ରମେ ୨୫୦ ପାମ୍ ଗଛ ଆଣି ଜମିରେ ୫ ବର୍ଷ ପୂର୍ବେ



ଲଗାଇଥିଲେ। ୨୦୨୧ ମସିହାରେ ଏଥିରେ ଫଳ ଆସିଥିଲା। ସ୍ଥାନୀୟ ରାଣୀତାଳସ୍ଥିତ ଏକ ତେଲ କମ୍ପାନୀ ତାଙ୍କଠାରୁ ପାମ୍ କିଣି ନେଇଥିଲା। ଏ ବାବଦରେ ତାଙ୍କୁ ଖର୍ଚ୍ଚ ପରେ ଲକ୍ଷାଧିକ ଟଙ୍କାର ଲାଭ ମିଳିଥିଲା। ଚଳିତ ବର୍ଷ ଏହି ଗଛଗୁଡ଼ିକରେ ଫଳିବା ଆରମ୍ଭ ହୋଇଛି। ୪୦ରୁ ୫୦ କୁଇଣ୍ଟାଲ ଫଳ ବିକ୍ରି ସରିଥିବା ବେଳେ ଆହୁରି ୨ ଶହ କୁଇଣ୍ଟାଲ ଫଳ ଅମଳ ହେବ ବୋଲି ଶଙ୍କର୍ଷଣ ଆଶା ରଖିଛନ୍ତି। ପାମ୍ ଫଳ କୁଇଣ୍ଟାଲ ପ୍ରତି ୨ହଜାରରୁ ୨୨ ଶହ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏଥିରୁ ଉନ୍ନତ ମାନର ଖାଇବାତେଲ ପ୍ରସ୍ତୁତ କରାଯାଏ । ଚଳିତ ବର୍ଷ ୪ରୁ ୫ ଲକ୍ଷ ଟଙ୍କାର ଲାଭ ମିଳିବ ବୋଲି ଆଶା ରହିଥିବା ସେ କହିଛନ୍ତି। ଏହି ଗଛ ୩୦ ବର୍ଷ ଧରି ବଞ୍ଚିରହିବା ସହ ଫଳିବ। ଫାର୍ମରେ ବିଜୁଳି ଯୋଗାଣ ହୋଇପାରୁ ନ ଥିବା ବେଳେ ଜଳସେଚନ ପାଇଁ ଡିଜେଲଚାଳିତ ପମ୍ପ ସେଟ୍‌ରେ ଅଧିକ ଖର୍ଚ୍ଚ ହେଉଛି। ଏଥିପ୍ରତି ଦୃଷ୍ଟିଦେଇ କୃଷି ବିଭାଗ ପକ୍ଷରୁ ତାଙ୍କୁ ରିହାତିରେ ବିଦ୍ୟୁତ୍ ସଂଯୋଗ ପାଇଁ ବ୍ୟବସ୍ଥା କରାଇଲେ ସେ ଉପକୃତ ହେବେ ବୋଲି କହିଛନ୍ତି। ପାମ୍ ଛଡ଼ା ୨ ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଆମ୍ୱଗଛ ସହ ଫାର୍ମରେ ମାଛଚାଷ ମଧ୍ୟ କରିଛନ୍ତି। ସରକାରଙ୍କ ପକ୍ଷରୁ ତାଙ୍କୁ ଉପଯୁକ୍ତ ସହାୟତା ମିଳିଲେ ଆହୁରି ଉନ୍ନତ ଧରଣର ଚାଷ କରିପାରିବେ ବୋଲି ଶଙ୍କର୍ଷଣ କୁହନ୍ତି।

**- କାଳୀପଦ ରାୟ**

# ଧାନ ଚାଷରେ ରୋଗପୋକ ଦମନ

ବିଳମ୍ୱରେ ରୁଆ ଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ୱମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ୱା ମାଲାଥିଅନ୍ /କ୍ଲୋର୍‌ପାଇରିଫସ୍ ଗୁଣ୍ଡ ଔଷଧ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ୱା ଅର୍ଭକ ଦେଖାଦେଲେ ଏଠାରେ ପ୍ରଦତ୍ତ ପରିଚାଳନା ପଦ୍ଧତି ଅବଲମ୍ୱନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଏବଂ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ, ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ୱନ କରନ୍ତୁ।



## ଅଳ୍ପରେ...

- ବର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ। ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିୟର ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଂ ଷ୍ଟାର, ସୁପର ଜ୍ୟାଣ୍ଟ୍ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।
- ଲେମ୍ୱୁଗଛରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ। ଗଛ ଗଣ୍ଡିର ନିମ୍ନଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟାଜାଗାରେ ପ୍ରଲେପ ଦିଅନ୍ତୁ । ୧ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ।
- ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ସକାଶେ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ। ରୋଗଣା ଗଛକୁ ବାହାର କରିଦିଅନ୍ତୁ। ମେଟାଲାକ୍ସିଲ୍ + ମାଙ୍କୋଜେବ୍ (ରିଡୋମିଲ୍ ଏମ୍‌ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛମୂଳରେ ମାଟିଭିଜା କରନ୍ତୁ।
- ଆଳୁ ପାଇଁ ହେକ୍ଟର ପ୍ରତି ୨୦ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର ହୁଏ। ଓଡ଼ିଶା ଜଳବାୟୁ ଲାଗି ନଭେମ୍ୱର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଏବଂ ଆଳୁ ଲଗାଇ ଦିଅନ୍ତୁ।
- କପାଚାଷରେ ହେଲିକୋଭର୍ପା ବା ଆମେରିକୀୟ ବକରା ପୋକ ଆକ୍ରମଣ ଆରମ୍ଭ ହେଲେ ଏହି ପୋକର ପର୍ଯ୍ୟବେକ୍ଷଣ ନିମନ୍ତେ ଏକର ପ୍ରତି ୨ଗୋଟି ଫେରୋମନ୍ ବା ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ । ଏହି ପୋକ ଅଣ୍ଡା ପ୍ରଥମ ବା ଦ୍ୱିତୀୟ ଶୁକ ଅବସ୍ଥା ହେଲେ ଥାୟୋମେଥୋକ୍‌ଜାମ୍ ୧ ଗ୍ରାମ୍, ୪ ଲିଟର ପାଣିରେ କିମ୍ୱା ସ୍ପିନୋସାଡ୍ ୦.୫ ମି.ଲି./ଲିଟର ଗୋଳାଇ ହେକ୍ଟର ପିଛା ୫୦୦ ଲିଟର ଦ୍ରବଣ ସନ୍ଧ୍ୟା ସମୟରେ ସିଞ୍ଚନ କରନ୍ତୁ ।






ଏଫ୍ଆଇଏଚ୍ ପ୍ରୋ ହକି ଲିଗ୍ ଖେଳିବା ପାଇଁ ଭୁବନେଶ୍ୱରରେ ପହଞ୍ଚିଥିବା ନ୍ୟୁଜିଲାଣ୍ଡ ଓ ସ୍ପେନ୍ ହକି ଦଳ।

# ଭୁବନେଶ୍ୱରରେ ସ୍ପେନ୍, ନ୍ୟୁଜିଲାଣ୍ଡ ହକି ଦଳ

**ଭୁବନେଶ୍ୱର,୨୫।୧୦(ପି.ଟି.)**

ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଏଫ୍ଆଇଏଚ୍ ପ୍ରୋ ହକି ଲିଗ୍ ପାଇଁ ପହଞ୍ଚିଛନ୍ତି ସ୍ପେନ୍ ଓ ନ୍ୟୁଜିଲାଣ୍ଡ ହକି ଦଳ। ଉଭୟ ଦଳ ଭାରତ ସହିତ ଦୁଇଟି ଲେଖାଏ ମ୍ୟାଚ ଖେଳିବେ ଓ ପରସ୍ପର ସହିତ ମଧ୍ୟ ଦୁଇଟି ଲେଖାଏ ମ୍ୟାଚ ଖେଳିବେ। ଭୁବନେଶ୍ୱରରେ ପହଞ୍ଚିବାକୁ ନେଇ ଉତ୍ସାହ ପ୍ରକାଶ କରିଛନ୍ତି ସ୍ପେନ୍ ଦଳର କୋଚ୍ ମ୍ୟାକ୍ସ କାଲଡାସ୍। ସ୍ପେନରୁ ଭାରତ ବେଶ୍ ଲମ୍ବା ଯାତ୍ରା, ମାତ୍ର ଭାରତରେ ତଥା ଭୁବନେଶ୍ୱରରେ ପହଞ୍ଚିବାକୁ ନେଇ ଆମେ ବହୁତ ଖୁସି ବୋଲି ସେ କହିଛନ୍ତି। ଭୁବନେଶ୍ୱରର ପିଚ୍ ଏବଂ ପରିସ୍ଥିତି ସହିତ ଆମେ ପରିଚିତ । ତେଣୁ ବିଜୟୀ ହେବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି। ସ୍ପେନ୍ ଅକ୍ଟୋବର ୩୦ ଓ ନଭେମ୍ବର ୬ରେ ଭାରତ ବିପକ୍ଷରେ ଓ ଅକ୍ଟୋବର ୨୯ ଓ ନଭେମ୍ବର ୫ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ସମାନ ଭାବରେ ନ୍ୟୁଜିଲାଣ୍ଡ ମୁଖ୍ୟ କୋଚ୍ ଗ୍ରେଗ୍ ନିକୋଲ ମଧ୍ୟ ଭୁବନେଶ୍ୱରରେ ଖେଳିବାକୁ ନେଇ ଉତ୍ସାହିତ ଅଛନ୍ତି। ଭାରତରେ ୩ ମାସ ମଧ୍ୟରେ ବିଶ୍ୱକପ ଖେଳାଯିବ। ବିଶ୍ୱକପ ପ୍ରସ୍ତୁତି ପାଇଁ ପ୍ରୋ ଲିଗ୍ ମ୍ୟାଚ୍ ବେଶ ଜରୁରୀ ବୋଲି ନିକୋଲ କହିଛନ୍ତି।

# ହରମନ୍ପ୍ରୀତଙ୍କୁ ଅଧିନାୟକ ଦାୟିତ୍ୱ

**ଭୁବନେଶ୍ୱର,୨୫।୧୦(ପି.ଟି.)**

ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଏଫ୍ଆଇଏଚ୍ ପ୍ରୋ ହକି ଲିଗ୍ ପାଇଁ ୨୨ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ସ୍ପେନ୍ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ମିନି ଟୁର୍ନାମେଣ୍ଟ ପାଇଁ ନିୟମିତ ଅଧିନାୟକ ମନ୍ପ୍ରୀତଙ୍କ ସ୍ଥାନରେ ହରମନପ୍ରୀତ୍ ସିଂଙ୍କୁ ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅପରପକ୍ଷରେ ମନ୍ପ୍ରୀତଙ୍କୁ ତାଙ୍କ ଡେପୁଟି ଚୟନ କରାଯାଇଛି। ପ୍ରୋ ଲିଗ୍ ହକିର ଏହି ପରିବର୍ତ୍ତିତ ରୂପରେଖ ଅନୁସାରେ ଭାରତ ଉଭୟ ନ୍ୟୁଜିଲାଣ୍ଡ ଓ ସ୍ପେନ୍ ସହିତ ଦୁଇଟି ଲେଖାଏ ମ୍ୟାଚ ଖେଳିବ। ଅକ୍ଟୋବର ୨୮ ଓ ନଭେମ୍ବର ୪ରେ ନ୍ୟୁଜିଲାଣ୍ଡ ଏବଂ ଅକ୍ଟୋବର ୩୦ ଓ ନଭେମ୍ବର ୬ରେ ସ୍ପେନ୍ ବିପକ୍ଷରେ ଖେଳିବ ଭାରତ। ଭାରତୀୟ ଟିମ୍ ଖେଳାଳିଙ୍କ ମଧ୍ୟରେ



ହରମନପ୍ରୀତ୍ ସିଂ

ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି କରିବାକୁ ଚାହୁଁଛି । ଏହି କାରଣରୁ ଟିମ୍ ମ୍ୟାନେଜମେଣ୍ଟ ପ୍ରୋ ଲିଗ୍ ହକିର ପ୍ରଥମ ୪ ମ୍ୟାଚ ପାଇଁ ହରମନପ୍ରୀତଙ୍କୁ ଅଧିନାୟକ ଦାୟିତ୍ୱ ପ୍ରଦାନ କରିଛି ବୋଲି କହିଛନ୍ତି କୋଚ୍ ଗ୍ରାହାମ ରିଡ୍। ଏହା ସହ ଭାରତୀୟ ଦଳରେ ଏକାଧିକ ନୂତନ ଚେହେରା ଦେଖିବାକୁ ମିଳିବ। ଏଫ୍ଆଇଏଚ୍-୫ ଟୁର୍ନାମେଣ୍ଟରେ ହାଇଏଷ୍ଟ ସ୍କୋରର ରହିଥିବା

**ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକି**

ମହମ୍ମଦ ରାହିଲ୍ ମୌସିନ୍ଙ୍କୁ ପ୍ରଥମ ଥର ଭାରତୀୟ ଦଳକୁ ଡକରା ମିଳିଥିବା ବେଳେ ଶେଷ ଥର ପାଇଁ ଜାକାର୍ତ୍ତାରେ ଏସିଆ କପ୍ ଖେଳିଥିବା ଏସ୍ କର୍ଥିଙ୍କୁ ମଧ୍ୟ ଡକରା ମିଳିଛି। ଲାଉସାନ୍ନେରେ ଜୁନ୍ରେ ଖେଳା ଯାଇଥିବା ଏଫ୍ଆଇଏଚ୍-୫ ଟୁର୍ନାମେଣ୍ଟ ଓ ଚଳିତ ରାଜକୋଟ ଜାତୀୟ କ୍ରୀଡାରେ ରାହିଲ ସର୍ବାଧିକ ସ୍କୋରର ରହିବା ସହିତ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। କଳିଙ୍ଗ ଷ୍ଟାଡିୟମରେ ଏହି ୪ଟି ଯାକ ମ୍ୟାଚ୍ ଖେଳାଯିବ। ସମାନ ଷ୍ଟାଡିୟମରେ ଜାନୁୟାରୀ ୨୦୨୩ରେ ହକି ବିଶ୍ୱକପ୍ ମଧ୍ୟ ଖେଳାଯିବ।

**ଭାରତୀୟ ଦଳ**

**ଗୋଲକିପର:** ପି. ଆର. ଶ୍ରୀଜେସ୍, କ୍ରିଶନ୍ ବାହାଦୁର ପାଠକ। **ଡିଫେଣ୍ଡର:** ଜରମନପ୍ରୀତ ସିଂ, ସୁରେନ୍ଦର କୁମାର, ହରମନପ୍ରୀତ ସିଂ, ଅମିତ ରୋହିଦାସ, ଯୁଗରାଜ ସିଂ, ମନଦୀପ୍ ମୋର ଓ ନୀଳମ ସଞ୍ଜୀପ ଖେସ୍। **ମିଡଫିଲ୍ଡର:** ସୁମିତ, ମନପ୍ରୀତ ସିଂ, ହାର୍ଦ୍ଦିକ୍ ସିଂ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ସମଶେର ସିଂ, ରାଜକୁମାର ପାଲ ଓ ମହମ୍ମଦ ରାହିଲ ମୌସିନ୍। **ଫରୱାର୍ଡ:** ମନଦୀପ୍ ସିଂ, ଦିଲପ୍ରୀତ୍ ସିଂ, ଅଭିଷେକ, ଏସ୍. କର୍ଥି ଓ ସୁଖଜିତ ସିଂ।

# ଅଷ୍ଟ୍ରେଲିଆର ସହଜ ବିଜୟ



ଦ୍ରୁତ ଅର୍ଦ୍ଧଶତକ ହାସଲକାରୀ ମାର୍କସ ଷ୍ଟୋଇନିସ୍।

**ପର୍ଥ,୨୫।୧୦(ପି.ଟି.)**

ଟି୨୦ ବିଶ୍ୱକପ୍ ସୁପର-୧୨ରେ ପ୍ରଥମ ବିଜୟ ହାସଲ କରିଛି ଆୟୋଜକ ଅଷ୍ଟ୍ରେଲିଆ। ପର୍ଥରେ ଖେଳାଯାଇଥିବା ମ୍ୟାଚରେ ଲୋକାଲ ବୟ ମାର୍କସ୍ ଷ୍ଟୋଇନିସଙ୍କ ଧୂଆଁଧାର ଅର୍ଦ୍ଧଶତକ ବଳରେ ୭ ଉଇକେଟରେ ଜିତି ପ୍ରଥମ ବିଜୟ ହାସଲ କରିଛି ଅଷ୍ଟ୍ରେଲିଆ। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୬ ଉଇକେଟରେ ୧୫୭ ରନ୍ କରିଥିଲା। ଷ୍ଟୋଇନିସଙ୍କ ଅପରାଜିତ ୫୯ ରନ୍ ବଳରେ ଅଷ୍ଟ୍ରେଲିଆ ୧୬.୩ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଶ୍ରୀଲଙ୍କା ପକ୍ଷରୁ ପାଥୁମ୍ ନିଶଙ୍କା ୪୦ ରନ୍ କରିଥିଲେ। ଧନଞ୍ଜୟ ଡି ସିଲ୍ଭା ୨୬ ଓ ଚରିଥ୍ ଅସଲଙ୍କା ୩୮ଙ୍କ ଅବଦାନ ଫଳରେ ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୬ ଉଇକେଟରେ ୧୫୭ ରନ୍ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ହାଜେଲଉଡ୍, କମିନ୍ସ, ଷ୍ଟାର୍କ, ଆଷ୍ଟନ୍ ଆଗର ଓ ମ୍ୟାକ୍ସୱେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଅଷ୍ଟ୍ରେଲିଆର ଆରମ୍ଭ ବେଶ ଧୀମା ରହିଥିଲା। ତେବେ ଷ୍ଟୋଇନିସ୍ ମାତ୍ର ୧୮ ବଲରୁ ୫୯ ରନ୍ ସ୍କୋର କରି ଦଳକୁ ସହଜ ବିଜୟ ଦେଇଥିଲେ। ଏହି ଇନିଂସରେ ୪ ଚୌକା ଓ ୬ ଛକା ସାମିଲ ଥିଲା। ଷ୍ଟୋଇନିସ ଶ୍ରୀଲଙ୍କା ସ୍ପିନର ୱାନିନ୍ଦୁ ହସରଙ୍ଗାଙ୍କୁ ଟାର୍ଗେଟ୍ କରିଥିବା ବେଳେ ସେ ୩ ଓଭରରେ ୫୩ ରନ ବ୍ୟୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିଞ୍ଚ ୪୨ ବଲ୍ ଖେଳି ୩୧ ରନରେ ଅପରାଜିତ ଥଲେ। ଶ୍ରୀଲଙ୍କା ପକ୍ଷରୁ ମହୀଷ

**ଟି୨୦ ବିଶ୍ୱକପ୍ ସୁପର୧୨**

ଥିକ୍ସାନା, ଧନଞ୍ଜୟ ଡି ସିଲ୍ଭା ଓ ଚାମିକା କରୁଣାରତ୍ନେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଷ୍ଟୋଇନିସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୨୦ ଓଭରରେ ୧୫୭/୬ (ପାଥୁମ୍ ନିଶଙ୍କା-୪୦, ଚରିଥ୍ ଅସଲଙ୍କା-୩୮*, ଧନଞ୍ଜୟ ଡି ସିଲଭା-୨୬, ଗ୍ଲେନ୍ ମ୍ୟାକ୍ସୱେଲ-୧/୫, ମିଚେଲ ଷ୍ଟାର୍କ-୧/୨୫, ଆଷ୍ଟନ ଆଗର-୧/୨୬)। ଅଷ୍ଟ୍ରେଲିଆ ୧୬.୩ ଓଭରରେ ୧୫୮/୩ (ମାର୍କସ ଷ୍ଟୋଇନିସ୍-୫୯*, ଆରୋନ୍ ଫିଞ୍ଚ-୩୧*, ଗ୍ଲେନ୍ ମ୍ୟାକ୍ସୱେଲ-୨୩, ମହୀଷ ଥିକ୍ସାନା-୧/୨୩, ଧନଞ୍ଜୟ ଡି ସିଲ୍ଭା-୧/୧୮, ଚାମିକା କରୁଣାରତ୍ନେ-୧/୨୦)।

# ଭର୍ଷ୍ଟାପେନ୍ ରେକର୍ଡ ସମକକ୍ଷ

**ଅଷ୍ଟିନ୍, ୨୫।୧୦ (ଏପି):** ରେଡ୍ବୁଲ୍ର ମାକ୍ସ ଭର୍ଷ୍ଟାପେନ୍ ୟୁଏସ୍ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ମୋଟର ରେସ୍ ଜିତିଛନ୍ତି। ଏହି ରେସ୍ରେ ମର୍ସିଡିଜର ଲୁଇସ୍ ହାମିଲଟନଙ୍କଠାରୁ ତାଙ୍କୁ କଡ଼ା



ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି ବିଜୟକୁ ସେ ଅଷ୍ଟ୍ରେଲିଆର ଅନ୍ୟତମ ଧନୀ ବ୍ୟକ୍ତି ତଥା ରେଡ୍ବୁଲ ଏନର୍ଜି ଡ୍ରିଙ୍କ୍ସର ସହପ୍ରତିଷ୍ଠାତା ଓ ରେଡ୍ବୁଲ୍ ଟିମ୍ର ମାଲିକ ଡିଟ୍ରିଜ୍ ମାଟେସ୍କିଜ୍ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ମାଟେସ୍କିଜ୍ଙ୍କର କିଛି ଦିନ ତଳେ ୭୮ବର୍ଷ ବୟସରେ ପରଲୋକ ହୋଇଯାଇଛି। ଚଳିତବର୍ଷ ଭର୍ଷ୍ଟାପେନ୍ଙ୍କ ଏହା ଥିଲା ୧୩ତମ ଟାଇଟଲ। ଏହାଦ୍ୱାରା ସେ ମାଇକେଲ ସୁମାକର ଓ ସେବାଷ୍ଟିଆନ ଭେଟେଲଙ୍କ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। କେବଳ ସେତିକି ନୁହେଁ ୨୦୧୩ ପରେ କନ୍ଷ୍ଟ୍ରକ୍ଟର୍ସ ଟାଇଟଲ ହାସଲ କରିବାରେ ରେଡ୍ବୁଲ୍ ପାଇଁ ଏହି ବିଜୟ ଯଥେଷ୍ଟ ଥିଲା। ଭର୍ଷ୍ଟାପେନ୍ ପୂର୍ବରୁ ଜାପାନରେ ଡ୍ରାଇଭର୍ସ ଟାଇଟଲ ହାସଲ କରିଥିଲେ। ରେସ୍ରେ ଯଥାକ୍ରମେ ରେଡ୍ବୁଲ୍ର ସର୍ଗିଓ ପେରେଜ ଓ ମର୍ସିଡିଜ୍ର ଜର୍ଜ ରସେଲଙ୍କଠାରୁ ଆଗରେ ରହି ଫେରାରି ଚାର୍ଲ୍ସ ଲେକ୍ଲେର୍କ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ଜାତୀୟ ସିନିୟର ଉସୁରେ ଅଂଶଗ୍ରହଣ କରିବ ଓଡ଼ିଶା



ଓଡ଼ିଶା ଉସୁ ଦଳ।

**ଭୁବନେଶ୍ୱର,୨୫।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଜମ୍ମୁ-କଶ୍ମୀରର ଶ୍ରୀନଗରସ୍ଥିତ ଏସ୍.କେ. ଇନ୍ଡୋର ଷ୍ଟାଡିୟମରେ ହେବାକୁ ଥିବା ଜାତୀୟ ସିନିୟର ଉସୁ ଚାମ୍ପିୟନଶିପ୍ରେ ଅଂଶଗ୍ରହଣ କରିବ ଓଡ଼ିଶା। ମଙ୍ଗଳବାର ୨୯ ଜଣିଆ ଓଡ଼ିଶା ଦଳ ଜମ୍ମୁ-କଶ୍ମୀର ଯାତ୍ରା କରିଛି। ୨୮ ଅକ୍ଟୋବରରୁ ନଭେମ୍ବର ୨ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଖେଳାଯିବ। ଓଡ଼ିଶା ଦଳରେ ୨୨ ଜଣ ଖେଳାଳି ଓ ୭ ଜଣ ଅଫିସିଆଲ ରହିଛନ୍ତି। ଅନ୍ତର୍ଜାତୀୟ ବିଚାରପତି ଇଂ. ସୁଧାଂଶୁ ଶେଖର ହରିଚନ୍ଦନଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଯାଇଥିବା ବେଳେ ଅନ୍ୟତମ ବିଚାରପତି ଭାବେ ପ୍ରଦ୍ୟୁମ୍ନ ବେହେରା ଓ ଅନୁରାଧା ବେହେରା ରହିଛନ୍ତି। ପଙ୍କଜ ମହାନ୍ତ ଓ ସୁଜନ ରଥ କୋଚ୍ ରହିଥିବା ବେଳେ ଟିମ୍ ମ୍ୟାନେଜର ରହିଛନ୍ତି ନଟବର ସେଠୀ ଓ ଈଶ୍ୱର ମହାନ୍ତ। ନଭେମ୍ବର ୭ ତାରିଖରେ ଦଳ ଜମ୍ମୁ କଶ୍ମୀରରୁ ପ୍ରତ୍ୟାବର୍ତ୍ତନ କରିବ। ଓଡ଼ିଶା ଉସୁ ଆସୋସିଏଶନ୍ ସଭାପତି ଇଂ. ସୁଧାଂଶୁ ଶେଖର ହରିଚନ୍ଦନ, ଉପସଭାପତି ଶିବାନନ୍ଦ ରାୟ ଓ ବିକାଶ ପଟ୍ଟନାୟକ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ଜାତୀୟ କ୍ରୀଡ଼ା ପଦକ ବିଜେତାଙ୍କୁ ୩.୧୬ କୋଟି

**ଭୁବନେଶ୍ୱର,୨୫।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଗୁଜରାଟରେ ଅନୁଷ୍ଠିତ ୩୬ ତମ ଜାତୀୟ କ୍ରୀଡାରେ ପଦକ ବିଜେତା ଆଥଲେଟ ମାନଙ୍କୁ ପୁରସ୍କୃତ କରିଛନ୍ତି ଓଡ଼ିଶା ସରକାର। କ୍ରୀଡା ଓ ଯୁବସେବା ବ୍ୟାପାର ପକ୍ଷରୁ ଆଥଲେଟ ମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। କଳିଙ୍ଗ ଷ୍ଟାଡିୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ପ୍ରମୋଶନ କାଉନସିଲ୍ ଚେୟାରମ୍ୟାନ ଦିଲୀପ ତିର୍କି ଓ କ୍ରୀଡା ଓ ଯୁବସେବା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ଉପସ୍ଥିତ ରହିଥିଲେ। ସର୍ଭିସେସର ପ୍ରତିନିଧିତ୍ୱ କରି ପଦକ ହାସଲ କରିଥିବା ଦୀନେଶ କୁମାର (ସାଇକ୍ଲିଂ, ୩ ସ୍ୱର୍ଣ୍ଣ) ଓ ମୁନା ନାୟକ (ଭାରୋତ୍ତୋଳନ, ୧ ରୌପ୍ୟ)ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ କ୍ରୀଡାରେ ସ୍ୱର୍ଣ୍ଣ ବିଜେତାଙ୍କୁ ୫ ଲକ୍ଷ,




ପଦକ ବିଜେତା ଆଥଲେଟଙ୍କ ସହିତ କ୍ରୀଡା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ପ୍ରମୋଶନ କାଉନସିଲ୍ ଚେୟାରମ୍ୟାନ ଦିଲୀପ ତିର୍କୀ ଓ କ୍ରୀଡା ଓ ଯୁବସେବା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା।

ରୌପ୍ୟ ବିଜେତାଙ୍କୁ ୩ ଲକ୍ଷ ଏବଂ ବ୍ରୋଞ୍ଜ ପଦକ ପାଇଁ ୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ୧୦୦ ଜଣ ଆଥଲେଟଙ୍କୁ ୩.୧୬ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

ରାଜ୍ୟର ଯୁବ ଆଥଲେଟ ମାନଙ୍କୁ ସମ୍ମାନିତ କରିବା ଅବସରରେ ମୁଁ ନିଜକୁ ଅତ୍ୟନ୍ତ ଗୌରବାନ୍ୱିତ ମନେ କରୁଛି ବୋଲି ତୁଷାରକାନ୍ତି ବେହେରା ପ୍ରକାଶ କରିଥିଲେ। କ୍ରୀଡାବିତଙ୍କ କଠିନ ପରିଶ୍ରମ ଓ ଅଧ୍ୟବସାୟ ଜାତୀୟ କ୍ରୀଡାରେ ରାଜ୍ୟକୁ ସଫଳତା ପ୍ରଦାନ କରିଛି ବୋଲି ସେ କହିଥିଲେ। ଏହି ଖେଳାଳି ମାନଙ୍କୁ ଆଗକୁ ଆହୁରି ସଫଳତା ପାଇଁ ଓଡ଼ିଶା ସରକାର ସର୍ବଦା ତତ୍ପର ବୋଲି ସେ କହିଥିଲେ। ସେହିପରି ପଦକ ବିଜତା ଆଥଲେଟ ମାନେ ରାଜ୍ୟ ସରକାରଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ହକି ପ୍ରମୋଶନ କାଉନସିଲ୍ ଚେୟାରମ୍ୟାନ ଦିଲୀପ ତିର୍କି ଖେଳାଳି ମାନଙ୍କ ସହିତ ଆଲୋଚନା କରିଥିଲେ। କାୟାକିଙ୍ଗ ଆଣ୍ଡ କାନୋୟିଙ୍ଗ ଓ ନୌଚାଳନାରୁ ଓଡ଼ିଶା ସର୍ବାଧିକ ପଦକ ହାସଲ କରିଛି। ସ୍ୱର୍ଣ୍ଣ ବିଜୟିନୀ ମହିଳା ରଗବୀ ଦଳକୁ ୬୦ ଲକ୍ଷ ଏବଂ ରୌପ୍ୟ ବିଜୟିନୀ ମହିଳା ଖୋ ଖୋ ଦଳକୁ ୪୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

# ଗ୍ରିନରଙ୍କ ଆବେଦନକୁ ରୁଷୀୟ କୋର୍ଟଙ୍କ ଖାରଜ

**ମସ୍କୋର, ୨୫।୧୦ (ଏପି)**

ଆମେରିକାର ମହିଳା ଷ୍ଟାର ବାସ୍କେଟବଲ ଖେଳାଳି ବ୍ରିଟ୍ନୀ ଗ୍ରୀନରଙ୍କ ଆବେଦନକୁ ଏକ ରୁଷୀୟ କୋର୍ଟ ଖାରଜ କରିଦେଇଛନ୍ତି। ମସ୍କୋର ସେରେମେତ୍ୟୋଭ ବିମାନ ବନ୍ଦରରେ ପୋଲିସ ବ୍ରିଟ୍ନୀଙ୍କ ଲଗେଜରୁ ଡ୍ରଗ୍ସ ଜବତ କରିଥିଲା। ଏହି ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଅଗଷ୍ଟ ୪ତାରିଖରେ ତାଙ୍କୁ ୯ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ୟୁକ୍ରେନକୁ ରୁଷିଆର ସୈନ୍ୟ ପ୍ରେରଣର କିଛି ଦିନ ପୂର୍ବରୁ ଦୁଇଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଗ୍ରିନରଙ୍କୁ ଫେବୃୟାରୀରେ ଗିରଫ କରାଯାଇଥିଲା। ସେତେବେଳେ ମସ୍କୋ ଓ ୱାଶିଂଟନ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ଗ୍ରୀନର ୟୁଏସ୍ ଲିଗ୍ର ଅଫ୍ ସିଜନରେ ଖେଳିବା ଲାଗି ରୁଷିଆ ଆସିଥିଲେ। ସେ ସଫେଇ ଦେଇଛନ୍ତି ଯେ, ତାଙ୍କ ନିକଟରୁ ଜବତ ହୋଇଥିବା ଡ୍ରଗ୍ସକୁ ସେ କୌଣସି ମନ୍ଦ ଉଦ୍ଦେଶ୍ୟରେ ଆଣି ନ ଥିଲେ। ଏହା ଏକ ଯନ୍ତ୍ରଣା ନିବାରକ ଔଷଧ। ଗ୍ରୀନରଙ୍କର ଭିଡିଓ



ବ୍ରିଟ୍ନୀ ଗ୍ରିନର

କଲ୍ ଜରିଆରେ ମସ୍କୋ ରିଜିଓନାଲ କୋର୍ଟରେ ଶୁଣାଣି ହୋଇଥିଲା। ସେ ମସ୍କୋ ଉପକଣ୍ଠସ୍ଥିତ ଏକ ପେନାଲ କଲୋନୀରେ ଥାଇ ଏଥିରେ ଅଂଶଗ୍ରହଣ କରିଥିଲେ, ଯେଉଁଠାରେ କି ସେ ବର୍ତ୍ତମାନ ବନ୍ଦୀ ଅଛନ୍ତି।

ସୂଚନାଯୋଗ୍ୟ, ୟୁଏସ୍ ଓ ରୁଷିଆ ମଧ୍ୟରେ ବନ୍ଦୀ ଆଦାନ ପ୍ରଦାନ ହୋଇଥାଏ। ଏହି ପ୍ରକ୍ରିୟା ଜରିଆରେ ଗ୍ରୀନର ରିଲିଜ୍ ହୋଇପାରିବେ। ଗତ ଏପ୍ରିଲରେ ମସ୍କୋ ଆମେରିକାର ଭେଟେରାନ ଟ୍ରେଭର ରିଡ୍ଙ୍କୁ ରୁଷୀୟ ପାଇଲଟ କୋନଷ୍ଟାନଟିନ୍ ୟାରୋସେଙ୍କୋଙ୍କ ବଦଳରେ ରିଲିଜ କରିଥିଲା, ଯିଏକି ଏକ ଡ୍ରଗ୍ ଟ୍ରାଫିକିଙ୍ଗ୍ ଷଡ଼ଯନ୍ତ୍ର ଘଟଣାରେ ଦଣ୍ଡିତ ହୋଇଥିଲେ। ଆମେରିକା ହେପାଜତରେ ଥିବା ଅନ୍ୟ ବନ୍ଦୀମାନଙ୍କୁ ରିଲିଜ କରିବା ଲାଗି ରୁଷିଆ ପକ୍ଷରୁ ଉଦ୍ୟମ ଚାଲିଛି।

**ସୁଲ୍ତାନ ଅଫ୍ ଜୋହର କପ୍**

# ଜାପାନକୁ ୫-୧ରେ ହରାଇଲା ଭାରତ

**ଜୋହର (ମାଲେସିଆ), ୨୫।୧୦ (ପି.ଟି.):** ସୁଲ୍ତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟରେ ଭାରତର ଜୁନିୟର ପୁରୁଷ ହକି ଦଳ ବିଜୟ ପଥକୁ ଫେରିଛି। ଦଳ ମଙ୍ଗଳବାର ୫-୧ ଗୋଲରେ ଜାପାନକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଅଧିନାୟକ ଉତ୍ତମ ସିଂ (୩ୟ ମିନିଟ), ରୋହିତ (୧୨ତମ), ଜନସନ ପୂର୍ତ୍ତି(୨୧ତମ), ବବିସିଂ ଧାମି (୩୧ତମ) ଓ ଅମନଦୀପ ଲାକ୍ରା (୫୧ତମ) ଗୋଲ ସ୍କୋର କରିଥିଲେ। ଜାପାନ ତରଫରୁ ଏକମାତ୍ର ଗୋଲ୍ ଇକୁମି ସାଏକି (୧୫ତମ ମିନିଟ) ପେନାଲ୍ଟି କର୍ନରରୁ ସ୍କୋର କରିଥିଲେ। ଭାରତ ଟୁର୍ନାମେଣ୍ଟରେ ଏହାର ଚତୁର୍ଥ ମ୍ୟାଚ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ସନ୍ଦେହ ଘେରରେ ଯୁକ୍ତ ୨ ବିଜ୍ଞାନ ଛାତ୍ରଙ୍କ ମୃତ୍ୟୁ

**କଳିଙ୍ଗନଗର,୨୫।୧୦(ଡି.ଏନ.ଏ.):** ଯାଜପୁର ଜିଲା ବ୍ୟାସନଗର ସହରରେ ଥିବା ଏକ ଯୁକ୍ତ ୨ ବିଜ୍ଞାନ କଲେଜ ଛାତ୍ରାବାସରେ ଗତ ସୋମବାର ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି । ମୃତ ଛାତ୍ରଙ୍କ ନାମ ତ୍ରିଲୋଚନ ଓଝା (୧୭) । ତାଙ୍କ ଘର କେନ୍ଦୁଝର ଜିଲା ଘସିପୁରା ଥାନା ଅଧୀନ କେଶଦୁରାପାଳ । ପାଠର ବୋଝ ଯୋଗୁ ସେ ଏପରି ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି । ତାଙ୍କର ଜଣେ ସମ୍ପର୍କୀୟ ନିଜ ନାମ ଗୋପନ ରଖି କହିଛନ୍ତି, ତ୍ରିଲୋଚନ ଯୁକ୍ତ ୨ ବିଜ୍ଞାନ ପଢିବା ନିମନ୍ତେ ଅମଙ୍ଗ ଥିଲେ । ମା'ବାପା ଏବଂ କଲେଜ କର୍ତ୍ତୃପକ୍ଷଙ୍କ ଚାପ ତଥା ଅତ୍ୟାଧିକ ଆଶା ଯୋଗୁ ସେ ସବୁ ସମୟରେ ଚାପରେ ରହୁଥିଲେ । ଏନେଇ ଯାଜପୁର ରୋଡ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୪୦/୨୨) ରୁଜୁ କରି ତଦନ୍ତ ଜାରି ରଖିଛି । ଉକ୍ତ କଲେଜର ଜଣେ ଛାତ୍ର ନିଜ ନାମ ପ୍ରକାଶ ନ କରି କହିଛନ୍ତି ପ୍ରେମ ସମ୍ପର୍କ ଓ ପାଠପଢାରେ ମାତ୍ରାଧିକ ଚାପ ଆତ୍ମହତ୍ୟାର କାରଣ ହୋଇପାରେ । ମୃତ ଛାତ୍ରଙ୍କ ମା' କମଳା ଓଝା ଏବଂ ଜେଜେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ପୁଅର ମୃତ୍ୟୁର କାରଣ ମଧ୍ୟ ସେ ଜାଣିପାରୁ ନ ଥିବା କହିଛନ୍ତି । ପୁଅ ସହିତ ଫୋନରେ କଥା ହେବା ବେଳେ ସେ ସେପରି କୌଣସି ଚାପରେ ଥିବା ପରି ଲାଗୁ ନ ଥିଲା ବୋଲି କମଳା କହିଛନ୍ତି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ପଠାଇଛି ।

### ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ପରଲୋକ

**ବରୀ,୨୫।୧୦(ଡି.ଏନ.ଏ.):** ବରୀ ବ୍ଲକ୍ ବାଲିବିଲି ପଞ୍ଚାୟତର ପୂର୍ବତନ ପ୍ରଧାନଶିକ୍ଷକ ବସୁଦେବ ସାମଲଙ୍କ ପରଲୋକ ହୋଇଯାଇଛି । ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା । ଅସୁସ୍ଥତା କାରଣରୁ କଟକ ବଡମେଡିକାଲରେ ସେ ଚିକିତ୍ସାଧୀନ ଥିଲେ । ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକଚ୍ଛାୟା ଖେଳିଯାଇଥିଲା । ସେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ । ସଂସ୍କାରମୂଳକ କାର୍ଯ୍ୟରେ ଯୋଗଦେଇ ସେ 'ବସୁ ଗୁରୁଜୀ ' ନାମରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ପ୍ରାକ୍ତନ ସରପଞ୍ଚ ନବଘନ ପରିଡ଼ା,ଜିଲା ପରିଷଦ ସଭ୍ୟ ସନ୍ତୋଷ ସାମଲ,ସାଇ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ବୈକୁଣ୍ଠନାଥ



ସାମଲ,ବାଲିବିଲି ସରପଞ୍ଚଙ୍କ ପ୍ରତିନିଧି ମାନଗୋବିନ୍ଦ ସାମଲ, ମହାକାଳୀ ଯଜ୍ଞ କମିଟିର ଗୁରୁଚରଣ ପଢିହାରୀ,ଧନେଶ୍ୱର ଜେନା,ପ୍ରଫୁଲ୍ଲ ପଢିହାରୀ,ପ୍ରାକ୍ତନ ଭାରପ୍ରାପ୍ତ ସରପଞ୍ଚ ସୁଧାଂଶୁ ସାମଲ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାଲିବିଲିସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡପୁଅ ପ୍ରମୋଦ ସାମଲ ମୁଖାଗ୍ନି ଦେଇଥିଲେ ।

# ମାଙ୍କଡ଼ିଆ ଜନଜାତିଙ୍କ ଗୃହ ନିର୍ମାଣରେ ଦୁର୍ନୀତି

**ସୁକିନ୍ଦା,୨୫।୧୦(ଡି.ଏନ.ଏ.)**



ଛାତ ପଡିବା ପୂର୍ବରୁ ଭାଙ୍ଗି ପଡିଥିବା କାନ୍ଥ ।





ଲାଗିଥିବା ସୂଚନା ଫଳକ ।

■ ଖଣିଜ ପାଣ୍ଠି ବିନିଯୋଗରେ ଅନିୟମିତତା

■ ଛାତ ପଡ଼ିବା ପୂର୍ବରୁ ଭାଙ୍ଗି ପଡୁଛି କାନ୍ଥ

■ ସୂଚନା ଫଳକରେ କାମ ସରିଛି

ଆଦିବାସୀଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ପ୍ରଣୟନ କରିଛନ୍ତି । ସେମାନଙ୍କ ବିକାଶ ପାଇଁ ଜିଲା ଖଣିଜ ପାଣ୍ଠିରୁ ମଧ୍ୟ ଶତାଧିକ କୋଟି ଟଙ୍କା ବ୍ୟୟ ବରାଦ କରାଯାଉଛି । ହେଲେ ଦୀପ ତଳ ଅନ୍ଧାର ଭଳି ରତ୍ନଗର୍ଭା ସୁକିନ୍ଦାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଯାହାକୁ ନେଇ ଅଶାନ୍ତି ସୃଷ୍ଟି ହୋଇଛି । ଆଦିବାସୀଙ୍କ ବିକାଶରେ ପ୍ରଶାସନିକ ଉଦାସୀନତା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି ।

ସୂଚନାଯୋଗ୍ୟ, ଜିଲା ଖଣିଜ ପାଣ୍ଠି ଦ୍ୱାରା ମାଙ୍କଡ଼ିଆ ଜନଜାତି ପାଇଁ ୮୭ଟି ବାସଗୃହ ନିର୍ମାଣ ପାଇଁ ଯାଜପୁର ଜିଲା ସୁକିନ୍ଦା ବ୍ଲକର କୁସୁମୁଣ୍ଡିଆଠାରେ ୩କୋଟି ୨୫ଲକ୍ଷ ୧୮ହଜାର ୩୯୨ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଉକ୍ତ କାମକୁ ଯାଜପୁର ଅବଦୁଲପୁର ଅଞ୍ଚଳର ଭାଗବତ ଖଟୁଆ ନାମକ ଠିକାଦାରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଦିଆଯାଇଥିଲାୟ । ସୂଚନାଫଳକର ତଥ୍ୟ ଅନୁଯାୟୀ, ତା୨୨।୦୨।୨୦୧୯ରିଖରେ କାମ ଆରମ୍ଭ କରାଯାଇ ତା୨୧।୦୨।୨୦୨୦ରେ କାମ ଶେଷ ହୋଇଥିବା ଦର୍ଶାଯାଇଛି । ହେଲେ ଏହାର ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଅଲଗା । ଖଣି ପ୍ରଚୂର୍ଯ୍ୟଭରା ସୁକିନ୍ଦାର ମଲ୍ହାର ସାହିରେ ରହୁଥିବା ମାଙ୍କଡ଼ିଆ ଜନଜାତିର ୯୫ ପରିବାର ନୁଆଁଣିଆ ଚାଳ ଛପର ଘରେ ଅଭାବ ଅନାଟନ ମଧ୍ୟରେ ଦୀର୍ଘ ବର୍ଷ ଧରି ରହି ଆସୁଛନ୍ତି । ସେମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ବା ବିଜୁ ପକ୍କା ଘର ଯୋଜନା ଯେପରି ଉଭାନ ହୋଇଯାଇଛି । ଅସ୍ୱାସ୍ଥ୍ୟକର ପରିବେଶ ସାଙ୍ଗକୁ ଧୂଆଁଧୂଳିର ପରିବେଶ ମଧ୍ୟରେ ସେମାନେ ବସତି ସ୍ଥାପନ କରି ରହି ଆସୁଛନ୍ତି । ସେମାନଙ୍କ ପ୍ରତି କାହାର ନଜର ନାହିଁ । ଅଭାବ ଅନାଟନ ମଧ୍ୟରେ ଜିଇଁବାର ରାହା ଖୋଜୁଥିବା ଏହି ପରିବାର ପାଇଁ ପକ୍କା ଘର ସାତସପନ ହୋଇଛି । ଏଥିପାଇଁ ସରକାରଙ୍କ ତରଫରୁ ବ୍ୟୟ ବରାଦ ହୋଇ କାମ ସରିଥିବା ସୂଚନା ଫଳକ କହୁଛି । ହେଲେ ଠିକାଦାର ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକା ପାଇଁ ସୂଚନା ଫଳକରେ କାମ ସାରିଦିଆଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ମାଙ୍କଡିଆ ଜନଜାତିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ନିର୍ମାଣ ହୋଇଥିବା ଗୃହ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷେ ମାଙ୍କଡ଼ିଆ ବସ୍ତିଠାରୁ ୫ କି.ମି. ଦୂରରେ ଏହି ଘର ନିର୍ମାଣ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ନିର୍ମାଣ ହେଉଥିବା ଘରର ଛାତ ପଡ଼ିବା ପୂର୍ବରୁ କାନ୍ଥ ଫାଟି ଆଁ କରିଛି । ଅଧିକାଂଶ ଘରର କାନ୍ଥ ଭୁଶୁଡି ପଡୁଥିବା ଦେଖିବାକୁ ମିଳିଛି । ଏସମ୍ପର୍କରେ ସୁକିନ୍ଦା ବିଡ଼ିଓ ତାପସ କୁମାର ସେଠୀଙ୍କୁ ପଚାରିବାରୁ ଅଫିସ ଯିବା ପରେ ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ବୁଝି କହିବି ବୋଲି କହିଛନ୍ତି ।

## ଜମିବାଡ଼ିକୁ କେନ୍ଦ୍ର କରି ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ

**କଳିଙ୍ଗନଗର,୨୫।୧୦(ଡି.ଏନ୍.ଏ.)**

ଜମିବାଡ଼ିକୁ କେନ୍ଦ୍ର କରି ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି । ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ଟମକା ଥାନା ଅଧୀନ ଚିତ୍ରି ଗ୍ରାମର କୈଳାସ ଷଣ୍ଢ ଥାନାରେ ଅଭିଯୋଗ କରିଛନ୍ତି, ତାଙ୍କ ଉପର ମହଲା ଘର ନିର୍ମାଣ ଚାଲିଛି । ହେଲେ ବଡ ଭାଇ ରମାକାନ୍ତ ଷଣ୍ଢ ଓ ଭାଉଜ ବନ୍ଦନା ହଠାତ୍ କାମରେ ବ୍ୟବହୃତ ହୋଇଥିବା ଖୁଣ୍ଟିଗୁଡିକ ଉପାଡି ଦେଇଥିଲେ । ଏହାର ପ୍ରତିବାଦ କରିବାରୁ କୃଷ୍ଣଙ୍କ ସ୍ତ୍ରୀ ଓ ପୁଅକୁ ବଡଭାଇ ରମାକାନ୍ତ ଓ ଭାଉଜ ଆକ୍ରମଣ କରିଥିଲେ । ଆକ୍ରମଣରେ ଉଭୟ ଆହତ ହୋଇଥିବା କୃଷ୍ଣ ଅଭିଯୋଗ କରିଛନ୍ତି । ରମାକାନ୍ତଙ୍କ ପକ୍ଷରୁ ପ୍ରତି ଅଭିଯୋଗ ହୋଇଛି । ପୋଲିସ ଉଭୟ ପକ୍ଷରୁ ଅଭିଯୋଗ ରଖି ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ବାତ୍ୟା ଆଶଙ୍କା ଟଳିଛି, ପରିବା ଚାଷୀ ଆଶ୍ୱସ୍ତ



ରସୁଲପୁର ବ୍ଲକ୍ ଅଞ୍ଚଳରେ ହୋଇଥିବା ପରିବା ଚାଷ ।

**ରସୁଲପୁର,୨୫।୧୦(ଡି.ଏନ୍.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳ ପରିବା ଚାଷରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସିଛି । ଏହି ଅଞ୍ଚଳର ପରିବାଚାଷୀ ସମ୍ଭାବ୍ୟ ବାତ୍ୟା ସିତ୍ରାଙ୍ଗକୁ ନେଇ ଆତଙ୍କିତ ହୋଇପଡିଥିଲେ । ବାତ୍ୟା ସମ୍ଭାବନା ଟଳି ଯାଇଥିବାରୁ ଅଞ୍ଚଳର ଚାଷୀମାନେ ଚିନ୍ତାମୁକ୍ତ ହୋଇଛନ୍ତି । ଏଥିସହିତ ଖାଉଟିମାନେ ବି ଖୁସି ଅଛନ୍ତି । ମହଙ୍ଗା ମାଡରୁ ସାମାନ୍ୟ ମୁକ୍ତି ମିଳିପାରିବ ବୋଲି ବହୁ ଖାଉଟି କହିଛନ୍ତି ।

ସୂଚନା ଅନୁଯାୟୀ, ରସୁଲପୁର ବ୍ଲକର ବାରବାଟୀ, କଲଣ, ଜାବରା,ସିଂହାପୁର, ଓଡିଶୋ, ନଠୁଆବର, ଶ୍ରୀବନ୍ତପୁର, ରାଜେନ୍ଦ୍ରପୁର, ପ୍ରଥମାଖଣ୍ଡି, ଭୋଟକା, ଗନ୍ଧଣ, ବଡକଇଁଚି, ବାହାଦଲାପୁର, ନରସିଂହପୁର, ମୁଗୁପାଳ ଆଦି ନଦୀକୂଳିଆ ଓ ଉର୍ବର ଜମିରେ ବ୍ୟାପକ ପରିବା ଚାଷ ହୋଇଥାଏ । ଚଳିତ ଋତୁରେ ବି ଶତାଧିକ ହେକ୍ଟର ଜମିରେ ଚାଷୀମାନେ ଶୀତ ଦିନିଆ ପରିବା ଚାଷ ଆରମ୍ଭ କରିଛନ୍ତି । କେତେଜଣ ଚାଷୀ ପାଣିପାଗ ଉପଯୋଗୀ ବିହନ ବ୍ୟବହାର କରି ନାନା କସମର ପରିବା ଉତ୍ପାଦନ କରିବା ଆରମ୍ଭ କଲେଣି । ବିଶେଷକରି ଜହ୍ନି, ଭେଣ୍ଡି, ବାଇଗଣ, ଝୁଡଙ୍ଗ, କୋବି, ଭଳି ପରିବା ଗଛରେ ରହିଛି । ଆଉ କେତେଜଣ ଚାଷୀ ଶୀତ ଦିନିଆ ପରିବା ବିନ୍ସ, ଗାଜର, ବନ୍ଧାକୋବି, ମଟର, କାପ୍ସିକମ୍ ସହିତ ବିଭିନ୍ନ କିସମର ଶାଗ ଜାତୀୟ ଫସଲ ଚାଷ କରିବାରେ ଦିନରାତି ଏକ କରିଛନ୍ତି । ବାତ୍ୟାକୁ ନେଇ ଚାଷୀମାନେ ଚିନ୍ତାରେ ଥିଲେ । ବାତ୍ୟାରେ ପରିବା ଚାଷ ପ୍ରଭାବିତ ହୋଇଥାଆନ୍ତା ବୋଲି ବହୁ ଚାଷୀ କହିଛନ୍ତି । ଯଦି ୭୦ ରୁ ୮୦ କି.ମି ବେଗରେ ପବନ ବହି ଥାଆନ୍ତା, ମଞ୍ଚା ଜାତୀୟ ପରିବା ଝୁଡ଼ଙ୍ଗ, କଲରା, ଜହ୍ନି ଆଦି ଫସଲ ନଷ୍ଟ ହୋଇଯାଇଥାଆନ୍ତା । ପବନରେ ପରିବା ଗଛ ଛିଡିଯିବା ସହ ମଞ୍ଚାଗୁଡିକ ଭାଙ୍ଗି ଯାଇଥାଆନ୍ତା । ସେହିପରି ବର୍ଷାରେ ଅନ୍ୟ ଲତା ଓ ଗଛ ଜାତୀୟ ଫସଲ ପ୍ରଭାବିତ ହୋଇଥାଆନ୍ତା । ବର୍ଷା ଓ ପବନ ସମ୍ଭାବନା ଟଳି ଯାଇଥିବାରୁ ଚାଷୀର ଉତ୍ପାଦନ ବଢିବା ସହ ରବି ଚାଷ ପ୍ରତି ଅନୁକୂଳ ସ୍ଥିତି ସୃଷ୍ଟି ହୋଇଛି । ଏହାକୁ ନେଇ ଚାଷୀକୂଳ ବିଶେଷ ଉତ୍ସାହିତ ଅଛନ୍ତି ।

ଅପରପକ୍ଷେ ଆସନ୍ତା ସପ୍ତାହକ ପର୍ଯ୍ୟନ୍ତ ପାଣିପାଗ ଶୁଖିଲା ରହିବା ସହ ଟାଣଖରା ହେବାର ସମ୍ଭାବନା ରହିଛି । ଏଭଳି ଘଟିଲେ କ୍ଷେତରେ ପରିବା ଚାରା ରୋପଣ ପ୍ରଭାବିତ ହେବ । କ୍ଷେତରେ ଚାରା ଗଛଗୁଡିକୁ ବଞ୍ଚାଇବା ପାଇଁ ଚାଷୀମାନଙ୍କୁ ଅଧିକ କଷ୍ଟ କରିବାକୁ ପଡିବ । ଦିନରେ ଖରା ଓ ରାତିରେ ଥଣ୍ଡା ଓ ଅଧିକ କାକର ପଡିଲେ କ୍ଷେତ ପ୍ରତି କୌଣସି ଅସୁବିଧା ହେବନାହିଁ । ରବି ଋତୁ ପ୍ରାରମ୍ଭରେ ଡିପ ଜମିରେ ପରିବା ଚାଷ ଆରମ୍ଭ ହୋଇଛି । ଏ ସବୁ କ୍ଷେତର ଫସଲକୁ ବଞ୍ଚାଇବା ପାଇଁ ଜଳସେଚନର ସହାୟତା ନେବାକୁ ପଡିବ ବୋଲି ଚାଷୀମାନେ ମତ ରଖିଛନ୍ତି ।

## ଜରି ସାଧନ କେନ୍ଦ୍ରସ୍ତରୀୟ ସୁରଭି

**ସିଂହପୁର,୨୫।୧୦(ଡି.ଏନ.ଏ.)**

ବିଂଝାରପୁର ବ୍ଲକ ବାଙ୍ଗରା ନୋଡାଲ ଓ କୃପାସିନ୍ଧୁ ଉଚ୍ଚ ବିଦ୍ୟାପୀଠ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅକ୍ଷୟ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିକ୍ଷକ ସଂଘର ସଭାପତି ରବିନାରାୟଣ ମହାନ୍ତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବନବିହାରୀ ଧଳ, ସମ୍ମାନୀତ ଅତିଥି ସଂଘର ସମ୍ପାଦକ ଅକ୍ଷୟ ସାମଲ, ଶିକ୍ଷାବିତ୍ କଳାକର ପାତ୍ର, ଅଙ୍କୁର ବିଶ୍ୱାଳ, ସରପଞ୍ଚ ଜ୍ଞାନରଞ୍ଜନ ଜେନା, ସରପଞ୍ଚ ନନ୍ଦକିଶୋର ମଲିକ, ଦିଲ୍ଲୀପ ରାଉତ, କୁଶ ଚରଣ ସାମଲ, ଅନାମ ଚରଣ ଆରୁଖ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀବାଳା ସାମଲ, ଧିରେନ ଜେନା, ରାଜେନ୍ଦ୍ର ରାଉତ, ବିଦ୍ୟାଧର ବିଶ୍ୱାଳ, ସମିତି ସଭ୍ୟା ନମିତା ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ପଣ୍ଡିତ ଦିଲ୍ଲୀପ ଦାଶ ସଭାପରିଚାଳନା କରିଥିଲେ । କଳାଶିକ୍ଷୟିତ୍ରୀ ଅରୁପମା ନାୟକ ନିର୍ଦ୍ଦେଶନାରେ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ବିଭିନ୍ନ ବିଭାଗରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।ସିଆରସିସି ମନୋଜ ମହାଲିକ ସଂଯୋଜନା କରିଥିଲେ । ବିଚାରକ ସଂଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ, ଗନ୍ଧର୍ବ ଦାସ, କେଦାର ଦାସ, ବିଜୟ ଦାସ, ଜଗବନ୍ଧୁ ସାମଲ, ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ ।

## ସୂର୍ଯ୍ୟପରାଗ ଛୁଆଁକୁ ନେଇ ଗଣ୍ଡଗୋଳ : ୨ ଆହତ

**ଛତ୍ରପୁର ୨୫।୧୦(ଡି.ଏନ.ଏ. )**

ଛତ୍ରପୁର ଥାନା ଅଧିନ ବିପୁଳିଙ୍ଗୀ ଗ୍ରାମ ମଝିସାହିରେ ସୂର୍ଯ୍ୟପରାଗ ଛୁଆଁକୁ କେନ୍ଦ୍ରକରି ମଙ୍ଗଳବାର ରାତିରେ ଗଣ୍ଡଗୋଳ ହୋଇଛି । ଏଥିରେ ଗ୍ରାମର ୨ ଜଣ ଆହତ ହୋଇଛନ୍ତି । ସୂର୍ଯ୍ୟପରାଗ ଛୁଆଁକୁ ନେଇ କେତେଜଣ ବ୍ୟକ୍ତି ମୁହାଁମୁହିଁ ହୋଇଥିଲେ । ଫଳରେ ଗୋଟିଏ ଗୋଷ୍ଠୀର ୨ ଜଣ ବ୍ୟକ୍ତି ଓ ଅନ୍ୟ ଗୋଟିଏ ପରିବାରର ବାପପୁଅ ମିଶି ପଥରରେ ଆକ୍ରମଣ କରିଥିଲେ । ଏଥିରେ ଦୁଇ ଜଣ ଆହତ ହୋଇଛନ୍ତି । ସେମାନେ ହେଲେ ଉକ୍ତ ସାହିର ସୀମାଞ୍ଚଳ ପାଣିଗ୍ରାହୀ ଓ ସନ୍ତୋଷ ପାଣିଗ୍ରାହୀ । ଖବର ପାଇ ଛତ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣଙ୍କୁ ଥାନାରେ ଅଟକ ରଖିଛି ।

## ରାଜ କିଶୋର ପାଢ଼ୀଙ୍କ ଜୟନ୍ତୀ ପାଳିତ



ରାଜ କିଶୋରଙ୍କ ଜୟନ୍ତୀ ଅବସରରେ ଆୟୋଜିତ କବିତା ପାଠୋତ୍ସବ ।

**ଧର୍ମଶାଳା,୨୫।୧୦(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ କବି ଡ. ରାଜ କିଶୋର ପାଢୀଙ୍କ ୮୧ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କବିତା ପାଠ 'କବିତାରେ କବିତାରେ ରାଜ କିଶୋର'କୁ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କବି ଡ. ତୁହାନାଂଶୁ ରଥ ଓ ବ୍ରହ୍ମବରଦା କଲେକଜ ଅଧ୍ୟକ୍ଷ ମହେଶ୍ୱର ପାଢୀ ଯୋଗଦେଇ କବି ସବୁବେଳେ ଆସକ୍ତି ତପସ୍ୱୀଟିଏ, କବିତା ହୃଦୟର ଅନ୍ତରଙ୍ଗ ଆଳାପ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସେ ଡ. ପାଢୀଙ୍କ କବିତା ସଙ୍କଳନ ସମ୍ପର୍କରେ ଆଲୋଚନା କରିବା ସହ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । କବୟିତ୍ରୀ ପଦ୍ମଜା ଶରଣ ଓ ପ୍ରେମଲତା ମହାରଣାଙ୍କ ସଂଯୋଜନାରେ ଡ. ପାଢୀଙ୍କ ରଚିତ କବିତାକୁ ଅର୍ଜ୍ଜୁନ ପୃଷ୍ଟି, ବିଜୟ କୁମାର ନାୟକ, ଅଖିଳ କୁମାର ସ୍ୱାଇଁ, ମିନତୀ ସାହୁ, କାହ୍ନୁ ଚରଣ ଦାଶ, ପ୍ରଶାନ୍ତ କୁମାର ସାହୁ, ବ୍ରଜବନ୍ଧୁ ଶତପଥୀ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରହ୍ଲାଦ ପଣ୍ଡା, ଯୁଧିଷ୍ଠିର ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ଗୋଲକ ପଲେଇ, ସୁବ୍ରତ ଦାସ, ଗଣେଶ୍ୱର ବେହେରା,କୃଷ୍ଣଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ପଟ୍ଟନାୟକ ପ୍ରମୁଖ ପାଠ କରିଥିଲେ । ଏହି ଉତ୍ସବରେ କବିଙ୍କ ସ୍ତ୍ରୀ ପ୍ରେମଲତା ପାଢୀଙ୍କ ସମେତ ପରିବାରବର୍ଗ ଉପସ୍ଥିତଥିଲେ । ଶେଷରେ ଗୀତାଞ୍ଜଳୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରାକ୍ଟର ଜବତ, ୨ ଗିରଫ

**ଚଣ୍ଡିଖୋଲ,୨୫।୧୦(ଡି.ଏନ.ଏ.)**

### ଚଣ୍ଡିଆପାହାଡ଼ରୁ ପଥର ଚୋରା ଚାଲାଣ

ଦର୍ପଣ ତହସିଲ ଅନ୍ତର୍ଗତ ଚଣ୍ଡିଆ ପାହାଡ଼ରେ ଦାମି ମୂର୍ତ୍ତି ପଥର ରହିଛି । ଏହି ମୂର୍ତ୍ତି ପଥର ବ୍ୟାପକ ଭାବେ ଚୋରା ଚାଲାଣ ହେଉଥିବା ନେଇ ଗତ ୧୮ତାରିଖ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ଶୀର୍ଷକ ଥିଲା 'ଚଣ୍ଡିଆ ପାହାଡ଼ରେ ବେଆଇନ ଖନନ' । ଏହାପରେ ବାଲିଚନ୍ଦ୍ରପୁର ପୋଲିସ ସଜାଗ ହୋଇ ଉଠିଛି । ଗତ ରବିବାର ସେହି ପାହାଡ଼ରୁ ବେଆଇନ ପଥର ଚୋରା ଚାଲାଣ କରାଯାଉଥିବା ବେଳେ ଏକ ଟ୍ରାକ୍ଟରକୁ ବାଲିଚନ୍ଦ୍ରପୁର ପୋଲିସ ଜବତ କରିଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ. ୩୬୧/୨୨) ରୁଜୁ ହୋଇଛି । ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତି ହେଲେ କିସନ ନଗର ଥାନା ଗୁଆଳି ଗ୍ରାମର ସମୀର ରଞ୍ଜନ ପରିଡ଼ା (୩୯) ଓ ସାଲେପୁର ଥାନା ମଇଁଗୁଆଁ ଗ୍ରାମର ସନ୍ତୋଷ ମହାରଣା (୩୦) । ଏହି ପାହାଡ଼ରୁ ଦିନ ରାତି ବେଆଇନ ଭାବେ ମୂର୍ତ୍ତିପଥର ଚାଲାଣ ହେଉଛି ବୋଲି ଅଭିଯୋଗ ହୋଇଥିଲା ।

## ବିରଜା ଜ୍ୟୋତିର ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ



ବିରଜା ଜ୍ୟୋତିର ୪୧ତମ ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ ।

**ଯାଜପୁର ଅଫିସ,୨୫।୧୦**

ବିରଜା ଜ୍ୟୋତିର ୪୧ତମ ଶାରଦୀୟ ବିଶେଷାଙ୍କ ବିରଜା ହାଇସ୍କୁଲ ପରିସରରେ ଥିବା ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ପରିସରରେ ଉନ୍ମୋଚନ ହୋଇଯାଇଛି । ବିରଜା ଜ୍ୟୋତିର ବରିଷ୍ଠ ସଦସ୍ୟ ନୃସିଂହ ଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଯାଜପୁର ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କହ୍ନେଇ ଚରଣ ମହାନ୍ତି, ବିଶ୍ୱମ୍ଭର ମିଶ୍ର, ବିରଜା ସ୍କୁଲର ପ୍ରଧାନ ଶିକ୍ଷକ କିଶୋର ମଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପତ୍ରିକାର ସମ୍ପାଦକ ପଣ୍ଡିତ ଜ୍ଞାନରଞ୍ଜନ ପତି ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏହି ଅବସରରେ ମହିମା ମହି ବିରଜା ଶୀର୍ଷକ ଏକ ଆଲୋଚନା ଚକ୍ରରେ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ଅଧ୍ୟାପକ ନିତ୍ୟାନନ୍ଦ ଦେଓ, ପ୍ରଭଞ୍ଜନ ପତି, ବିଶ୍ୱମ୍ଭର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଯଜ୍ଞପ୍ରଭାର ସମ୍ପାଦକ ଭୂପତି ଭୂଷଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଜୟ କୁମାର ନନ୍ଦ, ଅଧ୍ୟାପକ ଦାମୋଦର ବେହେରା, ପାଣ୍ଡବ ସାହୁ, ବିରଜା ଜ୍ୟୋତି ସମ୍ପାଦକ ମଣ୍ଡଳୀର ସଦସ୍ୟ କ୍ଷୀରୋଦ ଚନ୍ଦ୍ର ପାଠୀ, ପ୍ରମୋଦ କୁମାର ଦ୍ୱିବେଦୀ, ଗଦାଧର କୁଣ୍ଟୁ, ଆନନ୍ଦ ଚନ୍ଦ୍ର ସାହୁ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସଭା ପରିଚାଳନା କରିଥିଲେ ।

# ଗରିବଙ୍କୁ ମିଳୁନି ଘର

**ଯାଜପୁର ଅଫିସ/କାଏମା (ଡି.ଏନ.ଏ.),୨୫।୧୦**



ଭଙ୍ଗା କୁଡ଼ିଆଘରେ ପଙ୍କଜିନୀ ।

ଝୁମ୍ପୁଡି ଘରେ ଆଉ କେହି ରହିବେ ନାହିଁ । ସମସ୍ତଙ୍କ ମୁଣ୍ଡ ଉପରେ ପକ୍କାଘର ରହିବ । ଏହି ଉଦ୍ଦେଶ୍ୟ ନେଇ କେନ୍ଦ୍ର ଓ ରାଜ୍ୟସ୍ତରରେ ପ୍ରଣୀତ ବିଭିନ୍ନ ଆବାସ ଯୋଜନା ଯାଜପୁର ଜିଲାରେ ଲକ୍ଷ୍ୟଭ୍ରଷ୍ଟ ହୋଇଛି । ଏବେ ବି ଶତାଧିକ ପରିବାର କୁଡିଆ, ନଡାଛପରେ ଘରେ ଦୁର୍ଦ୍ଦିନରେ କାଳାତିପାତ କରୁଥିବା ଦେଖିବାକୁ ମିଳିଛି । ଏଠାରେ ଜିଲାର ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତର ମିର୍ଜାପୁର ଗ୍ରାମର ବିଧବା ପଙ୍କଜିନୀ ସାହୁଙ୍କୁ ପୁଣି ଏକ ଉଦାହରଣ ଭାବେ ନିଆଯାଉଛି । ଅନ୍ୟପକ୍ଷେ ଏହି ବ୍ଲକର ତରଞ୍ଜିଆ ପଞ୍ଚାୟତରେ ଏକ ପରିବାରକୁ ଏକାଧିକ ପକ୍କାଘର ଯୋଜନାରେ ସାମିଲ କରି ଗୃହ ପ୍ରଦାନ କରିଥିଲେ । ପୁନର୍ବାର ୨୦୧୯-୨୦ ବର୍ଷରେ ସେହି ପରିବାରଙ୍କ ସଦସ୍ୟ ନାମକୁ ପ୍ରତୀକ୍ଷାରତ ତାଲିକାରେ ରଖାଯାଇଛି । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରେ ଏହା ସ୍ପଷ୍ଟ ହୋଇଥିଲା । ଏନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ଅନୁସାରେ ଓଡିଶା ଲୋକାୟୁକ୍ତ-୩୧୭/୨୦୧୯ରେ ଏକ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ବିଚାର କରି ୧୬।୯।୨୦୧୯ ରେ ଧର୍ମଶାଳା ବିଡିଓ, ତରିଞ୍ଜିଆ ନିର୍ବାହୀ ଅଧିକାରୀ ଓ ହିତାଧିକାରୀଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ ହୋଇଥିଲା । ହେଲେ ସଂପୃକ୍ତ ଅଧିକାରୀଙ୍କୁ ବଦଳିରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଥିଲା । ଏଭଳି ଭାବେ ଥିଲାବାଲା ଲୋକ ସରକାରୀ ଗୃହ ପାଉଥିବାବେଳେ ସର୍ବହରା ସେହି କୁଡିଆ ନଡାଛପର ଘରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହେଉଛନ୍ତି ।

ଅସହାୟ ପଙ୍କଜିନୀଙ୍କ ସ୍ୱାମୀ ଆଜକୁ ଦେଢ଼ ବର୍ଷ ହେଲା ପରଲୋକ ଘଟିଛି । ହେଲେ ପଙ୍କଜିନୀଙ୍କୁ ଏଯାଏ ବିଧବା ଭତ୍ତା ପ୍ରଦାନ କରାଯାଇ ନାହିଁ । ପଙ୍କଜିନୀଙ୍କ ଏକ ପୁଅ ଓ ଝିଅ ଅଛନ୍ତି । କିନ୍ତୁ କେବଳ ସରକାରୀ ଚାଉଳ ବ୍ୟତୀତ ଅନ୍ୟ କୌଣସି ଯୋଜନାରେ ତାଙ୍କୁ ସାମିଲ କରି ନ ଥିବାରୁ ବହୁତ କଷ୍ଟରେ ସେମାନେ ଜୀବନ କାଟୁଛନ୍ତି । ସ୍ୱାମୀ ଜଣେ ଦିନ ମଜୁରିଆ ଥିଲେ । ତେଣୁ ଘର ଖଣ୍ଡେ କରିବା ତାଙ୍କ ପାଇଁ ସ୍ୱପ୍ନ ଭଳି ଥିଲା । ଏମିତିରେ ପରିବାର ଚାଲୁଥିବା ସମୟରେ ଅମୂଲ୍ୟ କିଡନି ଜନିତ ରୋଗରେ ଆଖି ବୁଜି ଥିଲେ । ତାଙ୍କ ଚିକିତ୍ସା ସହାୟତା ପାଇଁ ସେ ସରକାରଙ୍କୁ ଗୁହାରି କରିଥିଲେ ହେଁ କିଛି ସୁଫଳ ମିଳି ନଥିଲା । ଏହାପରେ ଏକ ବଡ଼ ଦୁଃଖର ପାହାଡ ପଙ୍କଜିନୀଙ୍କ ଜୀବନରେ ଆସିଥିଲା । ଦିନରେ ଖରା ଓ ରାତିରେ ତାରା ଦେଖୁଥିବା ଘରେ ପଙ୍କଜିନୀଙ୍କ ପରିବାର ରହୁଛନ୍ତି । ବର୍ଷା ଦିନେ ଅନେକ ଅସୁବିଧା ହେଉଥିବା ଖବର ପାଇ ଅଂଶୁମାନ ଟ୍ରଷ୍ଟର ସାହାଯ୍ୟରେ ଘର ଛପର କରିଥିବା ପଙ୍କଜିନୀ କହିଛନ୍ତି । ଆବାସ ଯୋଜନା ପାଇଁ ବହୁତ ଥର ଆବେଦନ ପରେ ବି ତାଙ୍କ ନାମ ତାଲିକାରେ ସାମିଲ ହେଉନାହିଁ । ସଂପୃକ୍ତ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ପଚାରିଲେ ତାଙ୍କ ନାମ ରହିଛି, ଘର ଆସିଲେ ମିଳିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । ଏଭଳି ଅନେକ ପରିବାର ଘର ପାଇଁ ଚାହିଁ ରହିଥିବାବେଳେ ଯେଉଁମାନଙ୍କ ରାଜନୈତିକ ହାତ ରହିଛି କିମ୍ବା ସ୍ୱଚ୍ଛଳ ବର୍ଗ ଲୋକ ହାତଗୁଞ୍ଜା ଦେଉଛନ୍ତି ସେମାନଙ୍କୁ ଯୋଜନାରେ ଅଗ୍ରାଧିକାର ମିଳୁଛି ବୋଲି ଅଭିଯୋଗ ହେଉଛି ।

## ସଂକ୍ଷେପରେ

### ବୁଗୁଡ଼ାରେ କାଳୀ, ଗୋଲିଆରେ ଶ୍ୟାମାକାଳୀ ପୂଜା

ବୁଗୁଡ଼ା,୨୫।୧୦(ଡି.ଏନ.ଏ.)- ଆଲୋକର ପର୍ବ ଦୀପାବଳି ଅବସରରେ ବୁଗୁଡା ମଦନ ମୋହନ ଛକରେ ସମ୍ପୃକ୍ତ ପୂଜା କମିଟି ପକ୍ଷରୁ ମା' କାଳୀଙ୍କ ପୂଜା ଯଥା ରୀତିନୀତି ପ୍ରକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାଣ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ପାଠ, ଆଳତି, ପୁଷ୍ପାଞ୍ଜଳି ଆଦି କାର୍ଯ୍ୟ ପୁରୋହିତ ବୈଷ୍ଣବ ଚରଣ ଦାଶ, ରାଧାକାନ୍ତ ଦାଶ ଓ ଦେବୀ ପ୍ରସାଦ ମିଶ୍ରଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ବେଳେ ସୁଧାଂଶୁ ଶେଖର ପାଢ଼ୀ ସସ୍ତ୍ରୀକ ହୋମକର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। କମିଟି ସଭାପତି ଚିତ୍ରସେନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ଆସନ୍ତା ୩୦ ତାରିଖରେ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବା ନେଇ କମିଟି ପକ୍ଷରୁ ପ୍ରକାଶ ପାଇଛି। ସେହିପରି ନିକଟସ୍ଥ ଗୋଲିଆ ଗ୍ରାମରେ ଲଙ୍ଗଳେଶ୍ୱର ପାଠାଗାର ତରଫରୁ ଗ୍ରାମବାସୀଙ୍କ ସହଯୋଗରେ ମା' ଶ୍ୟାମାକାଳୀଙ୍କ ପୂଜା ଯଥାବିଧି ପୂର୍ବକ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ପୂଜା ଉପଲକ୍ଷେ ରବିବାର କଳସ ଯାତ୍ରା ସହ ମଣ୍ଡପଠାରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ହେଇଥିଲା। ପାଠାଗାର ସମ୍ପାଦକ ମାନସ ରଞ୍ଜନ ପ୍ରଧାନ ଓ ସହ-ସମ୍ପାଦକ ପବିତ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଉତ୍ସବ ପରିଚାଳିତ ହୋଇଥିଲା। ପୂଜା ମଣ୍ଡପରେ ମା'ଙ୍କ ରହଣି କାଳରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଆସନ୍ତା ୩୧ ତାରିଖରେ ବିସର୍ଜନ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ।

### ନିଆରା ଢଙ୍ଗରେ ଦୀପାବଳି ପାଳିଲେ

ଭଞ୍ଜନଗର,୨୫।୧୦(ଡି.ଏନ.ଏ)- ଭଞ୍ଜନଗର ଅଞ୍ଚଳର ବିପଦର ବନ୍ଧୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ଜଡ଼ିତ ଅନେକ ଯୁବ ସ୍ୱେଚ୍ଛାସେବୀ ଡୁମାକୁମ୍ମା ପଞ୍ଚାୟତ ଡିହକୁମ୍ପାପଲ୍ଲୀରେ ନିଆରା ଢଙ୍ଗରେ ଦିପାବଳୀ ପାଳିଛନ୍ତି। ଗାଁର ଛାତ୍ରୀଛାତ୍ରମାନଙ୍କୁ ନୂଆ ପୋଷାକ, ପାଠ୍ୟ ପୁସ୍ତକ ଏବଂ ମିଠା ବାଣ୍ଟିଥିଲେ।

ଡିହକୁମ୍ପାପଲ୍ଲୀ ଗ୍ରାମରେ ଶିକ୍ଷା ଠିକ୍ ଭାବେ ପହଞ୍ଚି ପାରିନାହିଁ। ତେଣୁ କିଛିମାସ ପୁର୍ବେ ଉକ୍ତ ସ୍ୱେଚ୍ଛାସେବୀମାନଙ୍କ ପ୍ରୟାସ ଯୋଗୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ନାମ ଲେଖାଇଥିଲେ। ସେମାନଙ୍କୁ ମାଗଣାରେ ଟିଉସନ ବ୍ୟବସ୍ଥା ମଧ୍ୟ କରାଯାଇଛି। ଦୀପାବଳୀରେ ବାଣ ଫୁଟାଇ ଅର୍ଥ ଅପଚୟ କରିବା ଅପେକ୍ଷା ଉକ୍ତ ଶିଶୁମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଅଭିନବ ଉପାୟ ଚିନ୍ତା କରିଥିଲେ ସ୍ୱେଚ୍ଛାସେବୀମାନେ। ବାଣ କିଣିବା ଅର୍ଥ ବଦଳରେ ଉକ୍ତ ଛାତ୍ରୀଛାତ୍ରମାନଙ୍କ ପାଇଁ କପଡ଼ା, ପୁସ୍ତକ, ମିଠା କିଣାଯାଇଥିଲା । ସ୍ୱେଚ୍ଛାସେବୀମାନେ ଏ ସବୁ ନେଇ ଗ୍ରାମରେ ପହଞ୍ଚି ପହଚିଂ ସେମାନଙ୍କ ସହ ନାଚଗୀତ କରି କିଛି ସମୟ ବିତାଇଥିଲେ। ସେହିଭଳି ଭଞ୍ଜନଗର ଆସିକା ମୁଖ୍ୟ ରାସ୍ତାରେ ଥିବା ଗୋ ଗ୍ରୀନ୍ ନର୍ସରୀ ପକ୍ଷରୁ ରାସ୍ତାରେ ଯାଉଥିବା ଲୋକଙ୍କୁ ବାଣ ନ ଫୁଟାଇବା ପାଇଁ ଅନୁରୋଧ କରାଯାଇଥିଲା। ଏଥିସହ ପଥଚାରୀମାନଙ୍କୁ ଗୋଲାପ ଫୁଲ ଉପହାର ଦିଆଯାଇ ବାଣ ଫୁଟାଇଲେ କ'ଣ ଅସୁବିଧା ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସ୍ନିଗ୍ଧା ବିଶ୍ୱାଳ, ଲକ୍ଷ୍ମି ଡ଼ାକୁଆ, ଚିନୁ ବେହେରା, ଗୋପାଳ ନାୟକ ପ୍ରମୁଖ ପରିଚାଳନା କରିଥିଲେ । ଅନ୍ୟପକ୍ଷରେ ଦିପାବଳୀରେ ବାଣ ଫୁଟାଇବା ସମୟରେ ଅଗଖୋଳ ସମେତ କେତକ ସ୍ଥାନରେ ଛୋଟ ଛୋଟ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି । ଖବରପାଇ ଭଞ୍ଜନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଚିଂ ନିଆଁକୁ ଆୟତ କରିଥିଲା ।

# ୨୧ ଲକ୍ଷ ଟଙ୍କାର ସୁନା, ରୁପା ଅଳଙ୍କାର ଜବତ: ୮ ଗିରଫ

ନୟାଗଡ଼ ଅଫିସ,୨୫।୧୦



ଗିରଫ ୮ ଅଭିଯୁକ୍ତ।

ନୟାଗଡ଼ ମିଶ୍ର ଲେନ ଓ ଲୋକନାଥ ନଗରରୁ ଅଗଷ୍ଟ ୨୩ ବିଳମ୍ବିତ ରାତିରେ ଚୋରି ଘଟଣାର ପର୍ଦ୍ଦାଫାସ ହୋଇଛି। ପୋଲିସ ୨୧ ଲକ୍ଷ ଟଙ୍କାର ସୁନାରୁପା ଅଳଙ୍କାର ଜବତ କରିବା ସହ ୮ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଡକାୟତି ଘଟଣାର ମୁଖ୍ୟ ଅଭିଯୁକ୍ତ ଫତେଗଡ ଥାନା ଗୋଳାପୋଖରୀର ଶଙ୍କର ପଲେଇ (୫୦), ଓଡଗାଁ ଆଦର୍ଶ ଥାନା ବାଉଁଶଗାଡିଆ ଗାଁର ଶରତ ଚନ୍ଦ୍ର ମହାରଣା (୨୫), ଭାଡିକିଳା ଗାଁର ମନୋରଞ୍ଜନ ମହାରଣା (୨୦) ଓ ପୂର୍ଣ୍ଣଚନ୍ଦ୍ର ମହାରଣା (୪୧), ଇଟାମାଟି ଥାନା ମଜୁରିଆପଲ୍ଲୀ ଗାଁର ରମେଶ ଲେଙ୍କା (୫୪), ନାରାୟଣ ପାଟଣାର ମିଟୁ ସ୍ୱାଇଁ (୩୨), ଚୋରି ଜିନିଷ ରଖିଥିବା ବ୍ୟବସାୟୀ ଇଟାମାଟି ଥାନା କୃଷ୍ଣପ୍ରସାଦର କାଳନ୍ଦୀ ସୁବୁଦ୍ଧି ଓ ନୟାଗଡ଼ ଟାଉନ ଥାନା ସିଭିଲ କୋର୍ଟ ଲେନର ସଞ୍ଜୟ ସିର୍କେ (୪୯)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏହି ୮ ଅଭିଯୁକ୍ତଙ୍କଠାରୁ ୨୦ ଲକ୍ଷ ଟଙ୍କାର ୪୦୦ ଗ୍ରାମ ସୁନା ଓ ୧ ଲକ୍ଷ ଟଙ୍କାର ୧ କିଗ୍ରା ରୁପା ଅଳଙ୍କାର ଜବତ ହୋଇଛି। ଏ ନେଇ ନୟାଗଡ଼ ଟାଉନ ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଏସ୍‌ପି ଆଲେଖ ଚନ୍ଦ୍ର ପହି ସୂଚନା ଦେଇଛନ୍ତି। ଧରପଗଡରେ ନୟାଗଡ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା, ଖଣ୍ଡପଡ଼ା ଥାନା ଅଧିକାରୀ ରମେଶ ଦେବତା, ଦଶପଲ୍ଲା ଥାନା ଅଧିକାରୀ ବସନ୍ତ ସାହୁ, ଏସ୍‌ଆଇ ଧର୍ମେନ୍ଦ୍ର ସିଆ ଓ ସଞ୍ଜୟ ନାୟକ ପ୍ରମୁଖ ସାମିଲ ଥିଲେ। ପ୍ରାପ୍ତ ସୂଚନା ଅନୁସାରେ, ଖଣ୍ଡପଡ଼ା ରୋଡ ମିଶ୍ର ଗଳିର ରତିକାନ୍ତ ପରିଡା ଓ ବାଳକୃଷ୍ଣ ପାଣିଗ୍ରାହୀଙ୍କ ଘରୁ ଅଗଷ୍ଟ ୨୩ ରେ ରାତିରେ ଚୋରି ହୋଇଥିଲା। ସେହିପରି ଲୋକନାଥନଗରର ଗୋକୁଳ ଚନ୍ଦ୍ର ଦ୍ୱିବେଦୀଙ୍କ ଘରୁ ଅନୁରୂପ ଚୋରି ହୋଇଥିଲା। ରତିକାନ୍ତ ପରିଡାଙ୍କ ପରିବାର କଟକ ଯାଇଥିବାବେଳେ ବାଳକୃଷ୍ଣ ପାଣିଗ୍ରାହୀଙ୍କ ପରିବାର ଖଲ୍ଲିକୋଟ ଯାଇଥିଲେ। ସେହିପରି ଗୋକୁଳ ଚନ୍ଦ୍ର ଦ୍ୱିବେଦୀଙ୍କର ପରିବାର ଝିଅ ଘର ବାଙ୍ଗାଲୋରରେ କିଛି ମାସ ହେଲା ରହୁଥିଲେ। ଦୁର୍ବୃତ୍ତମାନେ ତାଲା ଝୁଲୁଥିବା ଘରକୁ ଟାର୍ଗେଟ କରି ଚୋରି କରିବାରେ ସଫଳ ହୋଇଥିଲେ।

## କନିଷ୍ଠ ଯନ୍ତ୍ରୀଙ୍କୁ ନିଲମ୍ବିତ କଲେ ରାଜ୍ୟ ସରକାର

ଭାପୁର, ୨୫।୧୦(ଡି.ଏନ.ଏ.)

ଦୁର୍ନୀତି ପ୍ରସଙ୍ଗରେ ଗତ ବର୍ଷେ ହେବ ଚର୍ଚ୍ଚିତ ଥିବା ଭାପୁର ବ୍ଲକରେ ଏବେ ଫଲସ୍ ବିଲ କରିଥିବା ଅଭିଯୋଗରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଛନ୍ତି। ଭାପୁର ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଅର୍ଦ୍ଧେନ୍ଦୁ ଶେଖର ଷଡଙ୍ଗୀଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଥିବା ସୂଚନା ମିଳିଛି। ଉକ୍ତ ଯନ୍ତ୍ରୀ ଜଣକ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରୁଥିବା ବେଳେ ରାସ୍ତା, କୂଅ, ପୋଖରୀ ଫଲସ୍ ବିଲ କରିଥିବା ନେଇ ସ୍ଥାନୀୟ ବାସିନ୍ଦା ଏବଂ ଜନପ୍ରତିନିଧି ଅଭିଯୋଗ କରିଥିଲେ।

ଅଭିଯୋଗ ଅନୁଯାୟୀ ଯନ୍ତ୍ରୀ ଷଡଙ୍ଗୀ ଭାପୁର ବ୍ଲକରେ ପ୍ରାୟ ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରିଥିବା ବେଳେ ପ୍ରଭାବଶାଳୀ ନେତାଙ୍କ ସହ ସମ୍ପର୍କ ରଖି ଫଲସ୍ ବିଲ କରିବାକୁ ପ୍ରଶୟ ଦେଉଥିଲେ। ବିଶେଷକରି ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ରାସ୍ତା ହେଉ କିମ୍ବା ପୋଖରୀ ମୂଳରୁ କାମ ନ କରି ବିଲ୍ କରାଇ ନେଉଥିଲେ। ଠିକାଦାରଙ୍କୁ ଅନୁକମ୍ପା ଦେଖାଇ ଅତ୍ୟନ୍ତ ଚତୁରତାର ସହ ଏ କାମ କରୁଥିବା ବେଳେ ସାଧାରଣ ଲୋକେ ମଧ୍ୟ ଅନ୍ଧାରରେ ଥିଲେ। ସୂଚନା ଅଧିକାର ଆଇନ ବଳରେ ଗ୍ରାମବାସୀଙ୍କୁ ଏ ବିଷୟରେ ଜଣାପଡିଥିଲା। ଅନ୍ୟପକ୍ଷରେ ପ୍ରଶାସନକୁ ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ନୟାଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏ ଘଟଣାର ବିଭାଗୀୟ ତଦନ୍ତ କରାଯାଇଥିଲା। କେବଳ ବାଉଁଶବାଟି ପଞ୍ଚାୟତରେ ଅର୍ଥ ହରିଲୁଟର ସାଂଘାତିକ ଚିତ୍ର ସାମ୍ନାକୁ ଆସିଥିଲା। ଉକ୍ତ ପଞ୍ଚାୟତରେ କୌଣସି କାମ କରା ନ ଯାଇ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ହରିଲୁଟ ହୋଇଥିବା ନେଇ ତଦନ୍ତକାରୀ ଟିମ୍ ଜିଲାପାଳଙ୍କୁ ରିପୋର୍ଟ କରିଥିଲେ। ଏଥିନିମନ୍ତେ ସେପ୍ଟେମ୍ବର ୮ରେ କନିଷ୍ଠ ଯନ୍ତ୍ରୀ ଷଡଙ୍ଗୀଙ୍କ ସମେତ ମୋଟ ୭ ଜଣଙ୍କ ନିକଟରୁ ନୟାଗଡ଼ ଜିଲା ପ୍ରଶାସନ ୪୪ ଲକ୍ଷ ଟଙ୍କା ଅସୁଲ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଷଡଙ୍ଗୀଙ୍କ ନିକଟରୁ ପ୍ରାୟ ୭ ଲକ୍ଷ ଟଙ୍କା ଜିଲା ପ୍ରଶାସନ ଆଦାୟ କରିଥିଲା। ସେହିପରି ଗତ ୧୭ ତାରିଖରେ ଯନ୍ତ୍ରୀଙ୍କୁ ରାଜ୍ୟ ସରକାର ଚାକିରିରୁ ନିଲମ୍ବନ କରିଥିବା ସୂଚନା ମିଳିଛି। ଷଡଙ୍ଗୀ କଟକ ଜିଲା ବଡମ୍ବା ବ୍ଲକରେ କାର୍ଯ୍ୟରତ ଅଛନ୍ତି। ସେ ରାଜ୍ୟ ସରକାରଙ୍କ ଛାଟ ପରେ ହାଇକୋର୍ଟରୁ ଅନ୍ତରୀଣ ଜାମିନ ଆଣି ଦିନ ଗଣୁଥିବା ସୂଚନା ମିଳିଛି। ତେବେ ଜିଲା ପ୍ରଶାସନ ସେପ୍ଟେମ୍ବର ୮ରେ ଯନ୍ତ୍ରୀଙ୍କ ସମେତ ମୋଟ ୭ ଜଣଙ୍କ ନାମରେ ଫୌଜଦାରୀ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ପୋଲିସ ପ୍ରଶାସନ ହାତ ବାନ୍ଧି ବସିଛନ୍ତି। ଜିଲା ପ୍ରଶାସନ ଓ ସ୍ଥାନୀୟ ପୋଲିସ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସାଧାରଣ ଲୋକେ ଦାବି କରିଛନ୍ତି।

## ବେଳାଭୂମିରେ କାଳୀଙ୍କ ବାଲୁକା କଳା


ବେଳାଭୂମିରେ ମା' କାଳୀଙ୍କ ବାଲୁକା କଳା।

ଗଞ୍ଜାମ,୨୫।୧୦(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ବଟେଶ୍ୱର ସମୁଦ୍ର ବେଳାଭୂମିରେ ସ୍ଥାନୀୟ କଣ୍ଟିଆଗଡ଼ ଗ୍ରାମର ଉଦୀୟମାନ ଯୁବ ବାଲୁକା ଶିଳ୍ପୀ ସଚ୍ଚିଦାନନ୍ଦ ପ୍ରଧାନଙ୍କ ଦ୍ୱାରା ମା' କାଳୀଙ୍କ ମୁଖମଣ୍ଡଳର ପ୍ରତିକୃତି ନିର୍ମାଣ କରାଯାଇଥିଲା। ବାଲୁକା ରାଶିରେ ସୁନ୍ଦର କଳାକୃତି ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସା କରାଯାଇଥିଲା। କାର୍ତ୍ତିକ ମାସରେ ତୃତୀୟ ସୋମବାର ରହିଥିବାରୁ ବଟେଶ୍ୱର ଶୈବପୀଠକୁ ଆସୁଥିବା ପର୍ଯ୍ୟଟକମାନେ ସମୁଦ୍ର ବେଳାଭୂମିର ପ୍ରାକୃତିକ ପରିବେଶର ମଜା ନେବା ସହ ଉକ୍ତ ପ୍ରତିକୃତି ପ୍ରତି ଆକୃଷ୍ଟ ହୋଇଥିବା ଲକ୍ଷ୍ୟ କରାଯାଇଥିଲା।

## ପାରମ୍ପରିକ ରୀତିରେ ବଡ଼ବଡୁଆଙ୍କୁ ବିଦାୟ

ଖଣ୍ଡପଡା,୨୫।୧୦(ସ୍ୱ.ପ୍ର)

ଦୀପାବଳି ହେଉଛି ଆଲୋକର ପର୍ବ। ଏହାକୁ ଆଜିର ଯୁବ ପିଢି ଆତସବାଜି ଫୁଟାଇବାର ଦିନ ଭାବରେ ଗ୍ରହଣ କରୁଥିବା ବେଳେ ପାରମ୍ପରିକ ଭାବେ ଏହି ଦିନ ବଡବଡୁଆ(ପିତୃପୁରୁଷ)ଙ୍କୁ ଡକାଯାଇଥାଏ। ଏହି ଅବସରରେ ମଙ୍ଗଳବାର ଖଣ୍ଡପଡା, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ପାରମ୍ପରିକ ରୀତିରେ ବଡବଡୁଆଙ୍କୁ ବିଦାୟ ଦିଆଯାଇଥିଲା । ବ୍ରହ୍ମ ପୁରାଣ ଅନୁଯାୟୀ ଆଶ୍ୱିନ ମାସର ପ୍ରଥମ ଦିବସରେ ପିତୃ ପୁରୁଷମାନେ ମର୍ତ୍ତ୍ୟଲୋକରେ ଅବତରଣ କରିଥାନ୍ତି । ତେଣୁ ଆଶ୍ୱିନ ମାସ କୃଷ୍ଣପକ୍ଷର ୧୫ଦିନକୁ ପିତୃପକ୍ଷ ଭାବେ ପାଳନ କରାଯାଏ । ବଡବଡୁଆଙ୍କ ବିଦାୟ ସମ୍ବର୍ଦ୍ଧନା ଜଣାଇ ଗୃହସ୍ଥମାନେ ନିଜ ଗୃହରେ ପୟା ଶ୍ରାଦ୍ଧର ଆୟୋଜନ କରିଥାନ୍ତି । ଅପରପକ୍ଷରେ ଏହି ଉତ୍ସବ ପାଳନ ଦ୍ୱାରା ଅନେକ କୀଟ ପତଙ୍ଗ, ଜୀବାଣୁ ବିନାଶ ହେବା ସହ ଧାନ ଫସଲରେ ଲାଗିଥିବା ପୋକ ମଧ୍ୟ ମରିଥାନ୍ତି ବୋଲି ବିଶ୍ୱାସ ରହିଛି।

## ନାବାଳିକାଙ୍କୁ ବଳାତ୍କାର, ସମ୍ପର୍କୀୟ ଜେଜେବାପା ଗିରଫ

ଗଣିଆ,୨୫।୧୦(ଡି.ଏନ୍.ଏ.)

ଜଣେ ତୃତୀୟ ଶ୍ରେଣୀର ଛାତ୍ରୀ(୮)ଙ୍କୁ ତାଙ୍କ ସମ୍ପର୍କୀୟ ଜେଜେବାପା ବଳାତ୍କାର କରି ଗିରଫ ହେବା ଘଟଣା ନୟାଗଡ଼ ଜିଲା ଗଣିଆ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଗତ ୧ ମାସ ମଧ୍ୟରେ ଅଭିଯୁକ୍ତ ତାଙ୍କୁ ୪ ଥର ବଳାତ୍କାର କରିଥିଲେ । ନାବାଳିକା ଜଣଙ୍କ ନିଜ ଜେଜେମା'ଙ୍କ ଆଗରେ ଏକ କଥା କହିବା ପରେ ସମସ୍ତ ଘଟଣା ସାମ୍ନାକୁ ଆସିଛି । ନାବାଳିକାଙ୍କ ମା'ଗତ ରବିବାର ଅପରାହ୍ନରେ ଗଣିଆ ଥାନାରେ ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପୋଲିସ ସୋମବାର ନାବାଳିକାଙ୍କ ସମ୍ପର୍କୀୟ ଜେଜେବାପା ରବୀନ୍ଦ୍ର ବେହେରା(୫୫)ଙ୍କୁ ଗିରଫ କରିଛି । ଏଥିସହିତ ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି । ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି । ସେହିପରି ରବୀନ୍ଦ୍ରଙ୍କ ଡାକ୍ତରୀମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ତରଫରୁ ସୂଚନା ମିଳିଛି । ପୋଲିସ ଗାଁରେ ପହଞ୍ଚି ତଦନ୍ତ କରୁଥିବା ସମୟରେ ନାବାଳିକା ଜଣକ କିଭଳି ଓ କେଉଁ ସ୍ଥାନରେ ତାଙ୍କୁ ବଳାତ୍କାର କରାଯାଇଥିଲା ବର୍ଣ୍ଣନା କରିବା ଘଟଣା ଗ୍ରାମବାସୀଙ୍କୁ ଚକିତ କରିଛି ।

ସୂଚନା ଅନୁଯାୟୀ, ଗତ କିଛିଦିନ ତଳେ ନାବାଳିକା ଜଣଙ୍କ ଘର ସମ୍ମୁଖ ରାସ୍ତାରେ ଖେଳୁଥିଲେ। ଏହି ସମୟରେ ସମ୍ପର୍କୀୟ ଜେଜେବାପା ରବୀନ୍ଦ୍ର ନାବାଳିକାଙ୍କୁ ପାଖକୁ ଡାକିଥିଲେ । ନାବାଳିକା ଜଣକ ପାଖକୁ ଆସିବା ପରେ ରବୀନ୍ଦ୍ର ନିଜ ଘରେ କେହି ନ ଥିବାର ସୁଯୋଗ ନେଇ ତାଙ୍କୁ ବଳାତ୍କାର କରିଥିଲେ । ଘଟଣା ସମ୍ପର୍କରେ କାହା ଆଗରେ କହିଲେ ମାରିଦେବାକୁ ଧମକ ଦେଇଥିଲେ । ପରେ ଅନ୍ୟ ଏକ ସ୍ଥାନରେ ବଳାତ୍କାର କରିବା ସହ ସମାନ ଧମକ ଦେବା ଯୋଗୁ ନାବାଳିକା ଜଣକ ଭୟଭୀତ ହୋଇପଡିଥିଲେ । ଏମିତି ୪ଥର ଚାଲିଥିଲା । ତେବେ ଗତ ଶନିବାର ନାବାଳିକା ଜଣଙ୍କ ନିଜ ଜେଜେମାଙ୍କ ନିକଟରେ ବସିଥିବା ବେଳେ ରବୀନ୍ଦ୍ର ତାଙ୍କୁ ଆସିବା ପାଇଁ ଇସାରା ଦେଇଥିଲେ । ନାବାଳିକା ଜଣଙ୍କ ଯିବା ପାଇଁ ମନା କରିବା ସହ ନିଜ ଜେଜେମାଙ୍କ ଆଗରେ କାନ୍ଦି କାନ୍ଦି ସବୁ କଥା କହିଥିଲେ ।

## ଆର୍.ଉଦୟଗିରିରେ ସୁନେତ୍ର କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆର.ଉଦୟଗିରି,୨୫।୧୦(ଡି.ଏନ୍.ଏ.)

ଗଜପତି ଜିଲା ଆର.ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ସୁନେତ୍ର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଏହା ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ନିବେଦିତା ପଣ୍ଡା ଉଦ୍‌ଘାଟନ କରିବା ସହ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରା ଉପସ୍ଥିତ ଥିଲେ। ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚକ୍ଷୁ ସହାୟକ ଦେବରାଜ ଜେନା, ପିଏଚ୍‌ଇଓ ଶଶିଦେଇ ଶବର, ବ୍ରହ୍ମପୁର ରୁବି ଚକ୍ଷୁ ଚିକିତ୍ସାଳୟରୁ ଆସିଥିବା ଚକ୍ଷୁ ସହାୟକ ଭବାନୀ ଶଙ୍କର ପାତ୍ର ଓ ଅର୍ଦ୍ଧେନ୍ଦୁ ମଣ୍ଡଳ ଚକ୍ଷୁ ପରୀକ୍ଷା କରିଥିଲେ। ୨୩୪ ଛାତ୍ରୀଛାତ୍ରଙ୍କ ଚକ୍ଷୁର ସୁରକ୍ଷା ନିମନ୍ତେ ପରୀକ୍ଷା କରାଯାଇଥିଲା। ସେହିପରି ଗୁରୁବାର ଛେଳିଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୪୬ ଓ ରାମଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୯୩ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଡ. ଏମ୍. ଅଲ୍ଲୀ, ରଜନୀ ଶଙ୍କର ପାତ୍ର, ଡା. ସ୍ୱଦୀପ ମହାପାତ୍ରଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସମ୍ବଳ ବିଆରସି ରବି ନାରାୟଣ ଦାଶ ଓ ଅଭୟ କୁମାର ଦାସ, ପ୍ରଧାନ ଶିକ୍ଷୟିତ୍ରୀ ସେବତୀ ନାୟକ ଏବଂ ପ୍ରଦୀପ କୁମାର ପଣ୍ଡା ପରିଚାଳନା କରିଥିଲେ। ବିଦ୍ୟାଳୟେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ, ସିଆରସିସି ଓ ଗୋଷ୍ଠୀ ଶିକ୍ଷା ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।

## କୃଷି ବିଭାଗ ବିହନ ବାଲୁଙ୍ଗା, ଚିନ୍ତାରେ ଚାଷୀ

ଧରାକୋଟ,୨୫।୧୦(ଡି.ଏନ୍.ଏ.)

କୃଷକ ଦେଶର ମେରୁଦଣ୍ଡ। କୃଷି ଓ କୃଷକର ବିକାଶ ପାଇଁ ସରକାର ସବୁବେଳେ ନିରନ୍ତର ଉଦ୍ୟମ କରି ଆସୁଛନ୍ତି। କୃଷି ଓ କୃଷକର ବିକାଶ ପାଇଁ ସରକାର କୃଷି ପରାମର୍ଶ କେନ୍ଦ୍ରରେ ତାଲିମ ପ୍ରଦାନ କରୁଛନ୍ତି। ଏପରିକି ସଫଳ ଚାଷୀଙ୍କୁ ଉତ୍ସାହିତ ପାଇଁ ପୁରସ୍କାର ବ୍ୟବସ୍ଥା ରହିଛି। ହେଲେ ସଂପ୍ରତି ଅଭିଯୋଗ ହୋଇଛି ଧାନ ବିହନ ବାଲୁଙ୍ଗା ହେବକୁ ନେଇ। ରାଜ୍ୟ ବିହନ ନିଗମ ତରଫରୁ ବିଭିନ୍ନ କିସମର ଧାନ ବିହନ ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ପ୍ୟାକେଟ ପିଛା ୭୦୫ ଟଙ୍କା ମୂଲ୍ୟରେ ବିକ୍ରି କରାଯାଇଥିଲା। ଜଗମୋହନ ସେବା ସମବାୟ ସମିତିରୁ ସଂପୃକ୍ତ ଗ୍ରାମର ଚାଷୀମାନେ ଧାନ ବିହନ ୯ ପ୍ୟାକେଟ ୬୭୦୫ ଟଙ୍କା ଦେଇ କିଣିଥିଲେ। ଚାରି ଏକର ଜମିରେ ଧାନ ଚାଷ କରିଥିଲେ। ରୋଇବାର ୭୦ ଦିନ ପରେ ଧାନ ଗର୍ଭ ଧାରଣ କରିବାକୁ ଯାଉଥିବା ବେଳେ ଏହା ବାଲୁଙ୍ଗା ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଏହାକୁ ଦେଖି ଚାଷୀ ଚିନ୍ତାରେ ପଡ଼ିଛନ୍ତି।

## ଫଳକ ଭାଙ୍ଗିବା ପରେ ଥାନାର ଦ୍ୱାରସ୍ଥ ହେଲେ ପୂର୍ବତନ ସରପଞ୍ଚ

ନୂଆଗାଁ,୨୫।୧୦(ଡି.ଏନ.ଏ.)


ଫାଣ୍ଡିରେ ଅଭିଯୋଗ ପାଇଁ ଯାଇଛନ୍ତି ପୂର୍ବତନ ସରପଞ୍ଚ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁହାଁବାରୀ ପଞ୍ଚାୟତ କାର୍ଯ୍ୟାଳୟର ମୂଖ୍ୟ ଫାଟକରୁ ଉଦଘାଟନ ହୋଇଥିବା ଫଳକ ଭାଙ୍ଗିବା ନେଇ ବେରୁହାଁବାରି ପଞ୍ଚାୟତର ପୂର୍ବତନ ସରପଞ୍ଚ ନମିତା ପ୍ରଧାନ ବାହାଡାଝୋଲା ଫାଣ୍ଡିରେ ରବିବାର ଲିଖିତ ଅଭିଯୋଗ କରିଛନ୍ତି । ପୂର୍ବତନ ସରପଞ୍ଚ ନମିତା ପ୍ରଧାନ ଫାଣ୍ଡିରେ କରିଥିବା ଅଭିଯୋଗ ମୁତାବକ ନମିତାଙ୍କ କାର୍ଯ୍ୟକାଳ ସମୟରେ ପଞ୍ଚାୟତର ନୂତନ ମୁଖ୍ୟ ଫାଟକ ନିର୍ମାଣ କରିଥିବା ବେଳେ ତାହାର ଉଦଘାଟନ ସମୟରେ ନିଜ ନାମ ସହ ଅନ୍ୟ ଅତିଥିମାନଙ୍କ ନାମ ଥାଇ ଫଳକ ଲଗାଇଥିଲେ । କିନ୍ତୁ ବର୍ତ୍ତମାନ ତାହାକୁ ଭାଙ୍ଗି ଦିଆ ଯାଇଛି । } ଏ ନେଇ ସେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସସ୍ମିତ ଶୁଭଦର୍ଶୀ ମହାପାତ୍ରଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଅଭିଯୋଗ ବାବଦରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମହାପାତ୍ରଙ୍କୁ ପଚାରିବାରେ ଫଳକ ବାହାର କରାଯିବ ଘଟଣା ସତ । କିନ୍ତୁ ଫାଟକରେ ମାର୍ବଲ ଲାଗୁଥିବା କାରଣରୁ ଠିକାଦାର ଉକ୍ତ ଫଳକକୁ ବାହାର କରିଦେଇଛନ୍ତି। କାମ ଶେଷ ହେବା ପରେ ପୁନର୍ବାର ଉକ୍ତ ଫଳକକୁ ଲଗାଇ ଦେବୁ ବୋଲି କହିଛନ୍ତି ବେରୁହାଁବାରି ପଞ୍ଚାୟତ ନିର୍ବାହୀ ଅଧିକାରୀ ମହାପାତ୍ର ।

## ପଦ୍ମାବତୀରେ ଆରୋଗ୍ୟ ସମିତି ବୈଠକ

ଭାପୁର,୨୫।୧୦(ଡି.ଏନ.ଏ.)

ପଦ୍ମାବତୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସଭା ଗୃହରେ ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡା. ପ୍ରଦୀପ କୁମାର ପାଇକରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ୧୮ନଂ. ଜୋନ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ ସଭାପତି ରୂପେ ଯୋଗ ଦେବା ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସତ୍ୟପ୍ରିୟ ସାହୁ, ପଦ୍ମାବତୀ ପଞ୍ଚାୟତ ସରପଞ୍ଚ ଅଜୟ କୁମାର ମଲ୍ଲିକ, କରବର ସରପଞ୍ଚ ଉଷାରାଣୀ ସାହୁ, ଶାସନ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ ଗୋଛି, ମହିଳା ଶିଶୁ ସମ୍ମନ୍ବିତ ବିକାଶ ନିରୀକ୍ଷକ ସନ୍ତୋଷିନୀ ପାଣି, ନେହେରୁ ଯୁବ କେନ୍ଦ୍ର ସଦସ୍ୟ ପ୍ରାଚୀ ତନୟା ମିଶ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଲିଲିମା ତ୍ରିପାଠୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ୱାଧୀନ ପାଣିଗ୍ରାହୀ, ଫାର୍ମାସିଷ୍ଟ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଉନ୍ନତି ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରା ଯାଇଥିଲା। ଶେଷରେ ଡା. ଫଣୀ ଭୂଷଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




ଗଞ୍ଜାମ ଜିଲା ବୁଗୁଡା,ବାଲିଗୁଡା,ଆସିକାରେ ପୂଜା ପାଉଥିବା ମା' କାଳୀଙ୍କ ମୃଣ୍ମୟୀ ପ୍ରତିମା।


ଛତ୍ରପୁର: ଅଗସ୍ତିନୂଆଗାଁରେ କାଳୀପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା।

# ସଂକ୍ଷେପରେ

## ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

ମାର୍ଶାଘାଇ, ୨୫।୧୦(ଡି.ଏନ.ଏ.): ମାର୍ଶାଘାଇ ଥାନା ଅନ୍ତର୍ଗତ ଜୟଚନ୍ଦ୍ରପୁରସ୍ଥ ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଶିବିର (ବାଳକ ବିଭାଗ) ଉଦ୍‌ଯାପିତ ହୋଇଯାଇଛି। ନିକଟସ୍ଥ ବଡ଼ଗାଁଠାରେ ଅନୁଷ୍ଠିତ ଏହି ଶିବିରକୁ ଅଧ୍ୟକ୍ଷ ଉମାକାନ୍ତ ଦାସ ଉଦଘାଟନ କରିଥିଲେ। ଶିବିରାର୍ଥୀ ଛାତ୍ରମାନେ ଗ୍ରାମରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିବା ସହ ପ୍ରତ୍ୟେକ ସନ୍ଧ୍ୟାରେ ପ୍ରାର୍ଥନା, ସଙ୍ଗୀତ, ଅନ୍ତାକ୍ଷରୀ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଉଦଯାପନୀ ଦିବସରେ ଜିଲା ପ୍ରୋଗ୍ରାମ ଅଫିସର ଡ. ପଦ୍ମଜା କବି ଶତପଥୀ ଓ ଅଧାପିକା ଶୈଳବାଳା ମହାନ୍ତି ଯୋଗଦେଇ ଶିବିରର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରୋଗ୍ରାମ ଅଫିସର ଶରତ କୁମାର ସେଠୀ, ଖେଳ ଶିକ୍ଷକ ଗଙ୍ଗାଧର ଦାସ,ତ୍ରିଲୋଚନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସପ୍ତାହବ୍ୟାପୀ ଆୟୋଜିତ ଏହି ଶିବିରରେ ମୋଟ ପଚାଶ ଛାତ୍ର ଭାଗ ନେଇଥିଲେ।

## ବଜ୍ରସୁନା ମଞ୍ଚ ପରିବାରର ପ୍ରସ୍ତୁତି ବୈଠକ

ମାର୍ଶାଘାଇ,୨୫।୧୦ (ଡି.ଏନ.ଏ.): ସ୍ଥାନୀୟ ବଡକୁଳ ଗ୍ରାମସ୍ଥ ବଜ୍ରସୁନା ମଞ୍ଚ ପରିବାରର ଆଗାମୀ ବର୍ଷ ମଞ୍ଚ ନାଟକ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜଗବନ୍ଧୁ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ଲୋକଙ୍କ ମାନସିକତାକୁ ସୁଧାର କରିବା ସହ କର୍ମମୟ ଜୀବନରେ ମନୋରଞ୍ଜନର ନାଟକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଅଧାପକ ସମୀର କୁମାର ରାଉତଙ୍କ ନିର୍ଦ୍ଦେଶନାରେ ଆଗାମୀ ବର୍ଷ ପ୍ରାରମ୍ଭରେ ୨ଟି ସାମାଜିକ ନାଟକ ମଞ୍ଚସ୍ଥ ହେବା ପାଇଁ ସ୍ଥିର ହୋଇଥିଲା। ପରିଚାଳକ ତୀର୍ଥବାସୀ ଓଝା ଧନ୍ୟବାଦ ଦେଇଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଡେରାବିଶ ୨୫।୧୦(ସ୍ୱ.ପ୍ର.):ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ନୁଆଗାଁ ଗ୍ରାମର ଧର୍ମପ୍ରାଣା ମହିଳା ଓ ବିଶିଷ୍ଟ ବୈଜ୍ଞାନିକ ଡ. ପ୍ରହ୍ଲାଦ ନାୟକଙ୍କ ମା' ଜତନୀ ନାୟକ (୯୮)ଙ୍କ ମଙ୍ଗଳବାର ଅପରାହ୍ନରେ ପରଲୋକ ହୋଇଯାଇଛି। ଜତନୀ ଅଞ୍ଚଳରେ ଜଣେ ଧର୍ମପ୍ରାଣା, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଭାବେ ଗ୍ରାମରେ ପରିଚିତ ଥିଲେ। ତେବେ ସୂର୍ଯ୍ୟପରାଗ ଅବସରରେ ପରିବାରରେ ରୋଷେଇ ବନ୍ଦ ଥିବାରୁ ଅପରାହ୍ନରେ ଜଳଖିଆ ଖାଇ ବିଶ୍ରାମ ନେଇଥିବା ବେଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ଜତନୀଙ୍କୁ ସ୍ଥାନୀୟ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଜତନୀଙ୍କ ମୃତ୍ୟୁ ଖବର ଜଣାପଡିବା ପରେ କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ, ପୂର୍ବତନ ସମିତିସଭ୍ୟ ଅଭିମନ୍ୟୁ ରାଉତଙ୍କ ସମେତ ବହୁ ଗ୍ରାମବାସୀ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଏକମାତ୍ର ପୁତ୍ର ବୈଜ୍ଞାନିକ ଡ. ନାୟକ ଓ ଦୁଇ ଝିଅଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଖବରପାଇ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ପ୍ରାଧାପକ ଅଜୟ କୁମାର ରାଉତ, ପ୍ରଭାକର ସାମଲ, ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତି ମଳିକ, ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ ଜତନୀଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି।

# କେନ୍ଦ୍ରାପଡ଼ାରେ ଡେରା ପକାଇଛି କେରଳ ବସ୍

କେନ୍ଦ୍ରାପଡ଼ା ଅଫିସ, ୨୫।୧୦



ଅନ୍ୟ ରାଜ୍ୟକୁ କାମ କରିବାକୁ ବାହାରିଥିବା ଶ୍ରମିକ।

■କର୍ମନିଯୁକ୍ତି ଆଶୟୀଙ୍କୁ ଜିଲାରେ ମିଳୁନି କାମ

■ଉପାନ୍ତ ଅଞ୍ଚଳର ଯୁବବର୍ଗ ଜିଲା ଛାଡିବାକୁ ପ୍ରସ୍ତୁତ

ଦୀପାବଳି ପର୍ବ ଶେଷ ହୋଇନାହିଁ। କେନ୍ଦ୍ରାପଡ଼ା ଜିଲାର ଗଣପର୍ବରେ ସାମିଲ ହେବାକୁ ପ୍ରବାସରୁ ଆସିଥିବା ଶ୍ରମିକ କର୍ମସ୍ଥଳକୁ ବାହୁଡିଲେଣି। ଏଥିପାଇଁ ବିଭିନ୍ନ ରାଜ୍ୟରୁ ବସ ଆସି ଜିଲାର ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ରାଜକନିକା ଆଦି ବ୍ଲକ ଅଞ୍ଚଳରେ ଡେରା ପକାଇଛନ୍ତି। ଏ ସମ୍ପର୍କରେ ରାଜନଗର ବ୍ଲକ ସାତଭାୟାର ସୁଦର୍ଶନ ରାଉତ କହିଛନ୍ତି, କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡ଼ା ଜିଲା ଏବେ ଭିତ୍ତିଭୂମି ଅଭାବରୁ କୃଷି କ୍ଷେତ୍ର ପଡିଆ ପଡୁଛି। ଜିଲାରେ ଖଣି ଓ ଶିଳ୍ପ ନାହିଁ। ୫୭ ହଜାରରୁ ଅଧିକ ଗ୍ରାଜୁଏଟ ଓ ବୈଷୟିକ ଜ୍ଞାନଧାରୀ ଜିଲା କର୍ମ ନିୟୋଜନ ବିଭାଗରେ ନିଜର ନାମ ପଞ୍ଜୀକରଣ କରିଥିଲେ ମଧ୍ୟ ନିଯୁକ୍ତି ନାହିଁ। ଜୀବନଧାରଣ ଓ ପରିବାର ପୋଷଣ ପାଇଁ ଜିଲା ବାହାରକୁ ଯୁବବର୍ଗଙ୍କୁ ଯିବାକୁ ପଡୁଛି। ଏହି ବାକ୍ୟଗୁଡ଼ିକ କେବଳ ସୁଦର୍ଶନଙ୍କର ନୁହେଁ, ବରଂ କେରଳ ବସରେ ଚଢୁଥିବା ବହୁ ଯୁବତୀଯୁବକଙ୍କ ମନର କଥା। ସାତଭାୟାର ଭରତ ବେହେରା କହିଛନ୍ତି, ସମୁଦ୍ର ତଟରେ ଘର ସହିତ ଚାଷ ଜମି ଥିଲା। ତଟକ୍ଷୟ ଯୋଗୁ ଏଠାରେ ଥିବା ୭ ଗ୍ରାମ ସମୁଦ୍ରରେ ମିଶିଯାଇଛି। ଗ୍ରାମରେ ଥିବା ୫୭୧ ପରିବାର ନିକଟସ୍ଥ ବଗପାଟିଆକୁ ସ୍ଥାନାନ୍ତର ହୋଇଛନ୍ତି। ପ୍ରତି ପରିବାରର ଥିବା ଚାଷ ଜମି କିଛି ସମୁଦ୍ରରେ ମିଶିଯାଇଛି। ଅନ୍ୟ ଜମି ସାତଭାୟାରେ ଥିଲେ ମଧ୍ୟ ବଗପାଟିଆକୁ ସ୍ଥାନାନ୍ତର ପରେ ଚାଷ ଜମି ବାବଦ ଅଦ୍ୟାବଧି କୌଣସି ଜମି ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇନାହିଁ। ସରକାରଙ୍କ ପକ୍ଷରୁ ମିଳୁଥିବା ରାଶନ ସାମଗ୍ରୀ ହୁଏତ ମାସକ ମଧ୍ୟରୁ ୧୫ ଦିନ ପେଟ ପୂରାଇବାରେ ସକ୍ଷମ। ତେବେ ଗରିବୀ ହଟାଇବାକୁ ପର୍ଯ୍ୟାପ୍ତ ନୁହେଁ। ଅହେତୁକ ଦରବୃଦ୍ଧି ସାଧାରଣ ଜୀବନଯାପନ ପ୍ରଣାଳୀକୁ ପ୍ରଭାବିତ କରିଛି। ପିଲାଙ୍କ ଆବଶ୍ୟକତା ଏଠାରେ ରହି ପୂରଣ କରି ହେଉନାହିଁ। କିଛି ଭଲ ରୋଜଗାର ଆଶାରେ ପ୍ରଥମଥର ପାଇଁ କେରଳ ଯାଉଥିବା ସେ ପ୍ରକାଶ କରିଛନ୍ତି। ଗୁପ୍ତିର ସରୋଜକାନ୍ତ ସ୍ୱାଇଁ କହିଛନ୍ତି, ଏର୍ଣ୍ଣାକୁଲମ ଜିଲା ପେରୁମଭୁରଠାରେ ଗୋଟିଏ ପ୍ଲାଇଉଡ କମ୍ପାନୀରେ ଚାକିରି କରନ୍ତି। ପ୍ରତିବର୍ଷ ଗଣେଶ ପୂଜା ପୂର୍ବରୁ ଘରକୁ ଫେରନ୍ତି। ଜିଲାର ଗଣପର୍ବ ଗଜଲକ୍ଷ୍ମୀ ଓ କାଳୀ ପୂଜା ପରେ କର୍ମସ୍ଥଳୀକୁ ଫେରନ୍ତି। ଜିଲାର କର୍ମ ନିୟୋଜନ ସମ୍ପର୍କରେ ସେ କୁହନ୍ତି, ପ୍ରାକୃତିକ ବିପର୍ଯ୍ୟୟ କୃଷି କ୍ଷେତ୍ର ପାଇଁ ବିପଦ ହୋଇଥିବା ବେଳେ ସରକାରୀ ପ୍ରୋତ୍ସାହନର ଅଭାବ ଅଛି। ଏଠାରେ ଅର୍ଥକରୀ ଫସଲ ଉତ୍ପାଦନ ହେଲେ ମଧ୍ୟ ବଜାର ମଣ୍ଡି ଓ ଶୀତଳ ଭଣ୍ଡାର ଅଭାବରୁ ଅଭାବୀ ବିକ୍ରି କରିବାକୁ ପଡେ। ସେହିପରି ଜିଲାରେ କୌଣସି କଳକାରଖାନା ନ ଥିବାରୁ ଯୁବବର୍ଗ କର୍ମନିଯୁକ୍ତି ପାଇଁ କେରଳ, ତାମିଲନାଡୁ, ସୁରଟ ଆଦି ଅଞ୍ଚଳକୁ ଯାଇଥାନ୍ତି। ଶ୍ରମିକଙ୍କ ସଂଖ୍ୟା ଏଠାରେ ଅଧିକ ଥିବାରୁ କମ୍ପାନୀ ପକ୍ଷରୁ ସେଠାକୁ ଯିବା ପାଇଁ ବସ୍ ବ୍ୟବସ୍ଥା କରାଯାଇଛି। ଜିଲାରେ ପର୍ଯ୍ୟାପ୍ତ କର୍ମ ନିଯୁକ୍ତି ମିଳିଲେ ଯୁବବର୍ଗ ୨୦୦୦ କିଲୋମିଟର ଦୂରକୁ କାହିଁକି ଯାଉଥାନ୍ତୁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଜନଗରର ଜଗନ୍ନାଥ ଦାସ କହିଛନ୍ତି, ପୂଜା ପରବର୍ତ୍ତୀ ସମୟରେ ବ୍ଲକ ଅଞ୍ଚଳରୁ ୬୦ରୁ ଊର୍ଦ୍ଧ୍ୱ ବସ କେରଳ, ତାମିଲନାଡୁ, ସୁରଟ ଆଦି ଅଞ୍ଚଳକୁ ଯାଉଛି। ପ୍ଲାଇଉଡ, ସୂତାକଳ, ମାଛ ଚାଷ ଆଦିରେ ଏମାନେ କାର୍ଯ୍ୟ କରୁଛନ୍ତି। ଦଶମ ପରୀକ୍ଷା ପରେ କର୍ମନିଯୁକ୍ତି ପାଇଁ ଘରୁ ଗୋଡ କାଢୁଥିବା ବେଳେ ଏଥିରେ ନାବାଳିକାଠାରୁ ମହିଳାଙ୍କୁ ମଧ୍ୟ ଦେଖିବାକୁ ମିଳୁଛି। ରାଜନଗର ସହିତ ମହାକାଳପଡ଼ା, ଆଳି, ପଟ୍ଟାମୁଣ୍ଡାଇ ଓ ରାଜକନିକା ବ୍ଲକ ଅଞ୍ଚଳରେ କର୍ମ ନିଯୁକ୍ତି ପାଇଁ ପ୍ରାୟ ୫୧ ପ୍ରତିଶତ ପରିବାର ଜିଲା ବାହାରକୁ ଯାଉଥିବା ଏକ ବେସରକାରୀ ସଂସ୍ଥା ଆକଳନ କରିଛି। ବହୁ ସମୟରେ ଏମାନଙ୍କ ନିର୍ଯାତନା କାହାଣୀ ଶୁଣିବାକୁ ମିଳୁଛି। ଜିଲାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ହେଲେ ଏହାର ସମାଧାନ ହୋଇପାରିବ। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସହଣୀ ଅର୍ଥକରୀ ଚାଷ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସ୍ୱାବଲମ୍ବୀ କରିପାରିବ ବୋଲି ସେ ପ୍ରକାଶ କରିଛନ୍ତି।

## ଚାଷୀଙ୍କୁ ଗତବର୍ଷର କ୍ଷତିପୂରଣ ଦାବିରେ ୨୬ରୁ ଆମରଣ ଅନଶନ

ଏରସମା,୨୫।୧୦(ସ୍ୱ.ପ୍ର.)

ଗତବର୍ଷ ବର୍ଷା ବିପ୍ରାତରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବିରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଆସନ୍ତା ୨୬ ତାରିଖରୁ ସ୍ଥାନୀୟ ତହସିଲ ସମ୍ମୁଖରେ ୬ ଜଣ ଚାଷୀ ଆମରଣ ଅନଶନ କରିବ। ସୂଚନା ଅନୁସାରେ, ଗତବର୍ଷ ସେପ୍ଟେମ୍ବରରେ ୩ ଦିନ ଧରି ଲଗାଣ ବର୍ଷା ହୋଇଥିଲା। ଜଳ ନିଷ୍କାସନ ହୋଇ ନ ପାରିବାରୁ ଧାନ ପଚି ଯାଇଥିଲା। ଏହାର କ୍ଷତିପୂରଣ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାଧ୍ୟ ହୋଇ ଅଖିଳ ଭାରତ କୃଷକ ସଭା ବ୍ଲକ ଶାଖା ପକ୍ଷରୁ ୬ ଚାଷୀ ଆମରଣ ଅନଶନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ବର୍ଷେ ବିତି ଯାଇଥିଲେ ମଧ୍ୟ ସହାୟତା ନ ମିଳିବାରୁ ପୁଣି ଆମରଣ ଅନଶନ କରାଯିବ ବୋଲି ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ ଜଣାଇଛନ୍ତି।

# ରାସ୍ତା ନ ଥାଇ ରାସ୍ତା ନିର୍ମାଣ

ଚଣ୍ଡିଖୋଲ,୨୫।୧୦(ଡି.ଏନ.ଏ.)

**୧୭୦ମିଟର ରାସ୍ତା ପାଇଁ ଖର୍ଚ୍ଚ ହୋଇଛି ୩୦ଲକ୍ଷ ଟଙ୍କା**

ମହାନଦୀ ନର୍ଥ ଡ଼ିଭିଜନ୍ ଜଳସମ୍ପଦ ବିଭାଗ ଅଧୀନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏହି ଡ଼ିଭିଜନ୍ ଅନ୍ତର୍ଗତ ନୁର୍ତାଙ୍ଗ ସବ୍‌ଡ଼ିଭିଜନ୍ ଅଧୀନରେ ରହିଛି ବାଲିଚନ୍ଦ୍ରପୁର ସେକ୍ସନ। ଏଠାରେ ଥିବା ବିରୂପା ନଦୀ ବନ୍ଧକୁ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତବିଭାଗକୁ ହସ୍ତାନ୍ତର କରାଯାଇଛି। ଏହି ହସ୍ତାନ୍ତର ପ୍ରକ୍ରିୟା ଦୀର୍ଘ ୫ବର୍ଷ ତଳୁ ଶେଷ ହୋଇଛି। ହସ୍ତାନ୍ତର ପରେ ବିରୂପା ନଦୀବନ୍ଧ ଉପରେ ବାଲିଚନ୍ଦ୍ରପୁର ଠାରୁ କୁଆଁପାଳ ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ରାସ୍ତା ନିର୍ମାଣ କରିଛି। ତେବେ ଜଳ ସମ୍ପଦ ବିଭାଗର ବାଲିଚନ୍ଦ୍ରପୁରଠାରେ କୌଣସି ସର୍ଭିସ ରୋଡ଼ ନ ଥିବାବେଳେ ୨୦୨୧ରେ ବିରୂପା ନଦୀବନ୍ଧ ସର୍ଭିସ୍ ରୋଡ଼ ଉନ୍ନତିକରଣ ନାମରେ ୨୯ଲକ୍ଷ ୨୪ହଜାର ୩ଶହ ୫୦ଟଙ୍କା ଖର୍ଚ୍ଚ ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ବନ୍ଧ କାମ ୨୦୨୧ ମେ ମାସ ୨୪ରୁ ଆରମ୍ଭ ହୋଇ ସେହି ବର୍ଷ ସେପ୍ଟେମ୍ବର ମାସ ୨୮ରେ ଶେଷ ହୋଇଛି। ତେବେ ଆଶ୍ଚର୍ଯ୍ୟର କଥା ବାଲିଚନ୍ଦ୍ରପୁରଠାରେ କୌଣସି ବିରୂପା ନଦୀବନ୍ଧର ସର୍ଭିସ ରୋଡ଼ ନାହିଁ। ଏଠାରେ ଥିବା ନଦୀବନ୍ଧଟି ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତବିଭାଗକୁ ହସ୍ତାନ୍ତର କରାଯାଇଛି। ତା'ଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ଜଳ ସମ୍ପଦ ବିଭାଗର କହିବା ଅନୁଯାୟୀ ପଟ୍ଟାମୁଣ୍ଡାଇ କେନାଲର ଦକ୍ଷିଣ ପାର୍ଶ୍ୱ ରାସ୍ତା ନିର୍ମାଣ କରାଯାଇଛି। ଯାହାକି ଭୁଲ ବଶତଃ ବିରୂପା ନଦୀବନ୍ଧ ସର୍ଭିସ ରୋଡ଼ ବୋଲି ଲେଖାଯାଇଛି। ତେବେ ବାଲିଚନ୍ଦ୍ରପୁର ବଜାର ନିକଟରେ ପଟ୍ଟାମୁଣ୍ଡାଇ କେନାଲର ଦକ୍ଷିଣ ପାର୍ଶ୍ୱରେ ମାତ୍ର ୧୭୦ମିଟର ଲମ୍ବ ରାସ୍ତା ଜଳସମ୍ପଦ ବିଭାଗ ଅଧୀନରେ ରହିଛି। ଏହା ସହିତ ଏଠାରେ ରାସ୍ତା ମରାମତି ଓ ପୋଲ ମରାମତି କାମ ହୋଇଥିବା ଦର୍ଶା ଯାଇଛି।

ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ କେନାଲ ଉପରେ ୨୦୨୦ରେ ନୂତନ ପୋଲ ନିର୍ମାଣ ହୋଇ କାର୍ଯ୍ୟ ଶେଷ ହୋଇଛି। ଏଥି ସହିତ ରାସ୍ତା ନ ଥିଲା ବେଳେ ରାସ୍ତା ମରାମତି କେଉଁଠି କରାଗଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ମାତ୍ର ୧୭୦ ମିଟର ରାସ୍ତା ନିର୍ମାଣ ପାଇଁ ଠିକାଦାର ଅମର କୁମାର ମଲ୍ଲଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେବେ କେବଳ ୧୭୦ ମିଟର ରାସ୍ତା ପିଚୁ କରିବା ପାଇଁ କିପରି ଭାବେ ୩୦ଲକ୍ଷ ଟଙ୍କା ଖର୍ଚ୍ଚ ହେଲା ସେଥିନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ପ୍ରତ୍ୟୁଶ ତରାଇଙ୍କୁ ପଚାରିବାରେ ସେ କୁହନ୍ତି, ପଟ୍ଟାମୁଣ୍ଡାଇ କେନାଲ ବନ୍ଧକୁ ଆମେ ବିରୂପା ନଦୀ ବନ୍ଧ ସର୍ଭିସ ରୋଡ଼ ଦର୍ଶାଇଛୁ। କେବେଳ ୧୭୦ ମିଟର ରାସ୍ତା ନୁହେଁ ସେଠାରୁ କିଛି ଦୂର ୭ନଂ. (ଏ) କେନାଲରେ ଗାର୍ଡ଼ ୱାଲ ତିଆରି ହୋଇଛି। ଆଉ ଏକ ରାସ୍ତା ମରାମତି କାମ କରାଯାଇଛି। ସେଥିରେ କୌଣସି ଅନିୟମିତତା କରାଯାଇ ନାହିଁ। ତେବେ ଆଶ୍ଚର୍ଯ୍ୟାର କଥା ଗାର୍ଡ଼ ୱାଲ ନିର୍ମାଣ ପାଇଁ ଅଲଗା ଟେଣ୍ଡର ହେବା କଥା ଏବଂ ରାସ୍ତା ମରାମତି ପାଇଁ ଅନ୍ୟ ଟେଣ୍ଡର ହେବାର ନିୟମ ଥିବା ବେଳେ ଜଳସମ୍ପଦ ବିଭାଗ କିପରି ଏଭଳି ବେଆଇନ କାର୍ଯ୍ୟ କରିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ବଜାର କମିଟି ପକ୍ଷରୁ ମା' ଶ୍ୟାମାକାଳୀ ପୂଜା ମଣ୍ଡପ।

## କଣ୍ଡିଆ ହାଟରେ ମା' ଶ୍ୟାମାକାଳିଙ୍କ ପୂଜା

ରାଜକନିକା, ୨୫।୧୦(ଡି.ଏନ.ଏ.)

ରାଜକନିକା ବ୍ଲକର ପଶ୍ଚିମକନିକାର ମୁଖ୍ୟ ବାଣୀଜ୍ୟ କେନ୍ଦ୍ର କଣ୍ଡିଆ ହାଟରେ ମା' ଶ୍ୟାମା କାଳି ପୂଜା ସୋମବାର ଆରମ୍ଭ ହୋଇଛି। ଆଲୋକମାଳାରେ ପୂଜା ପେଣ୍ଡାଲ ଝଲସୁଛି। ତେବେ ବର୍ଷା ୩ ବାତ୍ୟା ଟଳି ଯାଇଥିବାରୁ ସନ୍ଧ୍ୟା ବେଳେ ପ୍ରବଳ ଭିଡ ଲାଗି ରହୁଛି। ତେଣୁ ଭିଡକୁ ନିୟନ୍ତ୍ରଣ କରିବାକ । ଫାଣ୍ଡିର ପୋଲିସ ସହାୟତା ନିଆଯାଇଛି। ପୋଲିସର କଡା ପ୍ରହାର ଯୋଗୁ ଗଣ୍ଡଗୋଳ ନାହିଁ। ଶିଳ୍ପି କଣ୍ଡିଆର ଅଭିରାମ ବିନ୍ଧାଣୀ କାଳି ମୂର୍ତ୍ତି ନିର୍ମାଣ କରିଥିବାବେଳେ ଅନ୍ୟ ପାଶ୍ୱମୂର୍ତ୍ତି ଗଠନ କରିଛନ୍ତି। ସାମାଜିକ କର୍ମୀ ବୃନ୍ଦାବନ ମଳିକ ପୋରୋହିତ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତେଣୁ ନମତରା, ଦେଉଳତରା, କଣ୍ଡିଆ, ଚରପଡା, ଠାକୁରାଣିପାଳ, ଅବଦୁଲପୁର, ପାରି ନୂଆପଡା, ପଣସଗଣ୍ଡ, ପଧାନପଡା , ହାଟସାହି, ଆଳି ବ୍ଲକର ଅରଗଳର ଶତାଧିକ ଶ୍ରଦ୍ଧାଳୁ ମା' କାଳିଙ୍କୁ ଦେଖିବା ପାଇଁ ଭିଡ ଜମାଉଛନ୍ତି। କଣ୍ଡିଆ ହାଟରେ ଶତାଧିକ ଦେକାନ ବଜାର ପଡିଛି। ସେହିପରି ନମତରା ଓ ବରିପଡା ମା'ଶ୍ୟାମା କାଳି ମୂର୍ତ୍ତି ପୂଜା ପାଉଛନ୍ତି।



# ସରକାରୀ ଆଉଟସୋର୍ସିଂ କର୍ମଚାରୀ ସଂଘର ସମାବେଶ



ଆଉଟସୋର୍ସିଂ କର୍ମଚାରୀଙ୍କ ସମାବେଶ।

ଯାଜପୁର ଟାଉନ,୨୫।୧୦(ଡି.ଏନ୍.ଏ.)

ଯାଜପୁର ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ କର୍ପୋରେଶନରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ସମାବେଶ ସ୍ଥାନୀୟ ତ୍ରିଲୋଚନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଗୌତମ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଆଉଟସୋର୍ସିଂ ପ୍ରଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ସମାନ କାମକୁ ସମାନ ଦରମା ତଥା ସ୍ଥାୟୀ ନିଯୁକ୍ତି ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ରାଜ୍ୟ ସରକାର ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିଥିବା ବେଳେ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ରାଜ୍ୟସରକାରଙ୍କ ଏଭଳି ବୈମାତୃକ ମନୋଭାବକୁ ଦୃଢ ନିନ୍ଦା କରାଯାଇଥିଲା। ଉକ୍ତ ବୈଠକରେ ଚିତ୍ତରଞ୍ଜନ ସାହୁ, ସ୍ନେହାଶିଷ ମିଶ୍ର, ଶକ୍ତିମାନ ସାହୁ, ଦେବାଶିଷ ଦାସ, ଦୀପକ ଦଳାଇ, ବିଜୟ ବଳ, ସୁପ୍ରିୟା ସାହୁ, ରାଧାରାଣୀ ଜେନା, ସ୍ନେହଲତା ଦାସ, ସନ୍ଧ୍ୟାରାଣୀ ଭଟମିଶ୍ର, ଦୀପ୍ତିଲତା ବିଶ୍ୱାଳ ପ୍ରମୁଖ ଶତାଧିକ କର୍ମଚାରୀ ଯୋଗ ଦେଇଥିଲେ।

## ହୋମଗାର୍ଡଙ୍କୁ ଆକ୍ରମଣ ଘଟଣାରେ ୨ ଅଭିଯୁକ୍ତ ଗିରଫ

ନାଉଗାଁ,୨୫।୧୦(ସ୍ୱ.ପ୍ର.)

ନାଉଗାଁ ଥାନା ଅନ୍ତର୍ଗତ ଘୋଡାଂଶ ଛକ ନିକଟରେ କାର୍ଯ୍ୟରତ ୨ଜଣ ହୋମଗାର୍ଡଙ୍କୁ ରବିବାର ବିଳମ୍ବିତ ରାତିରେ ସ୍ଥାନୀୟ ୨ ଯୁବକ ଦୁର୍ବ୍ୟବହାର ଓ ଆକ୍ରମଣ କରିବାକୁ ନେଇ ହୋମଗାର୍ଡ ଯୋଗେନ୍ଦ୍ର କାଣ୍ଡି ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ନଂ. ୨୩୫/୨୨ରେ ମାମଲା ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ହୋମଗାର୍ଡ କାଣ୍ଡିଙ୍କ ଅଭିଯୋଗ ମୁତାବକ, ସେ ଓ ତାଙ୍କ ସାଥୀ ସୁରେନ୍ଦ୍ର ସେଠୀ ରବିବାର ଘୋଡାଂଶ ଛକରେ ରାତି ଡ୍ୟୁଟି କରୁଥିଲେ। ବିଳମ୍ବିତ ରାତିରେ ସେହି ଗାଁର ସୂର୍ଯ୍ୟକାନ୍ତ ମହାନ୍ତି (୩୧) ଓ ସନ୍ଦୀପ ମହାନ୍ତି(୨୬) ମଦ୍ୟପାନ କରି ଅଶ୍ଳୀଳ ଭାଷାରେ ଉଚ୍ଚ ସ୍ୱରରେ ପାଟି କରୁଥିଲେ। ସେମାନେ ଦୁଇ ଯୁବକଙ୍କୁ ବୁଝାଶୁଝା କରିଥିଲେ। ଏଥି ସହ ଯୁବକ ଦ୍ୱୟ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ।

# ଅଁଳାବାଙ୍କରେ ମା' ଶ୍ୟାମାକାଳୀ ପୂଜା

ଡେରାବିଶ ୨୫।୧୦(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଅଁଳାବାଙ୍କଠାରେ ସୋମବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଛି ମା' ଶ୍ୟାମାକାଳୀଙ୍କ ପୂଜା। ବହୁ ପ୍ରାଚୀନ ଏହି ପୂଜା ଉତ୍ସବ ପାଇଁ ଅଁଳାବାଙ୍କସ୍ଥିତ ମହାକାଳୀ ଆଶ୍ରମ ଉତ୍ସବ ମୁଖର ହୋଇଉଠିଛି। ଦୁଇବର୍ଷ ହେବ କରୋନା କଟକଣା ପାଇଁ ଏହି ପୂଜା ମଣ୍ଡପ ଭକ୍ତଶୂନ୍ୟ ହୋଇପଡ଼ିଥିବା ବେଳେ ଚଳିତବର୍ଷ ମଙ୍ଗଳବାର ସୂର୍ଯ୍ୟୋପରାଗ ପାଇଁ ପୂଜା ମଣ୍ଡପ ଖାଁ ଖାଁ ଲାଗିଥିଲା। ପରାଗ ପାଇଁ ଦେବନୀତି ବନ୍ଦ ରହିଥିବାରୁ ବୁଧବାର ସକାଳେ ସୂର୍ଯ୍ୟ ଉଦୟ ପରେ ମା'ଙ୍କ ନିକଟରେ ସମସ୍ତ ପୂଜା ନୀତି ଅନୁଷ୍ଠିତ ହେବ ବୋଲି ଆଶ୍ରମର ମୁଖ୍ୟ ତତ୍ତ୍ୱାବଧାରକ ଦେବବ୍ରତ ଆଚାର୍ଯ୍ୟ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ସତ୍ୟବ୍ରତ ଆଚାର୍ଯ୍ୟ, ମରୁତ ସ୍ୱାଇଁ, ଦେବେନ୍ଦ୍ର ନାୟକ, ଶ୍ରୀଧର ନାଥ ପ୍ରମୁଖଙ୍କ ସମେତ ଅଁଳାବାଙ୍କ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଛନ୍ତି। ସେହିପରି ବ୍ଲକର ଏଣ୍ଡରଠାରେ ମା' ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହେଉଛି।



# ବ୍ଲକ କଲୋନୀରୁ ୫ ଶିଶୁଗଛ କଟାକୁ ନେଇ ଉତ୍ତେଜନା

ପଟ୍ଟାମୁଣ୍ଡାଇ, ୨୫।୧୦(ସ୍ୱ.ପ୍ର.)

■ବନ ବିଭାଗ କିଛି ଜାଣିନି କି ରାଜସ୍ୱ ବିଭାଗ ପାଖରେ ହିସାବ ନାହିଁ

■ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ କଲୋନୀ ମଧ୍ୟରେ ମୂଲ୍ୟବାନ ଶିଶୁଗଛ କଟା ଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଏହାର ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନଗର କଂଗ୍ରେସ ପକ୍ଷରୁ ଦାବି ହୋଇଛି। ପ୍ରାୟ ୫ଟି ମୂଲ୍ୟବାନ ଶିଶୁଗଛ କାଠ ଗଣ୍ଡି କଲୋନୀ ପରିସରରେ ମହଜୁଦ ରହିଛି। ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବ୍ଲକ କଲୋନୀ ପରିସରରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ବିରାଟକାୟ ଶିଶୁବୃକ୍ଷ ବହୁ ବର୍ଷ ଧରି ରହିଛି। ସେଥିମଧ୍ୟରୁ ଗୋଟିଏ ଗଛ ମୂଳ ଶୁଖି ଯାଇଥିବା ବେଳେ ଶନିବାର କେହି ଦୁର୍ବୃତ୍ତ ୫ଟି ଗଛ କାଟି ଦେଇଥିବା ଜଣାପଡିଛି। ଦୀପତଳ ଅନ୍ଧାର ପରି ତହସିଲ କ୍ୱାର୍ଟର୍ସ ରହିଥିଲେ ମଧ୍ୟ କିଭଳି ଏପରି ଗଛ ସବୁ କାଟି ଦିଆଗଲା ତାହା ସମସ୍ତଙ୍କୁ ଚକିତ କରିଛି। ସରକାର କୋଭିଡ-୧୯ ସମ୍ବେଦନଶୀଳ ସମୟରେ ବୃକ୍ଷ ରୋପଣ ହିଁ ଏକାନ୍ତ ବୋଲି ସାର୍ବଜନୀନ ସଚେତନତା କରାଉଛି। ଏଠି କାହା ସ୍ୱାର୍ଥରେ ଏତେ ପରିମାଣର ଗଛ କାଟି ଦିଆଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ପୌରାଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ଗଛ କିଏ କାଟିଲା ଓ କାହା ପରାମର୍ଶରେ ଗଛ କଟା ହେଲା, ତା'ର ଖବର କାହା ପାଖରେ ନାହିଁ। ଏ ବାବଦରେ ବନ ବିଭାଗ କିଛି ଜାଣିନି କି ରାଜସ୍ୱ ବିଭାଗ ପାଖରେ କଟା ଗଛ ସବୁର ହିସାବ ନାହିଁ। ଦିନ ଦି'ପହରେ ଏତେ ଗଛ କାଟି କିଏ କୁଆଡ଼େ ନେଲା, ତାହା ବଡ଼ ପ୍ରଶ୍ନବାଚୀ ହୋଇ ଛିଡ଼ା ହୋଇଛି। ଯଦି ଗଛକଟାକୁ ନେଇ ଠିକ୍ କାର୍ଯ୍ୟାନୁଷ୍ଠାନ ନ ନିଆଯାଏ ତାହା ହେଲେ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାଇ ଦେଇଛନ୍ତି। ଏ ସମ୍ପର୍କରେ ରେଞ୍ଜର ଚିତ୍ତରଞ୍ଜନ ବେଉରାଙ୍କୁ ପଚାରିବାରେ ଗଛକଟା ଅଭିଯୋଗ ପାଇବା ପରେ ସ୍ଥାନୀୟ ଫରେଷ୍ଟରଙ୍କୁ ପଠାଇଥିଲୁ। ସେଠାରେ ଗଛ କଟା ଯାଇଥିବା ଦେଖିବାକୁ ମିଳିଥିଲା। ଛୁଟି ଥିବାରୁ କାହାକୁ ଗଛ କାଟିବାକୁ ପରମିଶନ ଦିଆଯାଇ ନ ଥିଲା। ଯିଏ ବି ଗଛ କାଟିଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

# ମଧୁର ଜଳ ଅପଚୟ ବଢୁଛି

ଭଞ୍ଜନଗର,୨୫।୧୦(ଡି.ଏନ୍.ଏ.)

ଦିନକୁ ଦିନ ଭୂତଳ ମଧୁର ଜଳସ୍ତର ହ୍ରାସ ପାଉଛି। ତେଣୁ ଏହାର ଅପଚୟ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ଏଥିସହ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ବର୍ଷା ପାଣି ସଞ୍ଚୟ କରି ରଖାଯାଉଛି । କଂକ୍ରିଟ, ପିଚୁ ରାସ୍ତା ବଦଳରେ ସିମେଣ୍ଟ ଇଟାରାସ୍ତା ତିଆରି କରାଯାଉଛି। କେନାଲ, ନଦୀରେ ଆନିକଟ ନିର୍ମାଣ ହେଉଛି । ଜମିକୁ ଜଳ ଯୋଗାଣ ସହ ୱାଟର ରିଚାର୍ଜ ହେଉଛି। ଏଭଳି ଅନେକ ପଦକ୍ଷେପ ନିଆଯାଉଥିଲେ ମଧ୍ୟ କେତେକ ସ୍ଥାନରେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବ ଏବଂ ଆଉ କେତକ ସ୍ଥାନରେ ଜଳ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ଯୋଗୁ ମଧୁର ଜଳ ଅପଚୟ ବଢୁଛି। ଏଥିପ୍ରତି ସରକାର ଅଧିକ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ ହୋଇପଡ଼ିଛି ।

ଭଞ୍ଜନଗର ଉପଖଣ୍ଡର ଅନେକ ସ୍ଥାନରେ ମଧୁର ଜଳ ଅପଚୟ ଦେଖିବାକୁ ମିଳିଛି । ୨୦୨୪ ସୁଦ୍ଧା ସରକାର ସମସ୍ତଙ୍କ ଘରକୁ ପାଇପ ଯୋଗେ ପାଣି ଯୋଗାଣ ଲକ୍ଷ୍ୟ ରଖିଛନ୍ତି । ଏହି କାମ ମଧ୍ୟ ଦ୍ରୁତ ଗତିରେ ଚାଲିଛି । କେତେକ ଗାଁକୁ ପାଣି ଯୋଗାଣ ସରିଲାଣି । ଯେଉଁ ଗ୍ରାମକୁ ପାଣି ଯୋଗାଣ ହେଉଛି ସେଠାରେ ଅନେକ ଷ୍ଟାଣ୍ଡପୋଷ୍ଟ ଭାଙ୍ଗି ରାସ୍ତାରେ ପାଣି ଭାସୁଛି । କେତକ ସ୍ଥାନରେ ଲୋକେ ଜାଣିଶୁଣି ଷ୍ଟାଣ୍ଡପୋଷ୍ଟ ଭାଙ୍ଗି ଦେଉଛନ୍ତି। ଆଉ କେତକ ସ୍ଥାନରେ ମରାମତି ପ୍ରତି ଦୃଷ୍ଟି ଦିଆଯାଉନାହିଁ । ସୋଲାର ପାନୀୟ ଜଳ ପ୍ରକଳ୍ପ ହେବାଦ୍ୱାରା ବିଦ୍ୟୁତ୍ ସଞ୍ଚୟ ହେଉଛି । ଲୋକଙ୍କୁ ସୁବିଧାରେ ପାଣି ମଧ୍ୟ ମିଳୁଛି । କିନ୍ତୁ ତାର ଉପଯୁକ୍ତ ରକ୍ଷାଣବେକ୍ଷଣ ଅଭାବ ଯୋଗୁ ଅନେକ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି । ଆଉ କେତକ ପ୍ରକଳ୍ପର ପାଣି ଟାଙ୍କି ଭର୍ତି ହେବାପରେ ବଳକା ପାଣି ତଳେ ପଡ଼ି ନଷ୍ଟ ହେଉଛି । ପାଣି ଭର୍ତ୍ତି ହେବାପରେ ଆପେ


ବିଛୁଆତି ସୋଲାର ପାନୀୟ ଜଳ ପ୍ରକଳ୍ପର ମଧୁର ଜଳ ଅପଚୟ ହେଉଛି ।

## କର୍ମଚାରୀଙ୍କ ଅବହେଳା,ଲୋକେ ସଚେତନ ହେଉନାହାନ୍ତି

ଆପେ ବିଦ୍ୟୁତ୍ ବିଚ୍ଛିନ୍ନ ହେବାର ସେନସର ମାଧ୍ୟମରେ ବ୍ୟବସ୍ଥା ଅଛି। କିନ୍ତୁ ଅନେକ ପ୍ରକଳ୍ପର ଉକ୍ତ ସେନସର ଠିକ୍ ଭାବେ କାମ କରୁନାହିଁ । ତେଣୁ ଟାଙ୍କିରେ ପାଣି ଭର୍ତ୍ତି ହେବାପରେ ବଳକା ପାଣି ନଷ୍ଟ ହେଉଛି । ଭଞ୍ଜନଗର ବ୍ଲକ ଲାଲସିଂ ପଚାଂୟତ ବିଛୁଆତିରେ ଥିବା ସୋଲାର ପାନୀୟ ଜଳ ପ୍ରକଳ୍ପର ଏହି ସମସ୍ୟା ରହିଛି । ସାହିବାସିନ୍ଦାଙ୍କ କହିବା ପ୍ରକାରେ ପ୍ରାୟ ୩ବର୍ଷ ପୂର୍ବେ ଉକ୍ତ ପ୍ରକଳ୍ପଟି ନିର୍ମାଣ ହୋଇଥିଲା ।

ପ୍ରଥମ ଦେଢ଼ବର୍ଷ ପ୍ରକଳ୍ପରେ ପାଣି ଠିକ୍ ଭାବେ ଆସିନଥିଲା । ତେଣୁ ଗତବର୍ଷ ନୁଆଁ ମେସିନ ବସାଯାଇଥିଲା। ଖରା ଅଧିକ ହେଲେ ବଳକା ପାଣି ନଷ୍ଟ ହେଉଛି । ସମ୍ପୃକ୍ତ ସାହିର ଲକ୍ଷ୍ମି ନାଇକ ଏଠାରେ କହିଛନ୍ତିଯେ ପାଣି ଓଭର ଫ୍ଲୋ ହେଲେ ସୁଇଚ୍ ବନ୍ଦ କରିବା ବ୍ୟବସ୍ଥା ଅଛି । କିନ୍ତୁ ଜଣେ ସୁଇଚ୍ ବନ୍ଦ କଲେ ଛୋଟ ଛୁଆ ମାନେ ଦେଖିଲେ ତାହାର ଖରାପ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ତେଣୁ ସୁଇଚ୍ କିଏ ବନ୍ଦ କରୁନାହାନ୍ତି। ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଭଞ୍ଜନଗର ବ୍ଲକ ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ଅଶ୍ୱିନୀ କୁମାର ମଲ୍ଲଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତିଯେ ସୋଲାର ପ୍ରକଳ୍ପ ନିର୍ମାଣ ହେବାର ୫ବର୍ଷ ପର୍ଯ୍ୟନ୍ତ ଠିକାଦାର ତାର ଛୋଟ ଛୋଟ ମରାମତି କରିବା ବ୍ୟବସ୍ଥା ଅଛି। ବିଛୁଆତି ପ୍ରକଳ୍ପର ସମସ୍ୟା ସମ୍ପର୍କରେ ମୋ ପାଖରେ କୈଣସି ଖବର ନାହିଁ। କିଛି ମାସ ପୂର୍ବେ ସମସ୍ୟା ଆସିଥିଲା ତାର ସମାଧାନ କରାଯାଇଛି। ଅଭିଯୋଗ ଆସିଲେ ସମସ୍ୟାର ସମାଧାନ ପ୍ରତି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମଲ୍ଲ କହିଛନ୍ତି ।

## ସଂକ୍ଷେପରେ

### ରାଜ୍ୟ ପୁରସ୍କାର ପାଇଲେ ଏନ.ନୀଳମାଧବ



ସୋରଡ଼ା,୨୫।୧୦(ଡି.ଏନ୍.ଏ.)– ସୋରଡ଼ା ବ୍ଲକ ଅନ୍ତର୍ଗତ ପଦ୍ମପୁର ଗାଁ ତଥା ବ୍ରହ୍ମପୁର ବିଶବିଦ୍ୟାଳୟର ଛାତ୍ର ଏନ.ନୀଳମାଧବ ପାତ୍ରଙ୍କୁ ରାଜ୍ୟ ପୁରସ୍କାର ମିଳିଛି। ଗତ ୧୯ ତାରିଖରେ ଭୁବନେଶ୍ୱର ଜୟଦେବ ଭବନଠାରେ ଜାତୀୟ ସେବା ଯୋଜନା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଶ୍ରେଷ୍ଠ ଏନ୍ଏସଏସ ଛାତ୍ର ସଚ୍ଛୋସେବୀ ପାଇଁ ଜାତୀୟ ସେବା ଯୋଜନା ୨୦୨୧–୨୨ ଶିକ୍ଷାବର୍ଷ ଲାଗି ତାଙ୍କୁ ରାଜ୍ୟ ପୁରସ୍କାର ଦିଆଯାଇଛି। ସେଠାରୁ ନିଜ ବିଶ୍ୱବିଦ୍ୟାଳୟକୁ ଆସି ପରେ ମଙ୍ଗଳବାର ନିଜ ଗ୍ରାମକୁ ଫେରିବା ପରେ ନିଳମାଧବଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ସରକାରଙ୍କ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ରାଜ୍ୟ ଏନ ଏସ ଏସ ଶାଖା ଆନୁକୁଲ୍ୟରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଇ.ରୋହିତ ପୂଜାରୀ, ମୁଖ୍ୟ ଆକର୍ଷଣ ଭାବେ ମୋ କଲେଜ ଅଭିଯାନର ଅଧ୍ୟକ୍ଷ ତଥା ଓଡ଼ିଆ ସିନେ ଅଭିନେତା ଆକାଶ ଦାସ ନାୟକ, ସଭାପତି ଭାବେ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ (ଆଇ.ଏ.ଏସ), ସମ୍ମାନିତ ଅତିଥି ରୂପେ ଏନ୍ଏସଏସ ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ଏନଏସଏସ ଅଧିକାରୀ ତଥା ଉପ ଶାସନ ସଚିବ ଡ଼ଃ ରମେଶ ଚନ୍ଦ୍ର ବେହେରା, ଓ ୟୁଏଟିଏନଏସ ଏସ ସଶକ୍ତ ପ୍ରଶିକ୍ଷଣ ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ନିରଦ ବରଣ ଖୁଣ୍ଟିଆ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିବା ସହ ରାଷ୍ଟ୍ର ନିର୍ମାଣ ଓ ସମାଜସେବା ପ୍ରତି ପ୍ରତିବଦ୍ଧ ହେବା ପାଇଁ ଆହ୍ୱାନ କରିଥିଲେ।

### ଆସିକା ଏନ୍ଏସିରେ ଧନତରାସ କାର୍ଯ୍ୟକ୍ରମ

ଆସିକା,୨୫।୧୦(ଡି.ଏନ୍.ଏ.)– ଆସିକା ଏନ୍ଏସି ପରିସରରେ ରବିବାର ଏନଏସି ପକ୍ଷରୁ ଧନତରାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ, ବିଭିନ୍ନ ୱାର୍ଡର କାଉନସିଲ, ଅଫିସ କର୍ମଚାରୀ, ସଫେଇ କର୍ମଚାରୀ, ଅଙ୍ଗନବାଡି କର୍ମୀ ଓ ସହାୟିକା ସାମିଲ ଥିଲେ। ଏତଦ ଅବସରରେ ଅଧ୍ୟକ୍ଷାଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ସମ୍ମାନିତ କରାଯିବା ସହ ଉପହାର ପ୍ରଦାନ କରାଯାଇଥିଲା।

## ଜନଶୁଣାଣି ଶିବିର, ସାମାଜିକ ସମୀକ୍ଷା ବୈଠକ

ଆର.ଉଦୟଗିରି,୨୫।୧୦(ଡି.ଏନ.ଏ.)

ମୋହନା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଜନ ଶୁଣାଣି ଶିବିର ଓ ସାମାଜିକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପାରଳାଖେମୁଣ୍ଡି ଉପଜିଲାପାଳ ଆଲୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଗତ ଏପ୍ରିଲ ୨୦୨୧ରୁ ମାର୍ଚ୍ଚ ୨୦୨୨ ମଧ୍ୟରେ ହୋଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯାଇଛି। ଏମ୍‌ଜିଏନ୍‌ଆରଇଜିଏସ୍, ସମନ୍ୱିତ ଶିଶୁ ବିକାଶ ଯୋଜନା, ଜାତୀୟ ସାମାଜିକ ସୁରକ୍ଷା ସହାୟତା କାର୍ଯ୍ୟକ୍ରମ ଓ ପଞ୍ଚଦଶ ଅର୍ଥ ଆୟୋଗ ଉପରେ ଜନ ଶୁଣାଣି କରାଯିବା ସହ ସମୀକ୍ଷା କରାଯାଇଛି। ଏହି ଶିବିରରେ ମୋହନା ବିଡିଓ ତପସ୍ୱିନୀ ହାଁସଦା, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ଉପାଧ୍ୟକ୍ଷ ବାଲ୍ମୀନା ଅଧିକାରୀ ଯୋଗ ଦେଇଥିବା ବେଳେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## କାର୍ ଇଞ୍ଜିନ୍‌ରୁ ମିଳିଲା ଗଞ୍ଜେଇ, ୩ ଗିରଫ


ଜବତ ଗଞ୍ଜେଇ ।

ଭଞ୍ଜନଗର,୨୫।୧୦(ଡି.ଏନ.ଏ)

କନ୍ଧମାଳ ଜିଲାରୁ ବିଭିନ୍ନ ଉପାୟରେ ଭାୟା ଭଞ୍ଜନଗର ଦେଇ ରାଜ୍ୟ ଓ ରାଜ୍ୟ ବାହାରକୁ ଚୋରାରେ ଗଞ୍ଜେଇ ଚାଲାଣ ହେଉଛି। ଭଞ୍ଜନଗର ଥାନା ଅଞ୍ଚଳରେ ଅନେକ ଥର ଅଭିଯୁକ୍ତମାନେ ଧରାପଡ଼ିଛନ୍ତି। ରବିବାର ବିଳମ୍ବିତ ରାତିରେ ଏକ କାର ଇଞ୍ଜିନ୍ ଉପରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଧରାପଡ଼ିଛି। ଏହି ଘଟଣାରେ ୩ ଜଣ ଧରାପଡ଼ିଛନ୍ତି। କନ୍ଧମାଳରୁ ଭୁବନେଶ୍ୱର ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ବ୍ରହ୍ମପୁର ଅବକାରୀ ଟିମ୍ ସୂଚନାପାଇ ଅଭିଯୁକ୍ତମାନଙ୍କୁ ଭଞ୍ଜନଗର ଥାନା ଦୁର୍ଗାପ୍ରସାଦଠାରେ କାବୁ କରିଥିଲେ।

## ଚାଇଲ୍ଡ ଲାଇନକୁ ହସ୍ତାନ୍ତର ହେଲେ ନାବାଳିକା

ଆସିକା,୨୫।୧୦(ଡି.ଏନ୍.ଏ.)

ଆସିକା ବ୍ଲକ ନଳବଣ୍ଟା ପଞ୍ଚାୟତ ପାର୍ଟଲିଗୁଡା ଗ୍ରାମରୁ ସୋମବାର ରାତିରେ ଇତଃସ୍ତତ ଭାବେ ବୁଲୁଥିବା ଜଣେ ନାବାଳିକାଙ୍କୁ ଗ୍ରାମବାସୀ ଉଦ୍ଧାର କରି ଗାଁ କୋଠଘରେ ରଖିଥିଲେ । ମଙ୍ଗଳବାର ବିଡିଓ ଫକୀର ଚରଣ ପରିଡା ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ବ୍ରହ୍ମପୁରସ୍ଥିତ ଚାଇଲ୍ଡ ୱେଲଫେର କମିଟି ନିକଟରେ ଦାଖଲ କରିଥିଲେ । ସେଠାରେ ବିଧିବଦ୍ଧ କାଗଜପତ୍ର କରିବା ପରେ ନାବାଳିକାଙ୍କୁ ବ୍ରହ୍ମପୁର ବଡମେଡିକାଲସ୍ଥିତ ୱାନ ଷ୍ଟପ ସେଣ୍ଟରରେ ଛାଡି ଦିଆଯାଇଥିବା ସିଡିପିଓ ଭାରତୀ ମହାପାତ୍ର ସୂଚନା ଦେଇଛନ୍ତି । ନାବାଳିକା ଜଣକ ଧରାକୋଟ ବ୍ଲକ ଝରପାରୀ ପଞ୍ଚାୟତ ଶାସନ ଗ୍ରାମର ବୋଲି ଜଣାପଡିଛି।

## ଦୃଢ଼ ଇଚ୍ଛା ଶକ୍ତି ଆଗରେ ହାର ମାନିଛି ଅକ୍ଷମତା

ପୋଲସରା,୨୫।୧୦(ଡି.ଏନ.ଏ.)

### ଉପାସନା ଗଢିଲେ ନିଜ ଭବିଷ୍ୟତ

ପଙ୍ଗୁବି ଲଙ୍ଘି ପାରେ ପର୍ବତ। ଏହି ଉକ୍ତିକୁ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି ଜନ୍ମରୁ ଶାରିରିକ ଦିବ୍ୟାଙ୍ଗ ଥିବା ଉପାସନା ନନ୍ଦ। ଯିଏକି ଘନ ଅନ୍ଧାର ଚାରି କାନ୍ଥର ଅଗଣାରେ ଗୋଟିଏ ହୁଇଲ୍ ଚେୟାର ସାହାରାରେ ଦିବ୍ୟାଙ୍ଗ ଅବସ୍ଥାରେ ପଡ଼ି ରହିଥିଲେ। ଆଉ ନିଜେ ପରିକଳ୍ପନାର ଆଲୋକର ଆତ୍ମବିଶ୍ୱାସର ସଳିତାରେ ଜଳି ଜଳି ଜଣେ ମେଧାବୀ ଛାତ୍ରୀ ଭାବେ ଉଡିନ୍ନର ଶିଖରରେ ପହଞ୍ଚିଥିଲେ। ସ୍ୱପ୍ନର ବାସ୍ତବତାକୁ ସତ କରି ଛତ୍ରପୁର ଏକ ସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ନବ ନିଯୁକ୍ତି ପାଇଛନ୍ତି। ସେ ସାମାଜିକ ସ୍ତରରେ ଅନ୍ୟମାନଙ୍କ ଉଦାହରଣ ପାଲଟିଥିବା ପୋଲସରା ଏନ୍ଏସି ମାଳିସାହି ବାସିନ୍ଦା ଅବସରପ୍ରାପ୍ତ ଶିକ୍ଷକ ଲଳିତ ମୋହନ ନନ୍ଦଙ୍କ ଶାରୀରିକ ଅକ୍ଷମ ଝିଅ ଉପାସନା। ବାପା ମା' ବହୁ ଉପାସନା କରି ଝିଅ ଉପାସନାକୁ ଜନ୍ମ ଦେଇଥିଲେ ସତ। ହେଲେ ନିଜର ଅସୀମ ଧୈର୍ଯ୍ୟ ଓ ନିଷ୍ଠାପର କର୍ମ ବଳରେ ଆଜି ସଫଳତାର ମାଇଲ୍ ଖୁଣ୍ଟ ଅତିକ୍ରମ


ଉପାସନା ନନ୍ଦ

କରିଛନ୍ତି ଉପାସନା। ସାମାଜିକ ଦାୟିତ୍ୱ ବୋଝକୁ ଗ୍ରହଣ କରି ନିଜେ ଶାରୀରିକ ଅକ୍ଷମ ହୋଇ ମଧ ଛୋଟ ବଡ଼ ପିଲାଙ୍କୁ ପାଠ ପଢ଼ାଇ ସେମାନଙ୍କୁ ସକ୍ଷମ କରି ଗଢ଼ି ତୋଳିବାର ସୁନ୍ଦର ପ୍ରୟାସ ଆରମ୍ଭ କରିଛନ୍ତି ସେ। ପିଲାଟି ଦିନରୁ ନିଜ ଶାରୀରିକ ଅକ୍ଷମତାକୁ ନେଇ କେବେବି ଭାଙ୍ଗି ନାହାଁନ୍ତି। ଏପରିକି ଅଣ୍ଟା ଠାରୁ ମୁଣ୍ଡ ପର୍ଯ୍ୟନ୍ତ ସମସ୍ତ ଶରୀରର ଗଠନ ସ୍ୱଭାବିକ ଥିବା ବେଳେ ବିଚକ୍ଷଣ ଆତ୍ମବିଶ୍ୱାସ ଏବଂ ଅସିମ ଧୈର୍ଯ୍ୟର ଉତ୍ସକୁ ନେଇ ୨୦୦୫ରେ ମାଟ୍ରିକ ପାସ୍ କରିଥିଲେ। ପରେ ଯୁକ୍ତ ତିନିରେ ମଧ ସଫଳତା ପାଇଥିଲେ। ଏହାପରେ ଶିକ୍ଷକତା କରିବା ପାଇଁ ମନବଳେଇବା ସହ ବିଇଡି ପାଠ୍ୟକ୍ରମ କରିଥିଲେ। ନିଜ ସଂଘର୍ଷମୟ ଜୀବନରେ ନୂତନ ପରିବର୍ତ୍ତନ ଆଣିବା ପାଇଁ ପବିତ୍ର ଆଲୋକର ପର୍ବ ଦିପାବଳୀ ଅବସରରେ ହାତିଓଟ ଜରାଶ୍ରମକୁ ଯାଇ ସେଠାରେ ଥିବା ଅସହାୟ ବୃଦ୍ଧ ବୃଦ୍ଧା ଓ ଶାରୀରିକ ଅକ୍ଷମ ଥିବା ଲୋକଙ୍କୁ ସ୍ୱାଦିଷ୍ଟ ମିଠା ଫଳ ବଣ୍ଟନ କରିଥିଲେ। ପରେ ଉପାସନା ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ। ଶ୍ରମମନ୍ତ୍ରୀ ସାହୁ ଉପାସନାଙ୍କ ଧୈର୍ଯ୍ୟ ଏବଂ ଉଚ୍ଚ ଶିକ୍ଷାର ସଫଳତାକୁ ନେଇ ପ୍ରଶଂସା କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପୂର୍ବକ ଶୁଭେଚ୍ଛା ଜଣାଇଥିଲେ।

## ବିଧାୟିକାଙ୍କୁ ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ସମ୍ବର୍ଦ୍ଧନା

ଆସିକା,୨୫।୧୦(ଡି.ଏନ୍.ଏ.)

ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସୁରଟ ଗସ୍ତ ସମୟରେ ମଙ୍ଗଳବାର ସେଠାରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୁରଟର ଶ୍ରୀରାମନଗର, ପାଣ୍ଡେସରା, ଜଗନ୍ନାଥନଗର, ବେଡରୋଡ ଆଦି ସ୍ଥାନରେ ରହୁଥିବା ଓଡ଼ିଆମାନେ ପୃଥକ ଭାବେ ସମାବେଶ କରି ବିଧାୟିକାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ବିଧାୟିକା ସ୍ୱାଇଁ ସୁରଟରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆଙ୍କ ପ୍ରତି ଗଭୀର ସମବେଦନା ରହିଥିବା ପ୍ରକାଶ କରିବା ସହ କୌଣସି ସମୟରେ କିଛି ପରିସ୍ଥିତିର ସମ୍ମୁଖୀନ ହେଲେ ଦୃଷ୍ଟିକୁ ଆଣିବା ଲାଗି ନିବେଦନ କରିଥିଲେ । ସେ ବ୍ୟକ୍ତିଗତ ସ୍ତରରେ ହେଉ କିମ୍ବା ଆବଶ୍ୟକ


ସମ୍ବର୍ଦ୍ଧନା ସଭାରେ ବିଧାୟିକା ଓ ଅନ୍ୟମାନେ ।

ପଡିଲେ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣି ପ୍ରବାସୀ ଓଡିଆ ଭାଇମାନଙ୍କ ସମସ୍ୟାର ସମାଧାନ ଲାଗି ଉଦ୍ୟମ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ବିଧାୟିକାଙ୍କ ସହ ଏହି କାର୍ଯ୍ୟକ୍ରମରେ ଗାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଶିବ ନାହାକ, ବରିଷ୍ଠ ବିଜେଡି ଯୁବନେତା ଭଗବାନ ସାହୁ, ଜିଲା ବିଜେଡି ଉପସଭାପତି ଦିଲୀପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଶୁଯତ୍ନ ଅନୁଷ୍ଠାନରେ ଦୀପାବଳି

ପାରଳାଖେମୁଣ୍ଡି,୨୫।୧୦

ଗୋଷାଣୀ ବ୍ଲକ ଆର.ସୀତାପୁର ସ୍ଥିତ ଶିଶୁଯତ୍ନ ଅନୁଷ୍ଠାନ ଜଗନ୍ନାଥ ନିକେତନରେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଓ ଏସ୍‌ପି ଜୟରାମ ଶତପଥୀ ଦୀପାବଳି ପାଳନ କରିଛନ୍ତି। ରବିବାର ରାତି ପ୍ରାୟ ସାଢେ ୮ ଟାରେ ଅନାଥ ଛୁଆଙ୍କ ସହିତ ଦୀପାବଳି ପାଳନ କରିବା ପାଇଁ ଶିଶୁଯତ୍ନ ଅନୁଷ୍ଠାନ ଜଗନ୍ନାଥ ନିକେତନ ଆର.ସୀତାପୁରଠାରେ ପହଞ୍ଚିଥିଲେ। ସେଠାରେ ପିଲାଙ୍କ ପାଇଁ ନେଇଥିବା ମିଠାଇ ଏବଂ ବାଣକୁ ବଣ୍ଟନ କରିବା ସହ ନିଜେ ପିଲାଙ୍କ ସହ ବାଣ ଫୁଟାଇ ଅନାଥ ପିଲାମାନଙ୍କ ମଧ୍ୟରେ ପୁଣି ଥରେ ବିଶ୍ୱାସ ଜନ୍ମାଇଦେଇଛି। ଏହି ଅବସରରେ ଏସ୍‌ଡିପିଓ ରାମକୃଷ୍ଣ ପତି ଓ ଗୁରାଣ୍ଡି ଥାନାଧିକାରୀ ରବୀନ୍ଦ୍ର କୁମାର ପାତ୍ର ଯୋଗ ଦେଇଥିଲେ।

## ଡ୍ରାଇଭର ସଂଘର ଦଣ୍ଡବତ ଯାତ୍ରା

ଧରାକୋଟ,୨୫।୧୦(ଡି.ଏନ୍.ଏ.)

ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରୁ ଦଣ୍ଡବତ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ନବୀନ ନିବାସରେ ପହଞ୍ଚିବ। ଯାତ୍ରାରେ ସାମିଲ ହୋଇଥିବା ସଦସ୍ୟମାନଙ୍କ ଆରୋଗ୍ୟ କାମନା ସହ ଯାତ୍ରାର ସଫଳତା ଓ ମହାସଂଘର ସୁଦୃଢ଼ୀକରଣ ତଥା ମଙ୍ଗଳ କାମନା ଉଦ୍ଦେଶ୍ୟରେ ଧରାକୋଟ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଦଣ୍ଡବତ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାଳୀ ମନ୍ଦିରଠାରୁ ସଂଘର ଶତାଧିକ ସଦସ୍ୟ ସଭାପତି ସୁରେଶ କୁମାର ସିଂହ, ସମ୍ପାଦକ ପ୍ରଭାକର ମୁନି, ସହ ସମ୍ପାଦକ ପ୍ରଭାକର ପ୍ରଧାନ, କୋଷାଧ୍ୟକ୍ଷ ଖଲି ଦାସ, ବରିଷ୍ଠ ସଭ୍ୟ ସତ୍ୟବାଦୀ ମୁନି ଓ ଉପଦେଷ୍ଟା ଏନ୍. କଂଗ୍ରେସ ରେଡ୍ଡୀଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଆସି ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚି ଦୀପ ପ୍ରଜ୍ୱଳନ କରି ସଂଘର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଦଣ୍ଡବତ ଯାତ୍ରାରେ ସମ୍ବଲପୁରରୁ ଆସୁଥିବା ସଦସ୍ୟମାନଙ୍କୁ ସାକ୍ଷାତ କରି ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା।

## ବିଜୁ ପଟ୍ଟନାୟକ ବେଳାଭୂମି ସଫେଇ


ସଫେଇ ଅଭିଯାନରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀ।

ଛତ୍ରପୁର,୨୫।୧୦(ଡି.ଏନ୍.ଏ.)

### ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ

ବେଳାଭୂମି ଓ ପର୍ଯ୍ୟଟନ କ୍ଷେତ୍ରକୁ ପ୍ଲାଷ୍ଟିକମୁକ୍ତ କରିବା ଓ ସ୍ୱଚ୍ଛତା ପାଇଁ ପ୍ରୟାସ ଆରମ୍ଭ କରିଛି ଗଞ୍ଜାମ ବ୍ଲକର ଦି ଇକୋ ୱାରିୟର୍ସ। ଭରସା ଅନୁଷ୍ଠାନ ଏଥିରେ ସହଯୋଗ କରୁଛି। ଗଞ୍ଜାମରୁ ସୋନପୁର ପର୍ଯ୍ୟନ୍ତ ଦୀର୍ଘ ୭୫ କି.ମି. ପରିବ୍ୟାପ୍ତ ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ ଅଭିଯାନ ହାତକୁ ନିଆଯାଇଛି। ଏହି ଅବସରରେ ଚତୁର୍ଥ ପର୍ଯ୍ୟାୟରେ ଛତ୍ରପୁର ବ୍ଲକର ନୋଳିଆ ନୂଆଗାଁର ବିଜୁ ପଟ୍ଟନାୟକ ସମୁଦ୍ର ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ତର୍ଜାତୀୟ କ୍ରୀଡ଼ାବିତ, କୋଭିଡ ଯୋଦ୍ଧା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଛତ୍ରପୁର ପ୍ରେସ୍‌କ୍ଲବ ସାମିଲ ହୋଇଥିଲେ। ଅନ୍ତର୍ଜାତୀୟ କ୍ରୀଡ଼ାବିତ ମନସ୍ୱିନୀ ମହାରଣା ଓ କୋଭିଡ ଯୋଦ୍ଧା ସରସ୍ୱତୀ ମହାଙ୍କୁଡ଼ ସାମିଲ ହୋଇଥିଲେ। ଛତ୍ରପୁର ପ୍ରେସ୍‌କ୍ଲବ ସଭାପତି ପ୍ରଶାନ୍ତ ମହାରଣା, ରାଧାଶ୍ୟାମ ଫାଉଣ୍ଡେଶନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦେବାଶିଷ ମିଶ୍ର, ସ୍ୱେଚ୍ଛାସେବୀ ଏ. କାଳିଆ, ପ୍ରମୋଦ କୁମାର ପଣ୍ଡା, 'ଦି ଇକୋ ୱାରିୟସ'ର ଅଖିଳ ତରାଇ, ପ୍ରଭାତ ବିଶ୍ୱାଳ, ସୀମାଞ୍ଚଳ ଦାସ, ବସନ୍ତ ସାହୁ, ପ୍ରବୀଣ ପ୍ରଧାନ, ପ୍ରଭାତ ସାହୁ, ମିଥୁନ ବାରିକ,ବଳରାମ ରେଡ୍ଡୀ, ଗୁରୁନାଥ ରେଡ୍ଡୀ, ପ୍ରଶାନ୍ତ ସାହୁ, ସଞ୍ଜୟ ସାହୁ, ମୁନା ରେଡ୍ଡୀ, ରାକେଶ ବାରିକ, ପ୍ରକାଶ ରେଡ୍ଡୀ, ଦୁର୍ଯ୍ୟୋଧନ ରେଡ୍ଡୀ, ଦିଗାମ୍ବର ବେହେରା ପ୍ରମୁଖ ସାମିଲ ହୋଇଥିଲେ। ବେଳାଭୂମିରେ ପ୍ଲାଷ୍ଟିକ ନ ପକାଇବା, ଡଷ୍ଟବିନ ବ୍ୟବହାର କରି ବେଳାଭୂମି ସ୍ୱଚ୍ଛତା ଅଭିଯାନରେ ସାମିଲ ହେବାକୁ ସଚେତନ କରିଥିଲେ। ଏହି ଅବସରରେ ୩୭୫ କେଜି ପ୍ଲାଷ୍ଟିକ ଆବର୍ଜନା ବାହାର କରାଯାଇଥିଲା। ପରେ ଶିବ ମନ୍ଦିର ଓ ସାଇ ମନ୍ଦିର ପରିସରରେ ବିଭିନ୍ନ ଔଷଧ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଦୁର୍ଗା ମାଧବ ପାଣିଗ୍ରାହୀ ସଂଯୋଜନା କରିଥିଲେ।

## ଦୀପାବଳି ପାଳିଲେ ଦିବ୍ୟାଙ୍ଗ

ଆର.ଉଦୟଗିରି,୨୫।୧୦(ଡି.ଏନ.ଏ.)

ମୋହନାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର, ମସ୍ତିଷ୍କ ଓ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟରେ ଆଲୋକର ପର୍ବ ଦୀପାବଳି ଖୁବ ଉଲ୍ଲାସର ସହ ପାଳିତ ହୋଇଯାଇଛି। ମେଘା ପାନୀୟଜଳ ଯୋଗାଣ ପ୍ରକଳ୍ପର ପରିଚାଳକ ଓ କେତେକ କର୍ମଚାରୀଙ୍କ ତରଫରୁ ବିଦ୍ୟାଳୟରେ ଉପସ୍ଥିତ ଥିବା ଅନ୍ତେବାସୀଙ୍କୁ ଶୀତବସ୍ତ୍ର, ମିଠା ପ୍ୟାକେଟ ଓ ବାଣ ପ୍ରଦାନ କରାଯାଇଛି। ପ୍ରକଳ୍ପ ପରିଚାଳକ ସଲିଲ କୁମାର ମିଶ୍ର, ସହଯୋଗୀ ଦିଲ୍ଲୀପ ନାୟକ ଓ ରାଜୀବ ରଞ୍ଜନ ସେମାନଙ୍କ ପରିବାର ସହ ବିଦ୍ୟାଳୟକୁ ଆସି ଅନ୍ତେବାସୀଙ୍କ ସହିତ ଦୀପାବଳି ପାଳନ କରିଥିଲେ। ପରିବାରଠାରୁ ବହୁତ ଦୂରରେ ରହି ମନସ୍ତାପ କରୁଥିବା ପିଲାମାନେ ସେମାନଙ୍କ ସହ ଦୀପାବଳି ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ଦଣ୍ଡାସୀ ସାହୁ, ଗ୍ରୁପ ସଦସ୍ୟ ଜିତେନ୍ଦ୍ର କୁମାର ଗୌଡ଼, ସନ୍ତୋଷ କୁମାର ନାୟକ, ସୁନୀଲ କୁମାର ପାଢ଼ୀ, ରାଜେନ୍ଦ୍ର ଦଳେଇ, ପପୁ ପାତ୍ର ଯୋଗଦେଇଥିଲେ। ବିପଦର ବନ୍ଧୁ ଅନୁଷ୍ଠାନ ଓ ମେଘା ପ୍ରକଳ୍ପର ମ୍ୟାନେଜର ଓ ସହଯୋଗୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ପାଦକ ଦଣ୍ଡାସୀ ସାହୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନାଥାଶ୍ରମର ଅନ୍ତେବାସୀଙ୍କୁ ଭେଟିଲେ ଏମ୍‌ପିଙ୍କ ଝିଅ ନୂରୀ


ଅନ୍ତେବାସୀଙ୍କ ସହ ନୂରୀ ଓ ଅନ୍ୟମାନେ।

ପାରଳାଖେମୁଣ୍ଡି,୨୫।୧୦(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ନବଜୀବନ ଅନାଥାଶ୍ରମର ଅନ୍ତେବାସୀଙ୍କୁ ବ୍ରହ୍ମପୁର ଏମ୍‌ପିଙ୍କ ଝିଅ ନୂରୀ ସାହୁ ଭେଟିଛନ୍ତି। ଗରିବ ଅସହାୟଙ୍କ ପ୍ରତି ସବୁବେଳେ ସମବେଦନା ଦେଖାଇ ଆସୁଥିବା ନୂରୀ ପବିତ୍ର ଧନତେରସ ଏବଂ ଦୀପାବଳି ଉତ୍ସବରେ ଅନାଥମାନଙ୍କ ଗହଣରେ କିଛି ସମୟ ବିତାଇବା ପାଇଁ ପହଞ୍ଚିଥିଲେ ଅନାଥାଶ୍ରମରେ। ଛୋଟ ଛୋଟ ଛୁଆଙ୍କୁ କିଛି ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଯଥା ଚପଲ, ବସ୍ତ୍ର ପ୍ରଦାନ କରିଛନ୍ତି । ଅନାଥାଶ୍ରମରେ ୮୦ରୁ ଊର୍ଦ୍ଧ୍ୱ ଅନାଥ ଶିଶୁ ରହୁଥିବା ବେଳେ ବିଶେଷ ପର୍ବପର୍ବାଣିରେ ସେମାନଙ୍କ ମୁହଁରେ ହସ ଫୁଟାଇ ନିଜେ ଖୁସି ଅନୁଭବ କରିଛନ୍ତି। ଭୁବନେଶ୍ୱରରୁ ଆସି ଅନ୍ତେବାସୀଙ୍କୁ ଉପହାର ପ୍ରଦାନ କରିଛନ୍ତି। ତେବେ ବାଲ୍ୟକାଳରୁ ସାଂସଦ ଚନ୍ଦ୍ର ଶେଖର ସାହୁଙ୍କ ତିନି ଝିଅ ବିଶେଷ ଦିନଗୁଡ଼ିକରେ ଅନାଥାଶ୍ରମ ଅବା ଗରିବ ଅସହାୟଙ୍କ ନିକଟରେ ପହଞ୍ଚି ଆବଶ୍ୟକ ସାମଗ୍ରୀ ପ୍ରଦାନ କରିବା ସହ କିଛି କ୍ଷଣ ସେମାନଙ୍କ ସହ ଅତିବାହିତ କରିଆସୁଛନ୍ତି । ଅନ୍ୟ ଦୁଇ ଭଉଣୀ ସିର ଓ ମେରୀ ବାହାରେ ଥିବା ବେଳେ ପିତାଙ୍କ ପରାମର୍ଶକ୍ରମେ ବଡ଼ ଭଉଣୀ ନୂରୀ ପହଞ୍ଚି କାର୍ଯ୍ୟକ୍ରମ ଆୟୋଜିତ କରିଛନ୍ତି।

# ନୟାଗଡ଼ ପୋଲିସ ଜିଲାରେ ଧନ, ଜୀବନ ଅସୁରକ୍ଷିତ

- ଚୋରି, ଲୁଟ, ଡକାୟତି ବଢୁଛି
- ଚୋରା ସାମ୍ରାଜ୍ୟରେ ନାବାଳକଙ୍କୁ କରାଯାଉଛି ସାମିଲ
- ଚୋରି ଉପକରଣ ବିକ୍ରି ପାଇଁ ବ୍ୟବସାୟୀ ନିୟୋଜିତ
- ଚୋରି ସୂଚନା ପାଇଁ କାମ କରୁଛି ଏକ ର୍ୟାକେଟ

ନୟାଗଡ଼ ଅଫିସ,୨୫।୧୦

ନୟାଗଡ଼ ପୋଲିସ ଜିଲାରେ ଚୋରି, ଡକାୟତି, ଲୁଟ୍ ବଢ଼ି ଚାଲିଥିବାରୁ ଧନ ଜୀବନ ଅସୁରକ୍ଷିତ ହୋଇପଡିଛି। ଯଦିଓ ପୋଲିସ ବିଭିନ୍ନ ସମୟରେ ଡକାୟତମାନଙ୍କୁ ଗିରଫ କରି ବାହାବା ନେଉଛି ତେବେ ଏହାର ର୍ୟାକେଟ ଓ ଗ୍ୟାଙ୍ଗର ସମସ୍ତ ସଦସ୍ୟମାନଙ୍କୁ ଧରିବାରେ ସକ୍ଷମ ହେଉନାହିଁ। ଅନ୍ୟପକ୍ଷେ ନୟାଗଡ଼ରେ ଚୋରି, ଡକାୟତି ଓ ଲୁଟ୍ କରିବାକୁ ଏକ ଗ୍ୟାଙ୍ଗ କାମ କରୁଛି। ଏହି ଗ୍ୟାଙ୍ଗର ସଦସ୍ୟମାନେ ପୂର୍ବରୁ ଅନ୍ୟ ଜିଲାରେ ଚୋରି, ଡକାୟତି ଓ ଲୁଟ୍ କରୁଥିଲେ। ତେବେ ସେମାନେ କିଛିଦିନ ହେଲା ନୟାଗଡ଼ରେ ସକ୍ରୀୟ ଅଛନ୍ତି। ଏହି ଗ୍ୟାଙ୍ଗ ସେମାନଙ୍କ ସଦସ୍ୟ ସଂଖ୍ୟା ବଢ଼ାଇ ଚାଲିଛି। ନାବାଳକମାନଙ୍କୁ ଏଥିରେ ସାମିଲ କରାଯାଉଛି। ପୁଣି ଚୋରି କରାଯାଇଥିବା ଉପକରଣ କିଣିବା ପାଇଁ ବିଭିନ୍ନ ବ୍ୟବସାୟୀ ଏଥିରେ ସାମିଲ ହୋଇଛନ୍ତି। ଯେଉଁମାନେ ଚୋରା ଉପକରଣକୁ ସ୍ୱଳ୍ପ ଦାମରେ ଦୁର୍ବୃତ୍ତମାନଙ୍କଠାରୁ କିଣି ତାହାକୁ ଅଧିକ ଦାମରେ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି। ପରୋକ୍ଷରେ ସେମାନେ ଦୁର୍ବୃତ୍ତମାନଙ୍କୁ ଚୋରି କରିବାରେ ସହଯୋଗ କରୁଛନ୍ତି। ସେହିପରି ଚୋରି, ଡକାୟତି, ଲୁଟ୍ ଉଦ୍ଦେଶ୍ୟରେ ସୂଚନା ଦେବା ଉଦ୍ଦେଶ୍ୟରେ କେତେଜଣ ଲୋକଙ୍କୁ ନିୟୋଜିତ କରାଯାଇଛି। ଏପରି କଥାକୁ ନିଜେ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି ଖବରଦାତା ସମ୍ମିଳନୀରେ ସୋମବାର ପ୍ରକାଶ କରିବା ପରେ ସାଧାରଣରେ ଭୟ ବଢ଼ିଛି।

ନୟାଗଡ଼ ମିଶ୍ର କଲୋନୀ ଓ ଲୋକନାଥନଗରରୁ ଅଗଷ୍ଟ ୨୩ ରାତିରେ ୩ ଘରୁ ଚୋରି ହୋଇଥିଲା। ସେହିପରି ହାଉସିଂ ବୋର୍ଡ କଲୋନୀରୁ ଗତ ୨୩ ତାରିଖ ଅପରାହ୍ନରେ ଅନୁରୂପ ଭାବେ ଚୋରି ହୋଇଥିଲା। ଅଗଷ୍ଟ ଓ ଅକ୍ଟୋବର ମାସରେ ହୋଇଥିବା ୪ଟି ଘରୁ ଚୋରି ହୋଇଥିବା ବେଳେ ଘରଗୁଡିକର ଫାଟକରେ ତାଲା ଝୁଲୁଥିଲା। ୪ଟି ଚୋରିକୁ ଅନୁଧ୍ୟାନ କଲେ ତାଲା ଝୁଲୁଥିବା ଘର ନୟାଗଡ଼ ସହରରେ ଆଉ ନିରାପଦ ନୁହେଁ ପ୍ରମାଣିତ ହୋଇଥିଲା। କାରଣ ଦୁର୍ବୃତ୍ତମାନେ ତାଲା ଝୁଲୁଥିବା ଘରକୁ ଟାର୍ଗେଟ କରୁଛନ୍ତି। ଯାହାକି ପ୍ରମାଣିତ ହୋଇଛି। ଏ ନେଇ ଜଣେ ଦୁର୍ବୃତ୍ତ ନିଜ ନାଁ ଗୋପନ ରଖି କହିଛନ୍ତି ଚୋରି, ଡକାୟତି ଓ ଲୁଟ୍ କରିବୁ ଗ୍ୟାଙ୍ଗ ରହିଛି। ଏହି ଦୁର୍ବୃତ୍ତ ଦଳକୁ ଏପରି ଭାବେ ଗଢ଼ା ଯାଇଛି ଯେ, ସେମାନଙ୍କର ସଦସ୍ୟମାନଙ୍କୁ ଗିରଫ କଲେ କିଛି ଲାଭ ହେବ ନାହିଁ। ଗିରଫ ଖବର ଜଣା ପଡୁ ପଡୁ ସେମାନେ ସେମାନଙ୍କ ପ୍ଲାନ ବଦଳାଇ ଦିଅନ୍ତି। ସେମାନଙ୍କ ଟେର ପୋଲିସ ପାଇବା କାଠିକର ପାଠ ହୋଇପଡୁଛି। ଚୋରି, ଡକାୟତି, ଲୁଟ୍ କରିବା ଓ ଏଥିରୁ ଖସିବା ପାଇଁ ସେମାନଙ୍କୁ ତାଲମ ଦିଆଯାଉଛି। ଚୋରା ସାମ୍ରାଜ୍ୟର ସୁରକ୍ଷା ପାଇଁ ବିଭିନ୍ନ ବର୍ଗର ଲୋକ ସାମିଲ ରହିଛନ୍ତି। ଘରେ ତାଲା ଝୁଲିବାର ଜଣାପଡିଲେ ସେନେଇ ଯାଞ୍ଚ କରାଯାଇ ଚୋରି କରାଯାଏ। ଘରେ ପଶି ଚୋରି କରିବାକୁ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିଷୟରେ ଭଲ ଭାବେ ବୁଝା ଯାଇଥାଏ। ତେବେ ଚୋରି କରି ଅଣାଯାଉଥିବା ଜିନିଷକୁ ବିକ୍ରୟ କରିବାରେ ଅସୁବିଧା ହେଉଥିବାରୁ ବିଭିନ୍ନ ବ୍ୟବସାୟୀଙ୍କୁ ଏଥିରେ ସାମିଲ କରାଯାଇଛି। ବ୍ୟବସାୟୀମାନେ ଭଲ ରୋଜଗାର କରୁଛନ୍ତି। ଦୁର୍ବୃତ୍ତମାନଙ୍କର ବି ଚିନ୍ତା କରିବାକୁ ପଡି ନ ଥାଏ। ନୟାଗଡ଼ ଏସ୍‌ପି ପହି କୁହନ୍ତି, ବାହାରେ ଜିଲାରେ ଚୋରି, ଡକାୟତି ଓ ଲୁଟ୍ କରିଥିବା ଡକାୟତମାନେ ନିଜ ଜିଲାକୁ ଫେରି ସେମାନଙ୍କ କାରନାମା ଦେଖାଇ ଥିଲେ। ଜିଲାରେ ଚୋରି, ଡକୟତି, ଲୁଟ୍ ବଢ଼ି ଚାଲିବା ପରେ ଏମାନଙ୍କର ମୁଖ୍ୟ ଫତେଗଡ ଥାନା ଗୋଳାପୋଖରୀର ଶଙ୍କର ବସ୍ତି ଗିରଫ ପରେ ଗୁମର ଫିଟି ଥିଲା। ପୋଲିସ ୬ ଜଣ ଡକାୟତି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତ ଓ ୨ ଚୋରି ଜିନିଷ କିଣୁଥିବା ବ୍ୟବସାୟୀଙ୍କୁ ଗିରଫ କକରାଯାଇଛି। ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାକୁ ଉଦ୍ୟମ ଜାରି ରହିଛି।

## ସଂକ୍ଷେପରେ

### ଖଣ୍ଡପଡ଼ା ଏନ୍‌ଏସି ଦାୟିତ୍ୱରେ ଓଡ଼ଗାଁ ନିର୍ବାହୀ ଅଧିକାରୀ

ଖଣ୍ଡପଡା,୨୫।୧୦(ସ୍ୱ.ପ୍ର): ଖଣ୍ଡପଡ଼ା ଏନଏସିରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କର ବଦଳି ପରେ ତାଙ୍କ ସ୍ଥାନରେ ଚୌଦ୍ୱାର ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଖଣ୍ଡପଡ଼ା ବଦଳି ହୋଇଥିଲେ ହେଁ ସଂପୃକ୍ତ ପ୍ରଶାସନିକ ଅଧିକାରୀ ଯୋଗ ନଦେବା ଯୋଗୁଁ ଏନଏସି କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଥିଲା । ପରବର୍ତ୍ତୀ ସମୟରେ ପ୍ରଶାସନର ନିର୍ଦ୍ଦେଶ କ୍ରମେ ଖଣ୍ଡପଡା ତହସିଲଦାର ପାର୍ଥ ସାରଥୀ ହାଁସଦାଙ୍କୁ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ତେବେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ନୟାଗଡ ଜିଲା ଓଡ଼ଗାଁ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କୁ ଖଣ୍ଡପଡ଼ା ଏନଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି।

### ନୀଳମାଧବ ଜୀଉ ଦର୍ଶନ କଲେ ବିଦାୟୀ ଉପଜିଲାପାଳ



ଖଣ୍ଡପଡା,୨୫।୧୦(ସ୍ୱ.ପ୍ର):ନୟାଗଡ଼ ଉପ ଜିଲାପାଳ ଲଗ୍ନଜିତ ରାଉତରାୟ ଇତି ମଧରେ ଅନ୍ୟତ୍ର ବଦଳି ହୋଇଛନ୍ତି। ସେ ମଙ୍ଗଳବାର ଅପରାହ୍ନରେ କଣ୍ଟିଲୋ ଗସ୍ତକରି ନୀଳମାଧବ ମନ୍ଦିର ପ୍ରଦକ୍ଷିଣ କରି ସପରିବାର ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ନୀଳମାଧବ ପୀଠ ବିକାଶ ପାଇଁ ଏକ ଶହ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଥିବାରୁ ଏହି ପ୍ରକଳ୍ପ ସଫଳ ରୂପାୟନ ପାଇଁ କାମନା କରିଥିଲେ । ଶ୍ରୀଜୀଉଙ୍କ ସେବାୟତ ନୀଳମାଧବ ମିଶ୍ର ଉପଜିଲାପାଳଙ୍କୁ ଦର୍ଶନ କରାଇଥିଲେ।

## ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ



ରୋଗୀଙ୍କୁ ଖଟିଆରେ ବୋହି ନିଆଯାଉଛି।

### ରାସ୍ତା ନ ଥିବାରୁ ଚାଲିଗଲା ଜୀବନ

ନୂଆଗାଁ,୨୫।୧୦(ଡି.ଏନ.ଏ.)

ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ହେଲେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତରେ ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଆସିପାରି ନ ଥିଲା । ବହୁ କଷ୍ଟରେ ଉକ୍ତ ପଞ୍ଚାୟତ ଅଧୀନ କୋଶଲାଙ୍ଗ ଗ୍ରାମର ଫକୀର ପ୍ରଧାନଙ୍କୁ ଏକ ଖଟରେ ବାନ୍ଧି ଡାକ୍ତରଖାନା ନିଆଯାଇଥିଲା । ହେଲେ ରବିବାର ତାଙ୍କର ମୃତ୍ୟୁ ଘଟିଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ରବିବାର ସକାଳେ ଫକୀର(୩୮) ହଠାତ ଅସୁସ୍ଥ ହୋଇପଡିଥିଲେ । ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଡକାଇଥିଲେ । ହେଲେ ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ରୋଗୀଙ୍କ ପାଖରେ ପହଞ୍ଚିପାରି ନ ଥିଲା । ଗାଁ ଲୋକଙ୍କ ସହାୟତାରେ ଖଟିଆରେ ଫକୀରଙ୍କୁ ଶୁଆଇ ଜିଗିନିପଡା ଗୋଡିସାହି ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତା ଅଣାଯାଇଥିଲା। ସେଠାରୁ ଆମ୍ବୁଲାନ୍ସରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ଫକୀରଙ୍କୁ ମୃତ ଘୋଷଣା କରିଥିଲେ । ଗାଁକୁ ଆମ୍ବୁଲାନ୍ସ ନ ଆସିପାରିବାରୁ ଫକୀରଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ବିଳମ୍ବ ହେବାରୁ ଏପରି ଦୁଃଖଦ ଘଟଣା ଘଟିଲା ବୋଲି ତାଙ୍କ ପରିବାର ଲୋକଙ୍କ ସହିତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ବିଚାରାଧୀନ କଏଦୀ ଫେରାର

### ଦଶପଲ୍ଲା ସବ୍‌ଜେଲର ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

ନୟାଗଡ଼ ଅଫିସ/ଦଶପଲ୍ଲା୨୫।୧୦(ଡି.ଏନ୍.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ସବ୍‌ଜେଲର କର୍ମଚାରୀଙ୍କୁ ଚକମା ଦେଖାଇ ହିମାଂଶୁ ଶେଖର ନାୟକ(୩୭) ନାମକ ଜଣେ ବିଚାରାଧୀନ କଏଦୀ ମଙ୍ଗଳବାର ଫେରାର ହୋଇଯାଇଛନ୍ତି । କଏଦୀ ଖସିଯିବା ପରେ ଦଶପଲ୍ଲା ସବ୍‌ଜେଲର ସୁରକ୍ଷା ନେଇ ଉଠିଛି ପ୍ରଶ୍ନ, ଯାହାକି ଜେଲ ସୁପରିଟେଣ୍ଡେଣ୍ଟଙ୍କ ପାରିବାପଣିଆକୁ ପଦାରେ ପକାଇଛି । ଏ ସଂକ୍ରାନ୍ତରେ ଦଶପଲ୍ଲା ସବ୍‌ଜେଲର ଜେଲର ମାନସ ରଞ୍ଜନ ସାମନ୍ତଙ୍କ ଅଭିଯୋଗ କ୍ରମେ ଏକ ମାମଲା(ନଂ.୨୪୩/୨୨)ରେ ମାମଲା ରୁଜୁ ହୋଇଛି । ସୂଚନା ଅନୁଯାୟୀ, ହିମାଂଶୁ ଶେଖର ଗିରଫ ହୋଇ ୨୦୨୦ ଡିସେମ୍ବର ୨୮ରୁ ଜେଲଦଣ୍ଡ ଭୋଗୁଥିଲେ । ହିମାଂଶୁଙ୍କ ଘର କଟକ ଜିଲା ନରସିଂହପୁର ଅଞ୍ଚଳରେ । ସେ ଗଣିଆ ଥାନାର ଛାମୁଣ୍ଡିଆରେ ନିଜ ସ୍ତ୍ରୀଙ୍କୁ ହତ୍ୟା କରି ଥିଲେ। ମଙ୍ଗଳବାର ଦଶପଲ୍ଲା ସବ୍‌ଜେଲର ମୁଖ୍ୟ ଦରଜା ଝାଡୁ କରିବା ପାଇଁ ଖୋଲା ଯାଇଥିଲା । ଏହି ସମୟରେ ୱାର୍ଡର ଅନ୍ୟମନସ୍କ ଥିବାବେଳେ ହିଂମାଶୁ ଶେଖର ଫେରାର ହୋଇଯାଇଥିବା କୁହାଯାଉଛି । ହିଂମାଶୁ ଫେରାର ହୋଇଛନ୍ତି ନାଁ ତାଙ୍କୁ ଫେରାର କରାଯାଇଛି ତାର ତଦନ୍ତ ହେବା ଦରକାର । ଅପରପକ୍ଷେ ବିଚାରାଧୀନ ବନ୍ଦୀ ଫେରାର ହେବା ଘଟଣାର ତଦନ୍ତ ଚାଲିଛି ବୋଲି ଦଶପଲ୍ଲା ଥାନା ଅଧିକାରୀ ବସନ୍ତ ସାହୁ ସୂଚନା ଦେଇଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିବେଦିତା



@ ରାଜେଶ



@ ଚିନ୍ମୟ



@ ସାକ୍ଷୀ



@ ସନ୍ତୋଷ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କାଳୀପୂଜା ପାଇଁ ଉତ୍ସବମୁଖର ଖଣ୍ଡପଡ଼ା

ଖଣ୍ଡପଡ଼ା,୨୫।୧୦(ସ୍ୱ.ପ୍ର.)

ଦୀପାବଳି ଅବସରରେ ସୋମବାର ଖଣ୍ଡପଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ମା' କାଳୀଙ୍କ ପୂଜା ଶେଷ ହୋଇଛି । ଖଣ୍ଡପଡା ରଥଗଡା ଛକ, ମଣିକାଣ୍ଡସାହି ପୂଜା ମଣ୍ଡପ, ମର୍ଦ୍ଦରାଜପୁର ପଞ୍ଚାୟତ ଗିରିଡିପାଟଣା ଓ କୁମ୍ଭାରପଡା ଗ୍ରାମରେ ମା'ଙ୍କ ପୂଜା ଧୁମଧାମରେ ପାଳିତ ହୋଇଛି। ଏଥିପାଇଁ ମଙ୍ଗଳବାର ଠାରୁ ଖଣ୍ଡପଡା ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ମା' କାଳୀଙ୍କ ଆରାଧନା ଓ ପୂଜାର୍ଚ୍ଚନା ନିମନ୍ତେ ଶକ୍ତିପୀଠ ସମେତ ଖଣ୍ଡପଡା ସହରର ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପାର୍ଶ୍ୱଦେବତା ରୂପେ ବିରାଜିତ ମା' ବେଢାକାଳୀଙ୍କ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି କଣ୍ଟିଲୋ ଶ୍ମଶାନ ଚଣ୍ଡୀପୀଠ, କୃଷ୍ଣଚନ୍ଦ୍ରପୁରପାଟଣା ଦକ୍ଷିଣ ଚଣ୍ଡୀପୀଠ ସମେତ ପଥରଚକଡା ସ୍ଥିତ ମା' ନାରାୟଣୀ ପୀଠରେ ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମକୁ ପ୍ରଦୀପ କର, ନିରଞ୍ଜନ ମିଶ୍ର ଓ ପୂଜକ ରାଶେଶ୍ୱର ମିଶ୍ର ପରିଚାଳନା କରିଥିଲେ।



## ଆଣ୍ଡ୍ରଏଡ୍ କ୍ଲବ ପକ୍ଷରୁ ଦୀପାବଳି

ଖଣ୍ଡପଡ଼ା,୨୫।୧୦(ସ୍ୱ.ପ୍ର): ଖଣ୍ଡପଡ଼ା ସହରର ସାମନ୍ତ ଛକରେ ଥିବା ଆଣ୍ଡ୍ରଏଡ କ୍ଲବ ପକ୍ଷରୁ ଏକ ନିଆରା ଢଙ୍ଗରେ ଦୀପାବଳି ପାଳିତ ହୋଇଛି । କ୍ଲବର ସଦସ୍ୟମାନେ ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଜ୍ୟୋତିର୍ବିଜ୍ଞାନ ସମ୍ପର୍କରେ ସମଗ୍ର ବିଶ୍ୱବାସୀଙ୍କୁ ଦିଗଦର୍ଶନ ଦେଇଥିବା ସାମନ୍ତଙ୍କ ସୁଦୂରପ୍ରସାରୀ ପ୍ରତିଭାକୁ ନେଇ ଖଣ୍ଡପଡ଼ାବାସୀ ଗର୍ବ ଅନୁଭବ କରୁଥିବା ବେଳେ ସେହି ମହାନ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଦୀପାବଳି ଦିବସ ସମର୍ପିତ ହେଲା ବୋଲି କ୍ଲବର ସଦସ୍ୟମାନେ ମତ ଦେଇଥିଲେ ।

## ଛୁରାମାଡ଼ରେ ଯୁବକ ମୃତ

### ବନ୍ଧୁକ ଦେଖାଇ ଭୟ ସୃଷ୍ଟି କରିବା କାଳ ହେଲା

ନୟାଗଡ଼ ଅଫିସ/ଦଶପଲ୍ଲା୨୫।୧୦ (ଡି.ଏନ୍.ଏ.):ନୟାଗଡ଼ ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଥିବା ଜଣାଶୁଣା ଅପରାଧି ତଥା ଦଶପଲ୍ଲା ଥାନା ମହାନ୍ତିପଲ୍ଲୀ ଗାଁର ବିକାଶ ବେହେରା(୩୫)ଙ୍କ ଛୁରାମାଡ଼ରେ ମୃତ୍ୟୁ ଘଟିଛି । ଖବର ପାଇ ଦଶପଲ୍ଲା ଥାନା ପୋଲିସ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୨୪୨/୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି ।

ସୂଚନା ଅନୁଯାୟୀ, ବିକାଶ ମଧଖଣ୍ଡର ଜଣେ ସରପଞ୍ଚଙ୍କୁ ମାରପିଟ୍ କରିଥିବାବେଳେ ଗଣିଆ ଥାନା ଅଧୀନ ଆଡକଟାଠାରେ ଜଣେ ପିଇଓଙ୍କୁ କିଛିଦିନ ତଳେ ମାରପିଟ୍ କରିଥିଲେ । ସେହିପରି ବିଭିନ୍ନ ଥାନା ଅଞ୍ଚଳରେ ମାରପିଟ୍ ଘଟଣାରେ ସଂପୃକ୍ତ ଥିଲେ ମଧ ପୋଲିସ ତାଙ୍କୁ ଗିରଫ କରିପାରୁ ନ ଥିଲା । ସୋମବାର ରାତିରେ ଏକ ଦଶାହ ଭୋଜିରେ ଯୋଗ ଦେବାକୁ ସେ ତେନ୍ତୁଳିଆପଲ୍ଲୀ ଅଭିମୁଖେ କାର ଯୋଗେ ଯାଉଥିଲେ । ତେନ୍ତୁଳିଆପଲ୍ଲୀ ଗାଁ ନିକଟରେ ଦୀପାବଳି ଅବସରରେ ବାଣ ଫୁଟୁଥିଲା । ବିକାଶ ବାଣ ଫୁଟିବାକୁ ପ୍ରତିବାଦ କରିଥିଲେ । ଏପରିକି ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରିଥିଲେ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । କେତେଜଣ ଲୋକ ବିକାଶଙ୍କୁ କାବୁ କରି ଛୁରା ମାଡ଼ କରିଥିଲେ । ଏହି ଆକ୍ରମଣରେ ବିକାଶର ଅନ୍ତଃ ବୁଜୁଳା ବାହାରି ପଡିବାରୁ ଘଟଣାସ୍ଥଳରୁ ନିଜ ପେଟରେ ଗାମୁଛା ବାନ୍ଧି ସେ କାର ଚଳାଇ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲେ । ହେଲେ କାରଟି ମହାନ୍ତିପଲ୍ଲୀ ନିକଟସ୍ଥ ଏକ ପୋଲର ସୁରକ୍ଷା ପ୍ରାଚୀରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

ଫଳରେ ବିକାଶ ଆହୁର ଗୁରୁତର ହୋଇ ପଡି ରହିଥିଲେ । ତେବେ ତାଙ୍କୁ କିଏ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ଜଣାପଡିନି । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ବିକାଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ୨ଜଣ ଅଟକ ଥିବା ସୂଚନା ମିଳିଛି । ହେଲେ ପୋଲିସ ଏହାକୁ ଅସ୍ୱୀକାର କରିଛି ।

## ନୂଆଗାଁ ବ୍ଲକରେ ଭୀମ ଭୋଇ ସାମର୍ଥ୍ୟ ଶିବିର

ନୂଆଗାଁ,୨୫।୧୦ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପରିସର ମଧ୍ୟରେ ସୋମବାର ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ମୋଟ ୩୫୩ ଜଣ ଭିନ୍ନକ୍ଷମ ବ୍ୟକ୍ତି ନିଜର ନାମ ପଞ୍ଜୀକରଣ କରି ବିଭାଗୀୟ ଡାକ୍ତରଙ୍କ ଦ୍ୱାରା ନିଜର ଅକ୍ଷମତାକୁ ଯାଞ୍ଚ କରିଥିଲେ । ୩୫୩ ଜଣଙ୍କ ମଧ୍ୟରୁ ସର୍ବାଧିକ ଅସ୍ଥିଶଲ୍ୟ ବିଭାଗରେ ୧୯୧ ଜଣ ରହିଥିବା ବେଳେ ଶ୍ରବଣ ବାଧିତ ୬୩, ଚକ୍ଷୁ ବିଭାଗରେ ୩୯ ଓ ମାନସିକ ଓ ଅନ୍ୟାନ୍ୟ ବିଭାଗରେ ୬୦ ଜଣଙ୍କୁ ପରୀକ୍ଷା କରାଯାଇଥିଲା । ତେବେ ପ୍ରକୃତ ଭିନ୍ନକ୍ଷମ ବ୍ୟକ୍ତି କିଭଳି ଚୟନ କରାଯିବ ସେ ନେଇ ବ୍ଲକ ପ୍ରଶାସନ ଓ ଡାକ୍ତରମାନଙ୍କ ଦ୍ୱାରା ଚେଷ୍ଟା କରାଯାଇଥିଲା । କିନ୍ତୁ କେତେଜଣ ଅସାଧୁ ମେଡିସିନ ରିପ୍ରେଜେଣ୍ଟିଭ ରୋଜଗାର ଆଶାରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଶତ ପ୍ରତିଶତ ଭିନ୍ନକ୍ଷମ ବୋଲି ପ୍ରମାଣ ପତ୍ର କରାଇ ଦେବାର ଚେଷ୍ଟା କରୁଥିବାର ଅଭିଯୋଗ ହୋଇଥିଲା । ତେବେ ଗଣ ମାଧ୍ୟମ ପ୍ରତିନିଧିମାନେ ସେମାନଙ୍କ ଫଟୋ ଉତ୍ତୋଳନ କରୁଥିବାର ଦେଖି କୌଶଳକ୍ରମେ ପଳାଇ ଯାଇଥିଲେ । ଏହି ଖବର ପାଇ ନୂଆଗାଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଘୁନାଥ ସାହୁ ଅସାଧୁ ବ୍ୟକ୍ତିଙ୍କ ପ୍ରତି କଡା ନଜର ରଖିଥିବା କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ନୂଆଗାଁ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ବେହେରା ଉଦ୍‌ଘାଟନ କରିଥିବା ବେଳେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ, ଜି.ପି.ଓ ସାଧୁଚରଣ ସାହୁ , ସାମାଜିକ କର୍ମୀ ଶଙ୍କର୍ଷଣ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଡ. ବି.ଏସ୍ ରାଓ, ଡା.ବୈଦ୍ୟନାଥ ନନ୍ଦ , ଚକ୍ଷୁ ବିଭାଗ ଡାକ୍ତର ଡା. ପ୍ରସନ୍ନ ପ୍ରସାଦ ସାହୁଙ୍କ ସମେତ ଅନ୍ୟ ଡାକ୍ତରମାନେ ଯୋଗ ଦେଇଥିଲେ ।



ଶିବିରରେ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।